₹ : 25

# ଆମରି ସତ୍ୟ


## AMARI SATYA

RNI Regn. No. - 107608/2010
Postal Regd. No. : PURI-33/2016-18

ଅଷ୍ଟମ ବର୍ଷ, ପଞ୍ଚମ ସଂଖ୍ୟା,
ମାସିକ, ନଭେମ୍ବର - ୨୦୧୭
ପୃଷ୍ଠା ସଂଖ୍ୟା ୫୨



## 'ଆମରିସତ୍ୟ' ପତ୍ରିକାର ଆଜୀବନ ସଦସ୍ୟ



ଡକ୍ଟର ଜିତେନ୍ଦ୍ର ନାରାୟଣ ଦାଶ
(ଦାଶ ବେନୁହୁର), ଭୁବେନଶ୍ୱର



ଶ୍ରୀମତୀ ବାସନ୍ତୀ ଦେଇ
ନବିନା ବାଗ୍, ଖୋର୍ଦ୍ଧା



ଶ୍ରୀଯୁକ୍ତ ରତ୍ନାକର ରଣସିଂହ
ଶ୍ରୀରାମନଗର, ଖୋର୍ଦ୍ଧା



ଶ୍ରୀଯୁକ୍ତ ରତ୍ନାକର ରାଉତରାୟ
ନବିନା ବାଗ୍, ଖୋର୍ଦ୍ଧା



ଶ୍ରୀମତୀ ମୀନାକ୍ଷୀ ତ୍ରିପାଠୀ
ଶତାବ୍ଦୀନଗର, ଭୁବନେଶ୍ୱର



ଶ୍ରୀଯୁକ୍ତ ଚିତ୍ତରଞ୍ଜନ ପ୍ରଧାନ
ବାଛରା, ଜଟଣୀ



ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ବେହେରା
ଗୁରୁଜଙ୍ଗ, ଖୋର୍ଦ୍ଧା



ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ପରମଗୁରୁ
ଦିଗପହଣ୍ଡି, ଗଞ୍ଜାମ




## ଗୋପବନ୍ଧୁ ଜ୍ୟୋତିକୁ "ଆମରି ସତ୍ୟ" ପରିବାର ତରଫରୁ ସ୍ୱାଗତ...

**ସମ୍ପାଦକ ଓ ପ୍ରକାଶକ**
ଡଃ ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯ (ମୋ)

**ପ୍ରତିଷ୍ଠାତା**
ଡଃ ପ୍ରମୋଦ ଚନ୍ଦ୍ର ଦାଶ
୯୪୩୭୨୮୧୬୫୫ (ମୋ)

**ସହଯୋଗୀ ସମ୍ପାଦକ**
ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯ (ମୋ)

**ସହ ସମ୍ପାଦକ**
ତ୍ରିଲୋଚନ ମହାପାତ୍ର
ସତ୍ୟନାରାୟଣ ସାମନ୍ତରାୟ
ଡ. ଅଜୟ କୁମାର ସ୍ୱାଇଁ
ଭବାନୀ ଶଙ୍କର ଦାଶ

**ସଂଯୋଜକ**
ଆଶିଷ କୁମାର ରାୟ

**ଆଞ୍ଚଳିକ ସଂଯୋଜକ**
ଡ. ପ୍ରେମଚନ୍ଦ ମହାନ୍ତି, ସମ୍ବଲପୁର
ବିଦ୍ୟାଧର ଖଟୁଆ, ବାଙ୍କୀ, କଟକ
ବିଭୁପ୍ରସାଦ ହରିଚନ୍ଦନ, ଖୋରଧା

**ପରିଚାଳନା ସଂଯୋଜକ**
ସର୍ବେଶ୍ୱର ମହାପାତ୍ର
ସମରଜିତ୍ ପଟ୍ଟନାୟକ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ରାଜୀବ ରଥ

# ଆମରି ସତ୍ୟ

## AMARI SATYA

**ଭିନ୍ନସ୍ୱାଦର ମାସିକ ପତ୍ରିକା...**

**ଅଷ୍ଟମ ବର୍ଷ - ପଞ୍ଚମ ସଂଖ୍ୟା - ନଭେମ୍ବର୍ ,୨୦୧୭**

**ଯୋଗାଯୋଗ:**

**'ଆମରିସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ଦୂରଭାଷ:୦୬୭୫୫-୨୨୦୯୮୦
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର ଅଫିସ -**
ଶ୍ରୀମତୀ ରୁନା ମହାପାତ୍ର
ପ୍ଲଟ ନ-୧୦୭୧/ପି
ଲେନ ନ-୪, ଶତାବ୍ଦୀ ନଗର
ଭୁବନେଶ୍ୱର-୩
ପିନ୍:୭୫୧୦୦୩, ଓଡ଼ିଶା
ଫୋନ୍ ନଂ:୯୪୩୭୪୧୪୩୨୦

**ଗ୍ରାହକମାନଙ୍କ ପାଇଁ ସୂଚନା**
୧. ପ୍ରତି ଖଣ୍ଡ ଦେୟ ଟ.୨୫/-
୨. ବାର୍ଷିକ ଦେୟ ଟ.୨୫୦/-
୩. ୨ବାର୍ଷିକ ଦେୟ ଟ.୪୫୦/-
୪. ୩ ବାର୍ଷିକ ଦେୟ ଟ.୬୫୦/-
୫. ଆଜୀବନ ସଦସ୍ୟ ଟ.୩୦୦୦/-

**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପୂର୍ବତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ।
**ଡ. ନାରାୟଣ ରାଓ**
ପ୍ରାକ୍ତନ୍ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ।
ଡ. ଦିଲ୍ଲୀପ କୁମାର ଶ୍ରୀଚନ୍ଦନ
ସାହିତ୍ୟିକ ଓ ସାମାଜସେବୀ,ଭୁବନେଶ୍ୱର ।
**ଡା. ଧନେଶ୍ୱର ସାହୁ**
ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଖୋରଧା ।
**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା ।
**ଶ୍ରୀ ଅନୀଲ କୁମାର ଶତପଥୀ**
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର ।
**ଡ. ଗୌରୀ ଶଙ୍କର ପ୍ରହରାଜ**
ପୂର୍ବତନ ଅଧ୍ୟକ୍ଷ, ଭୁବନେଶ୍ୱର୍ ।
**ଡ. ସନ୍ତୋଷ କୁମାର ରଥ**
ସାହିତ୍ୟିକ, ବଲାଙ୍ଗିର
**ଡ.ଶରଚ୍ଚନ୍ଦ୍ର** ମହାପାତ୍ର
ପୂର୍ବତନ ଅଧ୍ୟକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ
**ଶ୍ରୀ ଜବାହାର ଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା
**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା

ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ । ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬ । **IFSC-SBIN0012027, MICR-752002151**


'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ । ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ ।

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସମ୍ପାଦକୀୟ | | ୫ |
| ୨. | ହିତ ବାଣୀ | | ୬ |
| ୩. | ବିଚିତ୍ରା | | ୭ |
| ୪. | କେତେକ ଔଷଧୀୟ ବୃକ୍ଷ... | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୯ |
| ୫. | ସକାଳ ବନ୍ଦନା ସଂଜ ପ୍ରାର୍ଥନା | ରମେଶ ମଙ୍ଗରାଜ | ୧୨ |
| ୬. | ନଦୀ ରହିଲେ ଆମେ ରହିବା | ଡକ୍ଟର ବସନ୍ତ କିଶୋର ସାହୁ | ୧୨ |
| ୭. | ରାମାୟଣ ଯୁଗର କଳା ଓ ବିଜ୍ଞାନ | ଇଂ ଯଜ୍ଞପ୍ରକାଶ ଦାସ | ୧୩ |
| ୮. | ମହାକବି କାଳିଦାସ | ଡ ଶରତଚନ୍ଦ୍ର ମହାପାତ୍ର | ୧୪ |
| ୯. | ଭାବଗ୍ରାହୀ | ବାବାଜୀ ଚରଣ ଜେନା | ୧୬ |
| ୧୦. | ଆମ ଗୁଣ ଓ ଦୋଷ | ତୁଳସୀ ଜୈନ | ୧୭ |
| ୧୧. | କାମ କରିବା ମିଳିମିଶି | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୧୮ |
| ୧୨. | ଜନ୍ମଦାତା | କିଶୋର ମୋହନ କର | ୧୯ |
| ୧୩. | ଖୁଣ୍ଟ ପୋତିଲେ ନା ଖଟ ପାତିଲେ | ସତ୍ୟନାରାୟଣ ସାମନ୍ତରାୟ | ୨୦ |
| ୧୪. | ମେରୀ ସ୍କଲଡୟେସ୍କା କ୍ୟୁରୀ | ସ୍ୱସ୍ତିଦା ପାଳ | ୨୨ |
| ୧୫. | ସକାରାତ୍ମକ-ନକାରାତ୍ମକ | ନାମଯଜ୍ଞ ମିଶ୍ର | ୨୫ |
| ୧୬. | ଛାଡ଼ ଖାଇ | ଜୟଦେବ ସିଠ | ୨୬ |
| ୧୭. | ବୁଢ଼ିଆଣୀ ଜାଲ | ଜୁଲୁଲି ବେହେରା | ୨୬ |
| ୧୮. | କହିଲ ଦେଖି | ସୁନୀତି ପୁଣ୍ୟପ୍ରଭା ଓଝା | ୨୬ |
| ୧୯. | ଠିକ୍ କହିବା-ଠିକ୍ ଲେଖିବା | ତ୍ରିଲୋଚନ ମହାପାତ୍ର | ୨୭ |
| ୨୦. | ଅଷ୍ଟାବ୍ୟଥା | ଡା: ଧନେଶ୍ୱର ସାହୁ | ୨୮ |
| ୨୧. | ସୁନ୍ଦରକରି ଗଢ଼ିଦିଅ ପ୍ରଭୁ | ପଦ୍ମନାଭ ପାଣିଗ୍ରାହୀ | ୩୦ |
| ୨୨. | ସ୍ୱପ୍ନର ପ୍ରତିଛବି | ନାରାୟଣ ଦାସ | ୩୦ |
| ୨୩. | ବଡ଼ କିଏ ? | ମଞ୍ଜୁବାଳା ଦାଶ | ୩୧ |
| ୨୪. | ଓଡ଼ିଆ ଭାଷା ଓଡ଼ିଶା... | ଜବାହରଲାଲ ସୁବୁଦ୍ଧି | ୩୨ |
| ୨୫. | ମହାପଣ୍ଡିତଙ୍କ ସ୍କୁ ଲିଲା | ବିଜୟ ଚନ୍ଦ୍ର ମହାପାତ୍ର | ୩୪ |
| ୨୬. | ଦୀପାବଳୀ | ବାସନ୍ତୀ ଦେଇ | ୩୬ |
| ୨୭. | ଶୀତଋତୁ | ବସନ୍ତ ମଞ୍ଜରୀ ଦାସ | ୩୬ |
| ୨୮. | ପ୍ରଜାଧର୍ମ | ଅଜୟ କୁମାର ସାହୁ | ୩୭ |
| ୨୯. | ଦ୍ରୁତ କାର୍ଯ୍ୟ ବଳ | ଭବାନୀ ଶଙ୍କର ଦାଶ | ୩୮ |
| ୩୦. | ଗାଡ଼ଭାଲୁ | ମନୋଜ କୁମାର ମହାପାତ୍ର | ୩୯ |
| ୩୧. | ଆମ ଦେଶର କ୍ରୀଡ଼ା ମନ୍ତ୍ରୀ | ଆଶିଷ କୁମାର ରାୟ | ୪୦ |
| ୩୨. | ସାଧାରଣ ଜ୍ଞାନ | | ୪୨-୫୦ |


## କୋଣାର୍କ, ରାଜାରାଣୀ ଓ ରତ୍ନଗିରି ଐତିହ୍ୟକୁ ପୋଷ୍ୟ ଭାବେ ଗ୍ରହଣ

ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ 'ପୋଷ୍ୟ ଐତିହ୍ୟ' ଯୋଜନାରେ ଦେଶର ୧୪ଟି ଐତିହାସିକ କୀର୍ତ୍ତୀରାଜିର ସଂରକ୍ଷଣ ପାଇଁ ୭ଟି କମ୍ପାନୀକୁ ତାଲିକାଭୁକ୍ତ କରାଯାଇ ମତପତ୍ର' ପ୍ରଦାନ କରାଯାଇଛି। ଆନ୍ତଃମନ୍ତ୍ରଣାଳୟ ଓଭରସାଇଟ୍ ଏବଂ ଭିଜନ୍ କମିଟିର ସଦସ୍ୟମାନଙ୍କ ଦ୍ୱାରା ୫୭ଟି ମଧ୍ୟରୁ ୧୪ଟି ଐତିହାସିକ କୀର୍ତ୍ତିରାଜିକୁ ଚୟନ କରାଯାଇ ୭ଟି କମ୍ପାନୀକୁ ମତପତ୍ର ପ୍ରଦାନ କରାଯାଇଛି । ବିସ୍ତୃତ ଯାଂଚ ପରେ ଆତିଥ୍ୟ ଶିଳ୍ପ, ପର୍ଯ୍ୟଟନ ଶିଳ୍ପ ଓ ବ୍ୟାଙ୍କ ସଂସ୍ଥାକୁ ସୂଚୀଭୁକ୍ତ କରାଯାଇ ଚୂଡ଼ାନ୍ତ ଐତିହ୍ୟ ମିତ୍ର ପାଇଁ ଚୟନ କରାଯାଇଛି। ଦିଲ୍ଲୀର ଯନ୍ତରମନ୍ତରକୁ ଏସ୍‌ବିଆଇ ଫାଉଣ୍ଡେସନ ପୋଷ୍ୟ ଭାବେ ଗ୍ରହଣ କରିଥିବା ବେଳେ, ଟିକେ ଇଂଟରନ୍ୟାସନାଲ୍ ଲିମିଟେଡ୍ **ଓଡ଼ିଶାର କୋଣାର୍କସ୍ଥିତ ସୂର୍ଯ୍ୟ ମନ୍ଦିର, ଭୁବନେଶ୍ୱରର ରାଜାରାଣୀ ମନ୍ଦିର ଏବଂ ଯାଜପୁରର ରତ୍ନଗିରି କୀର୍ତ୍ତିରାଜ**କୁ ପୋଷ୍ୟ ଭାବେ ଗ୍ରହଣ କରିଛି । ସେହିପରି ଯାତ୍ରା ଅନ୍‌ଲାଇନ୍ ପ୍ରାଇଭେଟ୍ ଲିମିଟେଡ୍ କର୍ଣ୍ଣାଟକର ହାମ୍ପି, ଜାମ୍ମୁ ଓ କାଶ୍ମୀରର ଲେହ ରାଜପ୍ରାସାଦ, ଦିଲ୍ଲୀର କୁତବ ମିନାର ଏବଂ ମହାରାଷ୍ଟ୍ରର ଅଜନ୍ତା ଗୁମ୍ଫାକୁ ପୋଷ୍ୟ ଭାବେ ଗ୍ରହଣ କରିଛି। ଟ୍ରାଭେଲ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ କୋଚିର ମାର୍ଟ୍ଟାନ୍‌ଚେରୀ ରାଜପ୍ରାସାଦ ଏବଂ ଦିଲ୍ଲୀର ସଫଦରଜଙ୍ଗ ସମାଧିକୁ ଗ୍ରହଣ କରିଛି। ଗୋମୁଖର ଗଙ୍ଗୋତ୍ରୀ ମନ୍ଦିର ଅଂଚଳ ଏବଂ ଜାମ୍ମୁ-କାଶ୍ମୀରର ଲାଦାଖ ଅନ୍ତର୍ଗତ ମାଉଂଟ ଷ୍ଟକ୍‌କାଂଗରୀକୁ ଆଡଭେଂଚର ଟୁର ଅପରେଟର ଆସୋସିଏସନ୍ ଅଫ୍ ଇଣ୍ଡିଆ ଗ୍ରହଣ କରିଥିବା ବେଳେ ଦିଲ୍ଲୀର ରୋଟାରୀ କ୍ଲବ୍ ସହଯୋଗରେ ସ୍ପେଶାଲ୍ ହଲିଡେଜ୍ ଟ୍ରାଭେଲ୍ ପ୍ରାଇଭେଟ୍ ଲିମିଟେଡ୍ ଦିଲ୍ଲୀର ଅଗ୍ରସେନ କି ବାଓ୍ୱଲୀ ଏବଂ ଏନବିସିସି ଦିଲ୍ଲୀର ପୁରାନା ଦିଲ୍ଲୀକୁ ପୋଷ୍ୟ ରୂପରେ ଗ୍ରହଣ କରିଥିବା ଜଣାଯାଇଛି। ଏହାଦ୍ୱାରା ଦେଶର ଐତିହ୍ୟସ୍ଥଳ, ସ୍ମାରକୀ ଓ ପର୍ଯ୍ୟଟନସ୍ଥଳଗୁଡ଼ିକ ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରି ପର୍ଯ୍ୟାୟକ୍ରମେ ଯୋଜନାବଦ୍ଧ ଭାବେ ପର୍ଯ୍ୟଟନ ଓ ସଂସ୍କୃତିର ବିକାଶ କରାଯାଇପାରିବ।



# ସମ୍ପାଦକୀୟ....



ଶିଶୁ ହେଉଛି ସୃଷ୍ଟି-ବୈଚିତ୍ର୍ୟ। ସୃଷ୍ଟିର ଅନେକ ବୈଚିତ୍ର୍ୟ ମଧ୍ୟରୁ ଶିଶୁ ଏକ ଅସାଧାରଣ ବୈଚିତ୍ର୍ୟ। କାରଣ ଅନେକ ବୈଚିତ୍ର୍ୟର ଏକ ସରଳ ଉତ୍ତରଣ ହେଉଛି ଶିଶୁ ଓ ତାର ଶୈଶବ। ଶିଶୁଟିଏ ଜନ୍ମ ହେଲେ ତା'ସହ ସୁଖ, ଶାନ୍ତି, ମୈତ୍ରୀ ଓ ପ୍ରଶାନ୍ତି ଧରାବତରଣ କରନ୍ତି। ଏକ ନୈସର୍ଗିକ ଭାବନାରେ ତନୁ, ମନ ଓ ପ୍ରାଣ ପୁଲକିତ ହୁଏ। ଶିଶୁ ହସିଲେ ପରିବାର ହସେ- ପ୍ରକୃତି ହସେ। ଅମୃତର ଅନୁଭବ ହୁଏ ଓ ଅନ୍ତରାତ୍ମା ଜାଗରିତ ହୁଏ। ଶିଶୁ ହେଉଛି ଅମୃତର ବିନ୍ଦୁଟିଏ। ଅମୂଲ୍ୟରତ୍ନଟିଏ। ରତ୍ନକୁ ସାଇତିଲାପରି ଶିଶୁକୁ ସାଇତାଯାଏ-ଯତ୍ନରେ-ସହଯୋଗରେ-ଅନୁଧ୍ୟାନରେ ଓ ସୁରକ୍ଷା ପ୍ରଦାନରେ। କାରଣ ସମାଜର ଆତ୍ମା ଶିଶୁର ନିରବଧି ତଥା ନିରନ୍ତର ବିକାଶ ଉପରେ ନିର୍ଭରଶୀଳ।

ଏଦୃଷ୍ଟିରୁ ବିଶ୍ୱ ଚିନ୍ତାନାୟକମାନେ ପ୍ରଥମଥର ଲାଗି ୧୯୨୫ ମସିହାରେ ଜେନେଭା ସମ୍ମିଳନୀରେ ଶିଶୁମାନଙ୍କ କଲ୍ୟାଣ ଓ ବିକାଶ ପାଇଁ ଏକାଠି ହେଲେ ଓ ଜୁନ୍ ମାସ ୧ତାରିଖକୁ "International Childrens' Day" ଭାବରେ ପାଳନ କରିବାକୁ ଆହ୍ୱାନ ଦେଲେ।

ପରବର୍ତ୍ତୀ ସମୟରେ ୧୯୫୪ ମସିହାରେ ଜାତିସଂଘ ନଭେମ୍ବର ୨୦ ତାରିଖକୁ "Universal Childrens' Day" ଭାବରେ ପାଳନ କରିବାକୁ ସ୍ଥିର କଲେ। ଶିଶୁଙ୍କ ମନରେ ସଚେତନତା ସୃଷ୍ଟିକରିବା ଓ ଶିଶୁବିକାଶ ତଥା ମଙ୍ଗଳ ଭବିଷ୍ୟତ ପାଇଁ କାର୍ଯ୍ୟ କରିବାର ଧାରା ସୃଷ୍ଟିକରିବା ପାଇଁ ଏହି ଦିନଟିକୁ ଉତ୍ସର୍ଗ କରିବାକୁ ସ୍ଥିର କରାଗଲା। ଏହାକୁ ବାଦ ଦେଲେ ସେହି ଏକା ଉଦ୍ଦେଶ୍ୟକୁ ନେଇ ଭିନ୍ନ ଭିନ୍ନ ଦେଶ ଭିନ୍ନ ଭିନ୍ନ ତାରିଖକୁ ମଧ୍ୟ ଶିଶୁଦିବସ ଭାବେ ପାଳନ କରିଥାନ୍ତି। ଆମଦେଶ ନଭେମ୍ବର ୧୪ ତାରିଖକୁ ଶିଶୁଦିବସଭାବେ ପାଳନ କରିଆସୁଛି। ଆମର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ଜନ୍ମଦିବସକୁ ଏଥିପାଇଁ ବଛାଯାଇଛି। କାରଣ ସେ ଶିଶୁମାନଙ୍କୁ ଖୁବ୍ ଭଲପାଉଥିଲେ।

ତେବେ, ଦେଶରେ ଓ ବିଶ୍ୱରେ ଯେଉଁଭାବରେ ଶିଶୁଦିବସ ପାଳନ କରାଯାଉଛି, ତାହା କେବଳ ଆନୁଷ୍ଠାନିକ ଔପଚାରିକତା ମଧ୍ୟରେ ସୀମିତ ହୋଇ ରହିଲାପରି ଲାଗୁଛି। କାରଣ, ଏକବିଂଶ ଶତାବ୍ଦୀରେ ବି ଆଜିର ଶିଶୁ ବହୁଭାବରେ ଅବହେଳିତ। ପାରିବାରିକ ହିଂସା, ଅର୍ଥନୈତିକ ଶୋଷଣ, ଶାରୀରିକ ପୀଡ଼ନ, ଯୌନଶୋଷଣ, ଶିଶୁଚାଲାଣ ତଥା ଅଶିକ୍ଷା, କ୍ଷୁଧାଭଳି ଅନେକ ନକାରାତ୍ମକ ଉପସର୍ଗରେ ଶିଶୁଟି ଖୁବ୍ ଦୟନୀୟ। ଶିଶୁମାନଙ୍କ ସମସ୍ୟା ଉପରେ ବହୁ ସଂଖ୍ୟାରେ କାର୍ଯ୍ୟକ୍ରମମାନ ହେଉଛି। ସମସ୍ୟା ଓ ଏହାର ନିରାକରଣ ପାଇଁ ପ୍ରସ୍ତାବମାନ ଗୃହୀତ ହେଉଛି। ମାତ୍ର, ସଠିକ ରୂପାୟନରେ କୋଉଠି ନା କୋଉଠି ଭୁଲ୍ ରହିଯାଉଛି। ବିଡ଼ମ୍ବନା ହେଲା, କାହିଁକି ଏସବୁ ପ୍ରସ୍ତାବମାନ ବାସ୍ତବରୂପ ନେଇପାରୁନି ବୋଲି ତାହା ଉପରେ ବିଧିବଦ୍ଧ ଆଲୋଚନା ହେଉନି।

ଏଦୃଷ୍ଟିରୁ ଶିଶୁଦିବସ ପାଳନର ମହତ୍ତ୍ୱ ଅନେକ ଗୁରୁତ୍ୱ ବହନକରେ। କଥାକୁ କାର୍ଯ୍ୟରେ ପରିଣତ କରିବା ଓ ଶିଶୁଙ୍କୁ ନେଇ ଏକ ବୃହତ୍ତର ମଙ୍ଗଳମୟ ସମାଜ ଗଠନ କରିବାର ସଂକଳ୍ପ ନେବାକୁ ଏହିଦିନଟି ଆମକୁ ମନେପକେଇଦିଏ। ଶିଶୁର ସ୍ୱାସ୍ଥ୍ୟ, ଶିକ୍ଷା, ପରିବେଶ ସର୍ବୋପରି ତାହାର ସର୍ବାଙ୍ଗୀନ ଉନ୍ନତିପାଇଁ କାର୍ଯ୍ୟକରିବା ଓ ପ୍ରାଥମିକତା ଦେବା ହେଉଛି ପ୍ରତ୍ୟେକ ଜନମଙ୍ଗଳ ରାଷ୍ଟ୍ରର କର୍ତ୍ତବ୍ୟ ବୋଲି ମଧ୍ୟ ଶିଶୁଦିବସ ଆମକୁ ମନେ ପକେଇଦିଏ। କାରଣ, ପ୍ରତ୍ୟେକ ଶିଶୁ ଗୋଟିଏ ଗୋଟିଏ ଭିନ୍ନଭିନ୍ନଧରଣର ଫୁଲ। ଏହାର ଏକତ୍ର ସମାହାର ବିଶ୍ୱକୁ ଗୋଟିଏ ସୁନ୍ଦର ବଗିଚାରେ ସଜାଇବ ଏଥିରେ ସନ୍ଦେହ ନାହିଁ।

**ଡ. ପ୍ରସନ୍ନ କୁମାର ଜେନା**

# ହିତ ବାଣୀ

## ଗୀତା

**ବୀତରାଗଭୟକ୍ରୋଧା ମନ୍ମୟା ମାମୁପାଶ୍ରିତାଃ ।**
**ବହବୋ ଜ୍ଞାନତପସା ପୂତା ମଦ୍ଭାବମାଗତାଃ ।।୪/୧୦**

ପୂର୍ବକାଳରେ ବି ଯେଉଁମାନଙ୍କର ରାଗ (ଆସକ୍ତି), ଭୟ ଓ କ୍ରୋଧ ସର୍ବଥା ନଷ୍ଟ ହୋଇଯାଇଥିଲା ଏବଂ ଯେଉଁମାନେ ମୋଠାରେ ଅନନ୍ୟ ପ୍ରେମପୂର୍ବକ ତନ୍ମୟ ହୋଇ ରହିଥିଲେ, ମୋତେ ଆଶ୍ରୟ କରି ରହିଥିବା ସେହିସବୁ ଭକ୍ତ ଉପରୋକ୍ତ ଜ୍ଞାନରୂପକ ତପଦ୍ୱାରା ପବିତ୍ର ହୋଇ ମୋର ସ୍ୱରୂପ ପ୍ରାପ୍ତ ହୋଇସାରିଛନ୍ତି ।

## ଶାନ୍ତିପାଠ

ଓଁ ଦ୍ୟୌଃ ଶାନ୍ତି ।। ଅନ୍ତରୀକ୍ଷଂ ଶାନ୍ତିଃ ।। ପୃଥିବୀ ଶାନ୍ତିଃ ।।
ଆପଃ ଶାନ୍ତିଃ ।। ଔଷଧୟଃ ଶାନ୍ତିଃ ।।
ବନସ୍ପତୟଃ ଶାନ୍ତିଃ ।। ବିଶ୍ୱଦେବାଃ ଶାନ୍ତିଃ ।।
ବ୍ରହ୍ମ ଶାନ୍ତିଃ ।। ସର୍ବଂଶାନ୍ତିଃ ।। ଶାନ୍ତିରେବ ଶାନ୍ତିଃ ।।
ସାମାଶାନ୍ତିଃ ।। ଓଁ ଶାନ୍ତିଃ ।। ଶାନ୍ତିଃ...ଶାନ୍ତିଃ...ଶାନ୍ତିଃ...

## ଭାଗବତ ବାଣୀ


■ଦୁଃଖେ ସଞ୍ଚିତ ଯେତେ ଧନ । ସେ ନୁହେଁ ସୁଖେ ପ୍ରୟୋଜନ ।
■ସାଧୁଙ୍କୁ ଦିଏ ଯେ କଷଣ । ତାକୁ ସହାଂରେ ନାରାୟଣ ।।

## ରଢ଼ି ପ୍ରୟୋଗ

■ ହାତ ଅଳସେ ନିଶ ବଙ୍କା
(ଅପାରଗତା ହେତୁ ଅସଫଳତା)

■ ହାଣ କୁରାଢ଼ି ବେକକୁ ନେବା
(ଜାଣିଶୁଣି ବିପଦକୁ ନିମନ୍ତ୍ରଣ କରିବା)

## ଚାଣକ୍ୟ ନୀତି



**ତେ ପୁତ୍ରା ଯେ ପିତୁର୍ଭକ୍ତାଃ ସଃ ପିତା ଯସ୍ତୁ ପୋଷକଃ ।**
**ତାନ୍ମିତ୍ରମ୍ ଯତ୍ର ବିଶ୍ୱାସଃ ସା ଭାର୍ଯ୍ୟା ଯା ନିବୃତି ।**

ସେହି ହେଉଛି ପୁତ୍ର ଯିଏ ପିତୃଭକ୍ତ, ପିତା ହେଉଛି ସେହି ଯିଏ ପୋଷଣ କରେ, ମିତ୍ର ସେହି ଯିଏ ବିଶ୍ୱାସର ପାତ୍ର, ପତ୍ନୀ ସେହି ଯିଏ ହୃଦୟକୁ ଆନନ୍ଦିତ କରେ ।

## ଓଡ଼ିଆ ଲୋକଗୀତ

ବାରବାଟୀ ତୋଟା
ଫୁଲ ଫୁଟିଛି ଗୋଟା ।
-ଜହ୍ନ

## ଢଗଢମାଳି

■ ଆପଣା ବୁଦ୍ଧିରେ ଡର
ପର ବୁଦ୍ଧିରେ ମର
(ପର ବୁଦ୍ଧିରେ ମରିବା ଅପେକ୍ଷା ନିଜ ବୁଦ୍ଧିରେ ଡରି ଡରି ଚଳିବା ଶ୍ରେୟସ୍କର)

## ଖନା ବଚନ / ଦନେଇ ବଚନ

ଶ୍ରାବଣ ମାସରେ କୃଷ୍ଣ ଚଉଠି,
ଚାରିଦିଗୁଁ ଯେବେ ମେଘ ନ ଉଠି,
ପୂର୍ବ ପଶ୍ଚିମେ ବହେ ବାଆ
ଡାକ ବୋଲେ ପୁତା, ଦେଶାନ୍ତର ଯାଆ ।

# ବିଚିତ୍ରା

## କ୍ରୀଷ୍ଣା ସୋବତିଙ୍କୁ ଜ୍ଞାନପୀଠ ସମ୍ମାନ



ବିଶିଷ୍ଟ ହିନ୍ଦୀ ସାହିତ୍ୟିକା କ୍ରୀଷ୍ଣା ସୋବିତିଙ୍କୁ ଚଳିତ ବର୍ଷର ଜ୍ଞାନପୀଠ ପୁରସ୍କାର ଲାଗି ମନୋନୀତ କରାଯାଇଛି । ପାକିସ୍ତାନର ଗୁଜୁରାଟ ପ୍ରୋଭିନନ୍ସରେ ୧୯୨୫ ମସହାରେ କ୍ରୀଷ୍ଣା ସୋବିତ୍ ଜନ୍ମଗ୍ରହଣ କରିଥିଲେ । ସର୍ବଦା ନୂଆ ଶୈଳୀରେ ଲେଖିବା ସହ ନିଜ ଗଳ୍ପରେ ସାହସିକତା ଚରିତ୍ରକୁ ଅତି ସୁନ୍ଦର ଭାବେ ପରିସ୍ଫୁଟିତ କରିବାରେ ସେ ସିଦ୍ଧହସ୍ତ । ତାଙ୍କ ଗଳ୍ପରେ ହିନ୍ଦୀ, ଉର୍ଦ୍ଦୁ ଓ ପଞ୍ଜାବୀ ସଂସ୍କୃତିର ଗଭୀ ଛାପ ଦେଖିବାକୁ ମିଳିଥାଏ । ହନ୍ଦୀ ସାହିତ୍ୟକୁ ଏକ ନୂଆ ଦିଶା ଦେବାରେ ସୋବିତ୍ ସଫଳତା ପାଇଛନ୍ତି ।ସାହିତ୍ୟିକ କୃତି ମଧ୍ୟରେ ଡର୍ ସେ ବିଛୁଡି,ମିତ୍ରୋ ନିର୍ଜାନୀ,ଜିନ୍ଦେଗୀନାମା,ଦିଲ୍ ଓ ଦାନିଶ, ଗୁଜୁରାଟ ପାକିସ୍ତାନ ସେ ଗୁରୁରାଟ୍ ହିନ୍ଦୁସ୍ତାନ ଅନ୍ୟତମ । ତାଙ୍କର ଅନେକ ପୁସ୍ତକ ଅନେକ ଭାରତୀୟ ଭାଷା ସହ ଋଷୀୟ,ଇଂରାଜୀ ଓ ଅନ୍ୟ ବିଦେଶୀ ଭାଷାରେ ଅନୁବାଦ ହୋଇଛି ।

## ସ୍କୁଲ୍ ପାଠ୍ୟକ୍ରମରେ ବିପର୍ଯ୍ୟୟ ପ୍ରସ୍ତୁତି ବିଷୟ

ସ୍କୁଲ ପିଲାଙ୍କ ପାଠ୍ୟକ୍ରମରେ ଏଣିକି ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ସାମିଲ୍ ହେବ । ପିଲାମାନେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ସମ୍ପର୍କରେ ପାଠ ପଢ଼ି ଏହାର ମୁକାବିଲା କରିବାକୁ ତୟାର ହୋଇପାରିବେ । ରାଜ୍ୟ ସରକାର ସ୍କୁଲ ସୁରକ୍ଷା ନୀତି- ୨୦୧୬ ପ୍ରଣୟନ କରିଛନ୍ତି । ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଗାଇଡଲାଇନ୍ ଅନୁଯାୟୀ ଏହା ପ୍ରସ୍ତୁତ କରାଯାଇଛି । ଖୁବ୍‌ଶୀଘ୍ର ସ୍କୁଲ ପିଲାଙ୍କ ପାଠ୍ୟକ୍ରମରେ ଏଣିକି ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ସାମିଲ୍ ହେବ ।

## ବିଶ୍ୱବ୍ୟାଙ୍କ୍ ର୍ୟାଙ୍କିଙ୍ଗ୍‌ରେ ଭାରତର ସ୍ଥାନ ୧୦୦

ବିଶ୍ୱବ୍ୟାଙ୍କ୍‌ର ବାଣିଜ୍ୟ କାରବାର ସୁଗମତା (ଇଜ୍‌ଅଫ୍ ଡୁଇଙ୍ଗ୍ ବିଜିନେସ୍) ତାଲିକାରେ ଭାରତ ୩୦ଟି ସ୍ଥାନ ଉପରକୁ ଉଠି ୧୦୦ତମ ର୍ୟାଙ୍କ୍ ହାସଲ କରିଛି । ଗତବର୍ଷ ଭାରତ ଏହି ତାଲିକାରେ ୧୩୦ତମ ସ୍ଥାନରେ ଥିଲା । ଚଳିତ ବର୍ଷ ଆମେ ୩୦ ପଏଣ୍ଟ୍ ଉପରକୁ ଉଠି ୧୦୦ ସ୍ଥାନରେ ରହିଛି । ବିଶ୍ୱବ୍ୟାଙ୍କ୍ ରିପୋର୍ଟରେ କୁହାଯାଇଛି ଭାରତ ଏକ ମାତ୍ର ଦେଶ ଯେ କି ଚଳିତ ବର୍ଷ ସଂରଚନାତ୍ମକ ସଂସ୍କାର ଆଣିଛି ।

## ୨୦୧୮ ମ୍ୟାଟ୍ରିକ୍ ପରୀକ୍ଷା ଆସଂ। ଫେବୃଆରୀ ୨୩ରୁ ଆରମ୍ଭ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ୨୦୧୮ ମ୍ୟାଟ୍ରିକ୍ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପରୀକ୍ଷା ଆସଂ। ଫେବୃଆରୀ ୨୩ରୁ ଆରମ୍ଭ ହେବ । ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଧ୍ୟ ସେହି ୨୩ ତାରିଖରୁ ଆରମ୍ଭ ହେବ । ମ୍ୟାଟ୍ରିକ୍ ରେଗୁଲାର୍ ଓ ଏକ୍ସ ରେଗୁଲାର୍ ପରୀକ୍ଷା ଓ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ମାର୍ଚ୍ଚ ୮ତାରିଖ ପର୍ଯ୍ୟନ୍ତ ଚାଲିବ । ସେହିପରି ମଧ୍ୟମା ପରୀକ୍ଷା ମାର୍ଚ୍ଚ ୭ତାରିଖ ପର୍ଯ୍ୟନ୍ତ ହେବ । ମ୍ୟାଟ୍ରିକ୍ ପରୀକ୍ଷା ପାଇଁ ଏବେ ଫର୍ମ ପୂରଣ କାର୍ଯ୍ୟ ଚାଲିଛି । ଏହା ଆସନ୍ତା ୨୨ତାରିଖ ମଧ୍ୟରାତ୍ରିରେ ଶେଷ ହେବ । ମୁକ୍ତ ବିଦ୍ୟାଳୟ ଓ ମ୍ୟାଟ୍ରିକ୍ ପରୀକ୍ଷା ପାଇଁ ୯ଟି ବିଷୟରେ ପରୀକ୍ଷା ହେବ । ମ୍ୟାଟ୍ରିକ୍ ଏବଂ ମୁକ୍ତ ବିଦ୍ୟାଳୟ ପରୀକ୍ଷାର ପ୍ରଶ୍ନପତ୍ର ସମାନ ରହିବ । ପ୍ରତ୍ୟହ ପରୀକ୍ଷା ୯ଟାରୁ ଆରମ୍ଭ ହୋଇ ସାଢ଼େ ୧୧ଟା ପର୍ଯ୍ୟନ୍ତ ହେବ । ତେବେ ଗଣିତ ପରୀକ୍ଷା ଦିନ ପରୀକ୍ଷାର୍ଥୀଙ୍କୁ ଅଧିକ ୧୫ମିନିଟ୍ ସମୟ ଦିଆଯିବ । ମ୍ୟାଟ୍ରିକ୍ ଛାତ୍ରଛାତ୍ରୀଙ୍କ ପରି ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀଙ୍କ ପାଇଁ ମଧ୍ୟ ଓଏମ୍‌ଆର୍ ଶିଟ୍‌ରେ ୫୦ ନମ୍ବର ଅବ୍‌ଜେକ୍‌ଟିଭ୍ ଏବଂ ପ୍ରଶ୍ନ ସଂଲଗ୍ନ ଉତ୍ତର ଖାତାରେ ବାକି ୫୦ ନମ୍ବର ସବ୍‌ଜେକ୍‌ଟିଭ୍ ବ୍ୟବସ୍ଥା କରାଯିବ ।

## ୨୦ଟି ନୂଆ ଗ୍ରହର ସନ୍ଧାନ କଲା ନାସା

ନାସାର ବୈଜ୍ଞାନିକମାନେ ୨୦ଟି ନୂଆ ଗ୍ରହ ଆବିଷ୍କାର କରିଛନ୍ତି । ଏହି ଗ୍ରହଗୁଡ଼ିକରେ ଜନବସତି ସମ୍ଭବ ହେବ ବୋଲି ସେମାନେ ମତ ଦେଇଛନ୍ତି । ନାସାର କେପ୍‌ଲର୍ ଟେଲିସ୍କୋପ୍ ଦ୍ୱାରା ଏହି ଗ୍ରହଗୁଡ଼ିକର ସନ୍ଧାନ ମିଳିଛି । ଏହି ଗ୍ରହଗୁଡ଼ିକ ମଧ୍ୟରେ ପୃଥିବୀ ଆକାରର କେଓଆଇ-୭୯୨୩.୦ ଗ୍ରହ ଚିହ୍ନଟ ହୋଇଛି । ତେବେ ଏହା ସୂର୍ଯ୍ୟ ଠାରୁ ବହୁ ଦୂରରେ ଥିବାରୁ ପୃଥିବୀ ଠାରୁ ଅଧିକ ଥଣ୍ଡା ବୋଲି ଜଣାପଡ଼ିଛି । କେପ୍‌ଲର୍ ମହାକାଶ ଯାନ ବ୍ୟବହାର କରାଯାଇ ଏହି ତଥ୍ୟ ଆବିଷ୍କାର କରାଯାଇଛି । ତେବେ ଏ ସମ୍ପର୍କରେ ଅଧିକ ଗବେଷଣା ଚାଲିଛି ବୋଲି ବୈଜ୍ଞାନିକମାନେ କହିଛନ୍ତି ।



## ପ୍ରତ୍ୟେକ ବିଦ୍ୟାଳୟରେ ଆଧାର ଲିଙ୍କ୍ ବାଧ୍ୟତାମୂଳକ

ବିଦ୍ୟାଳୟମାନଙ୍କରେ ପ୍ରକୃତ ଉପସ୍ଥାନ ସଂଖ୍ୟାଠାରୁ ଅଧିକ ସଂଖ୍ୟାରେ ପିଲାଙ୍କ ନାମ ଲେଖାଯାଇ ସେମାନଙ୍କ ନାମରେ ସରକାରଙ୍କ ଯୋଜନାକୁ ବାଟମାରଣା ହେଉଥିବାର ଅଭିଯୋଗ ବାରମ୍ବାର ହେଉଥିବାରୁ ଏହାକୁ ବନ୍ଦ କରିବା ପାଇଁ କେନ୍ଦ୍ର ସରକାର ଏକ ଗାଇଡ ଲାଇନ ପ୍ରସ୍ତୁତ କରିଥିଲେ। ଏହି ଗାଇଡ ଲାଇନ ମୁତାବକ ୬ବର୍ଷରୁ ଅଧିକ ଓ ୧୮ବର୍ଷରୁ କମ୍ ସମସ୍ତ ଛାତ୍ରଛାତ୍ରୀଙ୍କର ଆଧାର ଲିଙ୍କ୍ ଅନିବାର୍ଯ୍ୟ ହୋଇଥିବାବେଳେ ରାଜ୍ୟର ଅନେକ ବିଦ୍ୟାଳୟ ଓ କନିଷ୍ଠ ମହାବିଦ୍ୟାଳୟମାନଙ୍କରେ ଏହାକୁ ଠିକ ଭାବେ ପାଳନ କରାଯାଇନାହିଁ । ଏହାକୁ ନଭେମ୍ବର ୩୦ ସୁଦ୍ଧା କଡାକଡି ଭାବେ ପାଳନ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ମାନଙ୍କୁ ଚିଠି ଲେଖିଛନ୍ତି ।

## ସରକାରୀ ଯୋଜନାରେ ଆଧାର ସଂଯୋଗ ଅବଧି ବୃଦ୍ଧି

ହିତାଧିକାରୀଙ୍କୁ ମିଳିଛି କିଛିଟା ଆଶ୍ୱସ୍ତି । ସରକାରୀ ଯୋଜନାରେ ଅଧାର ସଂଯୋଗର ଅବଧିକୁ ବଢାଇ ଦିଆଯାଇ ୨୦୧୮ ମାର୍ଚ୍ଚ ୩୧କୁ ରଖାଯାଇଛି ବୋଲି ସରକାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି । ଆଡଭୋକେଟ ଜେନେରାଲ କେକେ କେ .କେ.ବେଣୁଗୋପାଳ କହିଛନ୍ତି ଯେଉଁ ଲୋକଙ୍କର ସରକାରୀ ଯୋଜାନାରେ ଆଧାରକାର୍ଡ ଲିଙ୍କ ନଥିବ ସେ ସମ୍ପୃକ୍ତ ଯୋଜନାରୁ ମିଳୁଥିବା ସରକାରୀ ସହାୟତାରୁ ବଞ୍ଚିତ ହେବେ ନାହିଁ । ପୂର୍ବରୁ କେନ୍ଦ୍ର ସରକାର ବ୍ୟାଙ୍କ ଜମା ଖାତା ସହିତ ଆଧାରକାର୍ଡକୁ ଲିଙ୍କ କରିବା ପାଇଁ ସମୟ ସୀମା ୨୦୧୭ ଡିସେମ୍ବର ୩୧କୁ ନିର୍ଦ୍ଧାରିତ କରିଥିଲେ।

## ୨୦୨୨ ସୁଦ୍ଧା ୮୩ ହଜାର କି.ମି ଜାତୀୟ ରାଜପଥ ନିର୍ମାଣ

ଭାରତମାଳା ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟକୁ କ୍ୟାବିନେଟ୍ ମଞ୍ଜୁରି ମିଳିଛି। ୨୦୨୨ ସୁଦ୍ଧା ୮୩ ହଜାର କି.ମି ଜାତୀୟ ରାଜପଥ ନିର୍ମାଣ ଓ ସମ୍ପ୍ରସାରଣ ପାଇଁ କେନ୍ଦ୍ର କ୍ୟାବିନେଟ୍ ୬.୯ଲକ୍ଷ କୋଟି ଟଙ୍କା ବ୍ୟୟବରାଦକୁ ମଞ୍ଜୁରି ଦେଇଛି। ଏଥିରେ ଦେଶର ସୀମାନ୍ତବର୍ତ୍ତୀ ଅଞ୍ଚଳ ପାଇଁ ନୂତନ ଭାବେ ନିର୍ମିତ ହେବାକୁ ଥିବା ୨୮ହଜାର ୪ ଶହ କିଲୋମିଟରର ଭାରତମାଳା ରାଜପଥ ଯୋଜନାକୁ ସାମିଲ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୩.୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ। ୫ବର୍ଷରେ ୮୩ ହଜାର କି.ମି. ରାସ୍ତା ନିର୍ମାଣ ହେବ। ପ୍ରଥମ ପର୍ଯ୍ୟାୟରେ ୨୪୮୦୦ କି.ମି. ଜାତୀୟ ରାଜପଥ ନିର୍ମାଣ ହେବ। ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୨୦ ପ୍ରତିଶତ ଅର୍ଥ ଯୋଗାଇ ଦେବେ।




ପ୍ରକଳ୍ପର ଏକ ତୃତୀୟାଂଶ ଅର୍ଥ ତୈଳ ସେସ୍ , ଏକ ଚତୁର୍ଥାଂଶ ଋଣ ଆକାରରେ ସଂଗ୍ରହ କରାଯିବ। ଅନ୍ୟ ଅର୍ଥ ବଜେଟ୍ ବ୍ୟବସ୍ଥା ସହିତ ଟୋଲ ଆଦାୟରୁ ଭରଣା ପାଇଁ ଲକ୍ଷ୍ୟ ରଖାଯାଇଛି। ଏନେଇ ଭାରତୀୟ ରାଜପଥ ପ୍ରାଧିକରଣ ଡିପିଆରଏସ୍ ପ୍ରସ୍ତୁତ କରିଛି।

## ବିଶ୍ୱରେ ୧.୧ ବିଲିୟନ ଲୋକ ଅଣଆଧିକାରିକ ଭାବେ ବାସ କରୁଛନ୍ତି:

ବିଶ୍ୱରେ ୧.୧ ବିଲିୟନରୁ ଊର୍ଦ୍ଧ୍ୱ ଲୋକ ଅଣଆଧିକାରିକ ଭାବେ ବସବାସ କରୁଛନ୍ତି । ସେମାନଙ୍କର କୌଣସି ପରିଚୟ ପତ୍ର ନାହିଁ । ଏଥି ଲାଗି ବିଶ୍ୱବାସୀଙ୍କୁ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସୁବିଧାରୁ ସେମାନଙ୍କୁ ଅନେକ ସମୟରେ ବଞ୍ଚିତ ହେବାକୁ ପଡୁଛି । ଏହି 'ଅଦୃଶ୍ୟ ଲୋକ'ଙ୍କ ମଧ୍ୟରୁ ଅଧିକାଂଶ ଆଫ୍ରିକା ଏବଂ ଏସିଆ ମହାଦେଶରେ ରହୁଥିବା ଜାତିସଂଘ ରିପୋର୍ଟରେ ଦର୍ଶାଯାଇଛି ।

## ବିଦେଶରେ କାର୍ଯ୍ୟ କରୁଥିବା ଭାରତୀୟଙ୍କ ପାଇଁ ଇପିଏଫ୍ ସୁବିଧା

ବିଦେଶରେ କାର୍ଯ୍ୟ କରୁଥିବା ଭାରତୀୟଙ୍କୁ ଏଣିକି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) ସୁବିଧା ମିଳିବ ବୋଲି କେନ୍ଦ୍ରୀୟ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତ (ସିପିଏଫ୍ସି) ପ୍ରକାଶ କରିଛନ୍ତି। ଏହି ସୁବିଧା ପାଇବା ପାଇଁ ଅନ୍‌ଲାଇନ୍ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ବିଦେଶରେ କାର୍ଯ୍ୟରତ କର୍ମଚାରୀମାନେ ସମ୍ପୃକ୍ତ ଦେଶର ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ନ ହୋଇ ଇପିଏଫ୍ ସୁବିଧା ହାସଲ କରିପାରିବେ। ଏ ନେଇ ୧୮ଟି ଦେଶ ସହ ରାଜିନାମା ହୋଇଛି।

ବିଜ୍ଞାନ ବିଚିତ୍ରା

# କେତେକ ଉଦ୍ଭିଦ ଜାତ ପଦାର୍ଥର ଔଷଧୀୟ ଗୁଣ



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

**କରମଙ୍ଗା** :- (Averrhoa carambola ) ଏହା ସାରା ଭାରତର ବିଭିନ୍ନ ଅଂଶରେ ଏକ ଫଳଗଛ ରୂପେ ଚାଷ କରାଯାଏ।ଏହା କେବଳ ସୁସ୍ୱାଦୁ ନୁହେଁ ବରଂ ଏଥିରେ ଭିଟାମିନ୍ ଓ ଆଂଟିଅକ୍ସିଡେଂଟ୍ ଭରପୂର ମାତ୍ରାରେ ରହିଥାଏ। ଏହାକୁ ଆସାମୀରେ କର୍ଡୋଇ, ଗୁଜୁରାଟିରେ କାମରଖ୍, କନ୍ନଡରେ କପରାକ୍ଷୀ ହନ୍ନୁ, ମାଲାୟଲମ୍‌ରେ ଚତୁରାପୁଲ୍ଲୀ ଭାଇରାପୁଲ୍ଲୀ, ତାମିଲରେ ଥାମ୍ବାରଥମ୍ ଓ ତେଲୁଗୁରେ ଅମ୍ବନମକାୟା କୁହାଯାଏ। ସମ୍ଭବତଃ ଏହି ବୃକ୍ଷର ଜନ୍ମ ଶ୍ରୀଲଙ୍କା କିମ୍ବା ଇଣ୍ଡୋନେସିଆରେ ହୋଇଥିଲା। କିନ୍ତୁ ଇତିହାସରୁ ଜଣାଯାଏ ଯେ ଏହା ଚୀନ, ଭାରତ, ମାଲୟେସିଆ ଓ ତାଇଉଆନ୍‌ରେ ଶହ ଶହ ବର୍ଷ ଧରି ଚାଷ ହୋଇ ଆସୁଛି। ଏହା ଗ୍ରୀଷ୍ମ ପ୍ରଧାନ ଦେଶମାନଙ୍କରେ ଭଲ ଭାବେ ବଢିଥାଏ। କିନ୍ତୁ ଶୀତପ୍ରଧାନ ଅଂଚଳରେ ଯଥା ହିମାଳୟ ପାଦ ଦେଶରେ ବି ଏହା ଦ୍ରୁତଭାବେ ବଢିଥାଏ। ଓଦାଳିଆ ଜାଗାରେ ଏହା ଭଲ ବଢି ନ ଥାଏ। ଏହି ଗଛଟି ଝଙ୍କାଳିଆ ଭାବେ ଛୋଟରୁ ମଧ୍ୟମ ଉଚ୍ଚତାର ହୋଇ ୪-୫ ବର୍ଷ ମଧ୍ୟରେ ଫଳ ଧରିଥାଏ। ଏହାର ପତ୍ରଗୁଡିକ ଚକ୍ରାକାରରେ ଏକାନ୍ତର ଭାବେ ବଢିଥାଏ ଓ ଏହାର ଲମ୍ବ ୧୫-୨୦ ସେମି ମଧ୍ୟରେ ହୋଇଥାଏ। ଫୁଲଗୁଡିକ ପେଣ୍ଡା ପେଣ୍ଡା ହୋଇ କାଣ୍ଡର ଅକ୍ଷଠାରେ ଫୁଟିଥାଏ। ଏହା କାହାଳୀ ଆକାରର, ୬ ମିମି ବ୍ୟାସାର୍ଦ୍ଧ ବିଶିଷ୍ଟ, ଗୋଲାପି ରଙ୍ଗର ଥାଏ ଯାହା ଉପରେ ଈଷତ ଧଳା ଓ ଲାଲ ରଙ୍ଗର ଛିଟ ସବୁ ପଡିଥାଏ। ଯଦିଓ ବର୍ଷସାରା ଏହି ଗଛରେ ଫୁଲ ଫୁଟେ ତଥାପି କେତେକ ସ୍ଥାନରେ ଅପ୍ରେଲରୁ ଜୁନ୍ ଓ ଆଉ କେତେକ ସ୍ଥାନରେ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଫଳ ଧରିଥାଏ। ଫଳଗୁଡିକ ୬-୧୫ ସେମି ଲମ୍ବ,୯ ସେମି ଓସାର ଏବଂ ବାହାରକୁ ଦୃଶ୍ୟମାନ ୫-୬ ଶିରା ବିଶିଷ୍ଟ ତାରକା ସଦୃଶ ହୋଇଥାଏ। ଫଳ ମୂଳରୁ ସବୁଜ ଓ ପାଚିଗଲେ ଈଷତ୍ ନାରଙ୍ଗୀ-ହଳଦିଆ ରଙ୍ଗ ଧାରଣ କରିଥାଏ। ଏହାର ଚୋପା ପତଳା, ମସୃଣ ଓ ପିଚ୍ଛିଳ ଏବଂ ଭିତର ମଞ୍ଜଟି ରସାଳ ଓ ମାଂସଳ ହୋଇଥାଏ। ଏଥିରେ ତନ୍ତୁ ନ ଥାଏ ଓ ଏହାର ବାସ୍ନା ଅକ୍‌ଜାଲିକ୍ ଅମ୍ଳ ଭଳି । ସାଧାରଣତଃ ଏହାର ଫଳ ଖଟାଳିଆ କିମ୍ବା ମିଠା ହୁଏ। ୨ୟ ପ୍ରକାର ଫଳରେ ଅମ୍ଳ ଅଂଶ କମ ଓ ୪% ରୁ ଅଧିକ ଶର୍କରା ଥାଏ। ପ୍ରତ୍ୟେକ ଫଳରେ ୧୦-୧୨ ଟି ବାଦାମି ରଙ୍ଗର ମଞ୍ଜି ଥାଏ ଯାହାର ଲମ୍ବ ୬-୧୩ ସେମି ମଧ୍ୟରେ ହୋଇଥାଏ। ଏହି ଫଳ ସବୁ ପାଚିଗଲେ ଆପେ ଝଡି ପଡନ୍ତି। ଭାରତରେ ସେପ୍ଟେମ୍ବରରୁ ଜାନୁଆରି ମଧ୍ୟରେ ଏହା ବଜାରକୁ ଆସିଥାଏ।



କରମଙ୍ଗାରେ ପୋଷକ ତତ୍ତ୍ୱ ଓ ଖାଦ୍ୟ ଭରପୂର ପରିମାଣରେ ଥାଏ। ଜୈବ ରାସାୟନିକ ପରୀକ୍ଷଣରୁ ଜଣାଯାଏ ଯେ ୧୦୦ ଗ୍ରା; କରମଙ୍ଗାରେ ୯.୩୮ ଗ୍ରାମ ଶର୍କରା ,୧.୦୪ ଗ୍ରା ପ୍ରୋଟିନ ,୦.୩୩ ଗ୍ରା ଲିପିଡ୍,ତନ୍ତୁଜ ପଦାର୍ଥ ୨.୮୦ ଗ୍ରା ଏବଂ ଏହା ୩୧ କିଲୋ କ୍ୟାଲୋରି ବା ୧୨୮ କିଲୋ ଜୁଲ୍ ଶକ୍ତି ଯୋଗାଇଥାଏ। ତା ଛଡା ଏଥିରେ ଆଲାନିନ୍, ଲାଇସିନ୍, ସେରିନ୍ ଭଳି ଆମିନୋ ଏସିଡ୍ , ଭିଟାମିନ ସି ଓ ପଟାସିଅମ୍ ବହୁ ପରିମାଣରେ ଥାଏ। ଏହାର ରସ ଇଶ୍ଚେରିଚିଆ, କ୍ଲେବସିଲା, ସିଉଡୋମୋନାସ ଏବଂ ଷ୍ଟାଫାଇଲୋକକସ୍ ବୀଜାଣୁ ବିରୁଦ୍ଧରେ ପ୍ରଭାବୀ ଢ଼ଙ୍ଗରେ ଲଢେଇ କରିଥାଏ। କଂଚା ହେଉ କି ପାଚିଲା କରମଙ୍ଗାରେ ଅକ୍‌ଜାଲିକ୍, ଟାର୍ଟାରିକ, ମେଲିକ୍, ସକ୍ସିନିକ୍, ଫୁମାରିକ୍ ଓ ଆଲଫା କିଟୋ ଗ୍ଲୁଟାରିକ୍ ଏସିଡ ଭଳି ବିଭିନ୍ନ ଏସିଡ୍ ରହିଥାଏ। ଏହାକୁ ସାଲାଡ୍ ରୂପେ କଂଚା, ରାନ୍ଧିକରି କିମ୍ବା ଜାମ୍, ଚଟଣି, ଜେଲି ଓ ଆଚାର ଭାବେ ବ୍ୟବହାର କରାଯାଏ। ବ୍ରାଜିଲ ଦେଶରେ ଏହାର ରସକୁ ଏକଜିମା ପାଇଁ, କାମ୍ବୋଡିଆରେ ଏହାର ପତ୍ର ଓ ଫୁଲକୁ ବାଟି ପ୍ରଲେପାକାରରେ ଡର୍ମାଟାଇଟିସ୍ ଓ ଯନ୍ତ୍ରଣା ନିବାରକ ରୂପେ, ଚୀନ ଦେଶରେଏହାର ପତ୍ର, ଡାଳ ଓ ଫୁଲରୁ ତିଆରି ପ୍ରଲେପ କୁ ଭାତୁଡି, ଚିକେନ ପକ୍ସ, ଗୋଲ କୃମି ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଔଷଧ ରୂପେ ଦିଆଯାଏ। ଆୟୁର୍ବେଦ ଅନୁସାରେ ବୃକକ୍ ଓ ମୂତ୍ରଥଳୀ ସଂକ୍ରମଣରେ କରମଙ୍ଗା ଏକ ଅମୋଘ ଅସ୍ତ୍ର ଭାବେ କାମ କରେ। ଝାଡା ବାନ୍ତି, ଜ୍ୱର, ପେଟ କାଟିବା ଓ ଅର୍ଶ ରୋଗ ର ଉପଶମରେ ଏହାର ଶୁଖିଲା ଫଳକୁ ଗୁଣ୍ଡ କରି ଉଷୁମ ପାଣିରେ ନେବାକୁ କୁହାଯାଏ। ଭୋକ ବଢାଇବା ପାଇଁ ଏହାର ରସକୁ ଖାଇବା ପୂର୍ବରୁ ନେବାକୁ ପରାମର୍ଶ ଦିଆଯାଏ। ଗର୍ଭବତୀ ମହିଳାଙ୍କୁ ଅଂଟା, ଜରାୟୁ ଓ ଗର୍ଭାଶୟରେ ରକ୍ତ ସଂଚାଳନ ବୃଦ୍ଧି ତଥା ସ୍ତନ୍ୟପାନ କ୍ଷମତା ବୃଦ୍ଧି ନିମନ୍ତେ ଏହାର ମଞ୍ଜିକୁ ଗୁଣ୍ଡ କରି ଖାଇବାକୁ କୁହାଯାଏ। କିନ୍ତୁ ମନେ ରଖନ୍ତୁ ରିନାଲ୍ କାଲକୁଲି କିମ୍ବା କିଡନି ଫେଲ୍ୟୁର ରୋଗୀ କରମଙ୍ଗା ଖାଇବା ଉଚିତ ନୁହଁ, କାରଣ ଏଥିରେ ଥିବା ଅକଜାଲିକ୍ ଏସିଡ ତାଙ୍କର କ୍ଷତି କରିପାରେ। କେତେକ ଔଷଧ ଓ ସେଲୁଲାର ଏଞ୍ଜାଇମ୍ ବିରୁଦ୍ଧରେ ମଧ୍ୟ ଏହା କାମ କରିଥାଏ ତେଣୁ ଏହାର ବ୍ୟବହାରରେ ସଂଯମତା ଅବଲମ୍ବନ କରିବା ବିଧେୟ।

**ନଡିଆ** :- (Cocos nucifera ) ମନୁଷ୍ୟ ପାଇଁ ଆବଶ୍ୟକ ସମସ୍ତ ଖାଦ୍ୟ ଉପାଦାନ ମହଜୁଦ ଥିବାରୁ ଏହାକୁ ଏକ ସଂପୂର୍ଣ୍ଣ ଖାଦ୍ୟ ବୋଲି



ଧରାଯାଏ। ବିଶେଷଜ୍ଞଙ୍କ ମତରେ ନଡିଆ କେବଳ ଏକ ଫଳ ନୁହେଁ ବରଂ ପୁଗ ଓ ବୀଜ ମଧ୍ୟ ଅଟେ। ଏହା ୩ ସ୍ତର ବିଶିଷ୍ଟ। ବାହାରେ ଥିବା କତା ପ୍ରାୟ ୨୫ ମିମି ବହଳର ଥାଏ। ତେଣୁ ଏହା ଭିତରକୁ ପାଣି ପଶିବାକୁ ଦିଏ ନାହିଁ। ତା ତଳକୁ ୬ ମିମି ର ଏକ ଟାଣ ଶକ୍ତ ସ୍ତର ଥାଏ ଯାହାକୁ ଆମେ ସଢ଼େଇ କହୁ। ତାର ଭିତର ପଟେ ଏକ ଧଳା, ମାଂସଳ, ବହଳା ସ୍ତର ଥାଏ ଯାହାକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ। ଏହା ଭିତରର ଖାଲି ଅଂଶଟି ପାଣି ଭଳି ଏକ ମଧୁର, ସୁସ୍ୱାଦୁ ରସରେ ଭର୍ତ୍ତି ହୋଇଥାଏ। ଭାରତରେ ପ୍ରାୟ ୩୦୦୦ ବର୍ଷ ତଳେ ନଡିଆ ପ୍ରଚଳିତ ଥିଲା ବୋଲି ପ୍ରମାଣ ଅଛି। ବେଦରେ ଏହାକୁ କଳ୍ପବୃକ୍ଷ ନାମରେ ବର୍ଣ୍ଣନା କରାଯାଇଛି। ଏହାକୁ ଭାରତ, ଶ୍ରୀଲଙ୍କା, ଇଣ୍ଡୋନେସିଆ, ଫିଲିପାଇନ୍ସ, ଉଏଷ୍ଟଇଣ୍ଡିଜ୍ ଓ ପ୍ରଶାନ୍ତ ମହାସାଗରୀୟ ଉପକୂଳ ଅଂଚଳରେ ଚାଷ କରାଯାଏ। ବିଶ୍ୱରେ ୯ ଟି ଦେଶରୁ ପ୍ରାୟ ୬୧ ମିଲିଅନ୍ ନଡିଆ ବର୍ଷକୁ ଉତ୍ପାଦିତ ହୁଏ। ସମୁଦ୍ର କୂଳିଆ, ବାଲିଆ, ଦୋରସା ମାଟିରେ ଏହା ଭଲ ବଢିଥାଏ ଓ ଗୋଟିଏ ଗଛ ପ୍ରାୟ ୨୦୦ ବର୍ଷ ବଂଚିପାରେ।ଏହି ଗଛର ଉଚ୍ଚତା ୨୦-୩୦ ମିଟର ହୋଇପାରେ। ନଡିଆ ଏକ ପୁଷ୍ଟିକର, ବଳବର୍ଦ୍ଧକ ଓ ରୁଚିକର ଖାଦ୍ୟ ଅଟେ। ଏଥିରେ ଥିବା ଲରିକ୍ ଏସିଡ ସହଜରେ ପାଚିତ ହୋଇପାରେ। ସମସ୍ତ ଆବଶ୍ୟକୀୟ ଆମିନୋ ଏସିଡ,ପଟାସିଅମ୍, ସୋଡିଅମ୍, ମାଗ୍ନେସିଅମ୍ ଓ ସଲଫର୍‌ରେ ଏହା ଭରପୂର ଥାଏ। ୧୦୦ ଗ୍ରାମ୍ ଶୁଖିଲା ନଡିଆରୁ ପ୍ରାୟ ୬୬୨ କ୍ୟାଲୋରି ଶକ୍ତ ମିଳିଥାଏ। ଫଳ ଧରିବାର ୧ ମାସ ମଧ୍ୟରେ ପଇଡରେ ପ୍ରାୟ ୪୦୦ ରୁ ୪୬୫ ମିଲି ପାଣି ଭର୍ତ୍ତି ହୋଇଥାଏ। ଏହି ପାଣି ବିଶୁଦ୍ଧ, ପ୍ରାକୃତିକ ଏବଂ ନିରାପଦ ଅଟେ। କ୍ଷୀର ଅପେକ୍ଷା ଏଥିରେ ସ୍ନେହସାର କମ୍ ଥାଏ ଓ କୋଲେଷ୍ଟେରଲ ଆଦୌ ନଥାଏ ବରଂ ଏହା ଦେହ ପାଇଁ ଆବଶ୍ୟକ ଏଚଡିଏଲ ବଢାଇବାରେ ସାହାଯ୍ୟ କରେ। ଏଥିରେ ଥିବା ଭିଟାମିନ ସି ଦେହପାଇଁ ଗୋଟିଏ ଦିନ ର ଆବଶ୍ୟକତାକୁ ପୂରଣ କରିଦିଏ। ଆହୁରି ମଧ୍ୟ ଏଥିରେ ନିଆସିନ୍, ପାଂଟୋଥେନିକ୍ ଏସିଡ, ବାୟୋଟିନ୍, ରିବୋଫ୍ଲାବିନ୍ ଥାୟାମିନ୍, ପିରିଡକ୍ସିନ୍ ଓ ଫଲିକ୍ ଏସିଡ୍ ପ୍ରଭୁତ ପରିମାଣରେ ଥାଏ। ଖରା ଦିନରେ ଶୁଷ୍କତା ହେତୁ ଇଲେକ୍ଟ୍ରୋଲାଇଟ୍ ଅସାମଞ୍ଜସ୍ୟତାକୁ ଏଥିରେ ଥିବା ପଟାସିଅମ୍ ଭରଣା କରିଥାଏ। ଏଥିରେ ଥିବା ପ୍ରାକୃତିକ ଶର୍କରା ସୁସ୍ୱାଦୁ ଅଟେ। ପ୍ରତ୍ୟେକ ଦିନ ମୁହଁରେ ନଡିଆ ପାଣି ଲଗାଇଲେ ବ୍ରଣ ହୁଏ ନାହିଁ ଓ ମୁହଁ ଲୋଚାକୋଚା ପଡେ ନାହିଁ। କଂଚା ନଡିଆ ଶର୍କରା ବିହୀନ ଓ ପ୍ରଚୁର ଏଞ୍ଜାଇମ୍ ଧାରଣ କରିଥିବା ହେତୁ ମଧୁମେହ ରୋଗୀଙ୍କ ପାଇଁ ଏହା ଉପାଦେୟ ଅଟେ। କଲେରା ରୋଗୀଙ୍କ ପାଇଁ ନଡିଆ ପାଣି ଅତି ଆବଶ୍ୟକ। ଅମ୍ଳ ରୋଗୀଙ୍କ ପାଇଁ ଶୁଖିଲା ନଡିଆ ଆଶୀର୍ବାଦ ଅଟେ, କାରଣ ଏଥିରୁ ନିର୍ଗତ ତେଲ ଏସିଡ କ୍ଷରଣ କୁ କମ୍ କରେ। ନଡିଆ ତେଲ କେଶ ଝଡିବା କେବଳ ବନ୍ଦ କରେ ନାହିଁ ବରଂ ଏହାକୁ ସୁସ୍ଥ ରଖେ। ଗୋଇଠି ଫାଟି ଥିଲେ କିମ୍ବା କ୍ଷତ ସ୍ଥାନରେ ହଳଦୀ ଓ ନଡିଆ ତେଲ ମିଶାଇ ଲଗାଇଲେ ଆରାମ ମିଳେ। ଅଜୀର୍ଣ୍ଣ, କୋଲାଇଟିସ୍, ପେଟ ଭିତରେ ଘାଆ ହୋଇଥିଲେ,ବାନ୍ତି ହେଉଥିଲେ ପଇଡ ପାଣି ପିଇଲେ ରୋଗରୁ ଆରାମ ମିଳିଥାଏ। ଆସାଇଟ୍ସ ନାମକ ରୋଗରେ ପେଟ ଭିତରେ ପାଣି ଜମିଯାଏ। ଏପରି ରୋଗୀ ଦିନକୁ ୨-୩ ଗ୍ଲାସ ପଇଡ ପାଣି ପିଇବା ଉଚିତ କାରଣ ଏହା ଜମା ନ ହୋଇ ଶରୀରରେ ଶୋଷି ହୋଇଯାଏ। ଯେ କୌଣସି ଚର୍ମ ରୋଗ ପାଇଁ ନଡିଆ ତେଲ ଓ କର୍ପୁର ଭଲ କାମ କରିଥାଏ। କେତେକେ ବିଶେଷ କରି ଦକ୍ଷିଣ ଭାରତରେ ନଡିଆ ତେଲକୁ ରାନ୍ଧିବା ପାଇଁ ବ୍ୟବହାର କରାଯାଏ।


**ଡାଳିମ୍ବ :-** ( Punica granatum ) ଇଂରାଜୀରେ ଏହାକୁ ପୋମଗ୍ରାନେଟ



କୁହାଯାଏ ଯାହାର ଲାଟିନ ଅର୍ଥ ମଞ୍ଜିଯୁକ୍ତ ସେଓ। ଏହାକୁ ଜୀବନ, ଆୟୁ , ସ୍ୱାସ୍ଥ୍ୟ, ଜ୍ଞାନ, ନୈତିକତା, ଆଧ୍ୟାତ୍ମିକତାର ଦ୍ୟୋତକ ବୋଲି ଧରାଯାଏ। ଏହାକୁ ଏଡ୍ସ ,ଏଚ ଆର ଟି, ଆଲର୍ଜି ଓ ସୌନ୍ଦର୍ଯ୍ୟ ବର୍ଦ୍ଧକ ଟନିକ୍ ଭାବେ ବ୍ୟବହାର କରାଯାଉଛି। ମଧ୍ୟ ପ୍ରାଚ୍ୟଠାରୁ ଆରମ୍ଭ କରି ସୁଦୂର ଆମେରିକା, ମେକ୍ସିକୋ ପର୍ଯ୍ୟନ୍ତ ଦେଶମାନଙ୍କରେ ପ୍ରାୟ ୧୦୦୦ ପ୍ରକାର ଡାଳିମ୍ବ ମିଳେ। ଡାଳିମ୍ବ ଉତ୍ପାଦନରେ ଭାରତ ସାରା ପୃଥିବୀରେ ୨ୟ ସ୍ଥାନ ଅଧିକାର କରିଛି। ଏଠାରେ ଉତ୍ପାଦିତ ଡାଳିମ୍ବର ନାମ ହେଲା ଗଣେଶ, ରୁବି, ଆରକ୍ତ, ମୃଦୁଳା ଓ ଭଗଉଆ। ଏହି ଫଳର ଆକାର ଗୋଟିଏ ଛୋଟ କମଳାଠାରୁ ଆରମ୍ଭ କରି ଏକ ପଣସ ଆକାରର ବି ହୋଇ ପାରେ। ଏହାର ଆକାର ଷଟକୋଣୀୟ ଓ ବାହାର ରଙ୍ଗ ଲାଲ୍ ଅଟେ। ଏହାର ସ୍ୱାଦ ଖଟା କିମ୍ବା ମିଠା ହୋଇଥାଏ।

ଏହି ଫଳ ଭିତରେ ବହୁ ସଂଖ୍ୟାରେ ଖୁନ୍ଦାଖୁନ୍ଦି ହୋଇ ମଞ୍ଜି ସବୁ ରହିଥାଏ ଯାହାର ବାହାର ପାର୍ଶ୍ୱ ଏକ ପତଳା ଆବରଣ ଓ ମିଠା ରସରେ ଭରି ରହିଥାଏ। ଏହି ମଞ୍ଜି ଗୁଡିକ ଆଲବିଡୋ ନାମକ ଗୋଟିଏ ଗୋଟିଏ ଧଳା ପରଦା ଦ୍ୱାରା ଭାଗ ଭାଗ ହୋଇ ରହିଥାଏ। ଗୋଟିଏ ଫଳର ସମୁଦାୟ ଓଜନର ୩% ମଞ୍ଜି ଓ ୩୦% ଫଳରସ ଅଟେ। ଗୋଟିଏ ଫଳରେ ୨୦୦ ରୁ ୮୦୦ ମଞ୍ଜି ରହିଥାଏ। ୧୦୦ ମିଲି ଫଳ ରସରେ ୮୫.୪% ଜଳ,୧୦.୬% ଶର୍କରା ,୦.୭ ମିଗ୍ରା ଆସକର୍ବିକ ଅମ୍ଳ ଥାଏ। ଏହାର ମଞ୍ଜିରେ ଲିପିଡ ପ୍ରୋଟିନ ଏବଂ ତନ୍ତୁ ଥାଏ। ଏହି ଫଳଟି ଦେହ ପାଇଁ ଅତ୍ୟନ୍ତ ଆବଶ୍ୟକ ନ ହେଲେ ବି ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ପାରଙ୍ଗମ ଅଟେ। ଏପରି ପଦାର୍ଥକୁ ଫାଇଟୋନ୍ୟୁଟ୍ରିଏଂଟ କହନ୍ତି। ଏହା ଭୂତାଣୁ, ବୀଜାଣୁ ବିରୁଦ୍ଧରେ ଲଢିପାରେ ଏବଂ ଆଂଟି ଅକ୍ସିଡେଂଟ ଭଳି କାର୍ଯ୍ୟ କରେ। ତେଣୁ କୋଷକୁ କ୍ଷୟ ତଥା ନିରୋଗ ରଖିବାରେ ଏହା ସହାୟତା କରେ। ଏହାର ବାସ୍ନା ଓ ରଙ୍ଗ ପାଇଁ ଫାଇଟୋଫିନଲ୍ ସବୁ ଦାୟୀ ଅଟନ୍ତି। ମଞ୍ଜି ଓ ରସ ଅପେକ୍ଷା ଏହାର ଚୋପାରେ ଆଂଟି ଅକ୍ସିଡେଂଟ ଗୁଣ ଅଧିକ ଥାଏ। ଆଜିକାଲି ଟମାଟୋ ଓ କମଳା ଜୁସ୍ ତିଆରିରେ ଏହାର ଚୋପାକୁ ଗୁଣ୍ଡ କରି ମିଶାଯାଉଛି। ଏହି ଫଳ ଉପରେ ହୋଇଥିବା ଗବେଷଣାରୁ ଜଣାଯାଏ ଯେ ଏହା କର୍କଟ, ହୃଦରୋଗ, ଦନ୍ତରୋଗ, ପ୍ରଖର ସୂର୍ଯ୍ୟରଶ୍ମି ଯୋଗୁଁ ହୋଇଥିବା ଚର୍ମରୋଗ ତଥା ଜୀବାଣୁ ସଂକ୍ରମଣ ବିରୁଦ୍ଧରେ ପ୍ରଭାବୀ ଢ଼ଙ୍ଗରେ କାମ କରେ। ଆୟୁର୍ବେଦରେ ଏହି ଫଳର ବିଭିନ୍ନ ଅଂଶକୁ ବାତ, ପିତ୍ତ ନାଶକ ତଥା ଝାଡା, ବାନ୍ତି ଓ ପେଟ ରୋଗ ଉପଶମର ଅମୋଘ ଅସ୍ତ୍ର ରୂପେ ବର୍ଣ୍ଣନା କରାଯାଇଛି। ଏହାର ରସକୁ ଆଖିରେ ପକାଇଲେ ମୋତିଆବିନ୍ଦୁ ରୋଗ କୁ ଦୂରେଇ ହେବ। ଚର୍ମକୁ ସତେଜ ରଖି ଏହା ଅକାଳ ବାର୍ଦ୍ଧକ୍ୟର ଲକ୍ଷଣକୁ ଚାପି ରଖେ। ଦେଖା ଯାଇଛି ଯେ ଡାଳିମ୍ବ ରସରେ ଥିବା ପଲିଫିନଲ ସବୁ ପ୍ରୋଷ୍ଟେଟ୍, ସ୍ତନ, କୋଲୋନ ଓ ଫୁସଫୁସ୍ କର୍କଟ ରୋଗର ବୃଦ୍ଧି ପ୍ରକ୍ରିୟାକୁ ବିଳମ୍ବିତ କରିଥାନ୍ତି।ଏଥିରେ ବିଟା କେରୋଟିନ୍‌ର ଉପସ୍ଥିତି ସମସ୍ତ ଆଖିରୋଗ ତଥା ରେଟିନାକୁ ସୁସ୍ଥ ରଖିବାରେ ସହାୟତା କରେ। ଆଜିକାଲି ଡାଳିମ୍ବ ମିଶ୍ରିତ ଟୁଥ୍‌ପେଷ୍ଟ୍ ଓ ମାଉଥୱାସ୍ ମିଳୁଛି ଯାହା ଦାନ୍ତକୁ ନିରୋଗ ରଖିବା ସଙ୍ଗେ ସମସ୍ତ ଜୀବାଣୁ ସଂକ୍ରମଣରୁ ରକ୍ଷା କରେ। ଡାଳିମ୍ବ ରସ ପୁରୁଷମାନଙ୍କ ପ୍ରଜନନ କ୍ଷମତା ବୃଦ୍ଧି ସହିତ ବାତରୋଗୀଙ୍କ ଯନ୍ତ୍ରଣା ଲାଘବ ସହ ଅସ୍ଥି ଓ କୋମଳାସ୍ଥି କ୍ଷୟ ପ୍ରକ୍ରିୟାକୁ ବନ୍ଦ ରଖେ। ଏହି ରସ ମସ୍ତିଷ୍କର ସ୍ନାୟୁକୋଷ କୁ ସକ୍ରିୟ ରଖୁଥିବାରୁ ଆଲଜିମର୍ ରୋଗୀଙ୍କ ପାଇଁ ଏହା ଏକ ଟନିକ୍ ଭଳି କାମ କରେ।

**ଜଡା :-** ( Ricinus communis ) ଯଦିଓ ଏହା ଖାଦ୍ୟୋପଯୋଗୀ ନୁହଁ ତଥାପି ତାର ଔଷଧୀୟ ଗୁଣ, ଶିଳ୍ପରେ ବ୍ୟବହାର, ପ୍ରସାଧନ ସାମଗ୍ରୀ ତିଆରି ପାଇଁ ଏହାକୁ ଭାରତ, ଚୀନ୍, ବ୍ରାଜିଲ, ରୁଷିଆ, ଆର୍ଜେଂଟିନା, ଥାଇଲାଣ୍ଡ, ଫିଲିପାଇନ୍ସ ଆଦି ରାଷ୍ଟ୍ରରେ ବିପୁଳ ପରିମାଣରେ ଚାଷ କରାଯାଉଛି। ସ୍ୱଳ୍ପ




ବୃଷ୍ଟି ଅଂଚଳ, ପତିତ ଜମି ଓ ରାସ୍ତା କଡରେ ବି ଏହାକୁ ସହଜରେ ଚାଷ କରାଯାଇ ପାରେ। ସାରା ପୃଥିବୀରେ ବର୍ଷକୁ ୧.୩ ମିଲିଅନ୍ ଟନ୍ ଜଡା ମଞ୍ଜି ଓ ୦.୫୫ ମିଲିଅନ ଟନ ଜଡାତେଲ ଉତ୍ପାଦିତ ହେଉଛି। ଏଥିରୁ ଭାରତର ସହଯୋଗ ହେଉଛି ୨୩୩୯,୦୦୦ ମେଟ୍ରିକ ଟନ୍। ଶକ୍ତି ସଂକଟର ବିକଳ୍ପ ଭାବେ ଜଡାକୁ ନିଆ ଯାଇପାରେ। ଏହା ସବୁଜ ଗୃହ ପ୍ରଭାବକୁ କମ୍ କରେ ଓ ଅଦରକାରୀ ପତିତ ମୃତ୍ତିକାର ଉର୍ବରତା ବଢାଏ। ଏହାର ମଞ୍ଜିରେ ୪୦-୬୦% ଟ୍ରାଇଗ୍ଲିସେରାଇଡ ଥାଏ ଯାହାକୁ ରିସିନୋଲିନ୍ କୁହାଯାଏ।ଲିନୋଲିକ, ଓଲେଇକ୍, ପାମିଟିକ୍, ଷ୍ଟିଅରିକ ଓ ରିସିନୋଲିକ ଏସିଡ ର ଉପସ୍ଥିତି ଯୋଗୁଁ କଳ କାରଖାନାରେ ଏହାକୁ ମୋବିଲ୍‌ର ବିକଳ୍ପ ରୂପେ ବ୍ୟବହାର କରାଯାଏ। ୧ ଟନ ଜଡାତେଲ ଉତ୍ପାଦନବେଳେ ପ୍ରାୟ ୧.୩୧ ଟନ୍‌ର ଖାଦ ବା ଚୋପା ଓ ୧.୧୩ ଟନ ପିଡିଆ ବାହାରେ ଯହିଁରେ ୪୫% ପ୍ରୋଟିନ୍ ରହିଥାଏ। ତେଲ ବାହାର କଲାବେଳେ ଅତ୍ୟଧିକ ତାପ ଯୋଗୁଁ ବିଷାକ୍ତ ରିସିନ ନଷ୍ଟ ହୋଇଯାଏ। ଏହି ପିଡିଆକୁ ଜୈବସାର ଓ କୀଟନାଶକ ଭାବେ ମାଟିରେ ଦିଆଯାଏ। ଜଡା ଗଛର ଅନ୍ୟ ଏକ ଉତ୍ତମ କାର୍ଯ୍ୟ ହେଲା ଏହା ମାଟିକୁ ବିଷାକ୍ତ ଫାଇଟେଟକ୍ସିକ୍ ପଦାର୍ଥ ସବୁକୁ ନଷ୍ଟ କରି ମାଟିର ଉର୍ବରତାକୁ ବଢାଇ ଦିଏ।କେଉଁ ପୁରାତନ କାଳରୁ ଆମ ଦେଶରେ ଜଡାତେଲକୁ କେଶ, ଚର୍ମ, ଆଂଠୁ ଗଣ୍ଠି ଦରଜ ଆଦି ସମସ୍ୟାର ଲାଘବ ପାଇଁ ବ୍ୟବହୃତ ହୋଇ ଆସୁଛି। ଆଂଠୁ, ଗଂଠି ଫୁଲିବା,ଦରଜ ହେବାରୁ ରକ୍ଷା ପାଇବାକୁ ଜଡାତେଲକୁ ମାଲିସ କରାଯାଏ। ସାବୁନ, ରଙ୍ଗ, ବାର୍ନିସ୍, ଥଣ୍ଡା ପ୍ରତିରୋଧି ପ୍ଲାଷ୍ଟିକ୍ , ମହମ, ସୁଗନ୍ଧ ତୈଳ, ଲିପଷ୍ଟିକ୍ ଓ କେତେକ ଔଷଧ ତିଆରିରେ ବି ଏହାକୁ ସାମିଲ କରାଯାଏ। ହାଇଡ୍ରଲିକ୍‌ସ ଓ ବ୍ରେକ୍‌ରେ ଲୁବ୍ରିକେଂଟ ଭାବେ ଜଡାତେଲକୁ ବ୍ୟବହାର କରାଯାଇପାରେ।

**ବିଭାଗୀୟ ମୁଖ୍ୟ (ରସାୟନ ବିଭାଗ )**
**ଏନ.ଏ .ସି. ମହାବିଦ୍ୟାଳୟ, ବୁର୍ଲା**
**ସମ୍ବଲପୁର । ଦୂରଭାଷ: ୯୪୩୭୧୨୭୮୨୦**

ଉପରକୁ ଉଠିବାକୁ ସିଢ଼ି ତିଆରି କରିବା ଓ ପଡ଼ିବା ପାଇଁ ଗାତ ଖୋଳିବା କାମ ଯେପରି ଏକ ସଙ୍ଗରେ ହୁଏନାହିଁ, ସେହିପରି ସଜ୍ଜନ ଦୁଷ୍ଟ ଏକ ସଙ୍ଗରେ ପ୍ରତିପାଳିତ ହୋଇପାରିବେ ନାହିଁ।

# ସକାଳ ବନ୍ଦନା ସଂଜ ପ୍ରାର୍ଥନା-୧୯

ରମେଶ ମଙ୍ଗରାଜ



ନିଜକୁ ନିଜେ ମୁଁ  ଜାଣିପାରୁନାହିଁ
ପ୍ରଭୁ କୃପାକରି ଜଣେଇଦିଅ
କେଉଁଠୁ ଆସିଛି କେଉଁଠିକି ଯିବି
ପ୍ରଭୁ ମୋତେ ବାଟ ଦେଖାଇଦିଅ ।।୦।।

ତମ ହାତ ଗଢ଼ା ଜୀବନଟିଏ ମୁହିଁ
ଜାଣିଛି ପ୍ରଭୁ ହେ' ତୁମେ ମୋ ସ୍ରଷ୍ଟା
ଦୃଶ୍ୟମାନ ଏହି ଜଗତ ଭିତରେ
ପ୍ରଭୁ ତୁମେ ଏକା ଅଦୃଶ୍ୟ ଦ୍ରଷ୍ଟା
କାହିଁକି ଆସିଛି କ'ଣ  କରିବି
ପ୍ରଭୁ ତୁମେ ମୋତେ ବତେଇ ଦିଅ
ନିଜକୁ ନିଜେ ମୁଁ....... ।।୧।।


ଯୁଆଡ଼େ ଦେଖୁଛି ସବୁଠାରେ ତୁମେ
ତୁମ ବିନା ଏହି ସଂସାର ଶୂନ୍ୟ
ସକଳ ଘଟରେ ତମେ ପରଂବ୍ରହ୍ମ
ତୁମରି ବିଚିତ୍ର ବ୍ରହ୍ମାଣ୍ଡ ଧନ୍ୟ
ଜଗତକରଣ ହେ' ଜଗତନାଥ
ପ୍ରଭୁ ମୋର କୋଟି ପ୍ରଣାମ ନିଅ ।।୨।।
ନିଜକୁ ନିଜେ ମୁଁ......

....

କବି ଓ କବିତା ଭବନ
ମହୁଲ. ଅଙ୍ଗାରପଡ଼ା ଖୋର୍ଦ୍ଧା
ଦୂରଭାଷ : ୯୧୭୮୬୨୬୨୮୦

# ନଦୀ ରହିଲେ ଆମେ ରହିବା

ଡକ୍ଟର ବସନ୍ତ କିଶୋର ସାହୁ



ନୀଳ ଆକାଶ ଜଳ ବି ନୀଳ ପାହାଡ଼ ସବୁ ନୀଳ
ସେଇ ନୀଳରେ ସ୍ନାହାନ କରେ ବ୍ରହ୍ମପୁତ୍ରର ଜଳ ।
ତାର ସୁଷମା ନାହିଁ ଉପମା ହେଉନି ଜମା କଳି
କେମିତି କିଛି ଲେଖିବି ବୋଲି ହେଉଛି ମୁହିଁ ଭାଳି ।।


ନଦୀମାତୃକା ଦେଶଟି ଆମ ସବୁଠି ବହେ ନଦୀ
ଯୁଆଡେ ଆଖି ଫେରାଅ ଆଜି ସବୁଠି ସିଏ ବନ୍ଦୀ ।
ନଦୀ ସଭ୍ୟତା ସହର ଗାଆଁ ସବୁତ ଥିଲା କୂଳେ
ବେପାର ଠାରୁ ଜୀବନ ନାଆ ସବୁ ସେଇଠି ଚାଲେ ।।

ସୁନାବ୍ୟା ଯଦି ହେବନି ନଦୀ ଜୀବନ ଯିବ ଶୁଖି
ଜଳ ସଂକଟ ଆସିବ ମାଡ଼ି ସଭିଏଁ ହେବା ଦୁଃଖୀ ।
ନଦୀକୁ ରଖ ସଫାସୁତର ସୁସ୍ଥ ଜୀବନ ପାଇଁ
ନଦୀ ରହିଲେ ଆମେ ରହିବା ଏକଥା ଜାଣ ଭାଇ ।।

କୁସୁପୁର, ଭାୟା-ବାଲିଚନ୍ଦ୍ରପୁର, ଜି-କଟକ
ମୋ : ୯୪୩୭୫୨୬୨୦୧

# କାର୍ତ୍ତିକ ପୂର୍ଣ୍ଣିମା

କାର୍ତ୍ତିକ ପୂର୍ଣ୍ଣିମାକୁ ରାସ ପୂର୍ଣ୍ଣିମା ବି କୁହାଯାଏ। ଓଡ଼ିଶାର ଆଚାର, ବିଚାର, ଚାଲିଚଳଣି ତଥା ଧର୍ମୀୟ ଭାବନା ସହିତ ଏହି ପର୍ବ ଓତପ୍ରୋତ ଭାବେ ଜଡ଼ିତ। ଓଡ଼ିଶାର ଆଦିକବି ଶୂଦ୍ରମୁନି ସାରଳା ଦାସଙ୍କ ରଚିତ ମହାଭାରତର ଆଦିପର୍ବରେ କାର୍ତ୍ତିକ ମାସର ପବିତ୍ରତା ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏହି ପର୍ବରେ ବର୍ଣ୍ଣିତ କାର୍ତ୍ତିକ ପୂର୍ଣ୍ଣିମା ଦିନ ଭୋଜରାଜ ଓ ଭୀଷ୍ମଙ୍କ ଗଙ୍ଗାସ୍ନାନ ଯାତ୍ରା ପ୍ରସଙ୍ଗରୁ ଜଣାଯାଏ ଯେ, କାର୍ତ୍ତିକ ମାସରେ ମୃତ୍ୟୁବରଣ କଲେ ବୈକୁଣ୍ଠ ପ୍ରାପ୍ତି ହୁଏ। ହିନ୍ଦୁମାନଙ୍କ ଧର୍ମଗତ ଦୃଷ୍ଟିକୋଣରୁ କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ଠାରୁ ପୂର୍ଣ୍ଣମୀ ପାଞ୍ଚଦିନ ମହାପଞ୍ଚକ। ପଞ୍ଚୁକର ଶେଷ ଦିନ କାର୍ତ୍ତିକ ପୂର୍ଣ୍ଣିମା। ଏହି ଦିନ ଡଙ୍ଗାଭସା ବା ବୋଇତ ବନ୍ଦାଣ କାର୍ଯ୍ୟ ସମାପନ ହୋଇଥାଏ।



# ରାମାୟଣ ଯୁଗର କଳା ଓ ବିଜ୍ଞାନ

ଇଂ ଯଜ୍ଞପ୍ରକାଶ ଦାସ

ସୃଷ୍ଟି ଆରମ୍ଭରୁ ଆଜି ପର୍ଯ୍ୟନ୍ତ ମାନବର ଭୌତିକ ସଭ୍ୟତାର ଅନେକ ବାର ଉତ୍ଥାନ ଓ ପତନ ଘଟିଛି। ବାଲ୍ମୀକିଙ୍କ ରଚିତ ରାମାୟଣ ମହାକାବ୍ୟ ପଢ଼ିଲେ ଜାଣିହୁଏ ଯେ ସେକାଳରେ ଆମ ଦେଶ କଳା ଓ ବିଜ୍ଞାନ କ୍ଷେତ୍ରରେ ଅତ୍ୟନ୍ତ ବିଭବଶାଳୀ ଥିଲା। ତାହାର କେତୋଟି ଦୃଷ୍ଟାନ୍ତ ଏଠାରେ ଉଲ୍ଲେଖ କରାଯାଉଛି:-

୧) ବାଳକାଣ୍ଡରେ ଉଲ୍ଲେଖ ଅଛି ଯେ ରାଜଧାନୀ ଅଯୋଧ୍ୟା ନଗରୀ ଅନେକ ପ୍ରକାର ଯନ୍ତ୍ର, ଅସ୍ତ୍ର ଓ କଳାଚାତୁର୍ଯ୍ୟରେ ପରିପୂର୍ଣ୍ଣ ଥିଲା:- "ସର୍ବଯନ୍ତ୍ରାୟୁଧବତୀମୁଷିତାଂ ସର୍ବଶିଳ୍ପିଭିଃ"।

୨) ଯୁଦ୍ଧକାଣ୍ଡରେ ବର୍ଣ୍ଣିତ ହୋଇଛି ଯେ ସମୁଦ୍ରରେ ସେତୁ ନିର୍ମାଣ ନିମନ୍ତେ ଯନ୍ତ୍ରଦ୍ୱାରା ହାତୀ ସମାନ ବଡ଼ ବଡ଼ ପଥର ବୁହାଯାଉଥିଲା - "ହସ୍ତିମାତ୍ରାନ୍ ମହାକାୟାଃ ପାଷାଣଂଶ୍ଚ ମହାବଳାଃ"।

୩) ହନୁମାନ ସୀତାଙ୍କ ଅନ୍ୱେଷଣରେ ଲଂକା ନଗରୀ ମଧ୍ୟରେ ପ୍ରବେଶକରି ଦେଖିଲେ ଯେ ନଗରୀ ରାତ୍ରିବେଳାରେ ମଧ୍ୟ ଆଲୋକରେ ଉଦ୍‌ଭାସିତ ହେଉଛି। ବିଦ୍ୟୁତ୍ କେନ୍ଦ୍ରରୁ ଉତ୍ପାଦିତ ଆଲୋକର ସମଗ୍ର ସହର ଦୀପ୍ତିମାନ - "ତାଂ ନଷ୍ଟତିମିରାଂ ଦୀପ୍ତୈଃ ଭାସ୍କରୈଃ ଚ ମହାଗୃହୈଃ"।

୪) ବିଭୀଷଣ ରାମଙ୍କୁ କହିଥିଲେ - "ହେ ରାମ! ଦିନର କିଛି ଘଣ୍ଟା ମଧ୍ୟରେ ମୁଁ ପୁଷ୍ପକ ବିମାନ ଦ୍ୱାରା ଆପଣଙ୍କୁ ଲଂକା ନଗରୀରୁ ଅଯୋଧ୍ୟା ନଗରୀରେ ପହଞ୍ଚାଇଦେବି।"

୫) ନରରାଷ୍ଟ୍ରରେ ରାଜଧାନୀ ଅଯୋଧ୍ୟା, ବାନର ରାଷ୍ଟ୍ରର ରାଜଧାନୀ କିଷ୍କିନ୍ଧା ଓ ରାକ୍ଷସ ରାଷ୍ଟ୍ରର ରାଜଧାନୀ ଲଂକା ନଗରୀରେ ବହୁତଳ ବିଶିଷ୍ଟ ପ୍ରାସାଦ, ବିସ୍ତୃତ ସଡ଼କ, ବିଦ୍ୟୁତ୍ ସରବରାହର ସୁବ୍ୟବସ୍ଥା ରାମାୟଣରେ କଥିତ ହୋଇଛି।

୬) ହନୁମାନ ମାତା ସୀତାଙ୍କୁ ଖୋଜିବାବେଳେ ଲଙ୍କା ନଗରୀରେ ସିଡ଼ିଦ୍ୱାରା ଭୂତଳ ନିର୍ମିତ ଏକ ବାସସ୍ଥଳୀରେ ପହଚିଂଲେ। ସେଠାରୁ ଉପରକୁ ଫେରିବା ସମୟରେ ସ୍ୱୟଂପ୍ରଭା ନାମ୍ନୀ ଜଣେ ନଗର ରକ୍ଷିକା କହିଲେ - "ସେହି ବିଦ୍ୟୁତ୍ ପଂଜରା (Lift) ବ୍ୟବହାର କରନ୍ତୁ। ଉପରକୁ ଉଠିବାବେଳେ ହନୁମାନ ଆଖି ବନ୍ଦକରିଦେଲେ - "ନିର୍ମଳୟତ୍ ଚକ୍ଷୂଂଷି ସର୍ବେ ବାନର ପୁଙ୍ଗବାଃ।"

୭) ରାବଣଙ୍କ ରାଜପ୍ରସାଦରେ ନାନାପ୍ରକାର ମଣିଯୁକ୍ତ ପଦାର୍ଥ ପରିପୂର୍ଣ୍ଣ ଥିଲା - "ହରିଶ୍ଚୟୈଶ୍ଚ ବିବିଧୈଃ ଭାଜନୈଃ ସ୍ଫଟିକୈରପି।"

୮) ବନବାସ ସମୟରେ ଋଷିପତ୍ନୀ ଅନସୂୟା ମାତା ସୀତାଙ୍କୁ କହିଥିଲେ - "ହେ ସୀତେ! ମୋର ଏହି ଅଙ୍ଗରାଗ ଓ ଅନୁଲେପନ ବ୍ୟବହାର କର।" ସେ କାଳରେ ବଜାରମାନଙ୍କରେ ମହିଳାମାନଙ୍କ ପାଇଁ ନାନାପ୍ରକାର ପ୍ରସାଧନ ସାମଗ୍ରୀ ମିଳୁଥିଲା।

୯) ସେ ଯୁଗରେ କୃତ୍ରିମ ଦାନ୍ତ ନିର୍ମିତ ହେଉଥିଲା। ରାମାୟଣରେ 'ଦନ୍ତକାରାଃ'ଙ୍କର ବର୍ଣ୍ଣନା ମିଳେ।


୧୦) ରାମାୟଣ କାଳରେ ଭେଷଜ ଓ ଆୟୁର୍ବେଦ ଚିକିତ୍ସା କ୍ଷେତ୍ରରେ ବୈଦ୍ୟମାନେ ଉତ୍କର୍ଷ ଲାଭ କରିଥିଲେ। ମୃତ ସଂଜୀବନୀ, ବିଶଲ୍ୟକରଣୀ, ସଂଧାନକରଣୀ ପରି ମହୌଷଧି ବ୍ୟବହୃତ ହେଉଥିଲା।

୧୧) ପର୍ବତକୁ କାଟିବା ପାଇଁ ବିସ୍ଫୋରକ ଯନ୍ତ୍ରର ପ୍ରୟୋଗ କରାଯାଉଥିଲା - "ବଜ୍ରାଗ୍ନି ସମସ୍ପର୍ଶୀ ଗିରିଣାମପି ଦରକାଃ"

୧୨) ଯୁଦ୍ଧରେ ବ୍ୟବହୃତ ହେଉଥିବା ଜଟିଳ ଅସ୍ତ୍ରଶସ୍ତ୍ରର ନାମ ରାମାୟଣରେ ଉଲ୍ଲେଖ ଅଛି :- ସଂତାପନ (ଶତ୍ରୁଠାରେ ଦାହ ଉତ୍ପାଦକ), ବିଳାପନ (ଶତ୍ରୁର ଆଖିରୁ ଲୁହ ବୁହାଇବା ଅସ୍ତ୍ର), ଶୋଷଣ (ଜଳକୁ ଅଳ୍ପ ସମୟରେ ନିଷ୍କାସନ କରୁଥିବା ଯନ୍ତ୍ର), ପ୍ରସ୍ୱାପନ (ଶୀଘ୍ର ନିଦ୍ରା ଆଣୁଥିବା ଯନ୍ତ୍ର), ସୌରାସ୍ତ୍ର (ଆଖିରୁ ଝଲସାଇ ଦେବା ଯନ୍ତ୍ର) ଇତ୍ୟାଦି।

ରାମାୟଣ ଯୁଗରେ କେବଳ ନୈତିକତାର ବିକାଶ ଘଟିନଥିଲା, ତା'ସହିତ ଭୌତିକ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ସେହି ସଭ୍ୟତା ଚରମ ସୀମାରେ ପହଞ୍ଚିଥିଲା। ପ୍ରଜାବତ୍ସଳତା, ରାଜନିୟମର ପାଳନ, ପିତୃଭକ୍ତି, ଭ୍ରାତୃପ୍ରେମ, କୃତଜ୍ଞତା ଅର୍ପଣ ସବୁ କ୍ଷେତ୍ରରେ ରାମାୟଣ ମନୁଷ୍ୟ ଜାତିର ଚିର ପଥପ୍ରଦର୍ଶକ ଗ୍ରନ୍ଥ ହୋଇରହିବ।

**ଉପମହାପ୍ରବଂଧକ,**
**ରାଉରକେଲା ଇସ୍ପାତ କାରଖାନା**
**ଦୂରଭାଷ -୮୮୯୫୫୦୦୪୫୪**



# ମହାକବି କାଳିଦାସ



ଡ ଶରତଚନ୍ଦ୍ର ମହାପାତ୍ର

ବିଶ୍ୱର ପ୍ରସିଦ୍ଧ କବିମାନଙ୍କ ମଧ୍ୟରେ କାଳିଦାସ ଅନ୍ୟତମ। ଜର୍ମାନ୍ କବି ଗେଟେ କାଳିଦାସଙ୍କ ରଚିତ 'ଅଭିଜ୍ଞାନ ଶାକୁନ୍ତଳମ୍' ନାଟକ ପାଠକରି ମୁଗ୍ଧ ହୋଇ ତାହାର ଭୂୟସୀ ପ୍ରଶଂସା କରିଛନ୍ତି। ସାର୍ ଉଇଲିୟମ୍ ଜୋନ୍ସ କାଳିଦାସଙ୍କୁ ଭାରତର 'ସେକ୍ସପିୟର' ବୋଲି କହିଛନ୍ତି। ତାଙ୍କ ରଚନାର ବୈଶିଷ୍ଟ୍ୟ ହେଉଛି ତାହା କ୍ଳିଷ୍ଟତା, କୃତ୍ରିମତା, ପୁନରୁକ୍ତିରୁ ମୁକ୍ତ, ନୈସର୍ଗିକ ପ୍ରତିଭାର ସ୍ୱଚ୍ଛନ୍ଦ ପରିପ୍ରକାଶରେ ତାହା ହୋଇଛି ଅତ୍ୟନ୍ତ ଆକର୍ଷଣୀୟ। ଚିରନ୍ତନ ମୂଲ୍ୟବୋଧ ଏହି ରଚନାଗୁଡ଼ିକରେ ଉଦ୍‌ଘୋଷିତ। କାଳିଦାସ ଥିଲେ ଭାରତୀୟ ସଂସ୍କୃତି ଓ ଆଦର୍ଶର ସଫଳ ବାର୍ତ୍ତାବହ।

କାଳିଦାସ ଭାରତୀୟ କବିମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଥିଲେ। ଏହା ନିମ୍ନୋକ୍ତ ଶ୍ଳୋକରେ ପ୍ରତିପାଦିତ ଯଥା:-

"ପୁରା କବୀନାଂ ଗଣନାପ୍ରସଙ୍ଗେ
କନିଷ୍ଠିକାଧିଷ୍ଠିତ- କାଳିଦାସଃ"।

ଆମେ କନିଷ୍ଠିକା ଅଙ୍ଗୁଳିରୁ ଗଣନା ଆରମ୍ଭ କରୁ। କାଳିଦାସଙ୍କ ସ୍ଥାନ କନିଷ୍ଠିକା ଅଙ୍ଗୁଳିରେ। ଏଣୁ ସେ ଶ୍ରେଷ୍ଠ କବି। କବିମାନଙ୍କ ମଧ୍ୟରେ ତାଙ୍କୁ ପ୍ରଥମ ସ୍ଥାନ ଦିଆଗଲା।

କାଳିଦାସଙ୍କ ଜୀବନ କାହାଣୀ ରହସ୍ୟାଚ୍ଛନ୍ନ। ସେ କେଉଁ ସମୟର କବି, ସେ କେବେ ଜନ୍ମଗ୍ରହଣ କରିଥିଲେ କେଉଁ ରାଜାଙ୍କ ସମୟର, ଏଭଳି ଅନେକ ପ୍ରଶ୍ନ ମନରେ ଆସିଥାଏ। ଐତିହାସିକମାନେ ଏହି ସମ୍ପର୍କରେ ସ୍ଥିର ସିଦ୍ଧାନ୍ତରେ ପହଞ୍ଚିପାରି ନାହାନ୍ତି। ବିଭିନ୍ନ ମତ ଆମେ ଦେଖିବାକୁ ପାଉ। ତେବେ ପ୍ରଚଳିତ ମତ ଯାହାକୁ ସାଧାରଣ ପାଠକମାନେ ନିଃସନ୍ଦେହରେ ଗ୍ରହଣ କରିଆସିଛନ୍ତି, ତାହା ହେଉଛି ଯେ ସେ ବିକ୍ରମାଦିତ୍ୟଙ୍କ ରାଜସଭାର ନବରତ୍ନଙ୍କ ମଧ୍ୟରୁ ଅନ୍ୟତମ। ବୋଧହୁଏ ସର୍ବଶ୍ରେଷ୍ଠ। ଐତିହାସିକମାନେ କହନ୍ତି ଏ ବିକ୍ରମାଦିତ୍ୟ ହେଉଛନ୍ତି ଗୁପ୍ତଯୁଗର ଦ୍ୱିତୀୟ ଚନ୍ଦ୍ରଗୁପ୍ତ। ଏଣୁ କାଳିଦାସ ପଞ୍ଚମ ଶତାବ୍ଦୀର କବି। ମାତ୍ର ଏହି ବିକ୍ରମାଦିତ୍ୟଙ୍କ ସମୟକୁ ନେଇ ବିଭିନ୍ନ ପ୍ରଶ୍ନଆସେ। କେତେକ କାଳିଦାସଙ୍କୁ ଖ୍ରୀ.ପୂ. ପ୍ରଥମ ଶତାବ୍ଦୀର ବୋଲି କହିଥାନ୍ତି। ଏଣୁ ଆମେ ଏଭଳି ପରିସ୍ଥିତି ଭିତରେ ଲୋକକଥା ଓ କିମ୍ବଦନ୍ତୀ ଉପରେ ନିର୍ଭର କରୁ। କିମ୍ବଦନ୍ତୀ ଇତିହାସ ନୁହେଁ। ଏହାର ସତ୍ୟାସତ୍ୟ ନିଶ୍ଚୟ କରିବା ସମ୍ଭବ ନୁହେଁ। ତେବେ ଗୋଟିଏ କଥା ସ୍ପଷ୍ଟ କରିଦେବା ଉଚିତ୍ ଯେ ସାଧାରଣ ପାଠକଗଣ ତାଙ୍କ କାବ୍ୟିକସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇଥାନ୍ତି। କାଳିଦାସଙ୍କ ସମ୍ପର୍କରେ ଉପରୋକ୍ତ ପ୍ରଶ୍ନ ଉପରେ ସେମାନେ ବିଶେଷ ଗୁରୁତ୍ୱ ଦେଇନଥାନ୍ତି। ସାଧାରଣ ପାଠକ ନିମ୍ନ ଶ୍ଳୋକକୁ ଲକ୍ଷ୍ୟକରି ଭାବନ୍ତି ଯେ ସେ ବିକ୍ରମାଦିତ୍ୟଙ୍କ ରାଜସଭାର କବି ଯଥା:-

"ଧନ୍ୱନ୍ତରି କ୍ଷପଣକାମରସିଂହ- ଶଙ୍କୁ-
ବେତାଳଭଟ୍ଟ- ଘଟକର୍ପର କାଳିଦାସାଃ।
ଖ୍ୟାତୋ ବରାହମହିରଃ ନୃପତେଃ ସଭାୟାମ୍
ରତ୍ନାନି ବୈ ବରରୁଚି ର୍ନବବିକ୍ରମସ୍ୟ।"

କାଳିଦାସଙ୍କ ଜନ୍ମସ୍ଥାନ କେଉଁଠି ? ଏଭଳି ଏକ ପ୍ରଶ୍ନମଧ୍ୟ ଆସେ। 'ମେଘଦୂତରେ' କାଳିଦାସ ଉଜ୍ଜୟିନୀର ଅତିସୁନ୍ଦର ବର୍ଣ୍ଣନା କରିଛନ୍ତି। ଏଣୁ କେତେକଙ୍କ ମତରେ ସେ ଉଜ୍ଜୟିନୀର। କେତେକଙ୍କ ମତରେ ସେ ଉତ୍କଳର। ରଘୁବଂଶରେ ସେ କଳିଙ୍ଗ ଉତ୍କଳର ଚମତ୍କାର ବର୍ଣ୍ଣନା କରିଛନ୍ତି। ଅନ୍ୟ କେତେକଙ୍କ ମତରେ ସେ ଗୌଡ଼ ଦେଶର। ପୁଣି ଅନ୍ୟ କେତେକ କହନ୍ତି ସେ କାଶ୍ମୀରର। ଆମର ମତ ହେଉଛି ସେ ସମଗ୍ର ଭାରତବର୍ଷର କବି। ଭାରତବର୍ଷ ଥିଲା ତାଙ୍କ ସାଧନାର ଭୂମି। ଭାରତବର୍ଷର ଗିରିକାନ୍ତାର, ସାଗର ସରିତ, ଅରଣ୍ୟାନି ତାଙ୍କ ଅମର ତୂଳିକାର ବର୍ଣ୍ଣ ବୈଭବରେ ହୋଇଛି ମନୋହର, ମାଧୁର୍ଯ୍ୟମଣ୍ଡିତ, ମହିମାନ୍ୱିତ। ତାଙ୍କ ରଚନା ଚାତୁରୀ ପାଠକର ପ୍ରାଣରେ ସୃଷ୍ଟିକରେ ଆନନ୍ଦ ଓ ବିସ୍ମୟ। ଏହାର ସନ୍ଦେଶ ସାର୍ବଜନୀନ, ସାର୍ବକାଳିକ।

କିମ୍ବଦନ୍ତୀ ଅନୁଯାୟୀ କାଳିଦାସଙ୍କ ଜନ୍ମ ଏକ ବ୍ରାହ୍ମଣ ପରିବାରରେ ହୋଇଥିଲା। ପିତାଙ୍କ ନାମ ସଦାଶିବ ଓ ମାତାଙ୍କ ନାମ ଶାନ୍ତାଦେବୀ। ପିଲାଦିନେ ସେ ପାଠପଢ଼ାରେ ମନ ଦେଲେ ନାହିଁ। କୁସଙ୍ଗରେ ମିଶିଥିଲେ। ପିତାଙ୍କ ମୃତ୍ୟୁ ପରେ ସେ ହେଲେ ମାତାଙ୍କ ପାଇଁ ବୋଝ ସଦୃଶ। ଯୌବନରେ ମଧ୍ୟ ତାଙ୍କର ପ୍ରକୃତିରେ ପରିବର୍ତ୍ତନ ହେଲାନାହିଁ। ତେବେ ଏହି ସମୟରେ ଏଭଳି ଏକ ଘଟଣା ଘଟିଲା ଯାହା ତାଙ୍କ ଜୀବନର ଗତିପଥ ବଦଳାଇ ଦେଲା। ଗୌଡ଼ ଦେଶର ରଜକନ୍ୟା ବିଦ୍ୟାବତୀ ଥିଲେ ସୁନ୍ଦରୀ ଓ ସୁପଣ୍ଡିତା। ତାଙ୍କର ପଣ ଥିଲା ଯେ ସେ ସେହି ବ୍ୟକ୍ତିକୁ ପତି ରୂପେ ବରଣ କରିବେ ଯିଏ ତାଙ୍କୁ ବିଦ୍ୟାରେ ପରାସ୍ତ କରିପାରିବ। ତେବେ ତାଙ୍କୁ କେହି ପରାସ୍ତ କରିପାରୁନଥିଲେ। ତାଙ୍କଠାରୁ ବିଦ୍ୟାରେ ହାରିଯାଇଥିବା କେତେକ ପଣ୍ଡିତ ତାଙ୍କ ଉପରେ ଦାଉ ସାଧିବାକୁ କୌଶଳ କରି ତାଙ୍କୁ କାଳିଦାସଙ୍କ ସଙ୍ଗେ ବିବାହ କରାଇଦେଲେ। ତାଙ୍କ ମନରେ ଏହି ଧାରଣା ସୃଷ୍ଟି କରାଇଥିଲେ ଯେ କାଳିଦାସ ଜଣେ ମହାପଣ୍ଡିତ। କିନ୍ତୁ ପରେ ବିଦ୍ୟାବତୀ

ଜାଣିପାରିଲେ ଯେ ସେ ପ୍ରତାରିତା ହୋଇଛନ୍ତି। କାଳିଦାସ ଉଷ୍ଟ୍ର ଶବ୍ଦକୁ ମଧ ଠିକ୍ ଭାବରେ ଉଚ୍ଚାରଣ କରିପାରିନଥିଲେ। ଏଣୁ ବିଦ୍ୟାବତୀଙ୍କ ଦ୍ୱାରା ସେ ଭର୍ତ୍ସିତ ହେଲେ। ସ୍ତ୍ରୀଙ୍କ ଦ୍ୱାରା ସେ ଏଭଳି ଅପମାନିତ ହେଲେ ଯେ ସେ ଆତ୍ମହତ୍ୟା କରିବାକୁ ଭାବିଥିଲେ। ତେବେ ପରେ ସେ ସ୍ଥିର କଲେ ଯେ ବାଗ୍‌ଦେବୀଙ୍କର ଉପାସନାକରି ପାଣ୍ଡିତ୍ୟ ଲାଭ କରିବେ। ତାଙ୍କ ଜୀବନ ହୋଇଉଠିଲା ସାଧନାମୟ। ସାଧନାରେ ସିଦ୍ଧିଲାଭ କଲେ। ଏହାଫଳରେ ସେ ଲାଭ କଲେ ଅସାଧାରଣ ପାଣ୍ଡିତ୍ୟ। ସରସ୍ୱତୀଙ୍କ କୃପାଲାଭ କରି ସେ ଅନନ୍ୟ କବି ପ୍ରତିଭାର ଅଧିକାରୀ ହେଲେ। ଏହାପରେ ସେ ବିଭିନ୍ନ ସ୍ଥାନ ପରିଭ୍ରମଣ କରି ପରିଶେଷରେ ସେ ପତ୍ନୀ ବିଦ୍ୟାବତୀଙ୍କ ଭବନ ନିକଟରେ ପହଞ୍ଚି ଦ୍ୱାର ଠକ୍ ଠକ୍ କରି କହିଲେ, "ଦ୍ୱାରଂ ଉଦ୍‌ଘାଟୟ" (ଦ୍ୱାରଖୋଲ)। ବିଦ୍ୟାବତୀ ପଚାରିଲେ ଯେ, 'କଥଂ' (କାହିଁକି)। କାଳିଦାସ ଉତ୍ତରଦେଲେ, 'ଅସ୍ତି କଶ୍ଚିତ୍ ବାଗ୍ ବିଶେଷଃ' (ବିଶେଷ କଥା କହିବାର ଅଛି) ବିଦ୍ୟାବତୀ ଦ୍ୱାର ଖୋଲିଲେ ଓ ସ୍ୱାମୀଙ୍କୁ ସାଦର ଗ୍ରହଣ କଲେ।

ପରେ କାଳିଦାସ, 'ଅସ୍ତି' ଶବ୍ଦକୁ ନେଇରଚନା କଲେ କୁମାର ସମ୍ଭବ, ଯଥା- "ଅସ୍ତ୍ୟୁତ୍ତରସ୍ୟାଂ ଦିଶି ଦେବତାତ୍ମା" ରୁ ଏହା ଆରମ୍ଭ ସେହିଭଳି 'କଶ୍ଚିତ୍' ଶବ୍ଦକୁ ନେଇ ମେଘଦୂତ ଏହାର ଆରମ୍ଭ। 'କଶ୍ଚିତ୍ କାନ୍ତା ବିରହଗୁରୁଣା' ରୁ ସେହିଭଳି 'ବାଗ୍ ବିଶେଷଃ' ରୁ ରଘୁବଂଶର ଆରମ୍ଭ ଯଥା:- 'ବାଗର୍ଥାବିବ ସଂପୃକ୍ତୌ।'

ଆମେ ମୂଳରୁ କହିଆସୁଛେ ଯେ, ଏସବୁ କିମ୍ବଦନ୍ତୀ ଉପରେ ଆଧାରିତ। ଏହାର ସତ୍ୟାସତ୍ୟ ନିର୍ଣ୍ଣୟ ସମ୍ଭବ ନୁହେଁ। ପୁନଶ୍ଚ ଉପରୋକ୍ତ ଘଟଣା ବିଭିନ୍ନ ପୁସ୍ତକରେ ବିଭିନ୍ନ ଭାବେ ବର୍ଣ୍ଣନା କରାଯାଇଛି।

କାଳିଦାସ ଅନେକ ପୁସ୍ତକ ରଚନା କରିଛନ୍ତି ବୋଲି ଶୁଣାଯାଏ। ମାତ୍ର ଯେଉଁଗୁଡ଼ିକ ସେ ନିଶ୍ଚିତ ଭାବରେ ରଚନା କରିଛନ୍ତି ବୋଲି ସମସ୍ତେ ଏକମତ ସେମାନେ ହେଲେ ଚାରିଗୋଟି କାବ୍ୟ ଯଥା:- 'ରଘୁବଂଶ', 'କୁମାରସମ୍ଭବ', 'ମେଘଦୂତ' ଓ 'ଋତୁସଂହାର'। ପୁନଶ୍ଚ ନାଟକ ହେଲା :- 'ଅଭିଜ୍ଞାନ ଶାକୁନ୍ତଳ', 'ମାଳବିକାଗ୍ନି ମିତ୍ର', 'ବିକ୍ରମୋର୍ବଶୀୟ'।

କୁମାରସମ୍ଭବର ବିଷୟବସ୍ତୁ ହେଉଛି ଯେ ତାରକାସୁର ଅତ୍ୟାଚାରରେ ସ୍ୱର୍ଗର ଦେବତାଗଣ ଭୟଭୀତ ହୋଇପଡ଼ିଲେ। ଶେଷରେ ସେମାନେ ନିଜର ଦୁଃଖ ବ୍ରହ୍ମାଙ୍କୁ ଜଣାଇଲେ। ବ୍ରହ୍ମା ଆଶ୍ୱାସନା ଦେଇ କହିଲେ ଯେ ତପସ୍ୟାରତ ଶିବଙ୍କୁ ପର୍ବତ କନ୍ୟା ପାର୍ବତୀ ବିବାହ କରିବେ। ଜନ୍ମହେବେ କାର୍ତ୍ତିକେୟ (କୁମାର)। ସେହି ବଧ କରିବେ ତାରକାସୁରଙ୍କୁ। ଏଣୁ କୁମାରସମ୍ଭବରେ ଦେଖୁ ହିମାଳୟର ବର୍ଣ୍ଣନା, ପାର୍ବତୀଙ୍କର ଜନ୍ମ। ପାର୍ବତୀ ନିଜର ସୌନ୍ଦର୍ଯ୍ୟ ଦ୍ୱାରା ଶିବଙ୍କୁ ବିମୋହିତ କରିପାରିଲେନି। ବରଂ କନ୍ଦର୍ପ ଭସ୍ମୀଭୂତ ହୋଇଗଲା। ରତି ବିଳାପ ଅତୀବ ପ୍ରାଣସ୍ପର୍ଶୀ। ଏହାପରେ ପାର୍ବତୀ କଠୋର ତପସ୍ୟାକରି ଶିବଙ୍କୁ ସନ୍ତୁଷ୍ଟ କରିପାରିଲେ। ଫଳରେ ସମ୍ଭବ ହେଲା ଶିବ ପାର୍ବତୀଙ୍କ ମିଳନ। ବିଧାତା ଯାହା କହିଥିଲେ ସେଭଳି ସବୁ ଘଟିଗଲା।

ସେହିଭଳି 'ରଘୁବଂଶ'ରେ ରହିଛି ରଘୁବଂଶର ପ୍ରସିଦ୍ଧ ନରପତିମାନଙ୍କର ଗୌରବମୟ କାହାଣୀ। କୁହାଯାଏ ଏହା କାଳିଦାସଙ୍କର ଶ୍ରେଷ୍ଠକାବ୍ୟ। ଏଥିରେ ବର୍ଣ୍ଣନା କରାଯାଇଛି ଦିଲୀପଙ୍କର ନିଷ୍ଠାର ସହ ଗୋସେବା, ଏପରିକି ଜୀବନ ଉତ୍ସର୍ଗ ପାଇଁ ପ୍ରସ୍ତୁତି। ପୁଣି ରଘୁଙ୍କର ଦିଗ୍‌ବିଜୟ ଓ ଦାନଶୀଳତା, ଶ୍ରୀରାମଙ୍କର ଅନନ୍ୟ ପିତୃଭକ୍ତି ଓ ମାତା ଜାନକୀଙ୍କର ଅସାଧାରଣ ପାତିବ୍ରତ୍ୟ। ସେହିପରି ବିରହୀ ଯକ୍ଷର ହୃଦୟର ବେଦନା ଓ ବ୍ୟାକୁଳତାର ପରିପ୍ରକାଶ ଦେଖୁ 'ମେଘଦୂତ'ରେ ପୁନଶ୍ଚ ଏଥିରେ ଦେଖୁ ପ୍ରକୃତିର ବିଚିତ୍ର ବର୍ଣ୍ଣ ସଂହାର ଓ ଭାରତର ମନୋଜ୍ଞ ଚିତ୍ର। ରମଣୀୟ ନଗରୀମାନଙ୍କର ସମୃଦ୍ଧି ଓ ସୌନ୍ଦର୍ଯ୍ୟର ବର୍ଣ୍ଣନା ଆମେ ଦେଖୁ।

ଚରିତ୍ର ଚିତ୍ରଣରେ କାଳିଦାସ ଥିଲେ ସିଦ୍ଧହସ୍ତ। 'ଉପମା' ପ୍ରୟୋଗରେ ଅଦ୍ୱିତୀୟ। ତାଙ୍କ ରଚନାରେ ସୌନ୍ଦର୍ଯ୍ୟବୋଧ ସହିତ ନୀତିଶିକ୍ଷାର ଅପୂର୍ବ ସମାହାର ଘଟିଛି। ସେସବୁ ଅତ୍ୟନ୍ତ ଶିକ୍ଷାପ୍ରଦ। ପ୍ରବନ୍ଧର ସୀମିତ ପରିସର ମଧ୍ୟରେ ଦୁଇତିନୋଟି ଉଦାହରଣ ଦିଆଯାଇପାରେ।

ସ୍ୱାସ୍ଥ୍ୟ ହେଉଛି ଆମର ସମ୍ପଦ। ଧର୍ମ କରିବା କିନ୍ତୁ ସ୍ୱାସ୍ଥ୍ୟକୁ ନଷ୍ଟ ନକରି। ଶିବଙ୍କୁ ପତି ରୂପରେ ଲାଭ କରିବାକୁ ପାର୍ବତୀ ଯେବେ କୃଚ୍ଛ ସାଧନାରେ ନିମଗ୍ନ ଥିଲେ ଶିବ ଗୋଟିଏ ବ୍ରହ୍ମଚାରୀ ବେଶରେ ଆସି ତାଙ୍କୁ ଉପଦେଶ ଛଳରେ କହିଛନ୍ତି ଯେ, ନିଜର ଶକ୍ତି ଅନୁଯାୟୀ ତପସ୍ୟା କରିବା ଉଚିତ୍। ଆଗ ଶରୀର, ତା'ପରେ ଧର୍ମ ସାଧନା। 'ଅପି ସ୍ୱଶକ୍ତ୍ୟା ତପସି ପ୍ରବର୍ତ୍ତସେ, ଶରୀରମାଦ୍ୟଂ ଖଳୁ ଧର୍ମସାଧନମ୍'।

ପୁନଶ୍ଚ ଆମର ଦୃଷ୍ଟି ସକାରାତ୍ମକ ହେବା ଉଚିତ୍। ଯେଉଁଠାରେ ଅନେକ ମହତ୍ ଗୁଣଅଛି ସେଠାରେ କେଉଁଠି ଟିକିଏ ଦୋଷ ରହିଗଲା। ତାକୁ ଆମେ ଭୁଲିଯାଉ। ଦୋଷଦର୍ଶୀ ହେବା ଉଚିତ୍ ନୁହେଁ। ପୁନଶ୍ଚ ଏ ସଂସାରରେ କେହି ସ୍ୱୟଂସିଦ୍ଧ ନୁହଁନ୍ତି। ସବୁଠାରେ ଦୋଷଗୁଣ ରହିଛି। ଯେଉଁଠାରେ ଗୁଣର ମାତ୍ରା ଅଧିକ ତାକୁ ଆମେ ପସନ୍ଦ କରିଥାଉ। ହିମାଳୟରେ ଅନନ୍ତ ରତ୍ନ ରହିଅଛି। ତେବେ 'ହିମ' ଦୋଷଟି ରହିଛି। କିନ୍ତୁ ଏ ଦୋଷ ତାହାର ସୌଭାଗ୍ୟକୁ ବିଲୋପ କରିପାରେନା। ଗୁଣରାଶି ମଧ୍ୟରେ ଏକମାତ୍ର ଦୋଷ ଲୁଚିଯାଏ। ଚନ୍ଦ୍ର ଅତି ସୁନ୍ଦର। କିନ୍ତୁ ଏଥିରେ କଳଙ୍କ ଚିହ୍ନ ରହିଛି। କିନ୍ତୁ ଏହା ଚନ୍ଦ୍ରର ଜ୍ୟୋତ୍ସ୍ନା ଭିତରେ ଲୁଚିଯାଇଥାଏ। ଏହାକୁ ଲକ୍ଷ୍ୟକରି କାଳିଦାସ 'କୁମାରସମ୍ଭବମରେ କହିଛନ୍ତି-

"ଅନନ୍ତ ରତ୍ନ ପ୍ରଭବସ୍ୟ ଯସ୍ୟହିମଂ ନ ସୌଭାଗ୍ୟ ବିଲୋପି ଯାତନମ୍,
ଏକୋହି ଦୋଷୋ ଗୁଣ ସନ୍ନିପାତେ ନିମଜ୍ଜତୀନ୍ଦୋଃ କିରଣେଷ୍ୱିବାଙ୍କଃ।"

ସେହିପରି ଆମେ କହିଥାଏ "ବିଦ୍ୟା ଦଦାତି ବିନୟମ୍"। ବିଦ୍ୟା ବିନୟ ଭାବ ଦେଇଥାଏ। ଏହାର ଉଦାହରଣ କାଳିଦାସ ନିଜେ 'ରଘୁବଂଶ' କାବ୍ୟର ଆରମ୍ଭରେ ସେ କହିଛନ୍ତି କବି ଭାବରେ ଖ୍ୟାତି ଲାଭ କରିବାକୁ ସେ ଯେଉଁ ପ୍ରୟାଶ କରିଛନ୍ତି ତାହା ବାମନର ଉଚ୍ଚ ଡ଼ାଳରେ ଥିବା ଫଳକୁ ଧରିବା ପାଇଁ ହାତ ବଢ଼ାଇବା କଥା। ସେ ଉପହାସର ପାତ୍ର ହେବେ ମାତ୍ର

ବିଶ୍ୱ ପ୍ରସିଦ୍ଧ କବିଙ୍କଠାରେ ବିନମ୍ର ଭାବ। ଶ୍ଳୋକଟି ହେଉଛି, "ମନ୍ଦଃ କବି ଯଶଃ ପ୍ରାର୍ଥୀ ଗମିଷ୍ୟାମ୍ୟୁପହାସ୍ୟତାମ୍ ପ୍ରାଂଶୁଲଭ୍ୟେ ଫଳେ ଲୋଭାଦୁଦ୍‌ବାହୁରିବ ବାମନଃ"।

"ଅଭିଜ୍ଞାନ ଶାକୁନ୍ତଳମ୍" ନାଟକରେ କାଳିଦାସ ସୂଚାଇଛନ୍ତି ଯେ, ଆମେ ବୃକ୍ଷମାନଙ୍କର ଯତ୍ନ ନେବା ଉଚିତ୍। ସେମାନେ ଆମର ମିତ୍ର। ତାଙ୍କର କ୍ଷତି କରିବା ଉଚିତ୍ ନୁହେଁ। ନିମ୍ନ ଶ୍ଳୋକରେ ଏହା କୁହାଯାଇଛି, ଯଥା:-

"ପାତୁଂ ନ ପ୍ରଥମଂ ବ୍ୟବସ୍ୟତି ଜଳଂ
ଯୁଷ୍ମାସ୍ୱପୀତେଷ୍ଟୁ ଯା
ନା ଦତ୍ତେ ପ୍ରିୟମଣ୍ଡନାଂପି ଭବତାଂ
ସ୍ନେହେନ ଯା ପଲ୍ଲବମ୍।।"

ପତିଗୃହକୁ ଯିବାପାଇଁ ଶକୁନ୍ତଳା ଆଶ୍ରମରୁ ବିଦାୟ ନେବା ସମୟରେ କଣ୍ୱମୁନି ବୃକ୍ଷମାନଙ୍କୁ ସମ୍ବୋଧନ କରି କହିଛନ୍ତି, "ହେ, ତରୁଗଣ, ଶକୁନ୍ତଳା ତୁମମାନଙ୍କୁ ଜଳନଦେଇ କଦାପି ଜଳ ଗ୍ରହଣ କରେନାହିଁ, ଭୂଷଣ ରଙ୍କୁଣୀ ହେଲେ ମଧ୍ୟ ତୁମମାନଙ୍କ ପ୍ରତି ସ୍ନେହ ବଶତଃ ପତ୍ରଟିଏ ବି ଛିଣ୍ଡାଏ ନାହିଁ। ପ୍ରଥମ ପୁଷ୍ପ ବିକଶିତ ହେଲେ ଉତ୍ସବ ପାଳନ କରିଥାଏ। ସେହି ଶକୁନ୍ତଳା ଆଜି ପତିଗୃହକୁ ଯାଉଅଛି, ବିଦାୟ ଦିଅ।"

କାଳିଦାସଙ୍କର ଅମରକୃତି ପରବର୍ତ୍ତୀ କବିମାନଙ୍କୁ ଉତ୍ସାହିତ କରିଛି, ପ୍ରେରଣା ଦେଇଛି। ଓଡ଼ିଶାର ବରେଣ୍ୟ କବି ଗଙ୍ଗାଧର ମେହେରଙ୍କ ଭାଷାରେ:-

"ଜୟ ବେଦବ୍ୟାସ ଜୟ କାଳିଦାସ
ଭାରତୀ ପ୍ରିୟ ନନ୍ଦନ
ତୁମ୍ଭେ ଜ୍ଞାନଗୁରୁ କବି ମଣ୍ଡଳୀର
ଲଲାଟ ଶୋଭିଚନ୍ଦନ।
ଯେଉଁପଥେ ଗମି ଭ୍ରମିଛ ଗୁରୁ ହେ
ଭାରତୀ କୁସୁମ ବନେ,
ସେହିପଥେ ଗମି ତୋଳିବି କୁସୁମ
ପଡ଼ିବ ଯାହା ନୟନେ।"

ମେହେର ପୂର୍ବସୂରୀମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ପାଇଁ କାଳିଦାସଙ୍କଠାରୁ ହୁଏତ ପ୍ରେରଣା ଲାଭ କରିଛନ୍ତି। କାଳିଦାସ କହିଛନ୍ତି ଯେ, ମଣିଭେଦଙ୍କ ଛୁଞ୍ଚ ମଣିରେ ଛିଦ୍ର ସୃଷ୍ଟି କଲାପରେ ସୁତା ସହଜରେ ସେହିବାଟେ ଯାଇଥାଏ। ସେ ସେହିପରି ପୂର୍ବସୂରୀମାନଙ୍କ ପ୍ରଦର୍ଶିତ ପଥରେ ସହଜରେ ଅଗ୍ରସର ହୋଇପାରିବେ, ଯଥା:- "ଅଥବା କୃତ ବାଗ୍‌ଦ୍ୱାରେ ବଂଶେଽସ୍ମିନ୍ ପୂର୍ବସୂରିଭିଃ,

ମଣୌ ବଜ୍ରସମୁତ୍କୀର୍ଣ୍ଣେ ସୂତ୍ରସ୍ୟେବାସ୍ତି ମେ ଗତିଃ।

ଧନ୍ୟ କାଳିଦାସ। କାଳଜୟୀ ତାଙ୍କର ରଚନା। ସେ ଭାରତର ଗର୍ବ ଓ ଗୌରବ। ସେ ଚିର ନମସ୍ୟ।

ମଙ୍ଗଳା ନଗର,ଖୋରଧା
ଦୂରଭାଷା - ୮୮୯୫୫୯୬୬୭୪



# ଭାବଗ୍ରାହୀ

**ବାବାଜୀ ଚରଣ ଜେନା**

ସଂଜ ସକାଳରେ ପୂଜୁଅଛି ନାଥ
ଭକତି ଦୀପାଳୀ ଜାଳି,
ଲାଗୁଛି ଯେମିତି ଚାହୁଁଅଛ ମୋତେ,
ଚକାଆଖି ତୁମ ମେଲି
ସଂଜ ସକାଳରେ ...........(୦)

ଶୁଣିଛି ଠାକୁରେ ଭାବେ ବନ୍ଧା ତୁମେ
ଅଭାବରେ ରୁହ ନାହିଁ,
ସେଇ ଭାବ ଟିକ ଥାଉ କାଳ କାଳ
ଆଉ କିଛି ଲୋଡ଼ାନାହିଁ,
ଯାହାବି ଦେଇଛ ଭଲରେ ମୁଁ ଅଛି
ଆହେ ପ୍ରଭୁ ବନମାଳୀ,
ସଂଜ ସକାଳରେ ..........(୧)

ପୁଜାବିଧି କିଛି ଜାଣିନାହିଁ ପ୍ରଭୁ
ସଜ ଫୁଲେ ସଜାଇଛି,
ଶାଗ, ମୁଗ ଯାହା ଘରେ ଅଛି ମୋର
ଶରଧାରେ ବାଢ଼ିଅଛି,
ଘେନାକର ମୋର ଭକ୍ତି ନୈବେଦ୍ୟ
ଏତିକି ମୋହରି ଅଳି,
ସଂଜ ସକାଳରେ .......... (୨)

ପୋପରଡ଼ା, ନୂଆବଜାର, କଟକ-୪
ଦୂରଭାଷ - ୯୪୩୭୮୩୪୭୧୯

# ଆମ ଗୁଣ ଓ ଦୋଷ



ତୁଳସୀ ଜୈନ

ଅନନ୍ତକାଳର ପ୍ରବାହ ଓ ସଭ୍ୟତାର ବିବର୍ତ୍ତନ ଦେଇ ବିଶ୍ୱ ନିରନ୍ତର ଗତି କରିଚାଲିଛି । ସୃଷ୍ଟିର ସଂରଚନା କାଳରୁ ଜୀବ କୌଣସି ରୂପରେ ଜନ୍ମ ନେଉଛି, ଆୟୁଷ ପୂର୍ଣ୍ଣକରି ମୃତ୍ୟୁ ବରଣ କରୁଛି । ପୁନରପି ଜନନଂ ପୁନରପି ମରଣଂ ପୁନରପି ଜନନୀ ଜଠରେ ଶୟନମ୍ - ଆତ୍ମବାଦୀ ଭାରତୀୟ ମନୀଷାର ଏହା ସାଧନାସିଦ୍ଧ ନିଷ୍କର୍ଷ। ଜନ୍ମଜନ୍ମର ସଂଚିତ ସଂସ୍କାର ସହ ନିଜସ୍ୱ ଜିନ୍ ମିଶି ଆମ ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ନିର୍ମାଣ କରିଥାନ୍ତି। ଯାହା ବିଜ୍ଞାନ ସମ୍ମତ। ମା ଗର୍ଭରୁ ଜାତ ପ୍ରତ୍ୟେକ ମଣିଷକୁ ମାନବ ହେବା ପାଇଁ ପ୍ରଲମ୍ବ ଯାତ୍ରା କରିବାକୁ ହୋଇଥାଏ। ବ୍ୟକ୍ତିତ୍ୱର ରୂପାନ୍ତରଣ ଓ ପରିଶୋଧନ କରିବାର ପ୍ରଚେଷ୍ଟା ଯୁଗଯୁଗରୁ ହୋଇଆସୁଛି। ଏହି ପ୍ରଚେଷ୍ଟା ଓ ଯାତ୍ରା ଏକ ମହାନ ସଂସ୍କୃତିର ମୂଳଦୁଆ ସ୍ଥାପନ କରନ୍ତି ଯାହା ସହସ୍ର ବର୍ଷର ପରୀକ୍ଷା ନିରୀକ୍ଷା ଓ ତପସ୍ୟାଦ୍ୱାରା ଫଳୀଭୂତ ହୁଏ। ଏହି ସଂସ୍କୃତି ଶାଶ୍ୱତ ଓ ଅପରିବର୍ତ୍ତନୀୟ। ଲୋକ ସଂସ୍କୃତି ବା ପରଂପରା ପରିବର୍ତ୍ତନଶୀଳ ଏହା ମାନିବାରେ ଆପତ୍ତି ନାହିଁ।

ଭାରତ ମାଆର କୋଳରେ ଜନ୍ମ ନେବା ଆମ ସୌଭାଗ୍ୟ। ଜଗଦ୍‌ଗୁରୁ ଆମ ସଂସ୍କୃତି। ଧର୍ମ ଆମର ସନାତନ। ଗୌରବଶାଳୀ ଐତିହ୍ୟ ଓ ଜୀବନ୍ତ ପରଂପରା ଆମ ଚଲାପଥକୁ ଭାସ୍ୱର କରିଚାଲିଛନ୍ତି। ଏଠାରେ ପିତାଙ୍କ ବାକ୍ୟକୁ ସତ୍ୟସିଦ୍ଧ କରିବାକୁ ଯାଇ ପୁଅ ରାଜମୁକୁଟ ପରିତ୍ୟାଗ କରି ବଲ୍‌କଲ ଧାରଣ କରିଥାଏ। ରାଜ ପ୍ରାସାଦ ସୁଖ ସମୃଦ୍ଧି ତ୍ୟାଗକରି ଚଉଦବର୍ଷ ବଣ ଜଂଗଲରେ ବୁଲି ସାଦରେ କଷ୍ଟକୁ ଆମନ୍ତ୍ରିତ କରିଥାଏ। ଭାଇ ବିନା କାହାରି ନିର୍ଦ୍ଦେଶ କେବଳ କର୍ତ୍ତବ୍ୟର ଆହ୍ୱାନରେ ଭାଇ ସହିତ ବନଗମନ ପୂର୍ବକ ଜିତେନ୍ଦ୍ରିୟ ହୋଇ ନିର୍ବିକାର ଭାବରେ ଭ୍ରାତୃ ସେବା କରିଛି। ଅନ୍ୟ ଜଣେ ଭାଇ, ମାତାଙ୍କ ଷଡ଼ଯନ୍ତ୍ର ଦ୍ୱାରା ମିଳିଥିବା ରାଜତିଳକକୁ ପ୍ରତ୍ୟାଖ୍ୟାନ କରି ଅଗ୍ରଜଙ୍କ ଚରଣପାଦୁକାକୁ ସିଂହାସନ ସ୍ଥିତକରି ଚଉଦବର୍ଷ ପର୍ଯ୍ୟନ୍ତ ନନ୍ଦୀଗ୍ରାମରେ ଯତିର ଜୀବନ ଯାପନ କରିଛି। ଏହି ସଂସ୍କୃତିରେ ପତ୍ନୀ ନିଜ ସତୀତ୍ୱର ପରାକାଷ୍ଠା ଦେଖାଇ ଅଗ୍ନିସ୍ନାନ କରିପାରେ। ବାପାଙ୍କ କାମନା ତୃପ୍ତ କରିବାକୁ ଯାଇ ପୁତ୍ର ଆଜନ୍ମ ବ୍ରହ୍ମଚର୍ଯ୍ୟ ସ୍ୱୀକାର କରିପାରେ। ସତ୍ୟରକ୍ଷା ପାଇଁ ନିଜକୁ ତଥା ପତ୍ନୀ ଓ ପୁଅକୁ ବଜାରରେ ବିକ୍ରୟ କରି ହସିହସି ଦାସତ୍ୱର ବରଣ କରିଛନ୍ତି ମହାରାଜ ହରିଶ୍ଚନ୍ଦ୍ର।

ଏହି ପବିତ୍ର ପରିବେଶରେ କଠୋର ସାଧନା କରି ବର୍ଦ୍ଧମାନ, ମହାବୀରରେ ପରିଣତ ହୋଇ ଅହିଂସାର କାଳଜୟୀ ବ୍ୟାଖ୍ୟା କରିଛନ୍ତି। ରାଜକୁମାର ଗୌତମ ବୁଦ୍ଧତ୍ୱ ପ୍ରାପ୍ତ କରିଛନ୍ତି। ରାଜନୀତି ବିଶାରଦ ଓ ଅର୍ଥଶାସ୍ତ୍ରର ଜନକ ମହାମାତ୍ୟ ଚାଣକ୍ୟ ବ୍ୟକ୍ତିଗତ ଓ ସାର୍ବଜନିକ ସଂପତ୍ତି ମଧ୍ୟରେ ସ୍ପଷ୍ଟ ଭେଦରେଖା ଟାଣି ନିଜେ ଚିରା ଚାଦର ଓଢ଼ି ଭୂମିରେ ଶୋଇଛନ୍ତି। ଅଥଚ ଆରଦିନ ସକାଳେ ବିତରିତ ହେବାକୁ ଥିବା ନୂଆ କମ୍ବଳ ହଜାର ସଂଖ୍ୟାରେ ତାଙ୍କ କୁଟୀର ସାମନାରେ ଥୁଆ ହୋଇଛି । ଏହା ଆଦର୍ଶ ପ୍ରସ୍ତୁତ କରିଥାଏ ଯେ ରାଜା ଓ ମନ୍ତ୍ରୀମାନେ ଜନତାର ସ୍ୱାମୀ ନୁହନ୍ତି ସେବକ ମାତ୍ର। ଏଠାରେ ଜନନୀ ନିଜ ମାଂସ ପିଣ୍ଡୁଳାକୁ (ଯାହାଠାରେ ଚେତନା ନାଆଁରେ କେବଳ ଧକ୍ ଧକ୍ କରୁଥିବା ହୃତ ସ୍ପନ୍ଦନ ବ୍ୟତୀତ ଆଉ କୌଣସି ସତ୍‌ତା ନାହିଁ ) ସ୍ନେହରେ ଲାଳନପାଳନ କରି ଜୀବିତ ରଖିବାର ଚେଷ୍ଟା କରିଥାଏ। ଗର୍ଭସ୍ଥ ଭ୍ରୁଣ କନ୍ୟା ହୋଇଥିବା ଜାଣି ମାକୁ ଡ଼ାହାଣୀ ହେବାର ଦେଖି ହୃଦୟ ଆଜି ରକ୍ତାକ୍ତ ହୁଏ। ଏହି ସଂକ୍ରମଣ କାଳରେ ସମସ୍ତ ସଂବନ୍ଧ ବ୍ୟବସାୟିକ ଏବଂ ଔପଚାରିକ ହୋଇଥିବାବେଳେ ଗୁରୁଶିଷ୍ୟ ସଂବନ୍ଧର ଅନ୍ତରଂଗତା ଏବେ ମଧ୍ୟ ବିଦ୍ୟମାନ । ସମର୍ଥ ରାମଦାସ, ଶିବାଜୀ, ଗାନ୍ଧୀ, ବିନୋବା, ରାମକୃଷ୍ଣ, ବିବେକାନନ୍ଦ, ଆଚାର୍ଯ୍ୟ ତୁଳସୀ, ମହାପ୍ରଜ୍ଞ ପ୍ରମୁଖଙ୍କ ବିନୟ ଓ ବାତ୍ସଲ୍ୟର କଲ୍ଲୋଳରେ ମନ ନୁହେଁ ହୃଦୟ ବି ହଜିଯାଉଛି । ବୃକ୍ଷଲତା, ବଣବିଲ, ଜଳ, ଅଗ୍ନି ଏପରିକି ପଥର ମଧ୍ୟ ଏଠାରେ ପୂଜା ପାଆନ୍ତି । କାରଣ ସଂସ୍କୃତିରେ ଗୁଣ ଦେଖାଯାଏ, ଦୋଷ ଦର୍ଶନର ପ୍ରବୃତ୍‌ତି ନ ଥାଏ । ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ, ଏହା ହେଉଛି ଆମ ଉଦାର ସାଂସ୍କୃତିକ ଚେତନା । ଅନ୍ୟମାନେ ଯେତେବେଳେ ଶତ୍ରୁ ସହିତ ପ୍ରେମ କରିବାର ଶିକ୍ଷା ଦେଉଛନ୍ତି, ଆମ ସଂସ୍କୃତି କାହାରିକୁ ଶତ୍ରୁ ବୋଲି ଭାବିବାଟା ଅପରାଧ ବୋଲି ଘୋଷଣା କରିଛି। ଜଡ଼ ଓ ଚେତନ ସମସ୍ତେ ଆମର ମିତ୍ର। ଏଠି ଭୋଗୁଥିବା ଦୁଃଖ ସକାଶେ ଅନ୍ୟମାନଙ୍କୁ ଦୋଷ ଦିଆଯାଇନଥାଏ। ନିଜକର୍ମର ବିଶ୍ଳେଷଣ କରି ଦୁଃଖର କାରଣ ଖୋଜାଯାଏ। ଭୋଗରୁ ତ୍ୟାଗ ଦିଗରେ ଗତିକରି ଆତ୍ମାର ସନ୍ଧାନ କରିଥାନ୍ତି।

ବ୍ୟକ୍ତି ସମାଜ ଓ ରାଷ୍ଟ୍ରରେ ଜୀବନରେ ଉତ୍କର୍ଷ ବା ଅପକର୍ଷ ଆସିପାରେ କିନ୍ତୁ ସଂସ୍କୃତି ଯେ ଶାଶ୍ୱତ ଏହି କଥାରେ ସନ୍ଦେହର ଅବକାଶ ନାହିଁ । ତେବେ ପରଂପରା ସମୟ ସହିତ ତାଳଦେଇ ତାର ନୂତନ ଶବ୍ଦକୋଷ ରଚନା କରିଥାଏ। ପରଂପରାକୁ ସଂପୂର୍ଣ୍ଣରୂପରେ ତ୍ୟାଗ କରାଯାଇନପାରେ ତଥା ପରିବର୍ତ୍ତନର ପ୍ରବାହକୁ ମଧ୍ୟ ରୋକିବା ଠିକ୍‌ନୁହେଁ। ଅତୀତରୁ ଶିକ୍ଷା ଆହରଣ ଓ ଭବିଷ୍ୟତ ପ୍ରତି ସଚେତନ ରହି ବର୍ତ୍ତମାନର ସଦୁପଯୋଗ କରିପାରିଲେ ସଭ୍ୟତା ଓ ସଂସ୍କୃତି କୃତକୃତ୍ୟ ହେବ। ଆମକୁ ମନେରଖିବାକୁ ହେବ ଯେ ପ୍ରବୃତ୍ତିର ପରିଶୋଧନ ବିନା ସୁଖଦ ପରିଣାମର କଳ୍ପନା କରାଯାଇପାରିବନାହିଁ । ବିଂବ ଅନୁରୂପ ପ୍ରତିବିଂବ । ନିଜ ଦୋଷ ଦୁର୍ବଳତା ଦେଖିବାରେ, ସ୍ୱୀକାର କରିବାରେ ଏବଂ ସେଗୁଡ଼ିକର ପରିମାର୍ଜନ କରିବାରେ ଯଦି ଆମେ ସମର୍ଥ ତଥା ଅନ୍ୟମାନଙ୍କ ବିଚାର ଓ ବାଣୀରେ ରହିଥିବା ଉପାଦେୟତାକୁ ସ୍ୱୀକାର କରିବାରେ ଯଦି ଆମେ ଆଗଭର,ତାହାହେଲେ ପରପଂରା ଓ ପରିବର୍ତ୍ତନ ଉଭୟ ମଂଗଳମୟ ହେବ,ସଭ୍ୟତାର ଉନ୍ମେଷ ହେବ ଏବଂ ସଂସ୍କୃତି ଋଦ୍ଧିମନ୍ତ ହେବ ।

**ପୋ: ତୁଷୁରା, ଜିଲ୍ଲା : ବଲାଙ୍ଗିର**
**ଦୂରଭାଷ: ୯୪୩୭୦୩୯୦୯୬**

# କାମ କରିବା ମିଳିମିଶି



**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ଜଣେ ଯୁବକର କଥା। ଯୁବକ ଜଣକ ଉଚ୍ଚଶିକ୍ଷିତ। ଗୋଟିଏ ବଡ଼ କମ୍ପାନୀରେ ମ୍ୟାନେଜର ଚାକିରି ପାଇଁ ସେ ଦରଖାସ୍ତ ଦେଲେ। ଇଣ୍ଟରଭିଉ ପାଇଁ ତାଙ୍କୁ ଡ଼କରା ଆସିଲା। ପ୍ରଥମ ଇଣ୍ଟରଭିଉରେ ସେ ଭଲରେ ପାସ୍ କରିଗଲେ। ଶେଷ ଇଣ୍ଟରଭିଉ ନିମନ୍ତେ ତାଙ୍କୁ ହାଜର ହେବାକୁ ପଡ଼ିଲା ଡ଼ାଇରେକ୍ଟରଙ୍କ ପାଖରେ। ଡ଼ାଇରେକ୍ଟର ତାଙ୍କର ସାର୍ଟିଫିକେଟ୍‌ଗୁଡ଼ିକୁ ଦେଖିଲେ। ଯୁବକ ଜଣକ ଥିଲେ ଖୁବ୍ ଭଲଛାତ୍ର। ସବୁ ପରୀକ୍ଷାରେ ଅତିଭଲ କରିଥିଲେ। ଗବେଷଣା କାମ ବି ଖୁବ୍ ଉଚ୍ଚକୋଟୀର ଥିଲା।

ତା'ପରେ ପ୍ରଶ୍ନ ପଚାରିବାର ପାଳି। ଡ଼ାଇରେକ୍ଟର ପଚାରିଲେ, "ପଢ଼ିବାବେଳେ ତୁମେ କୌଣସି ବୃତ୍ତି ପାଇନଥିଲ?"

"ନାଁ, ସାର୍," ଯୁବକ ଜଣକ ଉତ୍ତର ଦେଲେ।

"ତୁମ ପଢ଼ାଖର୍ଚ୍ଚ କିଏ ତୁଲାଉଥିଲେ? ବାପା?"- ପଚାରିଲେ ଡ଼ାଇରେକ୍ଟର।

"ନାଁ ସାର୍। ମୋତେ ଯେତେବେଳେ ଜମା ୧ବର୍ଷ ବୟସ, ସେତେବେଳେ, ମୋ ବାପାଙ୍କର ହଠାତ୍ ମୃତ୍ୟୁ ହୋଇଯାଇଥିଲା। ମୋର ଯାବତୀୟ ପଢ଼ାଖର୍ଚ୍ଚ ତୁଲେଇଥିଲେ ମୋ ମାଆ।"

"ତୁମ ମାଆ କେଉଁଠି କାମ କରୁଥିଲେ କି ଚାକିରି କରିଥିଲେ?"

"ମୋ ମାଆ ଅନ୍ୟମାନଙ୍କ ଘରେ ବାସନ ମାଜୁଥିଲେ। ଲୁଗାପଟା କାଚୁଥିଲେ। ସେମାନଙ୍କ ଘରେ ଝାଡୁ ଦେଉଥିଲେ। ଏପରିକି ସେମାନଙ୍କ ଲୁଗାପଟାଗୁଡ଼ିକୁ ଆମ ଘରକୁ ନେଇଆସୁଥିଲେ। ସଫାକରି ଶୁଖେଇ ସାରି ଦେଇଆସୁଥିଲେ ସେମାନଙ୍କ ଘରେ।"

"ଆଚ୍ଛା ମୋତେ ଟିକିଏ ତୁମ ହାତ ଦୁଇଟି ଦେଖାଅତ"- କହିଲେ ଡ଼ାଇରେକ୍ଟର୍।

ଯୁବକ ଜଣକ ଡ଼ାଇରେକ୍ଟର୍‌ଙ୍କୁ ନିଜର ହାତ ଦୁଇଟିକୁ ଦେଖେଇଲେ। ହାତ ଦୁଇଟି ଥିଲା ପରିଷ୍କାର, କୋମଳ, ଚିକ୍କଣ।

ଡ଼ାଇରେକ୍ଟର ପୁଣି ପଚାରିଲେ, "ଆଚ୍ଛା ତୁମ ମାଆ ଲୁଗା କାଚୁଥିବାବେଳେ ତୁମେ ତାଙ୍କୁ କେବେ ସାହାଯ୍ୟ କରିଥିଲ?"

"ନାଁ ସାର୍। ମୋ ମାଆଙ୍କୁ ମୁଁ କେବେହେଲେ ବି ଲୁଗାକାଚିବାରେ ସାହାଯ୍ୟ କରୁନଥିଲି। ସେ ମୋତେ ଏଥିପାଇଁ କେବେ ବି କହୁନଥିଲେ। ସବୁବେଳେ କହୁଥିଲେ ଭଲ ପଢ଼ିବା ପାଇଁ, ବେଶି ବେଶି ବହି ପଢ଼ିବା ପାଇଁ। ତାହାଛଡ଼ା, ମୋ ଅପେକ୍ଷା ମାଆ ଅତି ଶୀଘ୍ର ଶୀଘ୍ର ଲୁଗା କାଚିପାରୁଥିଲେ।"

ଏହାଶୁଣି ଡ଼ାଇରେକ୍ଟର କହିଲେ, "ମୋର ଗୋଟିଏ ଅନୁରୋଧ। ତୁମେ ଆଜି ଫେରିଯାଅ। ଘରେ ପହଞ୍ଚିସାରି ମାଆଙ୍କ ହାତ ଦୁଇଟିକୁ ଭଲ ଭାବରେ ଧୋଇଦେବ। କାଲି ଏଠାକୁ ଆସି ମୋତେ ଦେଖାକରିବ।"

ଯୁବକ ଜଣକ ଡ଼ାଇରେକ୍ଟରଙ୍କୁ ନମସ୍କାର କରି ତାଙ୍କ କୋଠରିଭିତରୁ ବାହାରି ଆସିଲେ। ଚାକିରିଟି ମିଳିଯିବ ବୋଲି ଖୁବ୍ ଆଶାଥିଲା ତାଙ୍କର। କିନ୍ତୁ ଡ଼ାଇରେକ୍ଟରଙ୍କଠାରୁ ଏପରି କଥାଶୁଣି ତାଙ୍କର ମନ ମରିଗଲା। ଘରେ ପହଞ୍ଚିଲେ। କାଳେ ମାଆଙ୍କ ମନରେ କିଛି କଷ୍ଟହେବ ଏଥିପାଇଁ ମାଆଙ୍କୁ ଇଣ୍ଟରଭିଉ କଥା କିଛି ନକହି ହସି ହସି ମାଆଙ୍କୁ କହିଲେ, "ମାଆମ, ତୁମ ହାତ ଦୁଇଟିକୁ ମୋତେ ଟିକିଏ ଦେଖେଇଲ।"

ପୁଅଠାରୁ ଏମିତି ଏକ ଅଦ୍ଭୁତ କଥା ଶୁଣି ମାଆଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା। ପୁଅ କାହିଁକି ତାଙ୍କ ହାତ ଦେଖିବା ପାଇଁ କହୁଚି, ସେ କିଛି ବୁଝିପାରିଲେନି। ତଥାପି ତା'କଥା ମାନି ସେ ପୁଅକୁ ନିଜର ହାତ ଦୁଇଟିକୁ ଦେଖେଇଦେଲେ ଏବଂ ପଚାରିଲେ, "କିରେ, କଥା କ'ଣ? ମୋ ହାତରୁ ତୁ କ'ଣ ପାଇବୁ?"

ଯୁବକ ଜଣକ ମାଆଙ୍କ ପ୍ରଶ୍ନର କିଛି ଉତ୍ତର ଦେଲେନି। ମାଆଙ୍କ ହାତ ଦୁଇଟିକୁ ଧରି ଅତି ଯତ୍ନ ସହକାରେ ଧୋଇଦେଲେ। ତାଙ୍କ ଓଦା ହାତ ଦୁଇଟିକୁ ଧିରେଧିରେ ପୋଛିବାବେଳେ ତାଙ୍କ ଦୁଇଆଖିରୁ ଝରି ଚାଲିଥିଲା ଲୁହ। ଏଇ ପ୍ରଥମ ଥର ହିଁ ଦେଖିବାକୁ ପାଇଲେ ଯେ ତାଙ୍କ ମାଆଙ୍କ ହାତର ଚର୍ମ ହୋଇପଡ଼ିଛି ଲୋଚାକୋଚା। ଠାଏ ଠାଏ ବିଣ୍ଡି। ଠାଏ ଠାଏ ଦେଖାଯାଉଛି ରଙ୍ଗା। କେଉଁଠି କେଉଁଠି ଚର୍ମ ଉଠିଯାଇଛି ହାତରୁ। ସେଥିପାଇଁ ପୋଛିବାବେଳେ ଯନ୍ତ୍ରଣା ଯୋଗୁଁ ତାଙ୍କ ହାତ ଥରିଉଠୁଛି।

ଯୁବକ ଜଣକ ଏଇ ପ୍ରଥମଥର ପାଇଁ ଅନୁଭବ କଲେ ଯେ ମାଆଙ୍କର ଏଇ ହାତ ଦୁଇଟିହିଁ ଲୁଗାକାଚି, ବାସନକୁସନ ମାଜି, ଝାଡୁମାରି ତୁଲେଇଛି ତାଙ୍କର ଯାବତୀୟ ପଢ଼ାଖର୍ଚ୍ଚ। ସେ ଯେ ଆଜି ଏତେ ଗୁଡ଼ାଏ ପଢ଼ି ଓ ଗବେଷଣା କରିପାରିଛନ୍ତି, ଏଥିପାଇଁ ମାଆଙ୍କର ଏଇ ହାତ ଯୋଡ଼ିକ ହିଁ ଦାୟୀ। ସେ ଜୋର୍‌କରି ମାଆଙ୍କୁ ବସାଇଦେଲେ ଓ ନିଜେ ନିଜେ ବଳକା ଲୁଗାତକ କାଚିଦେଲେ। ରାତିରେ ଶୋଇବାବେଳେ ମାଆପୁଅ ଦୁହେଁ ବହୁସମୟ ଧରି ଗପ କରୁକରୁ ଉଭୟଙ୍କୁ ନିଦ ହୋଇଗଲା।

ପରଦିନ ସକାଳେ ଯୁବକ ଜଣକ ଯାଇ ଦେଖାକଲେ ଡ଼ାଇରେକ୍ଟରଙ୍କୁ। ସେତେବେଳକୁ ବି ତାଙ୍କ ଆଖିରେ ଲୁହ ଢ଼ଳଢ଼ଳ କରୁଥାଏ। ଡ଼ାଇରେକ୍ଟର ତାଙ୍କୁ ବସିବାକୁ କହିଲେ। ସେ ଚେୟାରରେ ବସିସାରିବା ପରେପଚାରିଲେ, "ଆଚ୍ଛା ମୋତେ କୁହ, ଘରେ ପହଞ୍ଚି କାଲି ତୁମେ କ'ଣ କ'ଣ କଲ? ଏବଂ କ'ଣ ସବୁ ଶିଖିଲ?"

ଯୁବକ ଉତ୍ତର ଦେଲେ, "ମୁଁ ମୋ ମାଆଙ୍କ ହାତକୁ ଭଲଭାବରେ ଧୋଇ ଧିରେଧିରେ ପୋଛିଦେଲି। ଆଉଁସି ଦେଲି ତାଙ୍କ ହାତ ଦୁଇଟିକୁ। ତା'ପରେ ନିଜେ ଅବଶିଷ୍ଟ ଲୁଗାତକ କାଚିଦେଲି।"

ଡ଼ାଇରେକ୍ଟର କହିଲେ, "ବାଃ, ବେଶ୍ ଭଲକଥା। ଆଚ୍ଛା ଗତକାଲିର ତୁମ ଅନୁଭବ କଥାଟା ମୋତେ କହ ତ।"

"ସାର୍, ମୋର ପ୍ରଥମ ଅନୁଭବ ହେଲା ଯେ ଅନ୍ୟମାନଙ୍କ ଭଲକାମକୁ ପ୍ରଶଂସା କରିବା ଓ ତାହା ଭଲବୋଲି ସ୍ୱୀକାର କରିବା। ମୋ ମାଆଙ୍କ ସାହାଯ୍ୟ ବିନା ମୁଁ ପାଠପଢ଼ି ପାରିନଥାନ୍ତି। ମୁଁ ଯଦି ଭବିଷ୍ୟତରେ କେବେ ସଫଳ ହୁଏ, ତେବେ ଏହା ସେହି ମୋର ମାଆଙ୍କ ଯୋଗୁଁ।

ସାର୍ ମୋର ଦ୍ୱିତୀୟ ଅନୁଭବ ହେଲା ଯେ ଏକାଠି କାମକରି ଏବଂ ମାଆଙ୍କ କାମରେ ସାହାଯ୍ୟ କରି ମୁଁ ଜାଣିପାରିଲି ଯେ କାମ କରିବା କେତେ କଷ୍ଟ।

"ସାର୍ ମୋର ତୃତୀୟ ଅନୁଭବଟି ହେଉଛି, ପ୍ରତ୍ୟେକଙ୍କ ଉନ୍ନତିରେ ପରିବାରର ଅବଦାନ ଖୁବ୍ ବେଶୀ। ତେଣୁ ପରିବାର ସମସ୍ତେ ମିଳିମିଶି ଚଳିବା, ପରସ୍ପରକୁ ସାହାଯ୍ୟ କରିବା ଓ ପରସ୍ପରର ଭଲକାମ ପାଇଁ ପ୍ରଶଂସା କରିବାର ସୁଫଳ ଅଧିକ।"

ଯୁବକଙ୍କଠାରୁ ଏତକ ଶୁଣିସାରି ଡ଼ାଇରେକ୍ଟର ଉତ୍ତର ଦେଲେ, "ମୋ କମ୍ପାନୀରେ ଯିଏ ମ୍ୟାନେଜର୍ ହେବେ, ମୁଁ ତାଙ୍କଠାରୁ ଏଇଆ ହିଁ ଆଶା କରୁଛି। ଯେଉଁ ବ୍ୟକ୍ତି ଅନ୍ୟ କର୍ମଚାରୀମାନଙ୍କୁ ସେମାନଙ୍କର ଭଲକାମ ପାଇଁ ପ୍ରଶଂସା କରି ବାହା ବା ଦେବେ, କର୍ମଚାରୀମାନଙ୍କ କାମର କଷ୍ଟକୁ ଯିଏ ନିଜ ଭିତରେ ଅନୁଭବ କରିପାରୁଥିବେ ଏବଂ ଯିଏ ଟଙ୍କା କମେଇବାଟାକୁ ନିଜ ଜୀବନର ଏକମାତ୍ର ଲକ୍ଷ୍ୟବୋଲି ବିଚାର କରୁନଥିବେ, ମ୍ୟାନେଜର ପଦପାଇଁ ମୁଁ ସେହିଭଳି ବ୍ୟକ୍ତିଙ୍କୁ ହିଁ ଯୋଗ୍ୟବୋଲି ବିଚାର କରିବି। ମୋର ବିଶ୍ୱାସ ଯେ ତୁମେ ଏହା ପାରିବ। ତେଣୁ ତୁମେ ଆଜିଠାରୁ ଆମ କମ୍ପାନୀର ମ୍ୟାନେଜର। କ'ଣ? ଖୁସି ତ?"


ସତରେ ଯୁବକ ଜଣକ ଥିଲେ ଅତି କର୍ମଠ। ସେ ସବୁ କର୍ମଚାରୀଙ୍କ ଭଲମନ୍ଦ ବୁଝୁଥିଲେ। ସମସ୍ତଙ୍କୁ ସବୁପ୍ରକାରର ସାହାଯ୍ୟ କରୁଥିଲେ। ସମସ୍ତ କର୍ମଚାରୀ ମଧ୍ୟ ଖୁବ୍ ଭଲପାଉଥିଲେ ତାଙ୍କୁ। ମନଦେଇ କାମକରିବାରେ କୁଣ୍ଠା କରୁନଥିଲେ ସେମାନେ। ନିଜନିଜ ଭିତରେ ଭଲ ସଂପର୍କ ରହିଥିବାରୁ ଓ ପ୍ରତ୍ୟେକ ନିଜନିଜ ଦାୟିତ୍ୱକୁ ଖୁବ୍ ଭଲଭାବରେ ତୁଲାଉଥିବାରୁ କମ୍ପାନୀର ଖୁବ୍ ଉନ୍ନତି ହୋଇପାରିଲା।

ପ୍ରତ୍ୟେକଙ୍କ ଦୁଃଖକଷ୍ଟକୁ ନିଜ ଭିତରେ ଅନୁଭବ କରିବା ଗୋଟିଏ ଅତି ଭଲଗୁଣ। ପ୍ରତ୍ୟେକ ପ୍ରତ୍ୟେକଙ୍କୁ ନାନାକାମରେ ସାହାଯ୍ୟ କଲେ ତାହା ଯେ ପ୍ରତ୍ୟେକଙ୍କର ମଙ୍ଗଳ କରିଥାଏ, ଏହା ଆମେ ସମସ୍ତେ ବୁଝିବା ଦରକାର ଏବଂ ସେହିକଥା ମନରେ ରଖି କାମ କରିବା ଦରକାର।

**'ଅଭୀପ୍ସା'ସେକ୍ଟର-୬, ପ୍ଲଟ ନଂ- ୧୧୩୧**
**ଅଭିନବ ବିଡ଼ାନାସୀ, କଟକ- ୭୫୩୦୧୪**

# ଜନ୍ମଦାତା

**ଶ୍ରୀ କିଶୋର ମୋହନ କର**



ଅଭାବରେ ଥିଲ ବୋଲି
ସ୍ନେହ ମମତାର ଡ଼ୋରି ଛିନ୍ନ କରି,
ଛାତିରେ ପଥର ରଖି,
ନିଜକୁ ବନ୍ଧା ପକାଇ,
ଦୂରେଇ ଦେଲ ମୋତେ,
ମଣିଷ ହେବି ବୋଲି।

ଅନ୍ୟ ପାଶେ ରହି
ପାଠପଢ଼ି
ଡିଗ୍ରୀ ହାସଲ କରି
ଉଡ଼ିଗଲି ଆମେରିକା
ଭଳି ପାଶ୍ଚାତ୍ୟ ଦେଶକୁ
ବସାବାନ୍ଧି ରହିଗଲି ସେଠି
ଭୁଲିଗଲି କିଏ ସେହି ଜନ୍ମଦାତା
ଛିନ୍ନକଲି ଜନ୍ମମାଟି ମୁହିଁ
ମୁଁ, କି ମଣିଷ ହେଲି?

ହୋଇପାରିଲିନି ଶ୍ରବଣ କୁମାର,
ଆଧୁନିକ ମୋହମାୟାରେ ଭାସି
ଅନ୍ଧ ହୋଇଗଲି
ମା' କୁ ଭୁଲିଲି
ଏବେ ମାଆ ମୋର ଖୋଜୁଛି
ବ୍ୟଥାସିକ୍ତ, କ୍ଷତାକ୍ତ ହୃଦୟ ନେଇ
ବୁଲିବୁଲି ଲୁହକୁ ଗଡ଼ାଇ।

ଅତି ସନ୍ତର୍ପଣରେ
ଖୋଜୁଛି ମଣିଷପଣିଆ ମୋ ଭିତରେ
ଏବେ ଭାବୁଛି,
ହାଏ! କ'ଣ କଲି?
ମୁଁ କିମଣିଷ ହେଲି?

**ଏମ୍.ଆଇ- ୩, କଳିଙ୍ଗ ବିହାର, ବିଜୁପଟ୍ଟନାୟକ ଛକ,**
**ଛେଣ୍ଡ, ଫେଜ୍- ୨, ରାଉରକେଲା**
**ଦୂରଭାଷ- ୯୭୭୬୩୪୩୦୦୦**

(ଏବେ, କେବେ, କୋଉଠି- ୬୦)

# ଖୁଣ୍ଟ ପୋତିଲେ ନା ଖଟ ପାତିଲେ !

ସତ୍ୟନାରାୟଣ ସାମନ୍ତରାୟ(ସତ୍ୟକନ୍ଥ)

ଏବେ ଦିନେ କୌଣସି ଏକ ଅନୁଷ୍ଠାନର ସମ୍ପାଦକ ଫୋନ୍ କରିଥିଲେ। କହିଲେ ଆମ ଅନୁଷ୍ଠାନ ଆପଣଙ୍କୁ ଜଣେ ଲେଖକ ଭାବରେ ମାନପତ୍ର ଦେବାକୁ ସ୍ଥିର କରିଛି। ଆଗାମୀ ଅମୁକ ତାରିଖରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଳନ ଅବସରରେ ଆପଣଙ୍କୁ ସମ୍ବର୍ଦ୍ଧନା ଦିଆଯିବ। ଡାକଯୋଗେ ନିମନ୍ତ୍ରଣ ପଠାଇବୁ। ଆପଣ ନିଶ୍ଚିତ ମନା କରିବେନି ବୋଲି ଆମର ବିଶ୍ୱାସ।

ଅଯାଚିତ ସମ୍ମାନକୁ ମନାକରିବି- ଏ ଦୁଃସାହସ ଅନ୍ତତଃପକ୍ଷେ ମୋର ନାହିଁ। କାହିଁକି ବା ମନାକରିବି ? ମୋର ଲେଖା ଭଲ ହେଉ ବା ଖରାପ ହେଉ, ଯଦି ଜଣେ ତାର ମାନଦଣ୍ଡରେ ଭଲ ବୋଲି ତଉଲି ମୋତେ ସମ୍ମାନ ଦେବାକୁ ଆଗ୍ରହୀ, ତେବେ ମୁଁ କୋଉ ଗରଜରେ ମନାକରିବି ? ସୁତରାଂ, ଫୋନ୍ କରିଥିବା ବ୍ୟକ୍ତିଙ୍କୁ ନିଜର ସମ୍ମତି ଜଣେଇଲି। ଏକଥା ପତ୍ନୀଙ୍କୁ କହିଲି। ପତ୍ନୀ ଖୁସି ହେଲେ ଓ ସାଙ୍ଗରେ ସେଦିନ ଯିବାପାଇଁ ତାଙ୍କ ସମୟ ସାରଣୀରେ ବି ଯୋଗ କରିଦେଲେ।

ତହିଁ ଆରଦିନ ପୁଣି ଫୋନ୍ ବାଜିଲା। ସେଇ ନମ୍ବରରୁ ସେଇ ଏକାବ୍ୟକ୍ତି ଫୋନ୍ କରିଥିଲେ। ହେଲେ ଗଲାକାଲିର ସେଇ ସ୍ୱର ନଥିଲା। କହିଲେ, "ନକହିବା କଥା- କହିବାପାଇଁ ବାଧ୍ୟ ହେଉଛି। ମାଗିଯାଚିକି ସାହିତ୍ୟ ଅନୁଷ୍ଠାନଟିଏ ଚଳେଇଛୁ। ସେଥିରେ ଆପଣ ତ ଜାଣନ୍ତି ଉତ୍ସବଟିଏ କଲେ କେତେ ପଇସା ଖର୍ଚ୍ଚ ହୁଏ। ଏଣୁ ଆପଣ ଆମ ଅନୁଷ୍ଠାନକୁ ସହଯୋଗ ରାଶି ଭାବେ ଏକହଜାର ଟଙ୍କା ଦାନ କଲେ ଆମେ ଉପକୃତ ହେବୁ।"

ମୁଣ୍ଡଟା ମୋର 'ଢ଼ୋ'କିନା ଫାଟି ପଡ଼ିବାର ଅନୁଭବ କଲି। ମୁଁ କିଏ, ସେ ସାହିତ୍ୟ ଅନୁଷ୍ଠାନ କିଏ ? ମୋର ସମ୍ମାନ ପାଇବାର ଯୋଗ୍ୟତା ଅଛି କି ନାହିଁ ତାହା ମୁଁ ନଜାଣିଥିବାବେଳେ, ଉକ୍ତ ଅନୁଷ୍ଠାନଟି ଯଦି ମୋତେ ଯୋଗ୍ୟ ବୋଲି ବିଚାରିଛି ସେଥିରେ ମୁଁ ତାର ମହାନତା ଅନୁଭବ କରୁଥିବା ସମୟରେ ଏପ୍ରକାର ସହଯୋଗ ରାଶି ଦାବି କରିବାର ଅର୍ଥ ମୁଁ ମୋଟେ ବୁଝିପାରୁନଥିଲି। ପ୍ରଥମେ ବ୍ୟକ୍ତିକୁ ପ୍ରଲୋଭିତ କରି ପରବର୍ତ୍ତୀ ସମୟରେ ତା'ଠାରୁ ଅର୍ଥ ଆଦାୟର ଏହା ଏକ ସୁଚିନ୍ତିତ ଫନ୍ଦି ବୋଲି ବିଚାରି ତାଙ୍କୁ ରୋକ୍‌ଠୋକ୍ ମନା କରିଦେଲି ଓ ମୋର ମାନପତ୍ର କିମ୍ବା ସମ୍ବର୍ଦ୍ଧନା ଦରକାର ନାହିଁ ବୋଲି ଜଣେଇ ଯୋଗାଯୋଗ ବିଚ୍ଛିନ୍ନ କଲି।

ବିଚ୍ଛିନ୍ନ କଲି ସିନା, ପରବର୍ତ୍ତୀ ସମୟରେ ମୁଁ ନିଜକୁ ନିର୍ଧୂମ ବୋକା ବୋଲି ସାବ୍ୟସ୍ତ କଲି। ସମ୍ମାନ ପାଇବାର ଯେଗ୍ୟତା ମୋର ଥାଉ କି ନଥାଉ, ଯେଉଁ ଅନୁଷ୍ଠାନ ମୋତେ ସମ୍ମାନିତ କରିବାକୁ ଚାହୁଁଛି, ତାର ସେପ୍ରକାର ସମ୍ମାନ ପ୍ରଦାନର ଯୋଗ୍ୟତା ଅଛି ନା ନାହିଁ ସେଇଟା ଭାବିବା ମୋର ଉଚିତ୍ ଥିଲା। ତାହା ନକରି ସମ୍ମାନ ପାଇବା ଲୋଭରେ ପ୍ରଥମେ ସମ୍ମତି ଜଣେଇ ପରବର୍ତ୍ତୀ ସମୟରେ ମନା କରିବା, ମୋର ଅପରିପକ୍ୱ ମାନସିକତା ବୋଲି ବିଚାରକଲି।

ଅବଶ୍ୟ ଏହା ବିଚାର କରିବାର କଥା। ଏହା ଏକ ସାହିତ୍ୟିକ ଓ ସାମାଜିକ ବ୍ୟାଧି ଭାବରେ ବଢ଼ିଚାଲିଛି। ସାହିତ୍ୟ ନାଁ ରେ ଯିଏ ନାଇଁ ସିଏ, ଯୋଉଠି ନାଇଁ ସେଇଠି, ଯେତେବେଳେ ନାଇଁ ସେତେବେଳେ ସାହିତ୍ୟ ଅନୁଷ୍ଠାନଟିଏ ଗଢ଼ିବା, ଉତ୍ସବ ଅନୁଷ୍ଠାନ କରିବା ଓ ନିର୍ବିଚାରରେ କିଛିବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବା ଆଳରେ ମାନପତ୍ର ବାଣ୍ଟିବା ଆଦିକୁ ଦେଖିଲେ ସାହିତ୍ୟର ଯେ ମାନବର୍ଦ୍ଧନ ଘଟିଛି, ତାହା ଭାବିବା ଭୁଲ୍ ହେବ। କାରଣ ସାହିତ୍ୟ ଯେତିକି ଆଲୋଚିତ ବା ସମାଲୋଚିତ ହେବା କଥା ତାହା ନହୋଇ ଉପରଠାଉରିଆ ଭାବରେ ମାନପତ୍ର ପ୍ରଦାନ କରିବାଦ୍ୱାରା ପ୍ରକୃତ ପ୍ରତିଭା ଆକଳନ ଉପରେ ପ୍ରଶ୍ନବାଚୀ ଉଠୁଛି। ଯାହା କ୍ରମେ ଏକ ପ୍ରହସନରେ ପରିଣତ ହୋଇ ମାନପତ୍ର ବିକ୍ରିହେବା କିମ୍ବା କିଣାହେବା ପର୍ଯ୍ୟାୟରେ ପହଞ୍ଚିଲାଣି।

ଆଗରୁ ସାହିତ୍ୟର ଏକ ଧାରା ଥିଲା। କୌଣସି ଲେଖାଟିଏ ତାର ଜନ୍ମ ଠାରୁ ଯୋଗ୍ୟତା ପର୍ଯ୍ୟାୟରେ ପହଞ୍ଚିବାପାଇଁ ତାକୁ ଅନେକ ସ୍ତର/ ପାହାଚ ଅତିକ୍ରମ କରିବାକୁ ପଡୁଥିଲା। ଲେଖାଟିଏ ଲେଖିଲାପରେ ତାର ଜନ୍ମଦାତା ତାକୁ ଧରି ଅନୁରାଗୀ ପାଠକ ଓ ସମାଲୋଚକଙ୍କ ପାଖକୁ ଯାଉଥିଲା। ଅନେକବ୍ୟକ୍ତିଙ୍କ ରସାଳ, ଶାଣିତ କିମ୍ବା ତୀର୍ଯକ୍ ମନ୍ତବ୍ୟରେ ତାହା ପାରିମାର୍ଜିତ ହୋଇ ସଂସ୍କାରିତ ହେଉଥିଲା। ପୂରାକାଳରେ କବିମାନେ ତାଳପତ୍ରଲେଖାକୁ ପାଟକନାରେ ଗୁଡ଼ାଇ ବିଭିନ୍ନ ସାହିତ୍ୟାନୁରାଗୀ ରାଜା ଓ ଜମିଦାରମାନଙ୍କ ଦରବାରକୁ ଯାଉଥିଲେ। ସେଠାରେ ସେସବୁ ଦରବାରୀ ପଣ୍ଡିତମାନଙ୍କ ଦ୍ୱାରା ଆଲୋଚିତ ହେଉଥିଲା। ଭୁଲ୍‌ଠିକ୍‌ର ତର୍ଜମା କରାଯାଉଥିଲା। କେହିକେହି ବି ତତ୍କାଳୀନ ସମୟରେ ପ୍ରସିଦ୍ଧିଲାଭ କରିଥିବା କବି-ସାହିତ୍ୟିକମାନଙ୍କ ପାଖରେ ନିଜ ଲେଖାର ମାନ ନିର୍ଦ୍ଧାରଣ ପାଇଁ ପହଞ୍ଚି ଯାଉଥିଲେ। ମୋଟାମୋଟି ଭାବରେ ସେତେବେଳର କବି-

ସାହିତ୍ୟିକମାନେ ନିଜକୁ ଦେଖେଇ ହେବାର ମାନସିକତାଠାରୁ ନିଜକୁ ଦକ୍ଷ, ସମର୍ଥ ବୋଲି ସାବ୍ୟସ୍ତ କରିବାକୁ ତତ୍ପର ଥିଲେ।

ଏହିକ୍ରମରେ ରୋଚକ କଥାଟିଏ ଶୁଣିବାକୁ ମିଳେ। ରସକଲ୍ଲୋଳ ଲେଖିସାରିଲାପରେ କବି ଦୀନକୃଷ୍ଣ ଦାସ ତାକୁ ତଉଲ କରିବାକୁ ତତ୍କାଳୀନ ସମୟକୁ ପ୍ରଥିତଯଶା ହୋଇସାରିଥିବା କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନିକଟରେ ପହଞ୍ଚିଲେ। ଭଞ୍ଜଙ୍କୁ ଯଥାରୀତି ସମ୍ମାନ ଜଣାଇ ଦୀନକୃଷ୍ଣ ଦାସ କହିଲେ, ମହାଶୟ, 'କ'ଅକ୍ଷରକୁ ଆଦ୍ୟବର୍ଣ୍ଣ ଭାବରେ ଗ୍ରହଣକରି କୃଷ୍ଣଚରିତକୁ ନେଇ ଗ୍ରନ୍ଥଟିଏ ରଚନା କରିଛି। ଦୟାକରି ଏହାକୁ ପଢ଼ି ମତାମତ ଦେଲେ କୃତାର୍ଥ ହେବି ବୋଲି କହି ତାଳପତ୍ର ଲିଖିତ ଗ୍ରନ୍ଥଟିକୁ ଭଞ୍ଜଙ୍କ ହାତକୁ ବଢ଼େଇଦେଲେ। ଭଞ୍ଜ ଆପଣେ ତାଳପତ୍ର ଗ୍ରନ୍ଥଟିର କେତୋଟି ଖେଦା ଲେଉଟାଇ କଣ ଦେଖିଲେ କେଜାଣି ଗ୍ରନ୍ଥଟିକୁ ବେଖାତିରଭାବରେ ଘରର ଗୋଟିଏ କୋଣକୁ ଫୋପାଡ଼ିଦେଇ ନିଜକୁ ନିଜେ କହିଲେ, "ଖୁଣ୍ଟ ପୋତିଲେ କି ଖଟ ପାତିଲେ?"

ମହାଜ୍ଞାନୀ ଦୀନକୃଷ୍ଣ ଦାସ ଜାଣିଲେ ଏ ପ୍ରଶ୍ନ ତାଙ୍କରି ଉଦ୍ଦେଶ୍ୟରେ। ସେ ତତ୍କ୍ଷଣାତ୍ ଉତ୍ତର ରଖି କହିଲେ, "କୁଜିକୁଜ ସଳଖିଲାବେଳେ, କୃଷ୍ଣ ଦାସ ଆଜ୍ଞା ସେଠି ନଥିଲେ।" କି ଚମତ୍କାର ପ୍ରଶ୍ନୋତ୍ତର! ଏହାହିଁ ହେଉଛି ପାଣ୍ଡିତ୍ୟର ପରାକାଷ୍ଠା। ନିଜକୁ ସମର୍ଥ ବୋଲି ପ୍ରତିପାଦନ କରିବାର ନିଷ୍ଠା ଓ ଚେଷ୍ଟା।

ଉପେନ୍ଦ୍ର ଭଞ୍ଜ ରସକଲୋଳ ପଢ଼ି ଦୀନକୃଷ୍ଣଙ୍କୁ ପରୀକ୍ଷା କରିବା ପାଇଁ ତାଙ୍କ ଢଙ୍ଗରେ 'ଖ' ଅକ୍ଷରରେ ଯେଉଁ ପ୍ରଶ୍ନ ପଚାରିଲେ, ତାର ଉତ୍ତରରେ ଦୀନକୃଷ୍ଣ କହିଲେ, କୁଜିର କୁଜକୁ କୃଷ୍ଣ ସଳଖିଲାବେଳେ ମୁଁ (ଦୀନକୃଷ୍ଣ) ସେଠାରେ ଉପସ୍ଥିତ ନଥିଲି। ତେଣୁ କୃଷ୍ଣ କୁଜିର କୁଜକୁ ଖୁଣ୍ଟରେ ବାନ୍ଧି ସଳଖିଲେ କି ଖଟରେ ଶୁଆଇ ସଳଖିଲେ ତାହା ମୁଁ ଜାଣେନା।

କଥିତ ଅଛି ଏହି ମାତ୍ର ପରୀକ୍ଷାରେ ଦୀନକୃଷ୍ଣଙ୍କୁ ଉପେନ୍ଦ୍ର ଭଞ୍ଜ କବି ବୋଲି ସ୍ୱୀକୃତିଦେଲେ। ଏହା ସତ୍ୟ କିମ୍ବା କିମ୍ବଦନ୍ତୀ ହୋଇପାରେ. ମାତ୍ର ଏହା ଥିଲା ତତ୍କାଳୀନ ସାହିତ୍ୟ ଉପରେ ହେଉଥିବା ପରୀକ୍ଷାନିରୀକ୍ଷାର ଏକ ସାମାନ୍ୟ ଉଦାହରଣ। ସେ ଧାରା ଆଜି ନାହିଁ। ଯିଏ ଯେମିତି ଯୋଉଠି ଯାହା ପାଇଲା ଲେଖିଲା। ଗୁଣବତ୍ତାର ପରୀକ୍ଷାନିରୀକ୍ଷା ପାଇଁ ଗୁଣୀବ୍ୟକ୍ତିଙ୍କ ସଂଖ୍ୟା ବି କମି ଆସିଲାଣି। ମାନପତ୍ର ଦେବା ପାଇଁ ଓ ତାକୁ ଗ୍ରହଣ କରିବା ପାଇଁ ଧାଁଦଉଡ଼। ସାହିତ୍ୟ ଭିତରେ ଆଜି ଏମିତିକା ଅନେକ କୁଜ। ଏ କୁଜ ସବୁକୁ କେମିତି ସଳଖିହେବ? ଖୁଣ୍ଟ ପୋତିଲେ ନା ଖଟ ପାତିଲେ???

ବେଗୁନିଆ, ଜି- ଖୋରଧା
ଦୂରଭାଷ - ୯୪୩୮୭୩୪୮୧୬

# ଅଭିନନ୍ଦନ

## ଡକ୍ଟର ବସନ୍ତ କିଶୋର ସାହୁ

ଓଡ଼ିଶା ସାହିତ୍ୟ ଏକାଡେମୀ ୨୦୧୪ ଶିଶୁ ସାହିତ୍ୟ ବିଭାଗରେ ଡକ୍ଟର ବସନ୍ତ କିଶୋର ସାହୁଙ୍କୁ ତାଙ୍କ ପୁସ୍ତକ 'ଓଷ୍ଠ ପତର ପାନିଆଁ' ପାଇଁ ଶିଶୁ ସାହିତ୍ୟ ପୁରସ୍କାର ଘୋଷଣା କରିଛନ୍ତି।



କଟକ ଜିଲ୍ଲାର କୁସୁପୁର ଗ୍ରାମରେ ଜନ୍ମ । ସୁନାବେଡାସ୍ଥ ଏରୋନଟିକ୍ସ କଲେଜର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରୁ ବରିଷ୍ଠ ଅଧ୍ୟାପକ ପଦବୀରୁ ଅବସର ନେଇ ସଂପ୍ରତି ଜନ୍ମମାଟି କୁସୁପୁରରେ ଅବସ୍ଥାନ କରୁଛନ୍ତି। ଓଡ଼ିଆ ମୌଖିକ ଶିଶୁ-ସାହିତ୍ୟ ଶୀର୍ଷକରେ ଗବେଷଣା କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ପ୍ରାପ୍ତ । ଜଣେ ସୃଜନଶୀଳ ସାହିତ୍ୟିକ ଓ ଗବେଷକ ଭାବେ ସୁଖ୍ୟାତି ରହିଛି। ଓଡ଼ିଆ, ଇଂରାଜୀ, ହିନ୍ଦୀ ଓ ବଙ୍ଗଳାରେ ପ୍ରାୟ ୪୦ଖଣ୍ଡ ପୁସ୍ତକ ପ୍ରକାଶିତ । ବଗଲାବଗୁଲୀ ଶିଶୁ ପତ୍ରିକା ସହିତ ତାଙ୍କ ସମ୍ପାଦନାରେ ୭୦ରୁ ଊର୍ଦ୍ଧ୍ୱ ପତ୍ରପତ୍ରିକା ପ୍ରକାଶିତ । ଭୁବନେଶ୍ୱର ପୁସ୍ତକମେଳା, ରାଜଧାନୀ ପୁସ୍ତକମେଳା ଓ ମୀନାବଜାର ପୁରସ୍କାର ସମେତ ୩୦ରୁ ଅଧିକ ଅନୁଷ୍ଠାନରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ । କୋରାପୁଟ ପରିକ୍ରମା, ଓଡ଼ିଶାର ଲୋକନାଟ୍ୟ, ସାଂପ୍ରତିକ ଓଡ଼ିଆ ଶିଶୁ କବିତା। ମନୀନ୍ଦ୍ର ଅଭିନନ୍ଦନ ଗ୍ରନ୍ଥ, ସାରସ୍ୱତ ସାଧକ ଡକ୍ଟର ଜଗନ୍ନାଥ ମହାନ୍ତି ଏବଂ ନନ୍ଦକିଶୋର ସାମଲ ରଚନାବଳୀ ସମେତ କୃଷ୍ଣଚନ୍ଦ୍ର ଗଜପତି, ମଧୁସୂଦନ, ଫକୀରମୋହନ, ଗୋପବନ୍ଧୁ ଓ ସ୍ୱର୍ଣ୍ଣକ୍ଷେତ୍ର ପରି ଗବେଷଣାଧର୍ମୀ ପୁସ୍ତକ ଓ ପତ୍ରିକା ସଂପାଦନା କରି ନିଜସ୍ୱ ଏକ ସରଣୀ ସୃଷ୍ଟି କରିଛନ୍ତି । ଜଣେ ସୁସଙ୍ଗଠକ, ଛାତ୍ରବତ୍ସଳ ଅଧ୍ୟାପକ ଓ ନିର୍ଭୀକ ବ୍ୟକ୍ତିତ୍ୱ ଭାବରେ ସମସ୍ତଙ୍କର ପ୍ରିୟ । ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ପାଇଁ କାର୍ଯ୍ୟକରି ବହୁ ପ୍ରଶଂସାର ଅଧିକାରୀ ହୋଇଛନ୍ତି । ତାଙ୍କ ଅଧିନରେ ୩ ଜଣ ଗବେଷଣା କରି ପିଏଚ୍.ଡି ପାଇବା ସହିତ ଏବେ ୫ ଜଣ ଗବେଷକ ଗବେଷଣାରତ ଅଛନ୍ତି । ତାଙ୍କ କୃତି ଓ କୃତିତ୍ୱ ଉପରେ ମଧ୍ୟ ଗବେଷଣା ହୋଇସାରିଛି । ଡକ୍ଟର ସରଳା ବେହେରା 'ଓଡ଼ିଆ ଶିଶୁ ସାହିତ୍ୟକୁ ଡକ୍ଟର ବସନ୍ତ କିଶୋର ସାହୁଙ୍କ ଅବଦାନ' ଶୀର୍ଷକରେ ଗବେଷଣା କରି ସଫଳ ହୋଇଛନ୍ତି ।

'ଆମରି ସତ୍ୟ' ପରିବାର ତରଫରୁ ତାଙ୍କୁ ଅଭିନନ୍ଦନ।

# ମେରୀ ସ୍କଲଡୟେସ୍କା କ୍ୟୁରୀ

**ଶ୍ରୀମତୀ ସ୍ୱସ୍ତିଦା ପାଳ**



ବିଜ୍ଞାନ କ୍ଷେତ୍ରରେ ମୌଳିକ ଗବେଷଣା କରିବାପାଇଁ, ତଥା ଗବେଷଣାଲବ୍ଧ ତଥ୍ୟକୁ ବିଶ୍ୱକଲ୍ୟାଣପାଇଁ ଉତ୍ସର୍ଗୀକୃତ କରିଥିବା ମହାନ ମହିଳା ବିଜ୍ଞାନୀ ଥିଲେ ମ୍ୟାଡାମ୍ କ୍ୟୁରୀ। ଏପରିକି ତେଜସ୍କ୍ରିୟ ରେଡିୟମ ରଶ୍ମିର ତୀବ୍ର ତେଜସ୍କ୍ରିୟତାର ପ୍ରଭାବରେ ସେ ପୀଡିତ ହୋଇଥିଲେ ରକ୍ତକର୍କଟ ଭଳି ମାରାତ୍ମକ ରୋଗରେ ଏବଂ ମୃତ୍ୟୁବରଣ କରିଥିଲେ ମଧ୍ୟ ବିଜ୍ଞାନ କ୍ଷେତ୍ରରେ ଗବେଷଣାଲବ୍ଧ ଜ୍ଞାନର ଆଲୋକରେ ବିଶ୍ୱକୁ ଆଲୋକିତ କରିଯାଇଥିବା ଏହି ମହିଳା ବିଜ୍ଞାନୀଙ୍କ ନିକଟରେ ଆଧୁନିକ ବିଜ୍ଞାନ ଚିର କୃତଜ୍ଞ।

୧୮୬୭ ମସିହା ନଭେମ୍ବର ୭ ତାରିଖରେ ପୋଲାଣ୍ଡର ରାଜଧାନୀ ୱାର୍ସଠାରେ ଜନ୍ମିତା ମେରୀଙ୍କର ପିତା ଭ୍ଲାଦିସ୍ଲାବ୍ ସ୍କଲଡେୟସ୍କା ଥିଲେ ଜଣେ ଗଣିତ ଓ ପଦାର୍ଥବିଜ୍ଞାନର ଶିକ୍ଷକଏବଂ ମାତା ବ୍ରନିସ୍ଲାଓୟା ଜଣେ ମହିଳା ଆବାସିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଥିଲେ। ମେରୀ ଥିଲେ ପିତାମାତାଙ୍କର କନିଷ୍ଠା କନ୍ୟା। ତେବେ ମାତାଙ୍କର ମୃତ୍ୟୁହେତୁ ବ୍ୟଥିତା ମେରୀ ପରବର୍ତ୍ତୀ ସମୟରେ ଆର୍ଥିକ ଅନଟନ ବିରୁଦ୍ଧରେ ଲଢି ଅସାଧାରଣ ଆତ୍ମବିଶ୍ୱାସର ସହ ନିଜର ପାଠପଢାକ୍ଷେତ୍ରରେ ଆଗେଇଯାଇଥିଲେ ମଧ୍ୟସ୍କୁଲ୍ ପଢାପରେ ଆର୍ଥିକ ଅସ୍ୱଚ୍ଛଳତା ହେତୁ ଅଧିକ ପଢିବାର ସୁଯୋଗ ପାଇନଥିଲେ। ଏଣୁ ମେରୀ ନିଜର ପଢା ବନ୍ଦକରି ଚାକିରି କରିଥିଲେ ଏବଂ ବଡ ଭଉଣୀଙ୍କୁ ଡାକ୍ତରୀ ପଢିବାରେ ସହାୟତା କରିଥିଲେ।

ସେ ପୋଲାଣ୍ଡର ଏକ ଧନିକ ପରିବାରରେ ଗୃହ ଶିକ୍ଷୟିତ୍ରୀ ତଥା ଛୋଟପିଲାଙ୍କର ଦେଖାଶୁଣା କରିବାର ଦାୟିତ୍ୱନେଇ କାର୍ଯ୍ୟକରିଥିଲେ। କିନ୍ତୁ ପରେ ସେ ଚାକିରି ଛାଡି ଭଉଣୀ ବ୍ରନିୟାଙ୍କ ପାଖକୁ ପ୍ୟାରିସ୍ ଫେରିଯାଇ ସେଠାରେ ଫ୍ରାନ୍ସର ପ୍ରସିଦ୍ଧ ସୋରବୋନ୍ ବିଶ୍ୱବିଦ୍ୟାଳୟରେ ପାଠପଢା ଆରମ୍ଭ କରିଥିଲେ। ତେବେ ପାଠପଢାକୁ ଅଧିକ ଶୃଙ୍ଖଳିତ କରିବାପାଇଁ ଭଉଣୀଙ୍କ ପାଖରୁ ଯାଇ ଅନ୍ୟତ୍ର ଘରଭଡା ନେଇ ରହି ପାଠପଢି ଥିଲେ। ଆର୍ଥିକ ଅନଟନ ସତ୍ତ୍ୱେ ନିଜର ଦୃଢ ଇଚ୍ଛାଶକ୍ତି ବଳରେ ସମଗ୍ର ପ୍ରତିକୂଳ ବାତାବରଣ ବିରୁଦ୍ଧରେ ସଂଗ୍ରାମ କରି ସେ ୧୮୯୩ ଓ ୧୮୯୪ ମସିହାରେ ପଦାର୍ଥବିଜ୍ଞାନ ଓ ଗଣିତରେ ପ୍ରଥମ ସ୍ଥାନ ଅଧିକାର କରି ସ୍ନାତକ ଡିଗ୍ରୀ ହାସଲ କରିବାସହ ପଦାର୍ଥ ବିଜ୍ଞାନରେ ପି.ଏଚ୍.ଡି ଡିଗ୍ରୀ ପ୍ରାପ୍ତ ହୋଇଥିଲେ। ପି.ଏଚ.ଡି ଡିଗ୍ରୀ ପାଇବାରେ ମେରୀ ଥିଲେ ପ୍ରଥମ ମହିଳା। ଏଠାରେ ହିଁ ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ କ୍ଷେତ୍ରରେ ଗବେଷଣାରତ ପେରୀ କ୍ୟୁରୀଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା। ତେବେ ପେରୀକ୍ୟୁରୀ ଜଣେ ଅତ୍ୟନ୍ତ ମେଧାବୀ ଓ ଉଚ୍ଚକୋଟୀର ଗବେଷକ ଥିଲେ। ସେ ବିଦ୍ୟୁତ୍ ଓ ଚୁମ୍ବକତ୍ୱ କ୍ଷେତ୍ରରେ ଅନେକ ମୌଳିକ କାର୍ଯ୍ୟ କରିବା ସହ ବହୁ ସଫଳତା ପ୍ରାପ୍ତହୋଇସାରିଥିଲେ। କ୍ରମେ ମେରୀ ଓ ପେରୀ ପରସ୍ପର ପ୍ରତି ଆକର୍ଷିତ ହୋଇ ୧୮୯୫ ମସିହାରେ ବିବାହ କରିଥିଲେ ଏବଂ ୧୮୯୭ ରେ ଉଭୟଙ୍କର ପ୍ରଥମ କନ୍ୟା ସନ୍ତାନ ଆଇରିନ୍ ଓ ୧୯୦୪ ରେ କନିଷ୍ଠା କନ୍ୟା ଇଭ୍ ଜନ୍ମ ନେଇଥିଲେ।

ବୈବାହିକ ଜୀବନର ଦାୟିତ୍ୱ ସତ୍ତ୍ୱେ ସ୍ୱାମୀଙ୍କ ଗବେଷଣାଗାରରେ ମିଳିତ ଗବେଷଣାରେ ଆଗେଇଥିଲେ ମେରୀ। ସେହି ସମୟରେ ଫ୍ରାନ୍ସର ଅନ୍ୟତମ ପ୍ରସିଦ୍ଧ ବୈଜ୍ଞାନିକ ହେନେରୀ ବେକ୍ୱେରେଲ୍ ତେଜସ୍କ୍ରିୟତା ଉପରେ ଗବେଷଣା କରୁଥିଲେ। ସେ ଲକ୍ଷ୍ୟକରିଥିଲେ ଯେ, ୟୁରାନିୟମ୍ ଧାତୁର ଲବଣଗୁଡିକରୁ ଏକ୍ସରେ ଭଳି ଏକପ୍ରକାର ତେଜସ୍କ୍ରିୟ ରଶ୍ମିର ଉତ୍ସରଣ ତଥା ବିକିରଣ ହେଉଅଛି। କିନ୍ତୁ ଏହାର କାରଣ ଖୋଜି ପାଉନଥିଲେ। କ୍ୟୁରୀ ଦମ୍ପତି ଏହି ତେଜସ୍କ୍ରିୟତା ସମ୍ପର୍କିତ କ୍ଷେତ୍ର ପ୍ରତି ଆକୃଷ୍ଟ ହୋଇ ଏହି କ୍ଷେତ୍ରରେ ନିଜର ଗବେଷଣା କାର୍ଯ୍ୟ ଆରମ୍ଭ କରିଦେଇଥିଲେ।

ସେମାନେ ନିଜ ଗବେଷଣାରୁ ପ୍ରମାଣ ପାଇଲେ ଯେ କେତେକ ପଦାର୍ଥରେ ୟୁରାନିୟମ୍ ର ଉପସ୍ଥିତି ହେତୁ ଯେଉଁ ପରିମାଣର ତେଜସ୍କ୍ରିୟତା ଉତ୍ସରିତ ହେବାକଥା। ତାହାଠାରୁ ଯଥେଷ୍ଟ ଅଧିକ ପରିମାଣରେ ତେଜସ୍କ୍ରିୟ

ଉତ୍ସରଣ ହେଉଅଛି। ସେମାନେ ମଧ୍ୟ ପରୀକ୍ଷାକରି ଦେଖିଲେ ଯେ ଥୋରିୟମ୍ ଧାତୁ ଓ ଏହାର ଯୌଗିକ ଓ ୟୁରାନିୟମ ମଧ୍ୟରେ ଅଛି ଅନେକ ସାମଞ୍ଜସ୍ୟ। ପୁଣି ୟୁରାନିୟମରୁ ଯେଉଁ ପ୍ରକାର ରଶ୍ମି ନିର୍ଗତ ହେଉଛି ତାହା ଖୁବ୍ ଅସାଧାରଣ। ସେମାନେ ଚିନ୍ତାକଲେ ଯେ ଅନ୍ୟ କେତେକ ରାସାୟନିକ ଯୌଗିକରୁ କ'ଣ ଏହି ପ୍ରକାରର ରଶ୍ମି ବାହାରୁନଥିବ! ତେଣୁ ସେମାନେ ଅନ୍ୟ ସମ୍ଭାବ୍ୟ ତେଜସ୍କ୍ରିୟ ରାସାୟନିକଗୁଡ଼ିକୁ ମଧ୍ୟ ନିଜ ଗବେଷଣାର ଅନ୍ତର୍ଭୁକ୍ତ କଲେ।

ଅନେକ ପରୀକ୍ଷା ନିରୀକ୍ଷା ପରେ ଆବିଷ୍କାର କଲେ ଯେ ପିଚ୍‌ବ୍ଲେଣ୍ଡ୍ ନାମକ ଏକ ଖଣିଜ ପଦାର୍ଥରୁ ଅନ୍ୟ ରାସାୟନିକ ଯୌଗିକ ଗୁଡ଼ିକ ତୁଳନାରେ ଯଥେଷ୍ଟ ଅଧିକ ଶକ୍ତିଶାଳୀ ରଶ୍ମି ଉତ୍ସରିତ ହେଉଛି। ପିଚବ୍ଲେଣ୍ଡ୍ ହେଉଛି ଈଷତ୍ ବାଦାମୀ-କଳାର ଏକ ଉଜ୍ଜ୍ୱଳ ଖଣିଜ ପଦାର୍ଥ ଏବଂ ୟୁରାନିୟମ୍ ଅକ୍ସାଇଡ୍ ଏହାର ମୁଖ୍ୟ ଉପାଦାନ। ୟୁରାନିୟମ୍ ଅକ୍ସାଇଡର ଉପସ୍ଥିତି ଯୋଗୁଁ ଯେଉଁ ପରିମାଣର ରଶ୍ମି ନିର୍ଗତ ହେବାକଥା, ତାହାଠାରୁ ଅଧିକ ରଶ୍ମି ନିର୍ଗତ ହେଉଥିବାରୁ ୟୁରାନିୟମ ସମେତ ପିଚବ୍ଲେଣ୍ଡରେ ହୁଏତ ଅନ୍ୟ କୌଣସି ମୌଳିକ ଥାଇପାରେ ବୋଲି କ୍ୟୁରୀ ଦମ୍ପତିଙ୍କର ଦୃଢ଼ ଧାରଣା ସୃଷ୍ଟିହେଲା। ଏହି ରଶ୍ମି ନିର୍ଗମନ ପ୍ରକ୍ରିୟାକୁ ବୈଜ୍ଞାନିକମାନେ ତେଜସ୍କ୍ରିୟତା(Radio Activity) ବୋଲି କହନ୍ତି। ପିଚ୍‌ବ୍ଲେଣ୍ଡରେ ଥିବା ଅନ୍ୟ ମୌଳିକଟି 'ରେଡିୟମ' ବୋଲି ମେରୀ ନାମକରଣ କଲେ ଏବଂ ଯୁକ୍ତି ଦର୍ଶାଇଲେ ଯେ, ଅନ୍ୟ ତେଜସ୍କ୍ରିୟ ମୌଳିକ ତୁଳନାରେ ରେଡିୟମ୍ ଅଧିକ ତେଜସ୍କ୍ରିୟ।

୧୮୯୮ ମସିହାରେ ଏହି ନୂତନ ମୌଳିକ 'ରେଡିୟମ' ବିଷୟରେ ବର୍ଣ୍ଣନା କରି ମେରୀ ଏକ ପ୍ରବନ୍ଧ ପ୍ରକାଶ କରିଥିଲେ। କିନ୍ତୁ ପ୍ରବନ୍ଧର ପ୍ରକାଶପରେ ପଦାର୍ଥବିଜ୍ଞାନୀ ଓ ରସାୟନ ବିଜ୍ଞାନୀମାନେ ଏହାକୁ ସମାଲୋଚନା କରିବା ସହ 'ରେଡିୟମ'କୁ ଦେଖିବା ପାଇଁ ଦାବୀ କରିଥିଲେ। ସମାଲୋଚକମାନଙ୍କର ଏହି ଖୋଲା ଆହ୍ୱାନକୁ ମେରୀ ଗ୍ରହଣକରି କୌଣସିପ୍ରକାରେ 'ରେଡିୟମ' ମୌଳିକକୁ ଆହରଣ କରିବାର ଦୃଢ଼ ସଂକଳ୍ପ ଗ୍ରହଣକଲେ। ନା ଥିଲା ଅର୍ଥବଳ, ନାଥିଲା ଉପଯୁକ୍ତ ଗବେଷଣାଗାର! ତଥାପି ନିଜର ଦୃଢ଼ ଇଚ୍ଛାଶକ୍ତି ତାଙ୍କୁ ସଫଳତାଦିଗରେ ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ାଇନେବାରେ ଅନୁପ୍ରେରିତ କରୁଥାଏ। ଏକ ପରିତ୍ୟକ୍ତ ଭଙ୍ଗା କାଠଘର ଯାହାରକି ଛାତ କଣାଥିଲା, ସେଭଳିସ୍ଥାନକୁ ଗବେଷଣାଗାର ଭାବେ ବ୍ୟବହାର କରି କ୍ୟୁରୀ ଦମ୍ପତି କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘ ଚାରିବର୍ଷର ନିରବଚ୍ଛିନ୍ନ ଅଧ୍ୟବସାୟର ସାଥୀ ଥିଲେ ତାଙ୍କର ସ୍ୱାମୀ। ତେବେ ବେହେମିଆର କାଚ କାରିଗରମାନେ ଆକର୍ଷଣୀୟ କାଚ ଉପକରଣ ତିଆରି କରିବାପାଇଁ ୟୁରାନିୟମ ଆହରଣ କରିନେଇ ପିଚବ୍ଲେଣ୍ଡ ଗୁଡ଼ିକ ଜଙ୍ଗଲ ମଧ୍ୟରେ ଜମା କରିରଖୁଥିଲେ। ସେଠାରୁ ପିଚବ୍ଲେଣ୍ଡ୍ ଆଣି ତାର ଗୁଣ୍ଡରୁ ରେଡିୟମ ମିଳିପାରେ ବୋଲି ଦୃଢ଼ ନିଶ୍ଚିତ ଥିଲେ ମେରୀ କ୍ୟୁରୀ। ତେବେ ଗାଡ଼ିଭଡ଼ାକରି ଆଣି ବିରାଟ ବିରାଟ ଲୁହା ହଣ୍ଡାରେ ନିଆଁଜାଳି ପିଚବ୍ଲେଣ୍ଡ୍ ଗୁଣ୍ଡକୁ ଫୁଟାଇ ଚାଲିଲେ ମେରୀ। ଦିନରାତିର କଠିନ ପରିଶ୍ରମ ଫଳରେ ସ୍ୱାସ୍ଥ୍ୟ ହାନି ମଧ୍ୟ ଘଟିଥିଲା। ଏହିପରି କଠିନ ନିରନ୍ତର ପ୍ରଚେଷ୍ଟାର ଦିନ ପରେ ଦିନ, ମାସ ପରେ ମାସ, ବର୍ଷପରେ ବର୍ଷ ବିତିଗଲା ପରେ ମଧ୍ୟ ରେଡିୟମ୍‌ର ଦର୍ଶନ ମିଳିନଥିଲା। ତେବେ ୧୯୦୨ ମସିହାରେ ପେରୀ ଓ ମେରୀ କ୍ୟୁରୀ ଲକ୍ଷ୍ୟ କଲେ ଯେ, ଗୋଟିଏ କାଚ ଆଧାର ମଧ୍ୟରେ ଅତି ସାମାନ୍ୟ କିଛି ବସ୍ତୁର ଆବିର୍ଭାବ ଘଟିଛି। ସୂର୍ଯ୍ୟାସ୍ତ ହୋଇସାରିଥିବାବେଳେ ଅନ୍ଧକାରାଚ୍ଛନ୍ନ ଗବେଷଣାର ମଧ୍ୟରେ ଉଜ୍ଜ୍ୱଳ ନୀଳ ଆଲୋକ ପ୍ରଦାନ କରୁଥିବା ସେହି କ୍ଷୁଦ୍ର ବସ୍ତୁଟି ହିଁ ତ ରେଡିୟମ୍ ଥିଲା। ସେମାନଙ୍କର ଏହି ଗବେଷଣା ପାଇଁ ମେରୀ ଦମ୍ପତିଙ୍କୁ କୌଣସି ସରକାରୀ ଅନୁଦାନ ମିଳିନଥିଲା। ନିଜର ସମସ୍ତ ସମୟ, ଶ୍ରମ, ସମ୍ବଳ ଓ ଧୈର୍ଯ୍ୟର ବିନିମୟରେ ସେମାନେ ଆବିଷ୍କାର କରିଥିବା ଏହି ରେଡିୟମ୍ ଯେ ଅତ୍ୟନ୍ତ ତେଜସ୍କ୍ରିୟ ତାହା ଲୋକଲୋଚନକୁ ଆଣି ମେରୀ ଜଣାଇଥିଲେ ଯେ ଏହାର ତେଜସ୍କ୍ରିୟତା ୟୁରାନିୟମ୍ ଠାରୁ ପ୍ରାୟ ୨୦ଲକ୍ଷ ଗୁଣ ଅଧିକ। ସେମାନେ ରେଡିୟମ୍ ବ୍ୟତୀତ ଅନ୍ୟ ଏକ ତେଜସ୍କ୍ରିୟ ମୌଳିକ ଆବିଷ୍କାର କରିଥିଲେ ଯାହାର ନାମ ନିଜର ମାତୃଭୂମି ଅନୁସାରେ 'ପୋଲାନିୟମ୍' ରଖିଥିଲେ।

ପରବର୍ତ୍ତୀ ସମୟରେ ପରୀକ୍ଷା କରି ଦେଖାଇଦେଇଥିଲେଯେ ରେଡିୟମ ରଶ୍ମି ଚର୍ମ ଉପରେ ପଡ଼ିଲେ ଆକ୍ରାନ୍ତ ଚର୍ମ ପ୍ରଥମେ ଲାଲ୍ ପଡ଼ିବା ସହ ସେଠାରେ କ୍ଷତ ଜାତ ହୋଇଥାଏ। ତେଣୁ ଏହି କ୍ଷତିକାରୀ ତେଜସ୍କ୍ରିୟତାର ପ୍ରଭାବରୁ ରକ୍ଷାପାଇବା ପାଇଁ ଏହାକୁ ସୀସା ଆଧାର ମଧ୍ୟରେ ରଖାଯାଏ। ଏହା ଚର୍ମରୋଗ ତଥା କର୍କଟରୋଗ ନିରାକରଣରେ ସାହାଯ୍ୟ କରିପାରିବବୋଲି ମତ ପ୍ରକାଶ କରିବା ପରେ ଫ୍ରାନ୍ସ, ଇଂଲଣ୍ଡ, ଆମେରିକା ତଥା ୟୁରୋପୀୟ ବୈଜ୍ଞାନିକମାନଙ୍କ ମଧ୍ୟରେ ଆନନ୍ଦର ସୀମା ରହିଲା ନାହିଁ। ରେଡିୟମକୁ ନିଜ ନାମରେ ପ୍ୟାଟେଂଟ୍ କରିବାପାଇଁ ପେରୀ ଦେଇଥିବା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ମେରୀ କହିଥିଲେ ଯେ "ଏହା ଅସମ୍ଭବ। ବୈଜ୍ଞାନିକ ଚିନ୍ତାଧାରାର ଏହା ବିରୁଦ୍ଧାଚରଣ। ଅତି ଆକସ୍ମିକ ଭାବରେ ଆମକୁ ଏହି ସଫଳତା ମିଳିଛି। ଏହି ଆକସ୍ମିକତାକୁ ଅର୍ଥ ଉପାର୍ଜନ କରିବା କ୍ଷେତ୍ରରେ ବିନିଯୋଗ କରିବା ପାଇଁ ପ୍ରଶ୍ନ ଉଠୁ ନାହିଁ। ରେଡିୟମ୍ ତ ରୋଗୀମାନଙ୍କ ଚିକିତ୍ସା ପାଇଁ ଉଦ୍ଦିଷ୍ଟ।" ମେରୀଙ୍କର ଏହି ମହାନୁଭବତା ତାଙ୍କୁ ଲୋକପ୍ରିୟତାର ଶୀର୍ଷରେ ପହଂଚାଇ ପାରିଥିଲା। ଲଣ୍ଡନର ରୟାଲ୍ ସୋସାଇଟି କ୍ୟୁରୀ ଦମ୍ପତିଙ୍କୁ ଡ୍ୟାଭି ମୋଡାଲ ପ୍ରଦାନ କରି ସର୍ବ ପ୍ରଥମ ସମ୍ମାନ ଜ୍ଞାପନ କରିଥିଲା। ୧୯୦୩ ମସିହାରେ ସୁଇଡିସ୍ ବିଜ୍ଞାନ ଏକାଡେମୀ ବେକ୍‌ରେଲ୍‌ଙ୍କୁ ତେଜସ୍କ୍ରିୟତା ସଂକ୍ରାନ୍ତ ଆବିଷ୍କାର ପାଇଁ ଏବଂ ମେରୀ ଓ ପେରୀ କ୍ୟୁରୀଙ୍କୁ ରେଡିୟମ ଓ ତେଜସ୍କ୍ରିୟ ପ୍ରକ୍ରିୟା ସଂକ୍ରାନ୍ତ ଆବିଷ୍କାର ପାଇଁ ମିଳିତ ଭାବରେ ପଦାର୍ଥ ବିଜ୍ଞାନ ନୋବେଲ୍ ପୁରସ୍କାର ପ୍ରଦାନ କରିଥିଲେ।

କଠିନ ଅଧ୍ୟବସାୟର ଫଳସ୍ୱରୂପ ବିଶ୍ୱ ବିଜ୍ଞାନ ମାନଚିତ୍ରରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ମେରୀ କ୍ୟୁରୀ ବିଭିନ୍ନ ମହଲରୁ ସମ୍ମାନର ପାତ୍ରୀ ହୋଇ ବିଜ୍ଞାନ ବେଷଣା କ୍ଷେତ୍ରରେ ନିଜର ଜୟଯାତ୍ରା ଅବ୍ୟାହତ ରଖିଥିବା ସମୟରେ ୧୯୦୬ ମସିହାରେ ଏକ ରାସ୍ତା ଦୁର୍ଘଟଣାରେ ପେରୀ କ୍ୟୁରୀଙ୍କର ଅକାଳ ବିୟୋଗ ହୋଇଥିଲା। ଏଥିରେ

ଖୁବ୍ ଭାଙ୍ଗିପଡିଥିଲେ ମେରୀ। କିନ୍ତୁ "ସାରା ଜୀବନ ଗବେଷଣା କରିଚାଲିଥିବ" – ସ୍ୱାମୀଙ୍କର ଏହି ପରାମର୍ଶକୁ ମନେ ପକାଇ ଓ ସମ୍ମାନ ଦେଇ ସେ ଗବେଷଣା କାର୍ଯ୍ୟ କରିଚାଲିଥିଲେ। ଫ୍ରାନ୍ସ ସରକାରଙ୍କଠାରୁ ପ୍ରଚୁର ଆର୍ଥିକ ଅନୁଦାନ ମିଳିଥିଲା ଏବଂ ସୋରବୋନ୍ ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗରେ ପେରୀଙ୍କ ସ୍ଥାନରେ ମେରୀଙ୍କୁ ନିଯୁକ୍ତି ମିଳିଥିଲା। କୌଣସି ବିଶ୍ୱ ବିଦ୍ୟାଳୟରେ ସ୍ଥାୟୀ ଭାବରେ ନିଯୁକ୍ତି ପାଇବାରେ ମେରୀ ଥିଲେ ପ୍ରଥମ ମହିଳା ।

୧୯୧୦ ମସିହାରେ ରେଡିୟମ୍ କ୍ଲୋରାଇଡର ବିଦ୍ୟୁତ୍‌ବିଶ୍ଳେଷଣ (Electrolysis) କରାଇ ମେରୀ କ୍ୟୁରୀ ଆହରଣ କରିପାରିଥିଲେ ବିଶୁଦ୍ଧ ରେଡିୟମ୍। ତରଳ ରେଡିୟମ୍ କ୍ଲୋରାଇଡ୍‌କୁ ବିଦ୍ୟୁତ୍ ବିଶ୍ଳେଷ୍ୟଭାବେ ନେଇ ତନମଧ୍ୟରେ ବିଦ୍ୟୁତ୍‌ଶକ୍ତି ପ୍ରବାହିତ କରାଇ ସେ ଲକ୍ଷ୍ୟ କଲେ ଯେ ପାରଦ ଇଲେକ୍ଟ୍ରୋଡ ଠାରେ ଏକ ଧାତୁ ଜମା ହେଉଛି। ପାରଦକୁ ବାଷ୍ପୀଭୂତ କରାଇ ବିଶୁଦ୍ଧ ରେଡିୟମ୍ ଧାତୁକୁ ପୃଥକୀକୃତ କରାଇବାରେ ସେ ସଫଳ ହୋଇଥିଲେ। ଏହି ବିଶୁଦ୍ଧ ରେଡିୟମ୍ ଧାତୁ ପ୍ରସ୍ତୁତ କରିବା ଓ ଏହି ପ୍ରସ୍ତୁତି ପ୍ରକ୍ରିୟା ଆବିଷ୍କାର କରିବାରେ ସଫଳ ହେବା କାରଣରୁ ତାଙ୍କୁ ୧୯୧୧ ମସିହାରେ ରସାୟନ ବିଜ୍ଞାନ ନୋବେଲ୍ ପୁରସ୍କାର ମିଳିପାରିଥିଲା। ଦୁଇଥର ନୋବେଲ୍ ପୁରସ୍କାର ପାଇବାରେ ମେରୀ କ୍ୟୁରୀ ହେଉଛନ୍ତି ବିଶ୍ୱର ସର୍ବ ପ୍ରଥମ ତଥା ଏକମାତ୍ର ମହିଳା। ସେହିବର୍ଷ ଏକକ ଭାବରେ ରସାୟନ ବିଜ୍ଞାନ ନୋବେଲ୍ ପୁରସ୍କାରରେ ସମ୍ମାନିତ ହୋଇଥିଲେ ମେରୀ କ୍ୟୁରୀ।

ଏହି ମହିୟସୀଙ୍କର କାର୍ଯ୍ୟର ପରିସର କେବଳ ବିଜ୍ଞାନାଗାର ମଧ୍ୟରେ ସୀମିତ ନ ରହି ୧୯୧୪ ମସିହାର ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଆହତ ସୈନ୍ୟମାନଙ୍କର ସେବା କ୍ଷେତ୍ରକୁ ସଂଚରିତ ହୋଇଥିଲା। ନିଜର ଗବେଷଣା କାର୍ଯ୍ୟ ବନ୍ଦ ରଖି ଯୁଦ୍ଧ କ୍ଷେତ୍ରରେ ଆହତ ସୈନ୍ୟମାନଙ୍କୁ ସେ ଯୋଗାଇ ଚାଲିଥିଲେ ଏକ୍ସ-ରେ ସେବା। ପ୍ରାୟ ଦୁଇଶହରୁ ଉର୍ଦ୍ଧ୍ୱ ସଂଖ୍ୟକ ଭ୍ୟାନରେ ଏକ୍ସ-ରେ ଯନ୍ତ୍ର ଖଞ୍ଜି ଆହତ ସୈନିକମାନଙ୍କର ଏକ୍ସ-ରେ କରାଇ ସେମାନଙ୍କର ଚିକିତ୍ସାକୁ ସୁଗମ କରାଇ ପାରୁଥିଲେ। ଏଣୁ ସାଧାରଣ ଜନତା ତଥା ସୈନ୍ୟବାହିନୀ ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବାରେ କାର୍ପଣ୍ୟ କରିନଥିଲେ।

ଯୁଦ୍ଧ ଶେଷରେ କ୍ୟୁରୀ ପୁଣି ଲାଗିଯାଇଥିଲେ ଗବେଷଣା କାର୍ଯ୍ୟରେ। ସବୁଠାରୁ ବିସ୍ମୟର କଥାଯେ, ରେଡିୟମ୍ ଆବିଷ୍କର୍ତ୍ତୀ ଏହି ମହିୟସୀଙ୍କ ପାଖରେ ନିଜସ୍ୱ ଗବେଷଣା ପାଇଁ ରେଡିୟମ୍ ନଥିଲା। ତେବେ ଆମେରିକୀୟ ମହିଳାମାନେ ଅର୍ଥ ସଂଗ୍ରହକରି ଏକ ଲକ୍ଷ ଡଲାର ବିନିମୟରେ ମେରୀଙ୍କୁ ମାତ୍ର ଏକ ଗ୍ରାମ୍ ରେଡିୟମ୍ କିଣି ଉପହାର ସ୍ୱରୂପ ଦେଇଥିଲେ।

୧୯୨୩ ମସିହାରେ ଗଠିତହେଲା କ୍ୟୁରୀ ଫାଉଣ୍ଡେସନ୍ ଏବଂ ପେରୀ କ୍ୟୁରୀଙ୍କର ସ୍ମୃତିକୁ ଉଜ୍ଜୀବିତକରି ରଖିବାପାଇଁ ଫ୍ରାନ୍ସ ସରକାରଙ୍କର ପୃଷ୍ଠପୋଷକତାରେ ଗଠିତ ହୋଇଥିବା 'ପେରୀ ରେଡିୟମ ଇନଷ୍ଟିଚ୍ୟୁଟ' ର ମାର୍ଗଦର୍ଶିକା ଭାବେ ମେରୀ ବିଶ୍ୱବାସୀଙ୍କ ପାଇଁ ଗବେଷଣାର ପଥ ସୁଗମ କରାଇଥିଲେ। ୧୯୨୫ ମସିହାରେ ପୋଲାଣ୍ଡ ସରକାର ମେରୀଙ୍କ ଜନ୍ମ ସ୍ଥାନରେ ଏକ 'ରେଡିୟମ୍ ଇନଷ୍ଟିଚ୍ୟୁଟ'୍ ପ୍ରତିଷ୍ଠା କରି ଏହାର ପରିଚାଳନା ଭାର ମେରୀଙ୍କୁ ଗ୍ରହଣ କରିବାପାଇଁ ଅନୁରୋଧ କରିଥିଲେ। ତେବେ ପ୍ୟାରିସ୍ ସ୍ଥିତ 'ପେରୀ ରେଡିୟମ୍ ଇନଷ୍ଟିଚ୍ୟୁଟ'୍ ର ଗବେଷଣାକୁ ଛାଡି ମେରୀ ପୋଲାଣ୍ଡ ଯାଇପାରିନଥିଲେ। କିନ୍ତୁ ପୋଲାଣ୍ଡ ସରକାରଙ୍କ ପ୍ରତି ନିଜର ସନ୍ତୋଷ ପ୍ରକଟ କରି ଉପହାର ପାଇଥିବା ଏକ ଗ୍ରାମ ରେଡିୟମ୍ ସେହି ପୋଲାଣ୍ଡ ଦେଶର ସଂଗଠନକୁ ପ୍ରଦାନ କରିଥିଲେ। ସତରେ କେତେ ନିର୍ଲୋଭ ଓ ଅମାୟିକ ଥିଲେ ମେରୀ!

ମେରି କ୍ୟୁରୀ କ୍ରମଶଃ ଅଶୁସ୍ଥ ହୋଇପଡିଥିଲେ। ତାଙ୍କର ଅସୁସ୍ଥତା କିଛି ସାଧାରଣ ଧରଣର ନଥିଲା। ଜେନେଭାର ଡାକ୍ତରମାନେ ମତ ଦେଇଥିଲେ ଯେ, ଲିଉକୋମିଆ ବା ରକ୍ତକର୍କଟ ରୋଗରେ ଆକ୍ରାନ୍ତ ଥିଲେ ବୋଲି। ନିଜ ଆବିଷ୍କୃତ ରେଡିୟମ୍‌ରୁ ନିର୍ଗତ ତୀବ୍ର ତେଜଷ୍କ୍ରିୟ ରଶ୍ମି ହିଁ ଥିଲା ତାଙ୍କଠାରେ ସୃଷ୍ଟ ରକ୍ତ କର୍କଟର କାରଣ। ରୋଗ ନିର୍ଣ୍ଣୟ ବେଳକୁ ତାହାର ତୀବ୍ରତା ଅତ୍ୟନ୍ତ ଭାବେ ବୃଦ୍ଧିପାଇଯାଇଥିଲା। ୧୯୩୪ ମସିହା ଜୁଲାଇ ମାସ ଚାରି ତାରିଖରେ ମେରୀ କ୍ୟୁରୀଙ୍କ ମୃତ୍ୟୁ ଘଟିଲା।

ତାହାଙ୍କ ଅସାଧାରଣ କୃତିତ୍ୱକୁ ମନେ ରଖିବାପାଇଁ ଆମେରିକୀୟ ବୈଜ୍ଞାନିକ ସିବର୍ଗଙ୍କ ଆବିଷ୍କୃତ ଏକ କୃତ୍ରିମ ମୌଳିକର ନାମ କ୍ୟୁରିୟମ୍ ରଖାଯାଇଛି। ଏହା ବ୍ୟତୀତ ତେଜଷ୍କ୍ରିୟତାକୁ ପ୍ରକାଶ କରିବା ନିମନ୍ତେ ବ୍ୟବହୃତ ଏକକ କ୍ୟୁରୀ ଏକକ ହୋଇଥବା ମଧ୍ୟ ସେହି ମହୀୟସୀ ବିଜ୍ଞାନୀଙ୍କ ପାଇଁ ଏକ ବିରଳ ସମ୍ମାନ।

ମେରୀ କ୍ୟୁରୀ ଓ ପେରୀ କ୍ୟୁରୀଙ୍କର ଜ୍ୟେଷ୍ଠା କନ୍ୟା ଆଇରିନ୍ କ୍ୟୁରୀ ଓ ତାଙ୍କ ସ୍ୱାମୀ ଫେଡେରିକ୍ ଜୁଲିଏଟ୍ କୃତ୍ରିମ ତେଜଷ୍କ୍ରିୟ ବସ୍ତୁ ସଂଶ୍ଳେଷଣ କରି ୧୯୩୫ ମସିହାରେ ରସାୟନ ବିଜ୍ଞାନରେ ନୋବେଲ୍ ପ୍ରାପ୍ତ ହୋଇଥିଲେ। ୧୯୬୫ ମସିହାରେ ୟୁନିସେଫ୍ (UNICEF) କୁ ମିଳିଥିବା ନୋବେଲ୍ ଶାନ୍ତି ପୁରସ୍କାରର ଗ୍ରହୀତା ଥିଲେ କ୍ୟୁରୀ ଦମ୍ପତିଙ୍କ କନିଷ୍ଠା କନ୍ୟା ଇଭ୍‌ଙ୍କ ସ୍ୱାମୀ ଏଚ.ଆର୍.ଲାବୁଇସେ। ସେ ୟୁନିସେଫ୍ ର ଅଧ୍ୟକ୍ଷ ଭାବରେ ଏହି ପୁରସ୍କାର ପାଇଥିଲେ। ବିଶ୍ୱରେ ଗୋଟିଏ ପରିବାରକୁ ଚାରିଟି ନୋବେଲ୍ ପୁରସ୍କାର ମିଳିବା ସତରେ ଏକ ଅତ୍ୟନ୍ତ ବିରଳ ଘଟଣା।

ସେହି ମହାମାନବୀଙ୍କର ଜୀବନ ସଂଗ୍ରାମ ଓ ବିଜ୍ଞାନୀ ମନସ୍କତା ସତରେ ଆଜିର ପୀଢିର ବିଦ୍ୟାର୍ଥୀମାନଙ୍କ ପାଇଁ ପ୍ରେରଣାର ଏକ ଅଫୁରନ୍ତ ଉତ୍ସହୋଇ ରହିବ। ବିଜ୍ଞାନର ଜୟଯାତ୍ରାରେ ସାମିଲ୍ ଏଭଳି କାଳଜୟୀ ପ୍ରତିଭାମାନେ ପୁନଃପୁନଃ ଜନ୍ମ ନିଅନ୍ତୁ ଏହାହିଁ ମ୍ୟାଡାମ୍ କ୍ୟୁରୀଙ୍କର ୧୫୦ତମ ଜନ୍ମ ତିଥିରେ ବିନମ୍ର କାମନା।

ବନମାଳୀ କଲୋନୀ, ଜଟଣୀ
ମୋ ନଂ - ୯୭୭୮୫୫୬୮୯୧

# ସକାରାତ୍ମକ-ନକାରାତ୍ମକ

**ନାମଯଜ୍ଞ ମିଶ୍ର**

ପର୍ବତରାଜ ହିମାଳୟଙ୍କ କନ୍ୟା ପାର୍ବତୀଙ୍କ ସହ ଦେବଦେବ ମହାଦେବଙ୍କ ବିବାହ ହେବାପରେ ସେ ଦୁହେଁ କପିଳାସ କନ୍ଦରରେ ବାସ କରିବାରେ ଲାଗିଲେ। ଦିନେ ମହାଦେବ ପାର୍ବତୀଙ୍କୁ ନେଇ ସ୍ୱର୍ଗପୁରକୁ ବୁଲିବାକୁ ଗଲେ। ପ୍ରଥମେ ଯୋଶବନ୍ତୀ ଭବନରେ ବ୍ରହ୍ମାଙ୍କ ସାକ୍ଷାତ ହେଲା। ବ୍ରହ୍ମଦେବ ଶିବପାର୍ବତୀଙ୍କୁ ପ୍ରଣାମ ଜଣାଇ ପାର୍ବତୀଙ୍କୁ ଶକ୍ତି ଦେବୀ ବୋଲି ସମ୍ବୋଧନ କରି ତାଙ୍କର ପାର୍ବତୀ ରୂପରେ ଆବିର୍ଭାବ ଯୋଗୁଁ ସୃଷ୍ଟି ରକ୍ଷା ହେଲା ବୋଲି ପ୍ରଶଂସା କଲେ। ଏହାପରେ ଶିବପାର୍ବତୀ ସ୍ୱର୍ଗପୁର ସୁଧର୍ମା ସଭାରେ ଯାଇ ପହଂଚିଲେ। ଦେବରାଜ ଇନ୍ଦ୍ରଙ୍କ ସମେତ ସମସ୍ତ ଦେବତା ଓ ଋଷିଗଣ ପ୍ରଣାମ ଜଣାଇ ତାଙ୍କର ବନ୍ଦନାଗାନ କରିବାରେ ଲାଗିଲେ। ଦେବରାଜ ଇନ୍ଦ୍ର କହିଲେ "ଯେଉଁ ମହାଦେବଙ୍କ କୃପାରୁ ମୋର ଏଇ ସୁନ୍ଦର ଅମର ଭୁବନ ସେ ପ୍ରଭୁ ଆଦିଶକ୍ତି ଦେବୀଙ୍କ ସହ ମୋ ପୁରରେ ଉପସ୍ଥିତ, ଆଜି ମୁଁ ଧନ୍ୟ ହେଲି।"

ଦେବୀ ପାର୍ବତୀ ଅମର ଭୁବନର ସୌନ୍ଦର୍ଯ୍ୟ ଓ ଐଶ୍ୱର୍ଯ୍ୟ ଦେଖି ମୁଗ୍ଧ ହେଲେ। ସେଠାରୁ ଫେରିବା ପରେ ମନଦୁଃଖ କରି ଶିବଙ୍କୁ କହିଲେ, "ତୁମ୍ଭର ପ୍ରସାଦରୁ ଏ ଦେବଗଣ ସୁନ୍ଦର ଭବନରେ ଐଶ୍ୱର୍ଯ୍ୟ ଭୋଗ କରୁଛନ୍ତି ଅଥଚ ତୁମେ ନିଜ ପାଇଁ ଏକ ସୁନ୍ଦର ଘରଟିଏ କରୁନାହଁ କାହିଁକି ?"

ଶିବ କହିଲେ, "ପ୍ରିୟେ, ପ୍ରତ୍ୟେକ ଦେବତାଙ୍କର ଅଲଗା ଅଲଗା ରୁଚି, ନୀତି ଓ ପ୍ରବୃତ୍ତି ରହିଅଛି। ସୁନ୍ଦର ଭବନ ଐଶ୍ୱର୍ଯ୍ୟ ବା ରାଜପଣ ପାଇଁ ମୋର ପ୍ରବୃତ୍ତି ନାହିଁ, କାରଣ ସେ ସବୁ ଜଞ୍ଜାଳରେ ପଶିବାକୁ ମୋର ପ୍ରବୃତ୍ତି ନାହିଁ।" ଶିବଙ୍କର ଏ ପ୍ରକାର ଉତ୍ତରରେ ଦେବୀ ବିଷାଦିତ ହେଲେ, ଏଇ ସମୟରେ ଲକ୍ଷ୍ମୀନାରାୟଣ ଶିବପାର୍ବତୀଙ୍କର ଦର୍ଶନପାଇଁ ଆସି ପହଞ୍ଚିଲେ। ଧନ ଓ ଐଶ୍ୱର୍ଯ୍ୟର ଦେବୀ ଲକ୍ଷ୍ମୀ ନାରାୟଣଙ୍କ ସହ ଶିବପାର୍ବତୀଙ୍କୁ ପ୍ରଣାମ କରି ବିଷାଦଗ୍ରସ୍ତ ପାର୍ବତୀଙ୍କୁ ଚାହିଁ କହିଲେ- "ଶକ୍ତିଦେବୀଙ୍କ ମନରେ ଦୁଃଖ କାହିଁକି ? କୁହନ୍ତୁ, ଯେତେ ସୁନ୍ଦର ଭବନ, ଧନ,ଐଶ୍ୱର୍ଯ୍ୟ ଚାହିଁବେ ତତ୍‌କ୍ଷଣାତ୍ ମୁଁ ପ୍ରଦାନ କରିବି।" ମାଆ ପାର୍ବତୀ ଚିହିଁକି ଉଠିଲେ କ୍ରୋଧରେ କହିଲେ "ମୁଁ କାହାଠୁ ଦାନ ନେବିନାହିଁ। ମୁଁ ଶକ୍ତି ଦେବୀ। ମୋ ଶକ୍ତି ବଳରେ ମୁଁ ସୁନ୍ଦର ଭବନଟିଏ କରିନେବି।" ମହାଦେବ କହିଲେ, ତାହା ହିଁ ହେଉ, ଲକ୍ଷ୍ମୀଦେବୀ ମୁହଁ ଶୁଖାଇ ନାରାୟଣଙ୍କ ସହିତ ଫେରିଗଲେ। ଦେବୀ ପାର୍ବତୀ ମହାଦେବଙ୍କର ମନା ସତ୍ତ୍ୱେ ନିଜଶକ୍ତି ପ୍ରୟୋଗ କରି ଏକ ଅନିନ୍ଦ୍ୟ ସୁନ୍ଦର ଭବନ ନିର୍ମାଣ କରାଇଲେ।

ତାହା ଅମରାବତୀଠାରୁ ବଳି ଅଧିକ ସୁନ୍ଦର ଥିଲା ଓ ସେଠାରେ ଶିବପାର୍ବତୀଙ୍କର ବସିବା ପାଇଁ ଇନ୍ଦ୍ରାସନଠୁ ବଳି ଏକ ଉଚ୍ଚ ରାଜସିଂହାସନ ନିର୍ମିତ ହୋଇଥିଲା। ନବ ନିର୍ମିତ ଭବନଟିକୁ ସମସ୍ତେ ପ୍ରଶଂସା କରିବାରେ ଲାଗିଲେ। ସଦାଯୋଗମଗ୍ନ ସଦାଶିବଙ୍କୁ ଚାହିଁ ମା ପାର୍ବତୀ ବାରଂବାର, "ଉଠ ! ଉଠ ! ଦେଖ, ମୁଁ ଆମପାଇଁ କି ସୁନ୍ଦର ଭବନଟିଏ ନିର୍ମାଣ କରାଇଛି ?" ତଥାପି ଶିବ ଆଖିଖୋଲି ନ ଦେଖିବାରୁ ଦେବୀ ବାରଂବାର ତାଙ୍କର ହାତଝିଙ୍କି ସେଇଭଳି ଆହ୍ୱାନ କଲେ। ଶକ୍ତି ଦେବୀଙ୍କ ଶକ୍ତିପ୍ରୟୋଗରେ ସଦାଶିବଙ୍କର ତୃତୀୟ ନୟନ ଖୋଲିଗଲା ଓ ତହିଁରୁ ଏକ ଅଗ୍ନିରେଖା ବାହାରି ନୂତନ ନିର୍ମିତ ପ୍ରାସାଦର ଚୂଡାରେ ଖେଳିବାରେ ଲାଗିଲା।ପ୍ରସାଦ ଚୂଡାରେ ନିଁଆହୁଳା ଦେଖି ପାର୍ବତୀ ଚିହିଁକି ଉଠିଲେ। ଏଣେ ଏଡେବଡ ସୁନ୍ଦର ପ୍ରାସାଦ ସେ ତିଆରି କରାଇଲେ, କିନ୍ତୁ ମହାଦେବ ତାଙ୍କୁ ପ୍ରଶଂସା କରିବାତ ଦୂରର କଥା, ତାଙ୍କୁ ଥରେ ଦେଖିବାକୁ ବି ଯୋଗରୁ ଉଠୁନାହାନ୍ତି। ସୁତରାଂ ଦେବୀପାର୍ବତୀ ରାଗରେ କହିପକାଇଲେ "ହେଇ ! ନିଆଁ ଲାଗିଗଲାଣି। ପୋଡିଜଳି ଭସ୍ମ ହେଇଯାଉ ଏ ପ୍ରାସାଦ।"...ଦେବୀ ଏତିକି କହିଛନ୍ତି କି ନାହିଁ, ସତକୁ ସତ ନବନିର୍ମିତ ସେଇ ଭବ୍ୟ ପ୍ରାସାଦଟି କ୍ଷଣକରେ ଜଳିପୋଡି ଭସ୍ମ ହେଇଗଲା। ପାର୍ବତୀଙ୍କ ମନରେ ଅପାର ଦୁଃଖ ଦେଖି ମହାଦେବ ସମାଧିରୁ ଉଠି କହିଲେ, "ପ୍ରିୟେ ! ମନଦୁଃଖ କରନାହିଁ। ତୁମେ ସ୍ୱୟଂମହାଶକ୍ତି, ତୁମ ପ୍ରାସାଦ ଜାଳିବାକୁ କାହାର ସାଧ୍ୟଅଛି ?ତୁମେ ନିଜେ ହିଁ ନିଜର ଇଚ୍ଛାରେ ଯାକୁ ଜାଳି ଭସ୍ମୀଭୂତ କରିଛ। ତୁମେ କହିଲ, ଜଳିପୋଡି ଭସ୍ମ ହେଇଯାଉ।" ତୁମ ଆଜ୍ଞାପାଳନ କରି ଅଗ୍ନି ଦେବ ଏ ପ୍ରସାଦକୁ ନ ଜାଳି ରହିପାରନ୍ତେ କି? ତୁମେ ସକରାତ୍ମକ ବାଞ୍ଛାକଲ ବୋଲି ପ୍ରସାଦ ହେଲା। ନକରାତ୍ମକ ଭାବନାରୁ ତାହା ଜଳିପୋଡି ଭସ୍ମୀଭୂତ ହେଲା। କାରଣ, ତୁମେ ହିଁ ମହାପ୍ରକୃତି, ତୁମେ ଜାଣ ଯେ ତୁମ ସ୍ୱାମୀ ଓ ତୁମେ ଏ ପ୍ରକାରର ଭୋଗବିଳାସର ପ୍ରବୃତ୍ତି ଠାରୁ ବହୁଦୂରରେ। ତେବେ ତୁମର ପ୍ରତିପ୍ରତ୍ତି ସ୍ଥାପନ ବାଞ୍ଛା ଥିବାରୁ ଆଜିଠାରୁ କୌଣସି ରାଜା ତୁମକୁ ଅଧିଷ୍ଠାତ୍ରୀ ଭାବେ ସ୍ଥାପନ ନ କଲା ପର୍ଯ୍ୟନ୍ତ ଗଡ ବା ରାଜଧାନୀ ସ୍ଥାପନ କରିବେ ନାହିଁ। ଏଭଳି ଭାବେ ତୁମେ ସର୍ବତ୍ର ରାଜପଣ କରିବ।"

ସକରାତ୍ମକ ଭାବନା ନିର୍ମାଣ ଓ ନକରାତ୍ମକ ଭାବନା ସର୍ବଦା ଧ୍ୱଂସର କାରଣ ହୁଏ।

**ବରପାଲିପଡା, ବଲାଙ୍ଗୀର**

# ଛାଡ଼ ଖାଇ

ଜୟଦେବ ସିଂ

ଆଇଁସ ଦୋକାନେ
ପ୍ରବଳ ଭିଡ଼।
କାଲି ଥିଲା ଆମ
ସମ୍ପର୍କ ଦୃଢ଼
ଏବେ ନିର୍ଦ୍ଦୟ କଂସେଇ
ହାଣି ପକାଇଲା
ମାଉଁସ ହାଡ଼।
କେତ୍ରା ବିକେତ୍ରା କା'ର ଦୋଷ ନାହିଁ
ପରିସ୍ଥିତି ଆମକୁ କରିଲା ମଢ଼।

ରାୟଗଡ଼ା
ଦୂରଭାଷ:୯୪୩୭୫୨୭୩୪୯

# ବୁଢିଆଣୀ ଜାଲ

ଜୁବୁଲି ବେହେରା

ଶରୀର ସରିବ ମଣିଷ ମରିବ
ମିଛେ ସିନା କରୁ ଗରବ,
ବୁଢିଆଣୀ ଜାଲ ଅଟେ ତୋ ଜୀବନ
କେ ରଖିବ ଗଲେ ପିଣ୍ଡରୁ ପ୍ରାଣ।
ମନଦେଇ କରୁ ପତ୍ନୀ ପୀରତି
ନୁହେଁ ସେ ଜନ୍ମ ଜନ୍ମର ସାଥୀ
ଅନେକ ଜନ୍ମ ପୁଣ୍ୟଫଳେ
ଲଭିଲୁ ଜନ୍ମ ମହୀତଳେ,
ଆତ୍ମାକୁ ଉଦ୍ଧାରିବା ପାଇଁ
ପରମାତ୍ମା ଙ୍କୁ ସ୍ମର ତୁହି।
ପାର ହେବା ପାଇଁ ସଂସାର ସିନ୍ଧୁ,
ସାହା ଅଟେ ସେହି ଜଗବନ୍ଧୁ

**+୩ ପ୍ରଥମ ବର୍ଷ, ବେଗୁନିଆ, (ନୂଆସାହି)**
**ଦୂରଭାଷ-୮୯୮୪୪୭୪୫୦୩**

# କହିଲ ଦେଖି

ସୁନୀତି ପୁଣ୍ୟପ୍ରଭା ଓଝା

ଦ୍ୱିତୀୟେ,ପ୍ରଥମ ଯେବେଟି ମିଶେ,
ପ୍ରଥମ ଅର୍ଥକୁ ତାହା ପ୍ରକାଶେ।
ଦାତାର ଗାଉଁଲି ଶବ୍ଦ ମିଳିବ,
ପ୍ରଥମେ ଦ୍ୱିତୀୟ ଯେବେ ମିଶିବ।

ଖଇ ନାମକୁ ତା ଦେବ ବୁଝାଇ,
ଚତୁର୍ଥେ ଦ୍ୱିତୀୟ ଦେଲେ ମିଶାଇ।
ପ୍ରଥମ,ଦ୍ୱିତୀୟ,ଚତୁର୍ଥ ଯୋଗେ,
ଅମାବାସ୍ୟା ଟିଏ ଆସଇ ବେଗେ।

ଏ ଅମାବାସ୍ୟାରେ ଫୁଟଇ ବାଣ,
ଘରେ ଘରେ ହୁଏ ଦୀପ -ଜଳାଣ।
ଯାଇର ଯୋଡା ଶବ୍ଦ ମିଳଇ,
ଦ୍ୱିତୀୟେ,ତୃତୀୟେ ଯେବେ ମିଶଇ।

ଗଳିର ଅଛି ବିପରୀତ ଶବ୍ଦ,
ଏହି ନାମଟିକୁ ନିଶ୍ଚେ ପାଇବ।
ଚାରି ଅକ୍ଷରରେ ନାମଟି ମୋର,
ଘରେ ଘରେ ମୁଁ ହୁଏ ଦରକାର।


ହାଟବଜାର ବା ବଣଭୋଜିରେ,
ପର୍ବପର୍ବାଣୀରେ,ମଉଛବରେ।
ଏନ୍ତୁଡିଶାଳୁଁ ଶମଶାନଯାଏ,
ମୋର ବିନୁ କାମ ପୂର୍ଣ୍ଣ ନହୁଏ।

ମୁଁ ଥାଏ ବାକ୍ସରେ କାଠି ଆକାରେ,
ରହିଥାଏ ବେଶି ରୋଷେଇ ଘରେ।
ମୋର ଏ ନାଁ କୁ ଯିଏ କହିଦେବ,
ମୋ ପରି ଆଦର ସିଏ ପାଇବ।

ଉତ୍ତର-ଦିଆସିଲି

ବଡପଡିଆ,ନୂଆବଜାର
ପାରାଦୀପ, ଜଗତସିଂହପୁର,ଓଡିଶା

# ଠିକ୍ କହିବା-ଠିକ୍ ଲେଖିବା



ତ୍ରିଲୋଚନ ମହାପାତ୍ର

### ସନ୍ଧିଗତ ଅଶୁଦ୍ଧି
### ସ୍ୱରସନ୍ଧି

| ଅଶୁଦ୍ଧ | - | ଶୁଦ୍ଧ |
|---|---|---|
| ରବିନ୍ଦ୍ର | - | ରବୀନ୍ଦ୍ର (ରବି+ଇନ୍ଦ୍ର) |
| ଗିରିଶ | - | ଗିରୀଶ (ଗିରି+ଈଶ) |
| ଅତିନ୍ଦ୍ରିୟ | - | ଅତୀନ୍ଦ୍ରିୟ(ଅତି +ଇନ୍ଦ୍ରିୟ) |
| ପରିକ୍ଷା | - | ପରୀକ୍ଷା (ପରି+ଈକ୍ଷା) |
| ରଜନିଶ | - | ରଜନୀଶ (ରଜନୀ+ଈଶ) |
| ମହିନ୍ଦ୍ର | - | ମହୀନ୍ଦ୍ର (ମହୀ+ଇନ୍ଦ୍ର) |
| ଅଧିନ | - | ଅଧୀନ (ଅଧି+ଇନ) |
| କଟୁକ୍ତି | - | କଟୂକ୍ତି (କଟୁ+ଉକ୍ତି) |
| ନ୍ୟୁନ | - | ନ୍ୟୂନ (ନି+ଊନ) |
| ନିଳାଦ୍ରି | - | ନୀଳାଦ୍ରି (ନୀଳ+ଅଦ୍ରି) |
| ଗଣେଷ | - | ଗଣେଶ (ଗଣ+ଈଶ) |
| ପ୍ରତ୍ୟୁତ୍ତର | - | ପ୍ରତ୍ୟୁତ୍ତର (ପ୍ରତି+ଉତ୍ତର) |
| ଦୁରାଗତ | - | ଦୂରାଗତ (ଦୂର+ଆଗତ) |
| କ୍ରୋଧନ୍ମତ୍ତ | - | କ୍ରୋଧୋନ୍ମତ୍ତ (କ୍ରୋଧ+ଉନ୍ମତ୍ତ) |
| ଭୁର୍ଦ୍ଧ୍ୱ | - | ଭୂର୍ଦ୍ଧ୍ୱ (ଭୂ+ଊର୍ଦ୍ଧ୍ୱ) |
| ହିତେଷୀ | - | ହିତୈଷୀ (ହିତ+ଏଷୀ) |
| ତନ୍ୱି | - | ତନ୍ୱୀ (ତନୁ+ଈ) |

ଭାରତୀ ବିହାର, ଜଟଣୀ
ଦୂରଭାଷ : ୯୯୩୮୯୯୪୮୨୨

# ପାନମଧୁରୀ

ପେଟରୋଗରୁ ସବୁପ୍ରକାର ସମସ୍ୟା ଦେଖାଯାଇଥାଏ। ଯଦି ଆପଣଙ୍କ ପେଟରେ ଯନ୍ତ୍ରଣା ହେଉଛି ତେବେ ଭଜା ପାନମଧୁରୀ ହାଲ୍କା ଭାବରେ ଚୋବାଇ ଖାଆନ୍ତୁ। ପାନମଧୁରୀ ଓ ମିଶ୍ରିର ଚୂର୍ଣ୍ଣ ପ୍ରସ୍ତୁତ କରି ରାତ୍ରିରେ ଶୋଇବାବେଳେ ପ୍ରାୟ ୫ଗ୍ରାମ୍ ଚୂର୍ଣ୍ଣକୁ ପାଣି ସହିତ ସେବନ କରନ୍ତୁ। ଏହାଦ୍ୱାରା ପେଟ ସମସ୍ୟା ଓ କୋଷ୍ଠକାଠିନ୍ୟ ବି ଦୂର ହୋଇଯିବ।

## ପାନମଧୁରୀର ଅନ୍ୟ ଉପକାର:

୦ ପାନମଧୁରୀ ଖାଇବା ଦ୍ୱାରା ଦୃଷ୍ଟିଶକ୍ତି ବଢ଼ିଥାଏ। ପାନମଧୁରୀ ଓ ମିଶ୍ରି ସମାନ ଭାଗରେ ଗୁଣ୍ଡ କରି , ଏହି ଗୁଣ୍ଡକୁ ୧ ଚାମଚ ଲେଖାଏଁ ସକାଳ ଓ ସନ୍ଧ୍ୟାରେ ଖାଇଲେ ଆଖି ସମସ୍ୟା ତଥା ଜ୍ୟୋତିଶକ୍ତି ବଢ଼ିଥାଏ।

୦ ପାନମଧୁରୀକୁ ବେଲ ସହିତ ସକାଳ ଓ ସନ୍ଧ୍ୟାରେ ସେବନ କରିବା ଫଳରେ ଅଜିର୍ଣ୍ଣ ହୋଇନଥାଏ।

୦ ଖାଇବାପରେ ପାନମଧୁରୀ ଖାଇଲେ ଖାଦ୍ୟ ଭଲ ହଜମ ହୋଇଥାଏ।

୦ କାଶ ପାଇଁ ପାନମଧୁରୀ ଖୁବ୍ ଲାଭପ୍ରଦ। ୧୦ଗ୍ରାମ୍ ପାନମଧୁରୀ ସହ ମହୁ ମିଶାଇ ସେବନ କରନ୍ତୁ, କାଶ ହେଉଥିଲେ ବନ୍ଦ ହୋଇଯିବ।

୦ ହାତପାଦରେ ଜ୍ୱଳନ ପାଇଁ ଏହା ଉପକାରୀ ଅଟେ।

୦ ଗଳାରେ କଷ୍ଟ ଅନୁଭବ କରୁଥିଲେ ପାନମଧୁରୀକୁ ଚୋବାଇ ଖାଇବା ଉଚିତ୍। ଫଳରେ ବସିଥିବା ଗଳା ସଫା ହୋଇଯାଇଥାଏ।




# ସୁ-ଡୋକୁ

ସୁ-ଡୋକୁ ଏକ ଗାଣିତିକ ଧନ୍ଦା। ନିମ୍ନରେ ପ୍ରଦତ୍ତ ଧନ୍ଦାଟିର ଖାଲି ସ୍ଥାନକୁ ଏପରି ଭାବରେ ପୂରଣ କର ଯେପରି ଧାଡି ଗୁଡିକୁ ଯେଉଁ ପଟରୁ ସିଧା ମିଶାଇଲେ ଯୋଗଫଳ ସମାନ ହେଉଥିବ ଏବଂ କୌଣସି ସଂଖ୍ୟା ଦ୍ୱିତୀୟ ଥର ବ୍ୟବହାର ହୋଇନଥିବ। ସଂଖ୍ୟା ଗୁଡିକ ୧ ଠାରୁ ୯ ମଧ୍ୟରେ ହୋଇଥିବ।

| | | | | | | | | |
|---|---|---|---|---|---|---|---|---|
| | | 2 | | 5 | 9 | 3 | | |
| 5 | | 8 | | | 2 | | | 9 |
| | 1 | | | 3 | | 5 | 4 | 2 |
| | 8 | | | 9 | 7 | 1 | 5 | |
| | | 1 | 8 | | 3 | 9 | | 7 |
| | 7 | 3 | 1 | 6 | | | 8 | |
| 3 | 6 | 7 | | | | | 2 | |
| 1 | | | 3 | | | 8 | | 6 |
| | | | 5 | 2 | | 7 | | 1 |

ସୁ-ଡୋକୁ ଉତ୍ତର ୩୩ ପୃଷ୍ଠାରେ



# ଅଣ୍ଟାବ୍ୟଥା

ଡା: ଧନେଶ୍ୱର ସାହୁ



## ଏହା କଣ ?

ଅଣ୍ଟାରେ ବ୍ୟଥା ହେବାକୁ ଅଣ୍ଟା ବ୍ୟଥା କୁହାଯାଏ। ଏହାକୁ ଲୋ ବ୍ୟାକ୍ ପେନ୍ କୁହାଯାଏ। ସାଧାରଣତଃ ୮୦% ଲୋକ ଏହି ରୋଗରେ ଆକ୍ରାନ୍ତ ହୁଅନ୍ତି। ଏହା ଡଲ ବ୍ୟଥାରୁ ଆରମ୍ଭ କରି ସୁଟିଙ୍ଗ୍ ବ୍ୟଥା କିମ୍ବା ସ୍ପାଜମ୍ ହୁଏ।

## ଏହା କେତେ ପ୍ରକାରର ?

ଏହା ୩ ପ୍ରକାରର।

୧-ଆକ୍ୟୁଟ-ବ୍ୟଥା ୧୨ ସପ୍ତାହ ପର୍ଯ୍ୟନ୍ତ ରହେ।

୨-ସବଆକ୍ୟୁଟ-ବ୍ୟଥା ୬-୧୨ ସପ୍ତାହ ଭିତରେ ରହେ।

୩-କ୍ରୋନିକ-ବ୍ୟଥା ୧୨ ସପ୍ତାହ ପରେ ରହେ।

ଏହା ମଧ୍ୟ ଅନ୍ୟ ପ୍ରକାରରେ ୨ପ୍ରକାରର।

୧-ନନସ୍ପେସିଫିକ୍-୯୮% ଲୋକ ଏଇ ଶ୍ରେଣୀର, ଯେଉଁଥିରେ ସ୍ପେସିଫିକ କାରଣ କିଛି ନଥାଏ।

୨-ସ୍ପେସିଫିକ- ୨% ଲୋକ ଏଇ ଶ୍ରେଣୀର। ଏଥିରେ ସ୍ପେସିଫିକ କାରଣ ଥାଏ।

## କେଉଁ ବୟସ ରେ ଏହା ହୁଏ ?

ଯେ କୌଣସି ବୟସର ଲୋକଙ୍କୁ ଏହା ହୁଏ। କିନ୍ତୁ ୩୫-୫୫ ବର୍ଷ ବୟସର ଲୋକଙ୍କୁ ବେଶୀ ହୁଏ।

## ଏହାର କାରଣ କ'ଣ ?

-ଷ୍ଟ୍ରେନ୍, ମଂାସପେଶୀ ସ୍ପାଜମ୍ :- ମଂାସପେଶୀ, ଲିଗାମେଣ୍ଟ, ଷ୍ଟ୍ରେନ ହୋଇପାରେ, ତା ଛଡା ମଂାସ ପେଶୀ ସ୍ପାଜମ ଯାହା ଯୋଗୁଁ ଏହା ହୁଏ ସେଗୁଡିକ ହେଲା- କୌଣସି ଜିନିଷ ଠିକ୍ ଭାବେ ନ ଟେକିଲେ, ବହୁତ ଓଜନିଆ ଜିନିଷ ଟେକିଲେ, ଅତର୍କିତ, ଅଖାଡୁଆ ଗତି କଲେ।

-ବଲଜିଂଗ୍ ଡିସ୍କ

-ରପଚରଡ୍ ଡିସ୍କ

-ସିଆଟିକ

-ଆରଥ୍ରାଇଟିସ୍

-ମେରୁଦଣ୍ଡର ଅସ୍ୱାଭାବିକ ବକ୍ରତା

-ଓଷ୍ଟିଓପୋରୋସିସ୍

-ପୋଷ୍ଟେରିଅର ରାମି ସିଣ୍ଡ୍ରୋମ୍

-ଓଷ୍ଟିଓମାଏଲାଇଟିସ୍

-ସ୍ପାଇନାଲ୍ ଷ୍ଟେନୋସିସ୍

-ମେରୁଦଣ୍ଡ ହାଡ ଫ୍ରାକଚର

-ସ୍ପଣ୍ଡିଲୋଲିସ୍ଥେସିସ୍

-କଡାଇକ୍ୱିନା ସିଣ୍ଡ୍ରୋମ

-ମେରୁଦଣ୍ଡ ହାଡ ଟ୍ୟୁମର-(କ୍ୟାନସର୍ ଅନ୍ୟ ଟ୍ୟୁମର,ମେଟାଷ୍ଟେଟିକ୍ କ୍ୟାନସର୍)

-ଏପିଡ୍ୟୁରାଲ୍ ଆବସେସ୍

-ବୃକକ୍, ପରିସ୍ରାଥଳି ଇନଫେକସନ୍

-ଲମ୍ବାର ରେଡିକୁଲୋପାଥି

-ନର୍ଭ ଇରିଟେସନ୍

-ଏକ୍ସରସାଇଜ୍ ଅଭାବ

-ଭୁଲ୍ ଶୋଇବା ପୋଜିସନ୍

-ଶୋଇବା ଡିସ୍ ଅର୍ଡର

-ବିଶ୍ରାମ ନନେଇ ଲମ୍ବା ରାସ୍ତା ଗାଡି ଚଳାଇବା ବିଶ୍ରାମ ନନେଇ।

-ଖରାପ ପୋଷ୍ଚର

-ଖରାପ ମାଟ୍ରେସ୍,

## ରିସ୍କ ଫ୍ୟାକ୍ଟରସ୍ କଣ କଣ ?

ନିମ୍ନ ଲିଖିତ ଫ୍ୟାକ୍ଟରସ୍ ଗୁଡିକ ଅଣ୍ଟା ବ୍ୟଥା କରିବା ସହ ସଂପୃକ୍ତ।

-ମେଂଟାଲି ଷ୍ଟ୍ରେସ ଫୁଲ୍ ଚାକିରି।

-ଗର୍ଭ

-ସିଡେନ୍ଟାରି ଲାଇଫ ଷ୍ଟାଇଲ

-ବୟସ-ବୟସ୍କ ଲୋକମାନେ ଅଧିକ ଆକ୍ରାନ୍ତ ହୁଅନ୍ତି।

-ଆଂଜାଇଟି

-ମୋଟା ଓ ଅଧିକ ଓଜନ

-ଧୂମପାନ

-କଷ୍ଟକର ଫିଜିକାଲ ଏକ୍ସରସାଇଜ୍

-କଷ୍ଟକର ଫିଜିକାଲ୍ ଓାର୍କ୍

## ନିଦାନ-

-ସଂକେତ ଓ ଲକ୍ଷଣ ଦେଖି

-ଏକ୍ସରେ ଲମ୍ବୋସାକ୍ରାଲ ସ୍ପାଇନ୍

-ଏମ.ଆର.ଆଇ ସ୍ପାଇନ୍

-ସି.ଟି ସ୍କାନ୍ ସ୍ପାଇନ୍

-ବୋନ୍ ସ୍କାନ୍

ଇଲେକ୍ଟ୍ରୋମାଇଓଗ୍ରାଫି

-ରକ୍ତ ପରୀକ୍ଷା-ଇନଫେକ୍ସନ୍ ଜଣାଯାଏ-

ଆଂକିଲୋଜିଙ୍ଗ୍ ସ୍ପନ୍‌ଡାଇଲାଂଟିସ୍ କିମ୍ବା ରିଆକ୍ଟିଭ୍ ଆଥ୍ରାଇଟିସ୍‌ରେ ରକ୍ତରେ -(HLA-B27) ନାମକ ଏକ ସ୍ପେସିଫିକ୍ ଜେନେଟିକା ମାର୍କର ଦେଖାଯାଏ।

-ଜଏଂଟ୍ ପାଣି ପରୀକ୍ଷା କରି

-ମାଏଲୋଗ୍ରାମ୍

-ଇଂଜେକସନ୍ ଷ୍ଟଡିଜ୍-ଏହା ଲୋକାଲ ନିଶ୍ଚେତକ୍ ଓ ଷ୍ଟିରଏଡ୍ ଔଷଧର ଫ୍ଲୁରୋସ୍କୋପିକ୍ ଡାଇରେକ୍‌ଟେଡ୍ ଇଂଜେକ୍ସନ୍ ସ୍ପେସିଫିକ୍ ଆନାଟୋମିକ୍ ଷ୍ଟ୍ରକରେ ଭିତରକୁ ଦିଆଯାଏ।

-ଇଲେକ୍ଟ୍ରିକାଲ୍ ସେଫଟି ଟେଷ୍ଟସ୍ ।

## ପ୍ରତିଶେଧକ

-ଏକ୍ସରସାଇଜ୍ କରିବା-ଯେତିକି ସମ୍ଭବ।

-ଧୂମ୍ରପାନ ବନ୍ଦ କରିବା

-ଠିକ୍ ଅଙ୍ଗଭଙ୍ଗୀ କରିବା।

-ଠିକ୍ ଭାବରେ ଓଜନିଆ ଜିନିଷ ଟେକିବା।

-ସ୍ୱାସ୍ଥ୍ୟ ଠିକ୍ ରଖିବା।

-ଠିକ୍ ଖାଦ୍ୟ ଖାଇବା

-କରେଇ ଶୋଇବା

ଷ୍ଟ୍ରେସ୍ କମାଇବା

-କମ୍ ହିଲ୍ ଥିବା ଜୋତା ବା ଚପଲ ପିନ୍ଧିବା

-ଗାଡି ଚଳେଇବାବେଳେ ପଛପଟେ ଉପଯୁକ୍ତ ସପୋର୍ଟ ଦେବା ଉଚିତ୍ । ମଝିରେ ରେଷ୍ଟ ନେଇ ଦୀର୍ଘ ବାଟ ଗାଡି ଚଳାଇବା ଉଚିତ୍।

-ମାଟ୍ରେସ୍ ଏମିତି ହେବା ଦରକାର ଯିଏ ସ୍ପାଇନ୍‌କୁ ସିଧା ରଖିବ।

-ସବୁବେଳେ ଆକ୍ଟିଭ୍ ରହିବା ଦରକାର୍।

-ସିଧା ଭାବେ ବସିବା ଓ ସିଧା ଭାବେ ଛିଡା ହେବା।

-ବହୁତ ସମୟ ଛିଡା ନ ହେବା

-ବହୁତ ସମୟ ବଙ୍କା ହୋଇ ନ ରହିବା

-ସତର୍କତାର ସହ ବଙ୍କାହେବା, ପେଲିବା, ଭିଡିବା, ବୋହିନେବା ଟୁଇଷ୍ଟ୍ କରିବା, ଅଧିକ ଷ୍ଟ୍ରେଚିଙ୍ଗ୍ ନ କରିବା ଉଚିତ୍।

-ଶରୀର ଓଜନ ଅଧିକ ନ ହେବା।

## ଚିକିତ୍ସା-

-ଅଧିକାଂଶ ୨-୪ ସପ୍ତାହ ମଧ୍ୟରେ ମନକୁ ମନ କମିଯାଏ।

-ପ୍ରଥମେ ବରଫ ସେକ ପରେ ଗରମ ସେକ-ଏହା ଫୁଲା ଓ ଇନଫ୍ଲାମେସନ କମାଏ। ଗରମ ସେକ ରକ୍ତନଳୀ ପ୍ରସାରଣ କରି ରକ୍ତ ସଂଚାଳନ ଅଧିକ କରେ।

-ରେଷ୍ଟ୍

-ଜଏଣ୍ଟ ମାନିପୁଲେସନ୍

-ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜେସ୍

-ମାସେଜ୍ ଥିରାପି

-ଆକ୍ୟୁଫକଚର୍

-ଅଲଟ୍ରାସାଉଣ୍ଡ ଓ ଇଲେକ୍ଟ୍ରିକାଲ୍ ଷ୍ଟିମୁଲେସନ୍

## ବ୍ୟଥା କମାଇବା ଔଷଧ

-ନନ୍ ଷ୍ଟିରଏଡାଲ ଆନ୍ଟିଇନ୍‌ଫ୍ଲାମେଟୋରି ଡ୍ରଗସ୍ -

-ଆଇବୁପ୍ରୋଫେନ୍,ନାଗେକ୍ସେନ୍ ଆଦି।

- କୋଡିନ, ହାଇଡ୍ରୋକୋଡିନ୍, ଏସିକ୍ଲୋଫେନାକ, ଇଟ୍ରୋଡୋଲାକ, ଏସିଟାମିନୋ ଆଦି।

-ମାସଂପେଶୀ ରିଲାକ୍ସାନ୍ଟ-ଥାଇଓକଲ୍‌ଚିସି ଆଦି।

-ଆମିଟ୍ରିପ୍ଟିଲିନ-ଟ୍ରାଇସାଇକ୍ଲିକ ଆଣ୍ଟିଡିପ୍ରେସାଣ୍ଟ

-ଓପିଏଟଔଷଧ

-ଲୋକାଲ୍ ଷ୍ଟିରଏଡ୍ ଇଂଜେକସନ୍

ଏପିଡୁରାଲ୍ ଷ୍ଟିରଏଡ୍ ଇଂଜେକ୍ସନ୍

-ଟ୍ରାନସ୍‌କ୍ୟୁଟାନିସଅସ୍ ଇଲେକ୍ଟ୍ରିକାଲ୍ ନରଭ୍ ଷ୍ଟିମୁଲେସନ୍

## ଅପରେସନ୍

.ମେରୁଦଣ୍ଡ ଫ୍ୟୁଜନ୍

.ଡିସେକ୍ଟୋମି

.କୃତ୍ରିମ ଡିସ୍କ

.ଅଳ୍ପ ମେରୁଦଣ୍ଡ ବାହାର କରିବା।

## ନୂଆ ଚିକିତ୍ସା ପ୍ରଣାଳୀ-

. ନ୍ୟୁକ୍ଲିଓପ୍ଲାଷ୍ଟି- ଏଥିରେ ଏକ ସ୍ପେସିଆଲ୍ ପ୍ରୋବ୍ ଭରଟ୍ରିବା ଡିସ୍କ ଭିତରକୁ ଭର୍ତ୍ତି କରାଯାଏ ଓ କିଛି ପରିମାଣ ଡିସ୍କଟିସୁ ବାହାର କରାଯାଏ। ନିୟନ୍ତ୍ରିତ ଥରମାଲ୍ ଏନରଜି କିମ୍ବା ଉତ୍ତାପ ଡିସ୍କକୁ ପ୍ରୟୋଗ କରାଯାଏ। ଏହାଦ୍ୱାରା ଡିସ୍କ ପ୍ରେସର କମେ ଓ ଡିସ୍କ ବଲଜ୍ କମିଯାଏ।

. ଇଣ୍ଟ୍ରାଡିସ୍କାଲ୍ ବାଇଆକୁପ୍ଲାସ୍ଟି- ଏହା ଏକ ଆଡ୍‌ଭାନସ୍‌ଡ ଟାଇପ୍ ରେଡିଓଫ୍ରିକ୍ୱେନସି ଆବ୍ଲେସନ୍ ଯିଏ ଭିତରପଟୁ ଡିସ୍କକୁ ଚିକିତ୍ସା କରେ।

. ସ୍ପାଇନାଲ୍ ଷ୍ଟିମୁଲେଟରସ୍ ଆଣ୍ଡ୍ ପମ୍ପସ- ସ୍ପାଇନାଲ ପମ୍ପସ ଦ୍ୱାରା ରୋଗାକ୍ରାନ୍ତ ଏରିଆକୁ କନ୍ଟିନ୍ୟୁଅସ ବ୍ୟଥା ଦୂର କରିବା ଔଷଧ ପଠାଯାଏ। ସ୍ପାଇନାଲ୍ ଷ୍ଟିମୁଲେଟରସ ସ୍ପାଇନାଲ କର୍ଡ ଉପରେ ଏକ ଇଲେକ୍ଟ୍ରିକାଲ ପଲସ ବିକିରଣ କରେ, ଯିଏ ବ୍ୟଥା କମାଏ।

ଯେକୌଣସି ବ୍ୟକ୍ତିର ଅଣ୍ଟା ବ୍ୟଥା ହୋଇପାରେ। ଅଣ୍ଟାବ୍ୟଥା ହେଲେ ବିଳମ୍ବ ନକରି ଡାକ୍ତରଙ୍କ ପରାମର୍ଶ କରି ଶୀଘ୍ର ଚିକିତ୍ସା ଆରମ୍ଭ କରିବା ଉଚିତ। ନେଚତ୍ କେଉଁ ମୁହୂର୍ତ୍ତରେ ବିପଦ ଆସିପାରେ।

**ଏମ୍.ବି.ବି.ଏସ୍.ଏମ୍.ଏସ୍**
**ପୂର୍ବତନ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ, ଖୋର୍ଦ୍ଧା**
**ଦୂରଭାଷ-୯୪୩୭୧୦୭୬୧୩**

# ସୁନ୍ଦରକରି ଗଢ଼ିଦିଅ ପ୍ରଭୁ

ପଦ୍ମନାଭ ପାଣିଗ୍ରାହୀ

ସୁନ୍ଦର କରି ଗଢ଼ିଦିଅ ପ୍ରଭୁ
ମୋର ଏ ଅପୂର୍ବ ଜୀବନ,
ତନ ମନ ଧନ ସମର୍ପି ଦେଉଛି
ନିଃସଙ୍କୋଚ ବଳିଦାନ ।୧।
ଫୁଲ ପରି ସଦା ସୁଗନ୍ଧ ବିତରି
ପରଶି ଅମୃତ କଣ
ସମାଜକୁ ଅବା କିଦେଇ ପାରିବି
ମୁହିଁ ଦୀନ ଅକିଞ୍ଚନ ।୨।
ସୁସ୍ଥ ଭାବନାରେ ଗଢ଼ ଏ ମନକୁ
କହେ ମଧୁର ବଚନ,
ଜନ ସମାଜର ଆଖି ଅଶ୍ରୁଜଳ
ଲିଭାଇବି ଅନୁକ୍ଷଣ ।୩।
ଜଗତର ସୁଖ ଦୁଃଖ ହରଣରେ
ଧନ୍ୟ ହେଉ ମୋ ଜୀବନ,
ମାନବ ସମାଜେ
ସମ୍ମାନ ଦେଇ ମୁଁ ରଖିବି ଦେଶର ମାନ ।୪।
ବୀର ସହୀଦଙ୍କୁ କରିବି ପ୍ରଣାମ
ଦିଅ ବୁଦ୍ଧି ଦିବ୍ୟ ଜ୍ଞାନ
ସ୍ନେହ ପ୍ରେମ ସେବା ପର ଉପକାରରେ
ଧରା ସରଗ ଭୁବନ ।୫।
ମନକୁ ସତତ ସନ୍ତାପିତ କରେ
ହୃଦୟ ଷଡ଼ ବିକାର,
କାମନା ବାସନା ରାଶିକୁ ପରମ
ଜ୍ଞାନାଗ୍ନିରେ ଦଗ୍ଧ କର ।୬।
ସମୁଦ୍ର ଜୁଆର ଭଟ୍ଟାସମ
କ୍ଷଣସ୍ଥାୟୀ ଅନିତ୍ୟ ସଂସାର,
ଦେହ ମନ ବୁଦ୍ଧି ବିଷୟ ଭାବନା
ଜଗତୁ ମୋତେ ଉଦ୍ଧର ।୭।
ହାଡ଼ ମାଂସ ଚର୍ମ ଯୁକ୍ତ ଏ ଶରୀର
ପୁନଃ ମାତୃଗର୍ଭେ ସ୍ଥାନ,
ପରମ ତତ୍ତ୍ୱରେ ପ୍ରବୃତ୍ତ କର ହେ
ନିଶ୍ଚଳ ହେଉ ଏ ମନ ।୮।

**ବନମାଳୀ କଲୋନୀ, ରାମଚନ୍ଦ୍ରପୁର, ଜଟଣୀ**
**ଦୂରଭାଷ - ୯୩୩୮୨୨୧୩୭୪**

# ସ୍ୱପ୍ନର ପ୍ରତିଚ୍ଛବି

ନାରାୟଣ ଦାସ

ସୁନାନାକୀ ଝିଅ ମୋର ବସିଅଛି ଚାହିଁ
ବିବାହ ଲଗନ ଆଉ ଆସିବ କି ନାହିଁ ।୧।
ସ୍ମୃତିରେ ଆସୁଛି କେତେ ଅତୀତ ଘଟଣା
ଅଙ୍ଗେଲିଭା ଅନୁଭୁତି ଦିଅଇ ଯନ୍ତ୍ରଣା ।୨।
ଅତୀତକୁ ଭାବି ଭାବି ଦିନ ଯାଏ ବିତି
ଦୁଃଖଦ ଘଟଣା ସବୁ ମନେପଡ଼େ ନିତି ।୩।
ଜୀବନରେ ନ ଆସୁ କି ସେ ସମୟ ଆଉ
ବୃଥା ଭାବନାଟା ତାର ମନୁ ଲିଭିଯାଉ ।୪।
କେତେ ସାଙ୍ଗ ସାଥିମେଳେ ବିତୁଥିଲା ଦିନ
ଆଖି ପିଛୁଳାକେ ସବୁ ହୋଇଗଲା ଲୀନ ।୫।
ଅତୀତର ସତ୍ୟାସତ୍ୟ ହେଜୁଅଛି ମନେ
ଲେଖିଅଛି ବିହି ଯାହା ଭୋଗିବତ ଦିନେ? ।୬।
କେତେ ଆଶା କରିଥିଲା ଗଢ଼ିବ ସଂସାର
ପ୍ରକୃତିର ତାଡ଼ନାରେ ହେଲା ଛାରଖାର ।୭।
କିଏ ସେ କେଜାଣି ତାକୁ ମନେ ମନେ ଖୋଜେ
ତା'ର ରୂପ ଗୁଣ ଯଶ ମନ ମଧ୍ୟେ ହେଜେ ।୮।
ବିଚିତ୍ର ଦୁନିଆ ଏତ ବୋଲିବ କାହାକୁ
କିଏ ସେ ଶୁଣିବ ତା'ର ଅନ୍ତର କଥାକୁ ।୯।
ସଂସାର ମଧ୍ୟରେ ଥାଇ ଦେଖୁଅଛି ମିତ
ନିୟତିର ନିର୍ଦ୍ଦେଶକୁ ନାହିଁ କା'ର ହାତ ।୧୦।
ସପନର ପ୍ରତିଚ୍ଛବି ହୁଏ ନାହିଁ ଭୁଲି
ସାଗରର ଉର୍ମିପରି ଚିତ୍ତୁଯାଏ ଚାଲି ।୧୧।
ନିର୍ଝୁମ୍ ରାତିରେ ଯାହା ସପନରେ ଦେଖେ
ପ୍ରତିଚ୍ଛବି ମନେ ଚିନ୍ତି କବିତାରେ ଲେଖେ ।୧୨।

ସଂପାଦକ
କୋଣାର୍କ ସାହିତ୍ୟ ସଂସଦ
ନବୀନାବାଗ, ଖୋର୍ଦ୍ଧା
ମୋ- ୯୪୩୮୦୪୯୫୪୧

# ବଡ଼ କିଏ ?

**ମଞ୍ଜୁବାଳା ଦାଶ**

କ୍ଷୀର ସମୁଦ୍ରରେ ଅନନ୍ତ ନାଗଙ୍କ ଉପରେ ଶ୍ରୀବିଷ୍ଣୁ ଶୋଇଥାନ୍ତି। ଜଗଜ୍ଜନନୀ ମାଟ ମହାଲକ୍ଷ୍ମୀ ଶ୍ରୀପାଦ ମଞ୍ଚାଳୁଥାନ୍ତି। ଏହି ସମୟରେ ହଠାତ୍ ଅନନ୍ତଙ୍କ ମନରେ ଏକ ଅଦ୍ଭୁତ ପ୍ରଶ୍ନ ଉଙ୍କି ମାରିଲା। ପ୍ରଶ୍ନଟି ଏପରି ଥିଲା "ବଡ଼ କିଏ?" ପୃଥିବୀର ପାଳନ କର୍ତ୍ତା ପ୍ରଭୁ ଶ୍ରୀବିଷ୍ଣୁ ନା ପଡ଼ିବାର୍ତ୍ତୀ ମା' ମହାଲକ୍ଷ୍ମୀ। ପ୍ରଭୁ ତ ଅନ୍ତର୍ଯ୍ୟାମୀ। ଅନନ୍ତଙ୍କ ପ୍ରଶ୍ନରେ ସେ ଟିକିଏ ଚମକି ଉଠିଲେ। ମା' ମହାଲକ୍ଷ୍ମୀ ବି ଏଥିରୁ ବାଦ୍ ଯାଆନ୍ତେ କିପରି ? ସେ ଟିକିଏ ଉସୁବାତା, ଦେଖାଇଲେ ଏ ପ୍ରଶ୍ନରେ। ଦୁଇଜଣଯାକ ଆଲୋଚନା କଲେ କିଭଳି ଏ ପ୍ରଶ୍ନର ସମାଧାନ ହୋଇପାରିବ। ଉଭୟଙ୍କ ସହମତିର ମର୍ତ୍ତ୍ୟରେ ଥିବା ଉଜ୍ଜୟିନୀ ନାମକ ସ୍ଥାନରେ ପହଞ୍ଚିଲେ। କାରଣ ଉଜ୍ଜୟିନୀ ଏକ ଧାର୍ମିକ ପୀଠସ୍ଥଳୀ ଥିଲା।

ଉଜ୍ଜୟିନୀର ଏକ ଧନୀ ବ୍ୟକ୍ତିଙ୍କ ଦୁଆରେ ପୂର୍ବ ଯୋଜନା ଅନୁଯାୟୀ ଜଣେ ସୌମ୍ୟଦର୍ଶନ ଭିକ୍ଷୁ ବ୍ରାହ୍ମଣ ବେଦଧ୍ୱନି କରୁଥିବାର ଶୁଣାଗଲା। ଚମତ୍କାର ସ୍ୱର ଝଙ୍କାରରେ ଶୁଷ୍କତରୁ ପଲ୍ଲବୀ ଉଠିଲେ। ଧନୀ ବ୍ୟକ୍ତି ଜଣକ ଅପୂର୍ବ ଆବେଗରେ ବାହାରକୁ ବାହାରି ଆସିଲେ। ଅର୍ଦ୍ଧଚେତନ, ଅସମ୍ଭାଳ ଅବସ୍ଥା, ଭିକ୍ଷୁ ବ୍ରାହ୍ମଣଙ୍କ ଚରଣ ଯୁଗଳରେ କେତେବେଳେ ତାଙ୍କ ମଥାନତ ହୋଇଯାଇଛି। ତାହା ମଧ୍ୟ ତାଙ୍କୁ ଆଗୋଚର। ଭାବାବେଗରେ ଧନୀ ବ୍ୟକ୍ତି ତାଙ୍କୁ ସାଦର ନିମନ୍ତ୍ରଣ କରି ଡ଼ାକିନେଲେ ଗୃହ ମଧ୍ୟକୁ। ମାତ୍ର ଭିକ୍ଷୁବ୍ରାହ୍ମଣଙ୍କର ଏକ ସର୍ତ୍ତ ରହିଲା। ସର୍ତ୍ତ ଅନୁଯାୟୀ ସେ ପ୍ରତ୍ୟହ ତାଙ୍କ ଘରେ ବେଦଗାନ କରିବେ। ଭିକ୍ଷୁ ବ୍ରାହ୍ମଣଙ୍କ ସର୍ତ୍ତରେ ଧନୀବ୍ୟକ୍ତି ଜଣକ ଅତ୍ୟନ୍ତ ଆନନ୍ଦ ହେଲେ। ଉଭୟେ ଗୃହ ମଧ୍ୟକୁ ପ୍ରବେଶ କଲେ। ଗୃହକର୍ତ୍ତାଙ୍କ ଅତିଥିସତ୍କାର ଓ ଧାର୍ମିକ ପରିବେଶରେ ବ୍ରାହ୍ମଣ ବହୁତ ଖୁସିହେଲେ।

ଏହିଭଳି ଭାବରେ ତିନିଦିନ କଟିଗଲା। ହଠାତ୍ ଦିନେ ପ୍ରତ୍ୟୁଷରୁ ଏକ ସୌମ୍ୟା ବେଦମତୀ ନାରୀଙ୍କର ଉକ୍ତ ଧନୀବ୍ୟକ୍ତିଙ୍କ ଦ୍ୱାରଦେଶରେ ଆବିର୍ଭାବ ହେଲା। ଶରୀରରୁ ପଦ୍ମଫୁଲର ମହକ ଝରିଆସୁଥାଏ। ତାଙ୍କ ସ୍ୱରରେ ଥିଲା ଏକ ଅପୂର୍ବ ଯାଦୁଗରୀ ଲାଳିତ୍ୟ। ପୁନଶ୍ଚ ଗୃହକର୍ତ୍ତା ଚାଲିଆସିଲେ ସେହି ସ୍ଥାନକୁ। ଅନୁରୋଧ କଲେ ସେହି ଦିବ୍ୟଦର୍ଶିନୀ ନାରୀଙ୍କୁ ତାଙ୍କ ଗୃହକୁ ଆଗମନ ପାଇଁ। ଏଥର ମଧ୍ୟ ଗୃହକର୍ତ୍ତା ଏକ ସର୍ତ୍ତର ସମ୍ମୁଖୀନ ହେଲେ। ସର୍ତ୍ତ ଅନୁଯାୟୀ ନାରୀ ଜଣକ ତାଙ୍କ ଘରେ ଭକ୍ଷଣ କରିବେ ନାହିଁ। ଗୃହକର୍ତ୍ତା ଏହାର କାରଣ ଜାଣିବା ପାଇଁ ଚାହିଁଲେ। କାରଣଟି ଥିଲା ଅତି ଅଦ୍ଭୁତ। ବିନା ସ୍ୱର୍ଣ୍ଣ ପାତ୍ରରେ ସେ ଖାଇପାରିବେ ନାହିଁ। ଧନୀ ବ୍ୟକ୍ତି କହିଲେ, ମା' ମୋ ଘରେ ରୌପ୍ୟ, କାଂସ୍ୟ, ତାମ୍ର ଧାତୁର ଅନେକ ନୂତନ ପାତ୍ର ରହିଛି ଆପଣ ସେଥିରେ ଭକ୍ଷଣ କରିପାରିବେ। ମାତ୍ର ବେଦମତୀ ସେସବୁକୁ ପ୍ରତ୍ୟାଖ୍ୟାନ କଲେ। ଗୃହସ୍ଥ ମତ ଦେଲେ ସେ ପ୍ରଚୁର ସ୍ୱର୍ଣ୍ଣର ଅଧିକାରୀ। ମା' ମହାଲକ୍ଷ୍ମୀଙ୍କ ସୁଦୟା ତାଙ୍କଠାରେ ରହିଛି। ସେ ସ୍ୱର୍ଣ୍ଣପାତ୍ର ନିର୍ମାଣ କରାଇପାରିବେ। ମାତ୍ର, ସେଥିପାଇଁ କିଛି ସମୟ ଦରକାର। ବେଦମତୀ କହିଲେ ଠିକ୍ ଅଛି। ତୁମର ଆଗ୍ରହ ଦେଖି ମୁଁ ତୁମକୁ ମନାକରିପାରୁ ନାହିଁ। ମୋ ପାଖରେ ଥିବା ସୁବର୍ଣ୍ଣ ପାତ୍ରରେ ମୁଁ ଚଳାଇନେବି। ଉଭୟେ ଗୃହ ମଧ୍ୟକୁ ପ୍ରବେଶ କଲେ। ଆଗ୍ରହର ଆତିଶଯ୍ୟରେ ପୁତ୍ରବଧୂମାନଙ୍କୁ ନାନାଦି ଅନ୍ନବ୍ୟଞ୍ଜନ ପ୍ରସ୍ତୁତ କରିବା ପାଇଁ ଗୃହସ୍ଥ ଆଦେଶ ଦେଲେ। ମା' ବେଦମତୀ ସୁବର୍ଣ୍ଣ ପାତ୍ରରେ ଭୋଜନ କଲେ। ଗୃହକର୍ତ୍ତୀ ବାସନ ଉଠାଇବାକୁ ଗଲାପରେ ମା' କହିଲେ ଏଇ ସ୍ୱର୍ଣ୍ଣପାତ୍ରକୁ ନେଇ ବାହାରେ ଫିଙ୍ଗିଦିଅ। ଆଶ୍ଚର୍ଯ୍ୟ ହୋଇଉଠିଲେ ସମଗ୍ର ପରିବାର। ଗୃହକର୍ତ୍ତାଙ୍କ ମନରେ ଲୋଭର ପ୍ରଭାବ ବିସ୍ତର କଲା। ସୁବର୍ଣ୍ଣର ଲୋଭରୁ ମଧ୍ୟ ମହାଲକ୍ଷ୍ମୀ ନିଜେ ମୁକୁଳି ନପାରି ସୁବର୍ଣ୍ଣ ମୃଗ ମାଗିଥିଲେ ତ୍ରେତୟାରେ। ତେଣୁ ଗୃହସ୍ଥ କହିଲେ, "ମା' ଆପଣ ଯଦି ଦୟା କରନ୍ତେ ଏହି ସୁବର୍ଣ୍ଣ ପାତ୍ରକୁ ମୋ ପୂଜାଘରେ ରଖି ଆପଣଙ୍କ ସ୍ମାରକୀ ସ୍ୱରୂପ ପୂଜା କରନ୍ତି। ମନେମନେ ହସି ବେଦମତୀ ତଥାସ୍ତୁ କହିଲେ।"

ବାରୁଣୀ ଆକାଶରେ ସୂର୍ଯ୍ୟ ତାଙ୍କର ଲାଲିମା ଆଭା ବିସ୍ତାର କରି ଅସ୍ତହେଲେ। ମନ୍ଦିରରେ ଆରତିର ଶବ୍ଦ କର୍ଣ୍ଣଗୋଚର ହେଲା। ମା' ବେଦମତୀ ସୁମଧୁର ବେଦଗାନ ଗୃହକୁ ମଧ୍ୟ ଏକ ମନ୍ଦିରରେ ପରିଣତ କରିଦେଲା। ଏହିପରି ଏକ ସପ୍ତାହ ଗତହେଲା। ହଠାତ୍ ଦିନେ ପ୍ରତ୍ୟୁଷରୁ ଜଣେ ପୁରୁଷ କଣ୍ଠରୁ ବେଦଗାନ ଶୁଣି ଗୃହସ୍ଥଙ୍କୁ ଡ଼ାକପକାଇ ବେଦମତୀ କହିଲେ, ତୁମ ଘରେ ତୁମ ପରିବାରର ପୁରୁଷ ଲୋକଙ୍କ ବ୍ୟତୀତ ଆଉ କୌଣସି ପୁରୁଷ ଅଛନ୍ତି କି? ଗୃହସ୍ଥ କହିଲେ, "ହଁ ମା' ଆପଣଙ୍କ ବ୍ୟତୀତ ଏ ଘରେ ଆଉ ଜଣେ ବେଦଜ୍ଞ ଭିକ୍ଷୁ ବ୍ରାହ୍ମଣ ଅଛନ୍ତି।" କ୍ରୋଧ ଓ ବିରକ୍ତ ଭରା ସ୍ୱରରେ ମା' କହିଲେ ତୁମେ ମୋତେ ଏକଥା ଗୋପନ ରଖିଛ କାହିଁକି? ମୁଁ ଯେଉଁଠାରେ ରହେ ସେଠାରେ ଅନ୍ୟ ପୁରୁଷ ଲୋକ ରହିଲେ ମୁଁ ସେଠାରୁ ଚାଲିଯାଏ। ତେଣୁ ଏଇ ମୁହୂର୍ତ୍ତରେ ମୁଁ ଏଠାରୁ ଚାଲିଯାଉଛି। ଗୃହକର୍ତ୍ତା କିଛି ସମୟ ମାଗି ପରିବାର ସହ ଆଲୋଚନା କଲେ। ସୁବର୍ଣ୍ଣର ମାୟା ସମସ୍ତଙ୍କୁ ଅନ୍ଧ କରିଦେଇଥିଲା। ପ୍ରତ୍ୟେହ ଏକ ସୁବର୍ଣ୍ଣ ଥାଳି ପାଇବାର ଲୋଭରେ ସେମାନେ ମା'ଙ୍କ ପାଖକୁ ଗଲେ ଏବଂ ତାଙ୍କୁ ରହିବା ପାଇଁ ଅନୁନୟ ହେଲେ। ମା' କହିଲେ ତେବେ ଠିକ୍ ଅଛି ସେ ବେଦଜ୍ଞ ଭିକ୍ଷୁ ବ୍ରାହ୍ମଣଙ୍କୁ ଏ ଘରୁ ବାହାର କରିଦିଅ। ସେଇଆ, ହିଁ ହେଲା। ସୌମ୍ୟଦର୍ଶନ ବ୍ରାହ୍ମଣଙ୍କୁ ହିଁ ସେ ଘରୁ ବାହାର କରିଦିଆଗଲା।

ମାତ୍ର ହଠାତ୍ ଆଉ ଏକ ଅଭାବନୀୟ ଘଟଣା ଘଟିଲା। ଗୃହକର୍ତ୍ତାଙ୍କ ଘରୁ ସେ ସୌମ୍ୟାବେଦମତୀଙ୍କୁ ଆଉ ଦେଖିବା ପାଇଁ ମିଳିଲା ନାହିଁ। ପରିବାର ସଦସ୍ୟମାନେ ବିଚଳିତ ହୋଇ ଦୌଡ଼ିଲେ ପୂଜାଘରକୁ। ମାତ୍ର, ସୁବର୍ଣ୍ଣ ପାତ୍ର ବି ନଥିଲା। ଉଭେଇ ଯାଇଥିଲା। ଉଦାସ ହୋଇଗଲେ ସମଗ୍ର କରିବାର ସଦସ୍ୟ। ସ୍ୱଭାବିକ ହେବାକୁ ଢ଼େର ସମୟ ଲାଗିଥିଲା।

ସେହି କ୍ଷୀର ସାଗରରେ ବିଷ୍ଣୁଙ୍କ ଅନନ୍ତଶୟନ ପୂର୍ବବତ୍ ଥିଲା। ଅନନ୍ତଙ୍କ ଉଦ୍ଦେଶ୍ୟରେ କହିଲେ ବୁଝିପାରିଲେ ତ କିଏ ବଡ଼? ମା' ମହାଲକ୍ଷ୍ମୀ କହିଲେ, "ଯଦି ସେ ଧନୀ ବ୍ୟକ୍ତି ଆପଣଙ୍କୁ ଛାଡ଼ିନଥାନ୍ତା ତେବେ ମୁଁ କ'ଣ ସେଠାରୁ ଆସିପାରିଥାନ୍ତି ?" ବିଷ୍ଣୁଙ୍କୁ ଛାଡ଼ି ମହାଲକ୍ଷ୍ମୀ ଏହା କ'ଣ ସମ୍ଭବ? ତୁମେ ପାଳନକର୍ତ୍ତା ମୁଁ ପଡ଼ିଦାତ୍ରୀ। ଏ ସଂସାରର ସମସ୍ତଙ୍କ ପାଇଁ ଆମର ଆବଶ୍ୟକତା ରହିଛି। ପ୍ରଭୁ ହସିଉଠିଲେ ଯେଉଁ ହସର ବର୍ଣ୍ଣନା ପାଇଁ ସହସ୍ର ମୁଖ ବାସୁକୀ ବି ହାର୍ ମାନିବେ।

# ଓଡ଼ିଆ ଭାଷା ଓଡ଼ିଶା ଶାସନର ଭାଷା ହେଉ

ଜବାହରଲାଲ ସୁବୁଦ୍ଧି

ଓଡ଼ିଆ ଭାଷା ଓଡ଼ିଶା ରାଜ୍ୟର ସରକାରୀ ଭାଷା ହେଉ ବୋଲି ଦାବି କରି ଦୀର୍ଘଦିନ ଧରି ଆମ ରାଜ୍ୟରେ 'ଭାଷା ଆନ୍ଦୋଳନ' ଲାଗିରହିଛି। ଓଡ଼ିଆ ଭାଷାରେ ଓଡ଼ିଶା ଶାସନ ଚଳାଇବା ଦାବିରେ ରାଜ୍ୟର ଅନେକ ଭାଷାବିତ୍, ବୁଦ୍ଧିଜୀବୀ ଓ ଭାଷାପ୍ରେମୀ ରାଜରାସ୍ତାକୁ ଓହ୍ଲାଇଛନ୍ତି । ରାଜ୍ୟ ସରକାର ଓଡ଼ିଆ ଭାଷା ପ୍ରତିଷ୍ଠାନ ସ୍ଥାପନ କରିଛନ୍ତି ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟ (ଭର୍ଚୁଆଲ୍ ଏକାଡେମୀ) ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି । ବିଶ୍ୱ ଦରବାରରେ ଓଡ଼ିଆର ସଂସ୍କୃତି, ସାହିତ୍ୟକୁ ପହଂଚାଇବା ପାଇଁ ଗଠିତ ହୋଇଛି ସତ ମାତ୍ର ଓଡ଼ିଶା ଶାସନର ଭାଷା ଓଡ଼ିଆକୁ ପ୍ରଚଳନ ପାଇଁ ମମତା ନାହିଁ ।

ପରାଧୀନ ଭାରତବର୍ଷକୁ ମୋଗଲ, ମରହଟ୍ଟା ଓ ଇଂରେଜମାନେ ଶହ ଶହ ବର୍ଷ ଧରି ଶାସନ କରିଚାଲିଥିଲେ । ଶେଷରେ ଇଂରେଜମାନେ ଭାରତକୁ ପ୍ରାୟ ଦେଢ଼ଶହ ବର୍ଷ ଧରି ଶାସନ କରିଚାଲିଲେ । ପରାଧୀନ ଭାରତବର୍ଷରେ ବ୍ରିଟିଶମାନଙ୍କ ସାମ୍ରାଜ୍ୟବାଦ ବିରୁଦ୍ଧରେ ଭାଷା ସଂଗ୍ରାମୀମାନେ ବାରିଷ୍ଟର ମଧୁସୂଦନ ଦାସଙ୍କ ନେତୃତ୍ୱରେ ୧୯୩୬ ମସିହାରେ ଓଡ଼ିଶା ରାଜ୍ୟକୁ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଭାବେ ବହୁ ସଂଗ୍ରାମ କରି ହାସଲ କରିଥିଲେ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତବର୍ଷ ସ୍ୱାଧୀନତା ପାଇବାର ତ୍ରିରଙ୍ଗା ଜାତୀୟ ପତାକା ଉଡ଼ାଇ ରବୀନ୍ଦ୍ରନାଥ ଠାକୁରଙ୍କ ଲିଖିତ 'ଜନ ଗଣ ମନ...'କୁ ଜାତୀୟ ସଂଗୀତ ଭାବେ ଗାନ କରି ମହାଭାରତୀୟ ଭାବେ ଆମେ ନିଜକୁ ଗର୍ବ ଅନୁଭବ କଲୁ । ଦେଶ ସ୍ୱାଧୀନ ରାଷ୍ଟ୍ର ଭାବେ ମହାତ୍ମାଗାନ୍ଧିଙ୍କ ନେତୃତ୍ୱରେ ଅହିଂସାନୀତି ଆଚରଣ କରି ଇଂରେଜମାନଙ୍କୁ ଏ ଦେଶରୁ ହଟାଇଦେଇ ପଣ୍ଡିତ ଜବାହରଲାଲ ନେହେରୁ ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ଦିଲ୍ଲୀର ଲାଲକିଲ୍ଲାରେ ପ୍ରଥମ ଜାତୀୟ ପତାକା ଉତ୍ତୋଳନ କଲେ । ପୃଥିବୀରେ ସର୍ବବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତବର୍ଷ ଆଗେଇ ଚାଲିଲା । ଭାରତରେ ବିଭିନ୍ନ ରାଜ୍ୟ ଗଣତାନ୍ତ୍ରିକ ପ୍ରାଦେଶିକ ରାଜ୍ୟ ଭାବେ ତାଙ୍କ ନିଜ ରାଜ୍ୟର ଲୋକଙ୍କ ମାତୃଭାଷାରେ ରାଜ୍ୟ ଶାସନ କରିଚାଲିଲେ । ପଶ୍ଚିମବଙ୍ଗରେ ବଙ୍ଗଳାଭାଷା, ଆନ୍ଧ୍ରରେ ତେଲଗୁଭାଷା, ତାମିଲନାଡୁରେ ତାମିଲଭାଷା, କେରଳରେ ମାଲୟାଲମ୍, ବିହାର, ଉତ୍ତରପ୍ରଦେଶ ଆଦି ରାଜ୍ୟରେ ହିନ୍ଦୀ ଭାଷାରେ ସେହି ରାଜ୍ୟ ଲୋକଙ୍କ ଭାଷାରେ ସରକାରୀ ଭାଷା କାର୍ଯ୍ୟକାରୀ ହେଉଥିଲା ବେଳେ ୧୯୩୬ ମସିହାଠାରୁ ଅଦ୍ୟାବଧି ଓଡ଼ିଶାରେ କ'ଣ ପାଇଁ ଓଡ଼ିଆ ଭାଷା ବଦଳରେ ଇଂରାଜୀ ଭାଷାରେ ରାଜ୍ୟ ଶାସନ ଚାଲୁଛି, ତାହା ବୁଝାପଡୁ ନାହିଁ। ଏହା ଓଡ଼ିଶାବାସୀଙ୍କ ପାଇଁ ଘୋର ଲଜ୍ଜାର ବିଷୟ ନୁହେଁ କି ? ବର୍ଷ ବର୍ଷ ଧରି ଭାଷା ସୁରକ୍ଷା ସମିତି ଦାବି କରି ଆସୁଥିଲେ ମଧ୍ୟ ଭାଷା ଆଇନ୍‌କୁ କାର୍ଯ୍ୟକାରୀ କରାଯାଉନାହିଁ। ସରକାରୀ ସ୍ତରରେ ଓଡ଼ିଆ ଭାଷାକୁ ଯିଏ କାର୍ଯ୍ୟକାରୀ କରୁନାହାନ୍ତି ଅର୍ଥାତ୍ ଭାଷା ଉଲ୍ଲଂଘନକାରୀଙ୍କ ପ୍ରତି କଠୋର ଦଣ୍ଡବିଧାନ କରାଯାଉନାହିଁ । ୧୯୫୪ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓଡ଼ିଆ ଭାଷା ଆଇନ୍ ପ୍ରଣୟନ କରିଥିଲେ ମଧ୍ୟ ଭାଷା ଆଇନ୍‌କୁ କାର୍ଯ୍ୟକାରୀ କରି ଓଡ଼ିଆଭାଷାରେ ପ୍ରଶାସନ, ବିଧାନସଭା, କୋର୍ଟ କେଚରୀ ଆଦିରେ କାର୍ଯ୍ୟ କରିବା ପାଇଁ ଓଡ଼ିଶାରେ ଭାଷାପ୍ରେମୀ, ଭାଷା ସୁରକ୍ଷା ସମିତି ଗତ ପାଞ୍ଚବର୍ଷଧରି ଲଗାତର ଆନ୍ଦୋଳନ ଓ ଦାବିକରି ଆସୁଥିଲେ ମଧ୍ୟ ସରକାର ତାହାକୁ ଅଦ୍ୟାବଧି କାର୍ଯ୍ୟକାରୀ କରୁନାହାନ୍ତି । ବହୁବର୍ଷ ପରେ ନିଜ ମାତୃଭାଷା ଓଡ଼ିଆକୁ ସୁରକ୍ଷା ଦେବା ପାଇଁ ଲକ୍ଷ ଲକ୍ଷ ଓଡ଼ିଆ ଏହି ଆନ୍ଦୋଳନରେ ସାମିଲ ହେବା ସ୍ୱାଗତଯୋଗ୍ୟ । ଏହା ଓଡ଼ିଆମାନଙ୍କ ମଧ୍ୟରେ ସୁପ୍ତ ଜାତୀୟତାବୋଧ ଓ ଭାଷାପ୍ରେମକୁ ବହୁ ପରିମାଣରେ ଜାଗ୍ରତ କରିବା ଏକ ଶୁଭସୂଚନା । ଆନ୍ଦୋଳନ ଚାପ ଫଳରେ ରାଜ୍ୟ ସରକାର ଗତ ୨୦୧୬ ଅଗଷ୍ଟ ୧୬ ତାରିଖଠାରୁ ଭାଷା ଆଇନ୍‌କୁ କାର୍ଯ୍ୟକାରୀ କରାଯିବ ବୋଲି ଘୋଷଣା କରିଥିଲେ । ଏହି ଆଇନ୍‌କୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାରଙ୍କ ରାଷ୍ଟ୍ରଭାଷା ଆୟୋଗ ଓ ବିଭିନ୍ନ ରାଜ୍ୟମାନଙ୍କରେ ଥିବା ଭାଷା ଆୟୋଗ ଭଳି ଆମ ରାଜ୍ୟରେ ଏକ ଉଚ୍ଚକ୍ଷମତା ସଂପନ୍ନ ଭାଷା ଆୟୋଗ ଗଠନ ଓ ଏହାର ଖିଲାପକାରୀଙ୍କ ବିରୋଧରେ ଦଣ୍ଡବିଧାନ ବ୍ୟବସ୍ଥା କରିବାକୁ ଭାଷାପ୍ରେମୀ ନେତୃତ୍ୱ ଦାବି କରିଆସୁଥିଲେ ମଧ୍ୟ ତାହାକୁ ଏଯାବତ୍ କାର୍ଯ୍ୟକାରୀ କରିବାର ଦାୟିତ୍ୱ ଜଣେ ଯୁଗ୍ମ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଭାଷାଡିଭିଜନ ଉପରେ ଦାୟିତ୍ୱ ଅର୍ପଣ କରିଥିଲେ ମଧ୍ୟ ବର୍ଷକରୁ ଅଧିକ ସମୟ କଟିଯାଇଥିଲେ ମଧ୍ୟ ତ୍ୱରାନ୍ୱିତ କରାଯାଉ ନାହିଁ । ଭାଷା ଆୟୋଗକୁ କାର୍ଯ୍ୟକାରୀ କରିବା ପାଇଁ ଆମର ଭାଷାପ୍ରେମୀ ଭାଇମାନଙ୍କର ରାଜଧାନୀରେ ପ୍ରତ୍ୟେହ ୪ ଜଣ ଭାଇ କଳାପତାକା ଅଭିଯାନକୁ ଅବ୍ୟାହତ ରଖିଛନ୍ତି । ଇତି ମଧ୍ୟରେ ଏହା ୫୬୦ ଦିନରୁ ଅଧିକ ଦିନରେ ପହଂଚିଥିଲେ ମଧ୍ୟ ଭାଷା ଆଇନ୍ କାର୍ଯ୍ୟକାରୀ ହେଉନାହିଁ । ଏହା ବର୍ତ୍ତମାନ ସମସ୍ତ ଓଡ଼ିଆ ଭାଇଭଉଣୀମାନଙ୍କୁ ବିବ୍ରତ କରି ଚିନ୍ତାରେ ପକାଇଛି । ଓଡ଼ିଆଭାଷାକୁ କେନ୍ଦ୍ର ସରକାର ଇତିମଧ୍ୟରେ ଶାସ୍ତ୍ରୀୟ ମାନ୍ୟତା ଦେବା ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ଓଡ଼ିଶାରେ କାହିଁକି ଓଡ଼ିଆଭାଷାରେ ଶାସନ ଚାଲୁନାହିଁ। ଓଡ଼ିଶାରେ ଇଂରାଜୀ ଭାଷାରେ ଶାସନ ଚାଲିବା ଆମ ପାଇଁ ଘୋର ଲଜ୍ଜାର ବିଷୟ ନୁହେଁ କି ? ଦେଶ ସ୍ୱାଧୀନତା ପରେ ଆଜିସୁଦ୍ଧା ଓଡ଼ିଶାରେ ଓଡ଼ିଆ ଭାଷାରେ ଶାସନ ନହେବାରେ ପ୍ରତ୍ୟେକ ଶାସକ ଊଣାଅଧିକ ପରିମାଣରେ ଦାୟୀ। ଓଡ଼ିଶାର ଗରୀବ ଅବହେଳିତ, ଅଶିକ୍ଷିତ, ଚାଷୀମୂଲିଆ, ନିଷ୍ପେସିତ ବିଭିନ୍ନବର୍ଗର ବ୍ୟକ୍ତିମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ତାର ମାଆର ଭାଷା ଓଡ଼ିଆରେ ଓଡ଼ିଶା ଶାସନ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରାଗଲେ

ସମସ୍ତଙ୍କର ମଙ୍ଗଳ ହେବ । ଓଡ଼ିଶାରେ ଭାଷା ଆଇନ୍ କାର୍ଯ୍ୟକାରୀ ନହେବା ଫଳରେ ଓଡ଼ିଆ ଭାଷା, ପ୍ରଶାସନ, ବିଚାର ବିଭାଗୀୟ, ବ୍ୟବସାୟ ବାଣିଜ୍ୟ ଓ ଶିକ୍ଷାନୁଷ୍ଠାନମାନଙ୍କରେ ଲୋପ ପାଇବାକୁ ବସିଲାଣି । ଓଡ଼ିଆ ପିଲାଙ୍କ ପାଇଁ ଓଡ଼ିଆ ଭାଷା ଜୀବନଜୀବିକାର ଭାଷା ହୋଇପାରୁନି । ତେଣୁ ସେମାନେ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ପାଠ ନପଢ଼ି ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଅଧ୍ୟୟନ କରିବାକୁ ବାଧ୍ୟ ହେଉଛନ୍ତି । କେତେକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଗୋଟିଏ ବିଷୟ ଓଡ଼ିଆ ବିଷୟକୁ ପଢ଼ାଯିବାକୁ ମଧ୍ୟ ଉତ୍ସାହିତ କରାଯାଉନି । ଅନ୍ୟ ଦିଗରେ ଓଡ଼ିଆ ଅନ୍ୟ ଦିଗରୁ ଦେଖିବାକୁ ଗଲେ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର କମିଯିବାରୁ ପଡ଼ୋଶୀ ରାଜ୍ୟମାନଙ୍କର ପ୍ରଭାବ ଦିନକୁ ଦିନ ବଢ଼ି ଓଡ଼ିଆ ଭାଷାର ଦୁର୍ଗତି ବଢ଼ି ଚାଲିଛି ।

ଏ ଦିଗରେ ଓଡ଼ିଆ ଭାଷାପ୍ରେମୀମାନଙ୍କ ମଧ୍ୟରେ ଭାଷା ସୁରକ୍ଷା ସମ୍ମିଳନୀର ସଭାପତି ପୂର୍ବତନ ସାଂସଦ ବୈଷ୍ଣବ ପରିଡ଼ା, ଭାଷା ତତ୍ତ୍ୱବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ, ପ୍ରଦ୍ୟୁମ୍ନ ଶତପଥୀ, ନିତ୍ୟାନନ୍ଦ ଶତପଥୀ, ଡ. ସୁବ୍ରତ ପୃଷ୍ଟି, ସୌମ୍ୟରଞ୍ଜନ ପଟ୍ଟନାୟକ, ସୁଭାଷ ପଟ୍ଟନାୟକ, ରାଜାରାମ ଶତପଥୀଙ୍କ ସହିତ ଜିଲ୍ଲା ଓ ତହସିଲ ସ୍ତରୀୟ ଆହୁରି ଅନେକ ଭାଷାପ୍ରେମୀଙ୍କ ଚେଷ୍ଟାକୁ ଓଡ଼ିଶାବାସୀ ନିଜ ନିଜ ସ୍ମରଣରେ ଆଜୀବନ ମନେରଖିବେ ।

ଓଡ଼ିଶାରେ ଓଡ଼ିଆ ଭାଷାରେ ରାଜ୍ୟ ଶାସନ ଚାଲିବା ପାଇଁ ବିଗତ ସତରବର୍ଷ ଧରି ଶାସନ କରୁଥିବା ମୁଖ୍ୟମନ୍ତ୍ରୀଙ୍କୁ ଭାଷା ସୁରକ୍ଷା ସମ୍ମିଳନୀ ତରଫରୁ ଏକଲକ୍ଷ ଚିଠି ଲେଖିବାଠାରୁ ଆରମ୍ଭ କରି ରାଜ୍ୟବ୍ୟାପୀ ବିକ୍ଷୋଭ, ଗଣଧାରଣା, ମଶାଲ ଶୋଭାଯାତ୍ରା, ବିଭିନ୍ନ ସ୍ଥାନରେ ଶହ ଶହ ସଭା ସମ୍ମିଳନୀ ଓ ଆଲୋଚନାଚକ୍ରର ଆୟୋଜନ କରି ରାଜ୍ୟପାଳଙ୍କୁ ମଧ୍ୟ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଚଳିତ ସେପ୍ଟେମ୍ବର ୨୧ ତାରିଖରେ ଭାଷା ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଭାଷା ସୁରକ୍ଷା ସମ୍ମିଳନୀ ତରଫରୁ ଭୁବନେଶ୍ୱର ଠାରେ ବିଶାଳ ଆଇନ୍ ଅମାନ୍ୟ ଆନ୍ଦୋଳନ କରାଯାଇ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଆନ୍ଦୋଳନକାରୀ ଗିରଫ ହୋଇଥିଲେ । ଏହି ଆନ୍ଦୋଳନକୁ ଆହୁରି ତୀବ୍ର ଓ ବ୍ୟାପକ କରିବା ପାଇଁ ଓଡ଼ିଶାର ସବୁ ଜିଲ୍ଲାର ଜିଲ୍ଲାପାଳଙ୍କ ଦପ୍ତର ଆଗରେ ଆଇନ୍ ଅମାନ୍ୟ ଆନ୍ଦୋଳନ କରିଛି ଭାଷା ସୁରକ୍ଷା ସମ୍ମିଳନୀ । ଏହି ଆଇନ୍ ଅମାନ୍ୟ ଆନ୍ଦୋଳନରେ ରାଜ୍ୟର ଭାଷାପ୍ରେମୀ, ଶିକ୍ଷାବିତ୍, କବି, ଲେଖକ, ବୁଦ୍ଧିଜୀବୀ, ଆଇନ୍‌ଜୀବୀ ଓ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦମାନେ ଶହ ଶହ ସଂଖ୍ୟାରେ ଯୋଗଦେଇ ଓଡ଼ିଆ ଭାଷାକୁ ଆଇନ୍‌ରେ କାର୍ଯ୍ୟକାରୀ କରିବା ପାଇଁ ଭାଷା ଆୟୋଗ ଗଠନ ଓ ଖିଲାପକାରୀଙ୍କୁ ଦଣ୍ଡବିଧାନର ଦୃଢ଼ ଦାବି ଉପସ୍ଥାପିତ କରିଛନ୍ତି । ସରକାର ତୁରନ୍ତ ଏହାକୁ ଶତ ପ୍ରତିଶତ କାର୍ଯ୍ୟକାରୀ କରି ଏକ ଇତିହାସ ସୃଷ୍ଟି କରି ସାଢ଼େ ଚାରିକୋଟି ଓଡ଼ିଆ ଭାଇଭଉଣୀଙ୍କର ପ୍ରିୟ ମାତୃଭାଷା ଓଡ଼ିଆଭାଷାକୁ ରକ୍ଷା କରନ୍ତୁ । ଏହାଦ୍ୱାରା ଓଡ଼ିଶାର ବିକାଶ ଓ କଲ୍ୟାଣ ହୋଇପାରିବ । ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ ।

**ବଡ଼ତୋଟା, ଜଟଣୀ, ଖୋରଧା**
**ଦୂରଭାଷ -୯୪୩୮୩୫୨୩୭୬**

# ସ୍କୁଲ ପିଲାଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ମନଖୋଲା କଥା

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ଶିଶୁ ଦିବସରେ ସ୍କୁଲ ପିଲାଙ୍କ ସହ ମନଖୋଲା କଥା ହେବେ । ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟର ବିଭିନ୍ନ ଅଞ୍ଚଳର ପିଲାଙ୍କୁ ଭଲମନ୍ଦ ପଚାରି ବୁଝିବା ସହ ମୁଖ୍ୟମନ୍ତ୍ରୀ ସେମାନଙ୍କର ପ୍ରଶ୍ନଗୁଡ଼ିକର ଉତ୍ତର ମଧ୍ୟଦେବେ । ଏଥିପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ନଭେମ୍ବର ୧୪ରେ ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମରେ ସମସ୍ତ ସ୍କୁଲକୁ ସାମିଲ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ଗାଁ, ପଞ୍ଚାୟତ, ବ୍ଲକ୍ ଓ ଜିଲ୍ଲାସ୍ତରରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସିଧାସଳଖ ପ୍ରସାରଣ କରାଯିବ । ସ୍କୁଲ ସ୍ତରରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପିଲାଙ୍କ ସହ ସେମାନଙ୍କ ଅଭିଭାବକମାନେ ମଧ୍ୟ ଉପସ୍ଥିତ ରହିବେ । ଓପେପା ନିର୍ଦ୍ଦେଶକ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଜାରି କରି ଭିଡିଓ କନ୍‌ଫରେନ୍ସିଂରେ କେଉଁ ସ୍କୁଲର କେତେ ଛାତ୍ର, ଅଭିଭାବକ ଓ ଶିକ୍ଷକ ସାମିଲ ହେବେ ତା'ର ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଥମଥର ପାଇଁ ଶିଶୁ ଦିବସରେ ପିଲାମାନଙ୍କ ସହ ମୁଖ୍ୟମନ୍ତ୍ରୀ ଏଭଳି ଭାବ ବିନିମୟ କରିବେ ।

**୨୭ ପୃଷ୍ଠାର ସୁ-ଡୋକୁ ପ୍ରଶ୍ନର ଉତ୍ତର**

| | | | | | | | | |
|---|---|---|---|---|---|---|---|---|
| 7 | 4 | 2 | 6 | 5 | 9 | 3 | 1 | 8 |
| 5 | 3 | 8 | 4 | 1 | 2 | 6 | 7 | 9 |
| 6 | 1 | 9 | 7 | 3 | 8 | 5 | 4 | 2 |
| 4 | 8 | 6 | 2 | 9 | 7 | 1 | 5 | 3 |
| 2 | 5 | 1 | 8 | 4 | 3 | 9 | 6 | 7 |
| 9 | 7 | 3 | 1 | 6 | 5 | 2 | 8 | 4 |
| 3 | 6 | 7 | 9 | 8 | 1 | 4 | 2 | 5 |
| 1 | 2 | 5 | 3 | 7 | 4 | 8 | 9 | 6 |
| 8 | 9 | 4 | 5 | 2 | 6 | 7 | 3 | 1 |

# ମହାପଣ୍ଡିତଙ୍କ ସ୍କୁ ଢିଲା

**ବିଜୟ ଚନ୍ଦ୍ର ମହାପାତ୍ର**

ଉନବିଂଶ ଶତାବ୍ଦୀର ଦିତୀୟାର୍ଦ୍ଧରେ(୧୮୫୦ରୁ୧୯୦୦ ଖ୍ରୀଷ୍ଟାବ୍ଦ) ଓଡିଶା ଯେଉଁ ସବୁ ଘଟଣା ବହୁଳ ଦୁଃଖ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛି ତାହା ମଧ୍ୟରେ ନଅଙ୍କ ଦୁର୍ଭିକ୍ଷ ଅନ୍ୟତମ। ଯେଉଁ ସବୁ ଘଟଣା ପାଇଁ ବିକାଶ ଓ ଅଗ୍ରଗତି ଆଡକୁ ଯାଇଛି ତାହା ମଧ୍ୟରେ ସାମନ୍ତ ଚନ୍ଦ୍ରଶେଖରଙ୍କ 'ସିଦ୍ଧାନ୍ତ ଦର୍ପଣ' ଅନ୍ୟତମ।

୧୮୫୮ ମସିହା ରେ ୨୩ ବର୍ଷ ବୟସରୁ ସେ ଆକାଶକୁ ଚାହିଁ ଯାହାସବୁ ଦେଖୁଥିଲେ ଟିପି ରଖୁଥିଲେ ଏବଂ ୨୬ବର୍ଷ ବୟସରେ ସିଦ୍ଧାନ୍ତ ଦର୍ପଣ ଲେଖା ଆରମ୍ଭ କଲେ। ସଂସ୍କୃତ ଓ ଓଡିଆ ବ୍ୟତୀତ ଅନ୍ୟ କୌଣସି ଭାଷା ସେ ଜାଣି ନଥିଲେ। ଆଠବର୍ଷର ସାଧନାପରେ ୧୮୬୯ ମସିହାରେ ତାଳପତ୍ର ପୋଥିରେ ଲେଖା ଶେଷ ହୋଇଥିଲା। ଅବିଭକ୍ତ ପୁରୀ ଜିଲ୍ଲା ଖଣ୍ଡପଡା ରାଜପରିବାରରେ ୧୮୩୫ ମସିହା ପୌଷମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଜନ୍ମ ଗ୍ରହଣ କରିଥିବା ଏହି ବିଶିଷ୍ଟ ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖରଙ୍କ ପିତା ଖଣ୍ଡପଡା ରାଜା ଶ୍ୟାମବନ୍ଧୁ ସିଂହ ସାମନ୍ତ ମଧ ଜ୍ୟୋତିଷ ଶାସ୍ତ୍ରରେ ରୁଚି ରଖୁଥିଲେ। ସାମନ୍ତ ଚନ୍ଦ୍ରଶେଖର ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗର ସଠିକ୍ ସମୟ ଜଣାଇ ଜଣେ ବିଶିଷ୍ଟ ପଣ୍ଡିତ ଭାବେ ପରିଚିତ ହୋଇଥିଲେ। ୧୮୭୬ ମସିହାରେ ପୁରୀରେ ପଣ୍ଡିତମାନେ ଏକ ସଭା ଡାକି ସ୍ଥିର କଲେ ଯେ, ସିଦ୍ଧାନ୍ତ ଦର୍ପଣ ଅନୁସାରେ ଶ୍ରୀଜଗନ୍ନାଥଙ୍କର ନୀତିମାନ ପାଳିତ ହେବ। ୧୮୮୮ ମସିହାରେ ପୁରୀରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ତାଙ୍କୁ ଏକ ସୂକ୍ଷ୍ମାଙ୍କ ପଞ୍ଜିକା ପ୍ରଚଳନ କରିବାକୁ ଅନୁମତି ଦେଇଥିଲେ।

ପୁରୀ କଲେକ୍ଟର କେ.ଜି ଗୁପ୍ତ ସାମନ୍ତ ଚନ୍ଦ୍ରଶେଖରଙ୍କ ପାଣ୍ଡିତ୍ୟର ପରିଚୟ ପାଇ ତାଙ୍କୁ ଏକ ଉପାଧି ଦେବାପାଇଁ ସରକାରଙ୍କୁ ଲେଖିଥିଲେ। ୧୮୯୩ ମସିହାରେ ତାଙ୍କୁ ଦିଆଯାଇଥିବା ଉପାଧି ପତ୍ରରେ ଲେଖାଥିଲା ଏହିଭଳି -

ସନନ୍ଦ

ପ୍ରାପ୍ତେଷୁ;

ପଣ୍ଡିତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର, ଖଣ୍ଡପଡା , ମୁଁ ଏତଦ୍ୱାରା ଆପଣଙ୍କୁ ବ୍ୟକ୍ତିଗତ ଉତ୍କର୍ଷ ପାଇଁ ମହାମହୋପାଧ୍ୟାୟ ଉପାଧି ପ୍ରଦାନ କରୁଅଛି।

ସିମଳା,୩ଜୁନ୍ ୧୮୯୩ ଲାନ୍ସଡାଉନ୍

ଭାଇସରାୟ ଓ ଗଭର୍ଣ୍ଣର ଜେନେରାଲ୍

୧୮୯୪ମାର୍ଚ୍ଚ ୨୦ତାରିଖରେ କଲିକତା ବେଲ୍‌ଡେଭିଅରରେ ଛୋଟ ଲାଟ୍ ଏକ ଦରବାର କରି ପଠାଣି ସାମନ୍ତ ଓ ଅନ୍ୟ କେତେଜଣଙ୍କୁ ଉପାଧିମାନ ଦେବାକୁ ସ୍ଥିର କଲେ। ଅଧିକ ବୟସ ଭାର ଏବଂ ଜାହାଜରେ ଗଲେ ଜାତି ଚାଲିଯିବା ଭୟରେ ସେ କଲିକତା ଦରବାରକୁ ଯାଇପାରିବେ ନାହିଁ, ବୋଲି ଜଣାଇ ଦେଲେ।

ଅଗଷ୍ଟ ୨୯ ତାରିଖ ଦିନ ୨ଟା ବେଳେ କଟକ ବାରବାଟୀ କିଲ୍ଲାଠାରେ ଏକ ଦରବାର କରି ତାଙ୍କ ସହ କବିବର ରାଧାନାଥରାୟଙ୍କ ଭିଣୋଇ ଜମିଦାର ଗୋବିନ୍ଦ ବଲ୍ଲଭ ରାୟଙ୍କୁ ୧୮୯୪ ଜାନୁୟାରୀ ପହିଲାରେ ପ୍ରଦତ୍ତ ଉତ୍ତରିୟ ରାୟବାହାଦୂର ଉପାଧି ଦିଆଯିବାକୁ ସ୍ଥିର କରାଯାଇ ପତ୍ର ପଠାଗଲା। ପାଞ୍ଜିରେ ଶୁଭଲଗ୍ନ ଦେଖି ପୁଅ ଚକ୍ରଧରକୁ ସାଙ୍ଗରେ ନେଇ ପଠାଣି ସାମନ୍ତ ଡଙ୍ଗାରେ କଟକ ବାହାରିଲେ। ଦୁଇଦିନ ପରେ କଟକ ପହଞ୍ଚି ପୂଜାପାଠ କଲେ। ପାଞ୍ଜିରେ ସେଦିନ ୨୮ତାରିଖ ଲେଖା ହୋଇଥିବାର ଦେଖି ଖାଇପିଇ ଡଙ୍ଗାରେ ଶୋଇ ପଡିଲେ। ହଠାତ୍ ଘନଘନ ତୋପଧ୍ୱନି ଶୁଣି ତାଙ୍କ ନିଦ ଭାଙ୍ଗିଗଲା । ତାହା ଥିଲା ଦରବାର ହେଉଥିବାର ସଙ୍କେତ। ତାରିଖରେ ଗୋଳମାଳ ଥାଇ ପାରେ ଭାବି ପୁଣିଥରେ ତାଳପତ୍ର ବିଡା ଓଲଟାଇ ଦେଖିଲେ ସେହି ୨୮ ତାରିଖ । ଏହି ସମୟରେ ଆଠଗଡ ରାଜା ଛତ୍ର କାହାଳୀ ପଟୁଆରରେ ଘୋଡାଚଢି ଯାଉଥିଲେ। ସେ ଆଉ ପୋଷାକ ନବଦଳାଇ କାନ୍ଧରେ ଗାମୁଛା ପକାଇ ପଟୁଆର ପଛରେ ଧାଇଁଧାଇଁ ଯାଇ କିଲ୍ଲା ପାଖରେ ପହଚିଲେ। ସେତେବେଳକୁ ଦରବାର ସୁସଜ୍ଜିତ ମଣ୍ଡପଟି ଖାଲି ହୋଇ ଯାଇଥିଲା।

ସାମନ୍ତ ଚନ୍ଦ୍ର ଶେଖର କମିଶନରଙ୍କୁ ଖୋଜିବାରେ ଜାଣିଲେ ସେ କ୍ଲବରେ ଅଛନ୍ତି। କ୍ଲବ ଚପରାଶି ତାଙ୍କ ମଳିମୁଣ୍ଡିଆ ବେଶ ଦେଖି ଭିତରକୁ ଯିବାକୁ ଛାଡିଲା ନାହିଁ। ବହୁ କଷ୍ଟରେ ଶ୍ଳୋକ ବୋଲି କଲ୍ୟାଣ କରି ଭିତରକୁ ଗଲେ। ପରଦିନ ସକାଳେ କୋଠିରେ ଆସି ଦେଖା କରିବାକୁ କମିଶନରକୁ ସାହେବ କହିଲେ।

ଚନ୍ଦ୍ରଶେଖର ସେଠାରୁ ଯାଇ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ସୁଦାମ ନାୟକଙ୍କୁ ଦେଖାକରିବାରୁ ସେ ବିରକ୍ତ ହେଲେ। ସେଦିନଟି ପ୍ରକୃତରେ ୨୮ ତାରିଖ ବୋଲି ତାଙ୍କୁ ସେ ବୁଝାଇବାକୁ ଚେଷ୍ଟା କରିବାରୁ ସେ ଅଧିକ ବିରକ୍ତ ହେଲେ। ତେବେ ପରଦିନ ସକାଳେ ଉଭୟ ମିଶି କମିଶନରଙ୍କ କୋଠିରେ ପହଚିଲେ। ସୁଦାମ ନାୟକ ଚନ୍ଦ୍ରଶେଖରଙ୍କ ଜ୍ଞାନଗୁଣ ସମ୍ବନ୍ଧରେ ବର୍ଣ୍ଣନା କରି କହିଲେ, ସେ ଶଙ୍କୁଯନ୍ତ୍ର, ସ୍ୱୟଂବହ ଯନ୍ତ୍ର , ଖଗୋଳ ଇତ୍ୟାଦି ହାତରେ ତିଆରି କରିଥିବା କଥା କହିଲେ। କୁକ୍ ସାହେବ ସେମାନଙ୍କୁ କୋଠି ପଛପାଖକୁ ନେଇ କାଠ ଯୋଡି ପଥର ବନ୍ଧରେ କିଛିବାଟ ଯାଇ ସପ୍ତଶଯ୍ୟା ପର୍ବତମାଳାକୁ ଦେଖାଇ ତାହାର ଉଚ୍ଚତା ନିର୍ଣ୍ଣୟ କରିବାକୁ କହିଲେ।

ପୁଅ ଚକ୍ରଧର ଡଙ୍ଗାରୁ ଶଙ୍କୁ ଓ ସ୍ୱୟଂବହ ଯାନ ଆଣିଲା। କିନ୍ତୁ ଅସଲ ମାନଯନ୍ତ୍ରଟି ଆଣିବାକୁ ଭୁଲି ଗଲା । ତଥାପି ସେହି କୋଠିରେ କାମକରୁଥିବା ବଢେଇଙ୍କୁ ଦୁଇଖଣ୍ଡ କାଠକୁ ମାପିଚୁପ କରି ଦାଗ ଦେଇ ମାପଯନ୍ତ୍ର କରିବାକୁ ବତାଇ କରିନେଲେ। ତା ପରେ ଖୋଲା ଜାଗାକୁ ଯାଇ ପର୍ବତକୁ ଦେଖିଲେ । ଅଣ୍ଟରୁ ଖଡି ଗୋଟାଳି ବାହାର କରି ହିସାବ କରି ପର୍ବତ ଉଚ୍ଚତା ନିର୍ଣ୍ଣୟ କଲେ। କୁକ୍ ସାହେବ ଅଫିସ୍ କାଗଜ ପତ୍ର ଯାଞ୍ଚ କରି ମିଳାଇ ଦେଖିଲେ ସଠିକ୍ ନ ହେଲେ ମଧ୍ୟ ପଖାପାଖି ଥିଲା। ଖୁସିରେ ସେ ଚନ୍ଦ୍ରଶେଖରଙ୍କ ସହ ହାତ ମିଳାଇ ୪ ଦିନ ପରେ ଏକ ବିଶେଷ ଦରବାର କରି ଉପାଧି ଦେବାକୁ ପ୍ରତିଶ୍ରୁତି ଦେଲେ । କୁକ୍ ସାହେବ ଜଣେ ମ୍ଳେଚ୍ଛ। ତାଙ୍କ ସ୍ପର୍ଶ ଜନିତ ଅଶୌଚର ଶୁଦ୍ଧି ପାଇଁ ସୁଦାମ ନାୟକଙ୍କ ଘରେ ସେ ସ୍ନାନ କଲେ।

ସେପ୍ଟେମ୍ବର ୩ ତାରିଖ ଦିନ କମିଶନରଙ୍କ କୋଠରୀରେ ସ୍ୱତନ୍ତ୍ର ଦରବାର କରି ସକାଳ ସାଢେ ନଅଟାରେ କୁକ୍ ସାହେବ ଆସିଲେ। ସେଇସ୍ତାଦାର ତାଙ୍କୁ ଖିଲତ ପିନ୍ଧାଇବା ପରେ ଉପାଧି ପ୍ରଦାନ ପୂର୍ବକ ଇଂରାଜୀ ବକ୍ତୃତାରେ ତାଙ୍କୁ ଖୁବ୍ ପ୍ରଶଂସା କଲେ । ଦରବାର ପରେ ସମସ୍ତେ ତାଙ୍କୁ ଘେରିଯାଇ ବଧେଇ ଜଣାଇଲେ। ଗୌରୀଶଙ୍କର ରାୟ ସେଦିନ ସଂଧ୍ୟାରେ ପ୍ରି-ଣ୍ଟିଂ କମ୍ପାନୀ ଦୋତାଲାରେ ତାଙ୍କ ପାଇଁ ଅଭ୍ୟର୍ଥନା ସଭାଥିବା କଥା ମନେପକାଇ ଦେଲେ।

ସଂଧ୍ୟାରେ ଅନୁଷ୍ଠିତ ସଭାରେ ସିଦ୍ଧାନ୍ତ ଦର୍ପଣରୁ କିଛି ଶ୍ଳୋକର ଅବତାରଣା କରିବା ସହ ପୃଥିବୀ ସ୍ଥିର ଓ ସୂର୍ଯ୍ୟ ତାହାର ଚତୁର୍ଦ୍ଦିଗ ରେ ଘୂରୁଥିବା କଥା କହିଲେ । ସୂର୍ଯ୍ୟ ଙ୍କର ସ୍ଥିରତା ଓ ପୃଥିବୀର ଗତିଶୀଳତା ପ୍ରମାଣକୁ ସମାଲୋଚନା କରି ସେଦିନ ସକାଳେ ଲେଖିଥିବା ପଦଟି ପଢିଲେ।

ବ୍ରହ୍ମାଣ୍ଡ ଖଣ୍ଡଭଣ୍ଡ ସ୍ଥିରତର ଧରଣୀ ମଣ୍ଡଳ ଭ୍ରାନ୍ତିଶୌଣ୍ଡ -
ପ୍ରୋଦ୍ଦଣ୍ଡେଂଲଣ୍ଡ ଦନ୍ତାବଳ ଦଳନାକୁଣ୍ଠ କଣ୍ଠୀରବ ଶ୍ରୀଃ।...

ଅର୍ଥ- ଅଖଣ୍ଡ ଭାଣ୍ଡ ସ୍ୱରୂପ ବ୍ରହ୍ମାଣ୍ଡ ମଧ୍ୟରେ ପୃଥିବୀ ସ୍ଥିର ଥିଲେ ହେଁ ତାହାର ଭ୍ରମଣ ସମ୍ବନ୍ଧରେ ଇଂଲଣ୍ଡର ଜ୍ୟୋତିର୍ବିଦ୍-ମାନେ ମତ ଦେଉଛନ୍ତି, ସେମାନେ ହସ୍ତୀ ସ୍ୱରୂପ ଏବଂ ସେମାନଙ୍କର ବଳଦଳନ ବିଷୟରେ ମୋର ପ୍ରବନ୍ଧ ସିଂହ ସ୍ୱରୂପ...ଇତ୍ୟାଦି।

ସିଦ୍ଧାନ୍ତ ଦର୍ପଣ କୁ ଛପାଯାଇ ପ୍ରକାଶନ ପାଇଁ କର୍ମବୀର ଗୌରିଶଙ୍କର ରାୟ ଓ କବିବର ରାଧାନାଥ ରାୟ ବହୁ ଉଦ୍ୟମ କରିଥିଲେ । ୧୮୮୭ ଗୌରୀଶଙ୍କର ମାସିକ ପତ୍ରିକା ଦୀପିକାରେ ଓଡିଶାର ରାଜା ଜମିଦାର ମାନଙ୍କୁ ଗ୍ରନ୍ଥଟି ଛାପିବାକୁ ଅନୁରୋଧ କରି ଭାବଗର୍ଭକ ଲେଖା ଲେଖିଥିଲେ। ଶେଷରେ କବିବର ରାଧାନାଥଙ୍କ ଅନୁରୋଧକ୍ରମେ ରେଭେନ୍ସା କଲେଜର ବିଜ୍ଞାନ ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାୟ ଏ ଦିଗରେ ଆଗ୍ରହ ପ୍ରକାଶ କଲେ। ସାହିତ୍ୟ, ଇତିହାସ, ପୌରାଣିକ ବିଷୟ ବ୍ୟତୀତ ଜ୍ୟୋତିଷ ଶାସ୍ତ୍ର ଉପରେ ତାଙ୍କର ରୁଚି ରହିଲା। ତାଙ୍କୁ ସାକ୍ଷାତ କରିବା ପାଇଁ କବିବର ଚିଠି ଲେଖିଲେ।

ସାକ୍ଷାତ ଆଲୋଚନା ପରେ ଆକାଶରେ ଜ୍ୟୋତିଷ୍କମାନଙ୍କ ଅବସ୍ଥିତି ଓ ଜ୍ୟୋତିଷ ଶାସ୍ତ୍ରରେ ଚନ୍ଦ୍ରଶେଖରଙ୍କର ବିଶେଷ ଦକ୍ଷତାର ପରିଚୟ ଅଧ୍ୟାପକ ଯୋଗେଶ ଚନ୍ଦ୍ର ପାଇଥିଲେ। କିନ୍ତୁ ସୂର୍ଯ୍ୟ ସ୍ଥିରଥାଇ ପୃଥିବୀ ଓ ଅନ୍ୟ ଗ୍ରହ, ଉପଗ୍ରହ ତାହା ଚାରିପଟେ ଘୂରୁଥିବା ସିଦ୍ଧାନ୍ତ କୁ କାହିଁକି ଗ୍ରହଣ କରୁନାହାନ୍ତି ବୋଲି କୌତୁହଳର ସହ ପଚାରିଲେ। ପୃଥିବୀର ସ୍ଥିରତା ସମ୍ବନ୍ଧରେ ଚନ୍ଦ୍ର ଶେଖର ଅନେକ ପ୍ରମାଣ ଦେଇପାରିବେ ଓ ଜଣେ ସର୍ବଜ୍ଞ ମଧ୍ୟ ବିଷୟରେ ଜାଣିବାକୁ ଚାହିଁବାରୁ ସେ ତାଙ୍କୁ କହିଥିଲେ ଏହିପରି....... ଚକ୍ରପାଣି ମିଶ୍ର ନାମକ ଜଣେ ସର୍ବଜ୍ଞ ବ୍ରାହ୍ମଣଙ୍କର ସର୍ବଜ୍ଞତା ପରୀକ୍ଷା ପାଇଁ ସେ ହାତମୁଠାରେ ଗୋଟିଏ ବରକାଳି ମଞ୍ଜି ଧରି ହାତରେ କଣ ଅଛି ବୋଲି ପଚାରିଲେ ? ଚକ୍ରପାଣି ପ୍ରଥମେ ବୀଜଂ, ତାପରେ ବିନ୍ଦୁଯୁକ୍ତ ବୀଜଂ ଏବଂ ଶେଷରେ ବଦରୀ ବୀଜଂ କହିବାରୁ ଚନ୍ଦ୍ରଶେଖରଙ୍କର ସନ୍ଦେହ ଦୂର ହେଲା। ଏହାପରେ ତାଙ୍କ ମନରେ ଥିବା ବିଶେଷ ସଂଶୟକୁ ଦୂର କରିବାପାଇଁ ସର୍ବଜ୍ଞଙ୍କୁ ଅନୁରୋଧ କଲେ। ପୃଥିବୀ ଓ ସୂର୍ଯ୍ୟର ସ୍ଥିରତା ବିଷୟରେ ଥିବା ସଂଶୟ ସମ୍ବନ୍ଧରେ ସେ କହିନଥିଲେ କିନ୍ତୁ ସର୍ବଜ୍ଞ ଧ୍ୟାନମଗ୍ନ ହୋଇ କହିଲେ, ଦୁଇଟି ବୃହତ ପଦାର୍ଥ ସମ୍ବନ୍ଧରେ ପ୍ରଶ୍ନ ହୋଇଛି। ସେଥିରୁ ଗୋଟିଏ ପଦାର୍ଥ ତେଜୀୟାନ ଓ ଅନ୍ୟଟି ତେଜହୀନ। ଶେଷରେ କହିଲେ ପୃଥିବୀ ସ୍ଥିର ଅଛି ଓ ସୂର୍ଯ୍ୟ ହିଁ ଗତି କରୁଅଛି। ଏହାପରେ ପୃଥିବୀର ସ୍ଥିରତା ଉପରେ ଚନ୍ଦ୍ରଶେଖରଙ୍କର ଆଉ କୌଣସି ସେନ୍ଦେହ ରହିଲା ନାହିଁ। ଯୋଗେଶଚନ୍ଦ୍ର ଏହି ସର୍ବଜ୍ଞଙ୍କ ଖୋଜଖବର ଜାଣିବାକୁ ଚାହିଁବାରୁ ଚନ୍ଦ୍ରଶେଖର କହିଲେ. ଖଣ୍ଡପଡା ଆସିବାର କିଛିଦିନ ପରେ ସେ ସ୍ୱର୍ଗ ବିଷୟରେ ଜାଣିବାପାଇଁ ତାରେଣୀ ପର୍ବତ ଚଢିଥିଲେ ଏବଂ ସେଠାରୁ ଖସିପଡି ମରିଗଲେ। ଏକଥା ଶୁଣି ଯୋଗେଶଚନ୍ଦ୍ର ହସିବେ କି କାନ୍ଦିବେ ଠିକ୍ କରିପାରିଲେ ନାହିଁ। ତେବେ ଚନ୍ଦ୍ରଶେଖରଙ୍କର ଏ ମତ ଆଉ ବଦଳିବାର ନଥିଲା।(ଜଗନ୍ନାଥପ୍ରସାଦ ଦାସଙ୍କ ଦେଶକାଳ ପାତ୍ରରୁ ସଂଗୃହୀତ)

**ମୁକୁନ୍ଦପ୍ରସାଦ, ଖୋର୍ଦ୍ଧା**



# ଦୀପାବଳୀ

ବାସନ୍ତୀ ଦେଈ

କାର୍ତ୍ତିକ ମାସରେ ଅମାସ୍ୟା ତିଥିରେ
ଦୀପାବଳୀର ମହତ୍ତ୍ୱ
ହିନ୍ଦୁମାନଙ୍କର ବଡ଼ ପର୍ବ ଅଟେ
ପାଳନ ହୁଏ ସର୍ବତ୍ର ।୧।

ପ୍ରଭୁ ରାମଚନ୍ଦ୍ର ରାବଣକୁ ମାରି
ଅଯୋଧ୍ୟା ପ୍ରତ୍ୟାଗମନେ
ଅନ୍ଧାର ଉପରେ ଆଲୋକ ବିଜୟ
କରିଥିଲେ ଧରାଧାମେ ।୨।

ଆଲୋକର ପର୍ବ ଦୀପାବଳୀ ଅଟେ
ଅନ୍ଧକାର ହୁଏ ଦୂର
ଜ୍ଞାନାଲୋକରେ ଉଦ୍ଭାସିତ ହେଇ
ଅଜ୍ଞାନ ହେଉ ଦୂର ।୩।

ଧନତେରାସ୍‌ରୁ ଦୀପାବଳୀ ଯାଏ
ଲକ୍ଷ୍ମୀଙ୍କୁ ପୂଜନ ହୁଏ
ପିତୃପୁରୁଷଙ୍କ ସନ୍ତୋଷ ନିମନ୍ତେ
ଶ୍ରାଦ୍ଧ, ଦୀପଦାନ ହୁଏ ।୪।

ଚଉରା ମୂଳରେ ଦୀପଦାନ କରି
ପିତୃପୁରୁଷ ସ୍ମରନ୍ତି
ଜଗନ୍ନାଥ ଧାମେ ବାଇଶି ପାହାଚେ
ଶ୍ରାଦ୍ଧପତ୍ର ଦେଇଥାନ୍ତି ।୫।

ବ୍ୟବସାୟୀ ଗଣ ଆୟବୃଦ୍ଧି ପାଇଁ
ଲକ୍ଷ୍ମୀ ପୂଜନ କରନ୍ତି
ପୁରୁଣା ବକେୟା ଅସୁଲ କରିଣ
ନୂତନ ଖାତା ଖୋଲନ୍ତି।୬।

ଆଲୋକର ପର୍ବ କୃଷିର ପର୍ବ
ସ୍ୱାସ୍ଥ୍ୟରକ୍ଷାର ପର୍ବ
ପ୍ରଦୀପ ଜାଳିବା ବାଣ ଫୁଟାଇବା
ଓଡ଼ିଆଙ୍କ ବଡ଼ ଗର୍ବ ।୧୧

ନବିନା ବାଗ, ଖୋରଧା
ଦୂରଭାଷ:୯୦୪୦୫୧୩୭୪୫

# ଶୀତଋତୁ

ବସନ୍ତ ମଞ୍ଜରୀ ଦାସ

ଋତୁଚକ୍ର ଦ୍ୱାରେ ବସି ଭାବୁଅଛି
ଶୀତରାଣୀ ସୁକୁମାରୀ,
ଧରାପୃଷ୍ଠେ ଲୀଳାଖେଳା କରିଯିବି
ମଜା ତ ହୋଇବ ଭାରି।
ମୋର ଆଗମନେ ଚାଷୀ ଭାଇ ମୁହଁ
ଉକୁଟି ଉଠିବ ହସେ,
ସୁନାର ଫସଲ ଅମଳ କରିଣ
ସାଇତି ରଖିବ ବାସେ।
ବୃକ୍ଷରାଜି ସବୁ ପତ୍ରଝଡ଼ା ଦେଇ
ନବ କଳେବର ହେବେ,
ନବ ପଲ୍ଲବରେ ଶୋଭା ସେ ପାଇବ
ବସନ୍ତ ଆସିବ ଯେବେ।
ଗେଣ୍ଡୁ କେତକୀ ଯେ ଅପରାଜିତାରେ
ଶିବଙ୍କ ମସ୍ତକ ଶୋଭା,
ଲକ୍ଷ୍ମୀ ଠାକୁରାଣୀ ପୂଜା ପାଉଥିବେ
ଆହା କେଡ଼େ ମନଲୋଭା।
ଉତ୍ତରା ପବନେ ଦେହ ଥରିଯିବ
ଶୀତବସ୍ତ୍ର ପରିଧାନ,
ନିଆଁ ଚାରିପଟେ ଏକତ୍ରିତ ହୋଇ
ଭାବ ଆଦାନ ପ୍ରଦାନ।
ଦିନ ଶୀଘ୍ର ଯିବ ରଜନୀ ଆସିବ
କୋଳେ ନେବ ନିଦ୍ରାବତୀ,
ଉଷୁମ ଶେଯରେ ମନ ଛଟପଟ
ପାହୁ ନଥିବ ତ ରାତି।
ଦିନ ମାସ ବର୍ଷ ଚାଲିଛି ଏମିତି
ଋତୁ ଆସେ ଋତୁ ଯାଏ,
ହସକାନ୍ଦ ସୁଖ ଦୁଃଖ ଯେ ସଭିଙ୍କୁ
ଦେଇଣ ବାହୁଡ଼ି ଥାଏ।

ଦେଓ୍ୱାନ୍ ସାହି, ଗୁରୁଜଙ୍ଗ
ମୋ- ୯୯୩୭୭୯୪୦୮୪

# ପ୍ରଜାଧର୍ମ

ଅଜୟ କୁମାର ସାହୁ



ଗୁପ୍ତସାମ୍ରାଜ୍ୟର ମହାମନ୍ତ୍ରୀ ଚାଣକ୍ୟ ଭଲ ଭାବରେ ଜାଣିଥିଲେ ଯେ ବିଳାସ ବ୍ୟସନ ହିଁ ଦୁର୍ନୀତି ଦୁର୍ଗର ପ୍ରବେଶ ଦ୍ୱାର । ତେଣୁ ସେ ଗୋଟିଏ କୁଟୀର ମଧ୍ୟରେ ନିରାଡମ୍ବର ଜୀବନଯାପନ କରି ସମସ୍ତ ପ୍ରକାର ମନ୍ତ୍ରଣା ଦେଉଥିଲେ । ଥରେ ଜଣେ ଗ୍ରୀକ୍ ପରିବ୍ରାଜକ ପାଟଳୀପୁତ୍ର ନଗରର ଶୋଭା ଏବଂ ନଗରବାସୀଙ୍କର ସୁଖମୟ ଜୀବନଯାପନ ଦେଖି ଚନ୍ଦ୍ରଗୁପ୍ତଙ୍କର ସୁଖାସନ ବିଷୟରେ ଅନୁମାନ କରିନେଲେ। ସେ ରାଜ୍ୟର ପ୍ରଜାଙ୍କଠାରୁ ମହାମନ୍ତ୍ରୀ ଚାଣକ୍ୟଙ୍କର ପ୍ରଶଂସା ଶୁଣିବାକୁ ପାଇଥିଲେ । ଯେଉଁ ରାଜ୍ୟ ଏତେ ସମୃଦ୍ଧିର ସୀମାରେ ପହଞ୍ଚିପାରିଛି ସେହି ରାଜ୍ୟର ଦକ୍ଷ ତଥା ଅସାଧାରଣ ମହାମନ୍ତ୍ରୀଙ୍କୁ ଦେଖିବା ପାଇଁ ସେ ଆଗ୍ରହ ପ୍ରକାଶ କରି ତାଙ୍କୁ ସାକ୍ଷାତ କରିବାକୁ ଚାହିଁଲେ। ସେ ଜାଣିବାକୁ ପାଇଲେ ଯେ ମହାମନ୍ତ୍ରୀ "ନଦୀର ଅପର ପଟେ" ରହୁଛନ୍ତି। ତାଙ୍କର ଧାରଣା ଥିଲା ମହାମନ୍ତ୍ରୀ ନିଶ୍ଚୟ ଏକ ଅନୁପମ ଅଟ୍ଟାଳିକାରେ ବାସ କରୁଥିବେ । ନଦୀ ଆରପଟେ ସେ କେବଳ ନିବିଡ ଜଙ୍ଗଲ ଦେଖିବାକୁ ପାଇଲେ । ପ୍ରାସାଦୋପମ ଅଟ୍ଟାଳିକା ନ ଦେଖି ସେ ଜଣେ ବ୍ୟକ୍ତିଙ୍କୁ ମହାମନ୍ତ୍ରୀଙ୍କ ନିବାସ ସ୍ଥାନ ବିଷୟରେ ପଚାରିଲେ । ମହାମନ୍ତ୍ରୀଙ୍କର ନିବାସର ଠିକଣାନୁଯାୟୀ ଗ୍ରୀକ୍ ପରିବ୍ରାଜକ ଦେଖିବାକୁ ପାଇଲେ ଯେ ମହାମନ୍ତ୍ରୀ ଏକ କୁଡିଆ ଘରେ ରହୁଛନ୍ତି ଏବଂ ଲେଖନୀ ଧରି ତାଳପତ୍ରରେ କିଛି ଲେଖୁଛନ୍ତି,ସେ କୁଟୀର ମଧ୍ୟରେ କେବଳ କେତୋଟି ମାଟିପାତ୍ର,ତାଳପତ୍ର ପୋଥି ଏବଂ ସାଧାରଣ ପରିଧାନ ବ୍ୟତୀତ କିଛି ନଥିଲା ।

ପରିବ୍ରାଜକଙ୍କ ଆଗମନ ଦେଖି ଚାଣକ୍ୟ ବିନମ୍ର ଭାବରେ ତାଙ୍କୁ ସ୍ୱାଗତ କରି କହିଲେ, "ଆସନ୍ତୁ ମହାଶୟ, ମୁଁ ମହାମନ୍ତ୍ରୀ ଚାଣକ୍ୟ। ମୁଁ ଜାଣିପାରୁଛି ଆପଣ ସୁଦୂର ଗ୍ରୀକ୍ ଦେଶରୁ ଭାରତ ଭ୍ରମଣରେ ଆସିଛନ୍ତି । ଆସନ ଗ୍ରହଣ କରନ୍ତୁ। ହଠାତ୍ ଚାଣକ୍ୟ ଜଳୁଥିବା ଦୀପଟିକୁ ଲିଭାଇ ଅନ୍ୟ ଏକ ଦୀପ ଲଗାଇ ପରିବ୍ରାଜକଙ୍କ ସହିତ ଆଳାପ ଓ ଆଲୋଚନା କଲେ । ବିଦାୟ ପୂର୍ବରୁ ପରିବ୍ରାଜକ ମହାମନ୍ତ୍ରୀଙ୍କୁ ପଚାରିଲେ ? "ମହାଶୟ, ମୁଁ ଆସିବା ସମୟରେ ଯେଉଁ ଦୀପଟି ଜଳୁଥିଲା। ଆପଣ ସେ ଦୀପଟିକୁ କାହିଁକି ଲିଭାଇ ଅନ୍ୟ ଏକ ଦୀପ ଜାଳିଲେ" ଚାଣକ୍ୟ ସ୍ମିତ ହାସ୍ୟ ପୂର୍ବକ କହିଲେ "ସେତେବେଳେ ମୁଁ ରାଜକାର୍ଯ୍ୟ କରୁଥିଲି ଓ ସେତେବେଳେ ଦୀପରେ ରାଜକୋଷର ତୈଳ ଜଳୁଥିଲା କିନ୍ତୁ ଆପଣଙ୍କ ସହ ଆଳାପ ଓ ଆଲୋଚନା ଥିଲା ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଅତଏବ ସେତେବେଳେ ମୁଁ ପ୍ରଜାଙ୍କର ଧନ ଅପବ୍ୟୟ କରିବା ଉଚିତ ମନେ କଲି ନାହିଁ । ଯେଉଁ ଦୀପଟି ମୁଁ ପରେ ଲଗାଇଲି ସେଥିରେ ମୋର ନିଜର କ୍ରୟ ତୈଳ ଥିଲା । ମହାମନ୍ତ୍ରୀଙ୍କର ନିବାସ ସ୍ଥଳ, ନିସ୍ୱାର୍ଥପରତା, ତ୍ୟାଗ ଏବଂ ଦେଶପ୍ରେମ ଦେଖି ଗ୍ରୀକ୍ ପରିବ୍ରାଜକ ବିସ୍ମିତ ଓ ସ୍ତବ୍ଧ ହୋଇ ଯାଇଥିଲେ । ରାଜା ଏବଂ ପ୍ରଜାମାନଙ୍କ ପାଇଁ ମହାମନ୍ତ୍ରୀ ଚାଣକ୍ୟଙ୍କର ଏହା ଥିଲା ଚରମ ତ୍ୟାଗର ନିଦର୍ଶନ। ସଂପ୍ରତି କିନ୍ତୁ ରାଜନେତାମାନେ ନିଜର ସ୍ୱାର୍ଥ ସାଧନ ପାଇଁ ରାଜଧର୍ମର ସଂପୂର୍ଣ୍ଣ ବିରୁଦ୍ଧାଚରଣ କରୁଛନ୍ତି । ଆସନ ଅଳଙ୍କୃତ ପାଇଁ କରୁଥିବା ଶପଥକୁ ଅଣଦେଖାକରି ନିଜର କର୍ତ୍ତବ୍ୟକୁ ଭୁଲି ରାଜକାର୍ଯ୍ୟରେ ଚରମ ଅବହେଳା କରୁଛନ୍ତି । ଫଳରେ ରାଜକାର୍ଯ୍ୟ ଦୁର୍ନୀତିଗ୍ରସ୍ତ ହେବା ଯୋଗୁଁ ପ୍ରଜାମାନେ ଆଶାନୁରୂପ ସେବାରୁ ବଞ୍ଚିତ ହେଉଛନ୍ତି, ଯାହାକି ପ୍ରଜାଧର୍ମର ପରିପନ୍ଥୀ ଅଟେ ।

ମହାମନ୍ତ୍ରୀ ଚାଣକ୍ୟ ଏକାଧାରାରେ ଥିଲେ ବୁଦ୍ଧିମାନ, ସୁଚତୁର, ନିର୍ଲୋଭ, ତ୍ୟାଗୀ ଏବଂ ଦେଶପ୍ରେମୀ । ଏହାର ଅନେକ ଦୃଷ୍ଟାନ୍ତ ରହିଛି । ତାଙ୍କର ଅନେକ ଲେଖା ସମାଜର ମଙ୍ଗଳ ପାଇଁ ଉଦ୍ଦିଷ୍ଟ । ତାଙ୍କର ବିଶିଷ୍ଟ ରଚନା ହେଉଛି "କୌଟିଲ୍ୟ ଅର୍ଥଶାସ୍ତ୍ର" । ଅଢେଇ ହଜାର ବର୍ଷ ପୂର୍ବେ ତାଙ୍କ ଦ୍ୱାରା ରଚିତ ନୀତିଶାସ୍ତ୍ର ବର୍ତ୍ତମାନ ଯୁଗରେ ମଧ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ ଏବଂ ପ୍ରଜାଧର୍ମ ପାଇଁ ପ୍ରାଚୁର୍ଯ୍ୟ ।

**ଏନ୍-୫,୨୨୩, ଆଇ.ଆର.ସି. ଭିଲେଜ,**
**ଭୁବନେଶ୍ୱର-୧୫**
**ଦୂରଭାଷ - ୯୪୩୭୩୦୭୨୬୪**




ଡାକଟିକଟରୁ ଜ୍ଞାନ

# ଦ୍ରୁତ କାର୍ଯ୍ୟ ବଳ

(Rapid Action Force (RAT))

ଭବାନୀ ଶଙ୍କର ଦାଶ




ଦ୍ରୁତ କାର୍ଯ୍ୟ ବଳ ବା (Rapid Action Force (RAT), CRPF) ବା କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ଫୋର୍ସର ଏକ ସ୍ୱତନ୍ତ୍ର ପ୍ରଶିକ୍ଷିତ ଦଳ ଅଟେ। ଦେଶରେ ଶାନ୍ତି ଓ ସଂହତି ପ୍ରତିଷ୍ଠା କରିବା ସହିତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହା ସହାୟତା କରିଥାଏ। ଏହା ଡ଼ିସେମ୍ବର ୧୧, ୧୯୯୧ରେ ନୂଆଦିଲ୍ଲୀଠାରେ ସ୍ଥାପନ କରାଯାଇଥିଲା। କିନ୍ତୁ ଅକ୍ଟୋବର ୭, ୧୯୯୨ ଠାରୁ କାର୍ଯ୍ୟକ୍ଷମ ହେଲା। ଭାରତର ଗୃହ ବିଭାଗ ଅଧିନରେ ଏହା କାର୍ଯ୍ୟ କରିଥାଏ। CRPF ର ୧୦ଟି ବ୍ୟାଟାଲିୟନକୁ ସ୍ୱତନ୍ତ୍ର ଭାବେ ଚୟନ କରାଯାଇ ତାଲିମ ଦିଆଯାଇ RAF ରେ ପରିଣତ କରାଯାଇଛି। ଏହାର ମୁଖ୍ୟ କାର୍ଯ୍ୟାଳୟଗୁଡ଼ିକ ହେଉଛି ଅହମ୍ମଦାବାଦ, ଆଲିଗଡ଼, ଆଲ୍ଲାହାବାଦ, ଭୋପାଲ, କୋଇମ୍ବାଟୁର, ଦିଲ୍ଲୀ, ସିକନ୍ଦରାବାଦ, ଜାମସେଦପୁର, ମିରଟ ଓ ମୁମ୍ବାଇ।

ଏହାର ଲକ୍ଷ୍ୟ (Motto) ହେଉଛି "Serving Humanity Through Sensitive Policing" ବା "ସଂବେଦନଶୀଳ ପୁଲିସ ବ୍ୟବସ୍ଥା ଦ୍ୱାରା ମାନବତାର ସେବା"। କମ୍ ଶକ୍ତି ପ୍ରୟୋଗ କରି ଏହା ଉପଦ୍ରବ ଓ ସାଂପ୍ରଦାୟିକ ହିଂସାକୁ ରୋକିବା ପାଇଁ ଯଥେଷ୍ଟ। କୌଣସି ହିଂସାରେ ଏହା ବାସ୍ତବ କ୍ଷେତ୍ରରେ ମାରିବା ବା ପଙ୍ଗୁ କରିନଥାଏ ବରଂ ସତର୍କତାର ସହିତ ଦଙ୍ଗା, ହିଂସାକୁ ରୋକିଥାଏ।

ଅକ୍ଟୋବର ୭, ୨୦୦୩ରେ ଏହାର ୧୧ ବର୍ଷର ପୂର୍ତ୍ତିରେ ଏହା ଯୁବାବଳ ହିସାବରେ ରାଷ୍ଟ୍ରପତିଙ୍କ ଧ୍ୱଜ ପ୍ରାପ୍ତ କରିଥିଲା। ଶାନ୍ତିର ପ୍ରତୀକ ଭାବେ ଏମାନଙ୍କର ଗଣବେଶ (Uniform) ହେଉଛି ଗାର ପଡ଼ିଥିବା ନୀଳ ରଙ୍ଗର ପୋଷାକ। ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବାରେ ଏମାନେ ସ୍ୱତନ୍ତ୍ର ପ୍ରଶିକ୍ଷଣ ପାଇଛନ୍ତି।

୧୯୯୩ ଦିଲ୍ଲୀ ବନ୍ୟା, ୧୯୯୪ରେ ସୁରତର ପ୍ଲେଗ, ପଞ୍ଜାବ ଓ ହିମାଚଳ ପ୍ରଦେଶରେ ୧୯୯୫ର ବନ୍ୟା, ୧୯୯୯ର ଓଡ଼ିଶାର ବାତ୍ୟାରେ RATର କାର୍ଯ୍ୟ ପ୍ରଶଂସନୀୟ ଥିଲା। ସେହିପରି ଏହାକୁ ୨୦୦୧ର ଗୁଜୁରାଟର ଭୂମିକମ୍ପ, ଦକ୍ଷିଣ ଭାରତର ସୁନାମି (୨୦୦୪), ମହାରାଷ୍ଟ୍ରରେ ପ୍ରବଳ ବନ୍ୟା (୨୦୦୫) ଗୁଜୁରାଟ ବନ୍ୟା (୨୦୦୬) ଏବଂ ୨୦୧୧, ୧୨ର ବନ୍ୟାରେ ବ୍ୟବହାର କରାଯାଇ ଧନଜୀବନ ରକ୍ଷା କରାଯାଇଥିଲା। କୃଷକମାନଙ୍କ ଆନ୍ଦୋଳନ (ଉତ୍ତରପ୍ରଦେଶ) ଓ ଆସାମର ସାଂପ୍ରଦାୟିକ ହିଂସାରେ ଏହାର ଯବାନମାନେ ଶାନ୍ତି ଫେରାଇ ପାରିଥିଲେ। ବିଭିନ୍ନ ରାଜ୍ୟର ଜଟିଳ ପରିସ୍ଥିତି ସମୟରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। କେବଳ ଦେଶରେ କାହିଁକି ଅନ୍ତର୍ଜାତୀୟ କ୍ଷେତ୍ରରେ ଏହାର ଭୂମିକା ପ୍ରଶଂସନୀୟ। ମିଳିତ ଜାତିସଂଘର ଶାନ୍ତି ପ୍ରତିଷ୍ଠା ନିମନ୍ତେ ଏହି ବଳର ବ୍ୟବହାର ୧୯୯୫ରେ ହାଇତି ଓ ୨୦୦୦ରୁ ୨୦୦୫ ପର୍ଯ୍ୟନ୍ତ କୋସୋଭରେ କରାଯାଇଥିଲା। ଏହା ଏକ ମହିଳା ବଳ (FFPU) ବା Female Formed Police Unit ମିଳିତ ଜାତିସଂଘ ତରଫରୁ ଲିବିୟାରେ କାର୍ଯ୍ୟ କରିଥିଲା। ଜାନୁୟାରୀ ୨୦୦୭ରେ ଏହି ବଳ ମୋନରଭିୟା (ଲିବେରିୟାରେ) ନିୟୋଜିତ କରାଯାଇଥିଲା। ଏହାର ଉଦ୍ୟମ ଫଳରେ ଅନେକ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ, ବେଆଇନ ଡ୍ରଗସ୍ର ଚାଲାଣକୁ ରୋକାଯାଇପାରିଥିଲା।

ଏହାର ୨୫ତମ ରୌପ୍ୟ ଜୟନ୍ତୀ ଉପଲକ୍ଷେ ୭ ଅକ୍ଟୋବର ୨୦୧୭ରେ ଭାରତୀୟ ଡ଼ାକ ତରଫରୁ ଏକ ସ୍ମରଣୀୟ ଡ଼ାକଟିକଟ (୫ ଟଙ୍କିଆ) ଉନ୍ମୋଚିତ ହୋଇଛି। ଏହା ନିଶ୍ଚିତ ରୂପେ RAF ର ଶକ୍ତି ଓ ମନୋବଳକୁ ବୃଦ୍ଧି କରିବ।

ଜେ. କେ. ପୁର, ରାୟଗଡ଼ା
ଦୂରଭାଷ: ୯୪୩୭୧୩୧୯୯୬


# ସକାଳ ଚାଲି

୧. ମାତ୍ର ଅଧଘଣ୍ଟା ସକାଳୁ ଚାଲିବା ଉଚିତ।
୨. ଡାଇବେଟିକ୍ସ୍ ରୋଗୀମାନଙ୍କ ପାଇଁ ବିଶେଷ ଦରକାର।
୩. ଚାଲିଲେ ବ୍ଲଡ଼ସୁଗାର ସନ୍ତୁଳିତ ରହେ।
୪. କଲୋଷ୍ଟାରକୁ ନିୟନ୍ତ୍ରିତ କରିଥାଏ।
୫. ବିଶେଷକରି ନିରୋଗ ରହିବାକୁ ସୁଯୋଗ ଦିଏ।



# ଗାଡ଼ଭାଲୁ

ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର



ଭାଲୁ ଏକ ସ୍ତନ୍ୟପାୟୀ ପ୍ରାଣୀ ଓ ଏହି ପ୍ରାଣୀ ବିଷୟରେ ସମସ୍ତଙ୍କର କିଛି ନା କିଛି ଧାରଣା ରହିଛି। ଭାଲୁ ଓଡିଶା ତଥା ଭାରତର ପ୍ରାୟ ସବୁସ୍ଥାନରେ ମାନଙ୍କରେ ଦେଖାଯାନ୍ତି। ଆଉ ଏକ ପ୍ରାଣୀ ଯାହାର ନାମ ଗାଡ଼ ଭାଲୁ, ସେହି ପ୍ରାଣୀ ବିଷୟରେ ଏଠାରେ ଆଲୋଚନା କରାଯାଉଛି। ଏମାନଙ୍କର ଦେହର ଆକାର ଛୋଟ ଅଟେ ଓ ଭାଲୁ ଆକୃତିର ଦେହ ସାରା ଲୋମ ରହିଥାଏ , ତେଣୁ ସେମାନଙ୍କୁ ଗାଡ଼ ଭାଲୁ କୁହାଯାଏ। ଏହାର ବୈଜ୍ଞାନିକ ନାମ ହେଉଛି Mellivora capensis . ଏମାନଙ୍କୁ (Ratel)ରାଟେଲ କିମ୍ବା Honey badgerକୁହାଯାଏ। ଏହି ଗାଡ଼ଭାଲୁ ପ୍ରାୟ ସାରା ବିଶ୍ୱରେ ୧୨ଟି ପ୍ରଜାତିର ରହିଛନ୍ତି। ଆମ ଭାରତରେ ଯେଉଁ ପ୍ରଜାତିର ଗାଡ଼ଭାଲୁ ଦେଖାଯାନ୍ତି ତାହାର ବୈଜ୍ଞାନିକ ନାମ Mellivora capensis indica ଅଟେ। ଏମାନେ ବିଶେଷ କରି ଏସିଆ ମହାଦେଶର ଭାରତ, ପାକିସ୍ଥାନ, ଆଫଗାନସ୍ଥାନ, ସୋଭିଏତ୍ ଋଷିଆ ଓ ଆଫ୍ରିକା ମହାଦେଶରେ ମଧ୍ୟ ଦେଖାଯାନ୍ତି।

ଏମାନଙ୍କ ଦେହସାରା ଲୋମରେ ପରିପୂର୍ଣ୍ଣ। ଆଖି ୨ଟି ଛୋଟ ଏବଂ ମୁଣ୍ଡଟି ଛୋଟ ଓ ଓସାରିଆ। ଗୋଡ ମଧ୍ୟ ଛୋଟ ଓ ପାଦରେ ୫ଗୋଟି ଆଙ୍ଗୁଠି ରହିଛି। ଆଙ୍ଗୁଠି ଗୁଡିକ ଖୁବ୍ ତୀକ୍ଷ୍ଣ। ଲାଞ୍ଜଟି ମଧ୍ୟ ଛୋଟ ଅଟେ । ଏମାନଙ୍କ ଦେହର ଲମ୍ବ ୨୩ ରୁ ୩୦ସେ.ମି. ଓ ଲାଞ୍ଜର ଲମ୍ବ ୧୨ରୁ ୩୦ ସେ.ମି.। ପୁରୁଷ ପ୍ରାଣୀର ଓଜନ ପ୍ରାୟ ୧୦ ରୁ ୧୬ କି.ଗ୍ରା. ଓ ସ୍ତ୍ରୀ ପ୍ରାଣୀର ଓଜନ ପ୍ରାୟ ୬ ରୁ ୧୦କି.ଗ୍ରା ଅଟେ । ଦେହସାରା କଳା ଓ ଧଳା ମିଶା ଲୋମରେ ଆବୃତ । ମୁଣ୍ଡ ଓ ଦେହର ପଛପାଖ ରଙ୍ଗ କଳା ଅଟେ। ଦେହର ଉପର ଭାଗରେ ଧଳା ଧଳା ପଟି ଚିହ୍ନ ରହିଛି।

ଏହି ପ୍ରାଣୀମାନେ ବିଶେଷ କରି ଜଙ୍ଗଲ ଓ ପାହାଡ ଘେରା ଅଂଚଳରେ ରହିବାକୁ ଭଲ ପାଆନ୍ତି। ବିଶେଷ କରି ଏମାନେ ଗାତ ଖୋଳି ରହିଥାନ୍ତି। ମାତ୍ର ୧୦ମି. ମଧ୍ୟରେ ଏମାନେ ଗାତ ଖୋଳି ପାରନ୍ତି ଓ ଏପରିକି ସୁଡଙ୍ଗ ତିଆରି କରନ୍ତି। ସେହି ସୁଡଙ୍ଗର ଲମ୍ବ ପ୍ରାୟ ୩ମିଟର ପର୍ଯ୍ୟନ୍ତ ଲମ୍ବିଥାଏ। ଏମାନେ ଭାରି ବୁଦ୍ଧିଆ ପ୍ରାଣୀ ଓ ଶତ୍ରୁମାନଙ୍କ କବଳରୁ ରକ୍ଷା ପାଇବା ନିମନ୍ତେ ଖୁବ୍ ଶିଘ୍ର ସୁଡଙ୍ଗ ମଧ୍ୟକୁ ପଶି ଯାଆନ୍ତି।

ଏମାନେ ଦିନ ସମୟରେ ଶିକାର କରିଥାନ୍ତି ଓ ଦିନରେ ମଧ୍ୟଖାଦ୍ୟ ଗ୍ରହଣ କରନ୍ତି। ସାଧାରଣତଃ କୀଟପତଙ୍ଗ, ବେଙ୍ଗ, ମୂଷା, ଝିଟିପିଟି, ସାପ, ପକ୍ଷୀ ଓ କଇଁଛ ଆଦି ଜୀବମାନଙ୍କୁ ମାରି ଖାଇଥାନ୍ତି। ବେଳେବେଳେ ସେମାନେ ଜନବସତି ସ୍ଥାନମାନଙ୍କୁ ପଶିଆସନ୍ତି ଓ କୁକୁଡା ମାନଙ୍କୁ ମାରି ଖାଇଥାନ୍ତି। ଏମାନଙ୍କର ମାଢି ଓ ଦାନ୍ତ ଖୁବ୍ ମଜବୁତ । ସେଥିପାଇଁ ସେମାନେ ଖୁବ୍ ଶିଘ୍ର ଶିକାରମାନଙ୍କୁ ମାରିଥାନ୍ତି। ଏପରିକି ବେଳେବେଳେ ସେମାନେ ଫଳ ଓ ପନିପରିବା ଖାଇବାର ଦେଖା ଯାଏ।

ଏହି ପ୍ରାଣୀମାନେ ଏକାଏକା ରହିବାକୁ ଭଲ ପାଆନ୍ତି। ମେ ମାସରେ ପୁରୁଷ ଓ ସ୍ତ୍ରୀ ପ୍ରାଣୀ ଏକାଠି ରହିଥାନ୍ତି, କାରଣ ଏହା ହେଉଛି ସଙ୍ଗମ ମାସ। ଏମାନଙ୍କର ପ୍ରସବ ସମୟ ହେଉଛି ୬ମାସ ଓ ୬ମାସ ପରେ ଛୁଆ ଜନ୍ମ କରିଥାନ୍ତି। ଥରକେ ୨ଟି ଛୁଆ ଜନ୍ମ କରିଥାନ୍ତି। ଜନ୍ମ ସମୟରେ ଛୁଆମାନଙ୍କର ଆଖି ଫିଟିନଥାଏ। ଏହି ସମୟରେ ମା'ମାନେ ଛୁଆମାନଙ୍କୁ କ୍ଷୀର ଦେଇ ଲାଳନ ପାଳନ କରିଥାନ୍ତି। ଏମାନଙ୍କର ଜୀବନ କାଳ ୨୪ ବର୍ଷ ଅଟେ । ଏମାନେ ଏକ ଅଦ୍ଭୁତ ଶବ୍ଦ କରିଥାନ୍ତି ' ଖୟା-ୟା-ୟା-ୟା। ସେହି ଶବ୍ଦ ଶୁଣି ଅନ୍ୟ ଗାଡ଼ଭାଲୁମାନେ ସେମାନଙ୍କ ପାଖକୁ ଆସିଥାନ୍ତି।

ପ୍ରାଣୀବିଜ୍ଞାନ ବିଭାଗ,ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ
ଦୂରଭାଷ : ୯୪୩୭୩୧୭୬୫୯



# ଆମ ଦେଶର କ୍ରୀଡ଼ା ମନ୍ତ୍ରୀ

ଆଶିଷ କୁମାର ରାୟ



ସ୍ୱାଧୀନତାର ଦୀର୍ଘ ସତୁରି ବର୍ଷ ପରେ ଏବେ ଆମ ଦେଶରେ ପ୍ରଥମ ଥର ପାଇଁ ଏଭଳି ଜଣେ ବ୍ୟକ୍ତି କ୍ରୀଡ଼ା ମନ୍ତ୍ରୀ ଭାବେ ଦାୟିତ୍ୱ ବହନ କରିଛନ୍ତି, ଯିଏକି ନିଜେ ହେଉଛନ୍ତି ଜଣେ ପୂର୍ବତନ କ୍ରୀଡ଼ା ତାରକା। ଏହା ପୂର୍ବରୁ ଦେଶର କ୍ରୀଡ଼ା ଓ ଯୁବସେବା ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିବା କୌଣସି ରାଜନେତାଙ୍କର କ୍ରୀଡ଼ା କ୍ଷେତ୍ର ସହିତ କୌଣସି ପ୍ରତ୍ୟକ୍ଷ ସଂପର୍କ ହିଁ ନଥିଲା, ଯାହାକି ନିଶ୍ଚିତ ଭାବେ ଥିଲା ଏକ ବିଡ଼ମ୍ବନାର ବିଷୟ। ମନ୍ତ୍ରୀମଣ୍ଡଳ ଗଠନ ବେଳେ କ୍ରୀଡ଼ାକୁ ଯେତିକି ଗୁରୁତ୍ୱ ଦେବା କଥା, ତାହା ଦିଆଯାଉନଥିଲା। ଏହାର ପରିଣାମ ସ୍ୱରୂପ ଏଯାବତ ଭାରତ ବିଶ୍ୱ ସ୍ତରୀୟ କ୍ରୀଡ଼ାରେ ଏକ ଅତ୍ୟନ୍ତ ପଛୁଆ ରାଷ୍ଟ୍ର ଭାବେ ପରିଗଣିତ ହୋଇଆସୁଛି। ସେହି ଦୃଷ୍ଟିରୁ ଆମର ସମ୍ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ଗତ ସେପ୍ଟେମ୍ବର ୩ତାରିଖରେ କରିଥିବା ନିଜ ମନ୍ତ୍ରୀମଣ୍ଡଳର ଅଦଳବଦଳରେ ଜଣେ ଆନ୍ତର୍ଜାତିକ ସ୍ତରର କ୍ରୀଡ଼ାବିତ ତଥା ଅଲିମ୍ପିକ୍ ପଦକ ବିଜେତାଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗର ରାଷ୍ଟ୍ରମନ୍ତ୍ରୀ କରିବା ନିଶ୍ଚିତ ଭାବେ ଏକ ଉଲ୍ଲେଖନୀୟ ଘଟଣା। ପ୍ରଥମ କ୍ରୀଡ଼ାବିତ ଭାବେ ଦେଶର କ୍ରୀଡ଼ାମନ୍ତ୍ରୀ ପଦରେ ଆସୀନ ହୋଇଥିବା ଏହି ଭାଗ୍ୟଶାଳୀ ବ୍ୟକ୍ତି ଜଣକ ହେଉଛନ୍ତି କର୍ଣ୍ଣେଲ୍ ରାଜ୍ୟବର୍ଦ୍ଧନ ସିଂହ ରାଠୋର ।

ତେବେ କର୍ଣ୍ଣେଲ୍ ରାଜ୍ୟବର୍ଦ୍ଧନ ସିଂହ ରାଠୋରଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗର ଦାୟିତ୍ୱ ଅର୍ପଣ କରିବାରେ ଅହେତୁକ ବିଳମ୍ବ ହୋଇଛି କହିଲେ ମଧ୍ୟ ଭୁଲ୍ ହେବନାହିଁ। କାରଣ ୨୦୧୩ରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ବନ୍ଧୁକଚାଳନା କ୍ରୀଡ଼ାରୁ ଅବସର ନେଇ ରାଜନୀତି କ୍ଷେତ୍ରକୁ ଓହ୍ଲାଇବା ପରେ ୨୦୧୪ରେ ସେ ଜୟପୁର ରୁରାଲ୍ ଲୋକସଭା ଆସନରୁ ବିଜୟୀ ହୋଇ ସଂସଦ ସଦସ୍ୟ ହୋଇଥିଲେ। ଏହାପରେ ସେ ଦେଶର କ୍ରୀଡ଼ାମନ୍ତ୍ରୀ ଆସନ ଅଳଂକୃତ କରିବେ ବୋଲି ଅନେକଙ୍କର ଆଶା ଥିଲା। କିନ୍ତୁ ନଭେମ୍ବର-୨୦୧୪ରେ ପ୍ରଧାନମନ୍ତ୍ରୀ ତାଙ୍କ ମନ୍ତ୍ରୀମଣ୍ଡଳର ପ୍ରଥମ ସଂପ୍ରସାରଣ ସମୟରେ ରାଜ୍ୟବର୍ଦ୍ଧନ ସିଂହ ରାଠୋରଙ୍କୁ ସୂଚନା ଓ ପ୍ରସାରଣ ବିଭାଗର ରାଷ୍ଟ୍ରମନ୍ତ୍ରୀ କରିଦେଲେ। ସେତେବେଳେ ବିଜୟ ଗୋୟେଲଙ୍କୁ ମିଳିଥିଲା କ୍ରୀଡ଼ା ଓ ଯୁବସେବା ବିଭାଗର ଦାୟିତ୍ୱ । ଗତ ସେପ୍ଟେମ୍ବର ମାସଠାରୁ କିନ୍ତୁ ତାଙ୍କ ସ୍ଥାନରେ ରାଜ୍ୟବର୍ଦ୍ଧନଙ୍କୁ ମିଳିଛି ସେହି ବିଭାଗ। ସୁତରାଂ ଏବେ ସେ ସୂଚନା ପ୍ରସାରଣ ମନ୍ତ୍ରଣାଳୟ ସହିତ ସ୍ୱାଧୀନ ଭାବେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରଣାଳୟର ଦାୟିତ୍ୱ ମଧ୍ୟ ବହନ କରୁଛନ୍ତି।

ଯାହାହେଉ ବିଳମ୍ବରେ ହେଉ ପଛେ, ଆନ୍ତର୍ଜାତିକ ସ୍ତରର ଜଣେ ପୂର୍ବତନ ଖେଳାଳି ଦେଶର କ୍ରୀଡ଼ା ମନ୍ତ୍ରଣାଳୟର ଗୁରୁ ଦାୟିତ୍ୱ ବହନ କରିବା ସହିତ ଦେଶକୁ କ୍ରୀଡ଼ା କ୍ଷେତ୍ରରେ ଅଗ୍ରଣୀ କରିବା ନିମନ୍ତେ ଉଦ୍ଦିଷ୍ଟ 'ଖେଲୋ ଇଣ୍ଡିଆ' ଭଳି ଏକ ମହତ୍ତ୍ୱାକାଂକ୍ଷୀ ଯୋଜନାର ସଫଳ ରୂପାୟନ କରିବାର ମୁଖ୍ୟ ଦାୟିତ୍ୱ ଏବେ ରାଜ୍ୟବର୍ଦ୍ଧନ ସିଂହ ରାଠୋରଙ୍କ ଉପରେ। ପ୍ରକୃତରେ ଜଣେ ଖେଳାଳି ହିଁ ଅନ୍ୟ ଖେଳାଳିଙ୍କ କଥା ବୁଝିପାରନ୍ତି। ପୂର୍ବରୁ ଯେଉଁମାନେ କ୍ରୀଡ଼ାମନ୍ତ୍ରୀ ଥିଲେ, ସେମାନେ ଖେଳାଳିମାନଙ୍କର ଅଭାବ ଅସୁବିଧା କଥା ବୁଝି ସେସବୁର ନିରାକରଣ କଲା ବେଳକୁ ବହୁ ବିଳମ୍ବ ହୋଇଯାଉଥିଲା। ଏବେ କିନ୍ତୁ ସେହି ସମସ୍ୟା ଦୂର ହେବ ବୋଲି ଆଶା କରାଯାଇପାରେ। ସେଥିପାଇଁ କ୍ରୀଡ଼ାମନ୍ତ୍ରୀ ଭାବେ ରାଜ୍ୟବର୍ଦ୍ଧନ ସିଂହ ରାଠୋରଙ୍କ ନିଯୁକ୍ତିକୁ ଯୁବ ତଥା ଅଭିଜ୍ଞ ଖେଳାଳିମାନେ ସକାରାତ୍ମକ ଦୃଷ୍ଟିରେ ଦେଖୁଥିବା ବେଳେ ଖେଳଦୁନିଆରେ ଭାରତକୁ ଏକ ଅଗ୍ରଣୀ ରାଷ୍ଟ୍ର ଭାବେ ଦେଖିବାକୁ ଚାହୁଁଥିବା ଅଗଣିତ କ୍ରୀଡ଼ାନୁରାଗୀ ମଧ୍ୟ ଏବେ ଖୁବ୍ ଆଶାବାଦୀ ହୋଇପଡ଼ିଛନ୍ତି ।

ଶୁଟିଂ ବା ବନ୍ଧୁକଚାଳନା ଭଳି ଏକ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରୀଡ଼ାରେ ଭାରତୀୟ ତ୍ରିରଙ୍ଗାର ଟେକ ରଖିଥିବା ରାଜ୍ୟବର୍ଦ୍ଧନ ସିଂହ ରାଠୋର ଯେ ଜଣେ ଦୃଢ଼ମନା ବ୍ୟକ୍ତି ଏଥିରେ ସନ୍ଦେହର ଅବକାଶ ନାହିଁ। ସେଥିପାଇଁ ନିଜ କ୍ରୀଡ଼ା କ୍ୟାରିୟରରେ ସେ ଅଲିମ୍ପିକ୍ ତଥା ବିଶ୍ୱ ଶୁଟିଂ ଚାମ୍ପିଆନ୍ସିପ୍ ସମେତ ଅନ୍ୟାନ୍ୟ ଅନେକ ପ୍ରତିଯୋଗିତାରେ ପଦକ ଜିଣିବାରେ ସମର୍ଥ ହୋଇଛନ୍ତି। ତେବେ ସେତିକିରେ ସନ୍ତୁଷ୍ଟ ନ ହୋଇ ରାଜନୀତିର ମଇଦାନକୁ ଲମ୍ଫ ପ୍ରଦାନକରି ସେଥିରେ ମଧ୍ୟ ସେ ସଫଳ ହୋଇପାରିଛନ୍ତି।



ବହୁମୁଖୀ ପ୍ରତିଭାର ଅଧିକାରୀ ରାଜ୍ୟବର୍ଦ୍ଧନଙ୍କ ଜନ୍ମ ୧୯୭୦ ମସିହା ଜାନୁଆରୀ ୨୯ତାରିଖ ଦିନ ରାଜସ୍ଥାନର ଜୈସଲମରଠାରେ ହୋଇଥିଲା। ୧୩/୧୪ବର୍ଷ ବୟସରୁ ସଟ୍ ଗନ୍ ଶୁଟିଂ ପ୍ରତି ସେ ଆଗ୍ରହ ଦେଖାଇଥିଲେ ହେଁ ଭାରତୀୟ ସେନାବାହିନୀରେ ଯୋଗଦେବା ପରେ ଯାଇ ତାଙ୍କ ପ୍ରତିଭାର ପ୍ରକୃତ ପରିଚୟ ମିଳିପାରିଥିଲା। ୨୦୦୦ମସିହା ବେଳକୁ ଜାତୀୟ ସ୍ତରରେ କୃତିତ୍ୱ ହାସଲ କରିବା ପରେ ଦେଶର ପ୍ରତିନିଧିତ୍ୱ କରିବା ନିମନ୍ତେ ତାଙ୍କୁ ସୁଯୋଗ ମିଳିଲା। ୨୦୦୨ରେ ଇଂଲାଣ୍ଡର ମାଞ୍ଚେଷ୍ଟରଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ହାସଲ କରିଥିଲେ ଦୁଇଟି ସ୍ୱର୍ଣ୍ଣ ପଦକ, ଯାହାକି ଆନ୍ତର୍ଜାତିକ ସ୍ତରରେ ଥିଲା ତାଙ୍କର ପ୍ରଥମ ବଡ଼ ଧରଣର ସଫଳତା। ମାଞ୍ଚେଷ୍ଟରଠାରେ ଡବଲ୍ ଟ୍ରାପ୍ ସଟ୍ ଗନ୍ ଶୁଟିଂ ପ୍ରତିଯୋଗିତରେ ସେ ବ୍ୟକ୍ତିଗତ ମୁକାବିଲାରେ ସ୍ୱର୍ଣ୍ଣପଦକ ହାସଲ କରିବା ସହିତ ମୋରାଦ୍ ଅଲୀ ଖାନ୍‌ଙ୍କ ସହିତ ମିଶି ସେହି ଡବଲ୍ ଟ୍ରାପ୍ ପେୟାର୍ ବିଭାଗର ସ୍ୱର୍ଣ୍ଣ ମଧ୍ୟ ଜିଣିଥିଲେ । ଏହାପରେ ୨୦୦୩ରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏସୀୟ ଶୁଟିଂ ଚାମ୍ପିଆନ୍‌ଶିପ୍‌ରେ ରାଜ୍ୟବର୍ଦ୍ଧନ ସ୍ୱର୍ଣ୍ଣପଦକ ଜିଣିବା ପରେ ସେହି ବର୍ଷ ସାଇପ୍ରସ୍‌ର ନିକୋସିଆଠାରେ ଅନୁଷ୍ଠିତ ସଟ୍‌ଗନ୍ ବିଶ୍ୱ ଚାମ୍ପିଆନଶିପ୍‌ରେ ତାଙ୍କୁ ମିଳିଲା ଗୋଟିଏ ବ୍ରୋଞ୍ଜ ପଦକ।

ପରବର୍ତ୍ତୀ ବର୍ଷ ଅର୍ଥାତ ୨୦୦୪ରେ ରାଜ୍ୟବର୍ଦ୍ଧନ ସିଂହ ରାଠୋରଙ୍କୁ ମିଳିଲା ତାଙ୍କ କ୍ରୀଡ଼ା ଜୀବନର ସର୍ବଶ୍ରେଷ୍ଠ ସଫଳତା। ଯାହା ପୂର୍ବରୁ ଆମ ଦେଶର ଅନ୍ୟ ସମସ୍ତ ବନ୍ଧୁକଚାଳକଙ୍କ ପାଇଁ ସ୍ୱପ୍ନ ହୋଇ ରହିଥିଲା, ତାହାକୁ ସାକାର କରି ଦେଖାଇଲେ ସେ ସମୟରେ ସେନାବାହିନୀର ମେଜର୍ ପଦରେ ଥିବା ଏହି ପ୍ରତିଭାସମ୍ପନ୍ନ ତାରକା ଜଣକ। ୨୦୦୪ରେ ଗ୍ରୀସ୍‌ର ରାଜଧାନୀ ଏଥେନ୍‌ସ୍‌ଠାରେ ଅନୁଷ୍ଠିତ ଅଲିମ୍ପିକ୍ କ୍ରୀଡ଼ାରେ ରାଜ୍ୟବର୍ଦ୍ଧନ ରୌପ୍ୟ ପଦକ ହାସଲ କରି ଦେଶର ଗୌରବ ବୃଦ୍ଧି କରିଥିଲେ । ଅଲିମ୍ପିକ୍ ପଦକ ଆଶାରେ ଚାତକ ଭଳି ଚାହିଁ ବସିଥିବା ଭାରତର କୋଟି କୋଟି କ୍ରୀଡ଼ାପ୍ରେମୀଙ୍କ ନିମନ୍ତେ ସେହି ରୌପ୍ୟ ପଦକଟି ତାଙ୍କ ତରଫରୁ ଥିଲା ଏକ ଅନନ୍ୟ ଉପହାର ସଦୃଶ। କାରଣ ଅଲିମ୍ପିକ୍‌ର ଜନ୍ମସ୍ଥାନ ଗ୍ରୀସ୍‌ରେ ଅନୁଷ୍ଠିତ ସେହି କ୍ରୀଡ଼ା ସମାରୋହରେ ଭାରତର ବାକି ସମସ୍ତ ଖେଳାଳି ବିଫଳ ହୋଇଥିବା ବେଳେ ଏକାକୀ ରାଜ୍ୟବର୍ଦ୍ଧନ ହିଁ ଦେଶର ସମ୍ମାନ ରକ୍ଷା କରିବା ଦିଗରେ ସମର୍ଥ ହୋଇଥିଲେ। ଡବଲ୍ ଟ୍ରାପ୍ ଶୁଟିଂ ପ୍ରତିଯୋଗିତାରେ ସେ ସଂଯୁକ୍ତ ଆରବ ଏମିରେଟ୍‌ସର ଅହମଦ ଅଲ୍ ମଖତୁମ୍‌ଙ୍କ ପଛକୁ ରହି ହାସଲ କରିଥିଲେ ନିଜର ଏହି ଚିର ଈପ୍‌ସିତ ଅଲିମ୍ପିକ୍ ରୌପ୍ୟ ପଦକଟି ।

ଅଲିମ୍ପିକ୍ ପଦକ ଜିଣି ଦେଶର ଗୌରବ ବୃଦ୍ଧି କରିଥିବା ଯୋଗୁଁ ପରବର୍ତ୍ତୀ ସମୟରେ ରାଜ୍ୟବର୍ଦ୍ଧନ ସିଂହ ରାଠୋରଙ୍କୁ ପଦ୍ମଶ୍ରୀ ତଥା ରାଜୀବ ଗାନ୍ଧୀ ଖେଳରତ୍ନ ସମ୍ମାନ ମଧ୍ୟ ମିଳିଲା। ପରବର୍ତ୍ତୀ ବର୍ଷମାନଙ୍କରେ ସେ ମଧ୍ୟ ଭାରତ ପାଇଁ ବିଭିନ୍ନ ପ୍ରତିଯୋଗିତାରେ ଅଧିକରୁ ଅଧିକ ପଦକ ମଧ୍ୟ ଜିଣିବା ଦିଗରେ ସମର୍ଥ ହୋଇଥିଲେ। ବିଶ୍ୱ କପର ବିଭିନ୍ନ ପର୍ଯ୍ୟାୟରେ ପଦକ ଜିଣିବା ସହିତ ୨୦୦୬ରେ ବିଶ୍ୱକପର ଚୂଡ଼ାନ୍ତ ପ୍ରତିଯୋଗିତାରେ ମଧ୍ୟ ତାଙ୍କୁ ମିଳିଥିଲା ବ୍ରୋଞ୍ଜ ପଦକ। ସେହିବର୍ଷ ମେଲବୋର୍ଣ୍ଣଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ତଥା ଦୋହାଠାରେ ଅନୁଷ୍ଠିତ ଏସିଆଡରେ ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିଣିବା ଦିଗରେ ସମର୍ଥ ହୋଇଥିଲେ ସେ । ଏତଦ୍‌ବ୍ୟତୀତ ଏସୀୟ ଶୁଟିଂ ଚାମ୍ପିଆନ୍‌ଶିପ୍‌ରେ ୨୦୦୩ରୁ ୨୦୦୬ ପର୍ଯ୍ୟନ୍ତ କ୍ରମାଗତ ଚାରିବର୍ଷ ଏବଂ ଏହାପରେ ୨୦୧୧ରେ ରାଜ୍ୟବର୍ଦ୍ଧନ ହାସଲ କରିଥିବା ସ୍ୱର୍ଣ୍ଣପଦକ ତାଙ୍କ କ୍ରୀଡ଼ା ଜୀବନର ଅନ୍ୟତମ ଶ୍ରେଷ୍ଠ ସଫଳତା ହୋଇ ରହିଛି ।

ତେବେ ଏହି ମହାନ ତାରକା ଜଣକ କିନ୍ତୁ ୨୦୦୮ର ବେଜିଂ ଅଲିମ୍ପିକ୍‌ରେ ୧୫ତମ ସ୍ଥାନ ହାସଲ କରିବା ଏବଂ ୨୦୧୨ର ଲଣ୍ଡନ ଅଲିମ୍ପିକ୍ ସକାଶେ ଯୋଗ୍ୟତା ହାସଲ କରି ନପାରିବା ଥିଲା ଅତ୍ୟନ୍ତ ଦୁଃଖଦାୟକ । ସୁତରାଂ ୨୦୧୩ରେ ସେ କ୍ରୀଡ଼ା କ୍ୟାରିୟର ସହିତ ସେନାବାହିନୀରୁ ମଧ୍ୟ ଅବସର ନେଇ ରାଜନୀତିରେ ଯୋଗଦାନ କରିଥିଲେ। ଫଳସ୍ୱରୂପ ଆଜି ସେ ମନ୍ତ୍ରୀ ପଦରେ ଆସୀନ । ଏଥିସହିତ କ୍ରୀଡ଼ା କ୍ଷେତ୍ରରେ ଭାରତକୁ ଆଗେଇ ନେବାର ଗୁରୁ ଦାୟିତ୍ୱ ମଧ୍ୟ ତାଙ୍କ ଉପରେ । ଅତୀତରେ ବନ୍ଧୁକଚାଳନା କ୍ରୀଡ଼ାରେ ଅନ୍ୟ ଭାରତୀୟ ତାରକାଙ୍କ ପଥ ପ୍ରଦର୍ଶକ ସାଜିଥିବା ରାଜ୍ୟବର୍ଦ୍ଧନ ସିଂହ ରାଠୋର ଏବେ କ୍ରୀଡ଼ା ମନ୍ତ୍ରୀ ଭାବେ ଦେଶର ପ୍ରତ୍ୟେକ କ୍ରୀଡ଼ାବିତଙ୍କ ମାର୍ଗଦର୍ଶକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି।

# ସାଧାରଣ ଜ୍ଞାନ

## (1) ABBREVIATION

1. CDR - Crude Death Rate
2. DDP - District Domestic Product
3. DIC - District Industry Centre
4. FCI - Food Corporation of India
5. FSI - Forest Survey of India
6. HDI - Human Development Index
7. ICSE - Indian Council of Secondary Education
8. IIT - Indian Institute of Technology
9. IIM - Indian Institute of Management
10. KCC - Kisan Credit Card

## (୨) ପୁସ୍ତକ ଓ ଲେଖକ

1. Beyond the Dream Girl -Rama amal Mukherjee
2. Dreamnation:Uniting a Country with Handwritten Drea -Saji Mathew
3. India 2017 Year Book -Rajib Mehrishi
4. The Windfall - Diksha Basu

୫. ବଧୂ ନିରୁପମା - ବିଭୁତି ପଟ୍ଟନାୟକ
୬. ଅମାବାସ୍ୟାର ଚନ୍ଦ୍ର - ଗୋବିନ୍ଦ ଦାସ
୭. ଯନ୍ତ୍ରାରୁଢ଼ - ଚନ୍ଦ୍ର ଶେଖର ରଥ
୮. କୁନ୍ତୀ କୁନ୍ତଳା ଶକୁନ୍ତଳା - ବୀଣାପାଣି ମହାନ୍ତି
୯. କା' - କାହ୍ନୁ ଚରଣ
୧୦. ମୋ କାହାଣୀ(ଆତ୍ମ ଜୀବନୀ) - କୁଞ୍ଜ ବିହାରୀ ଦାଶ

## (୩) ପୁଡୁଚେରୀ

୧. ଗଠନ - ୦୭,ଜାନୁଆରୀ,୧୯୬୩
୨. କ୍ଷେତ୍ରଫଳ - ୫୬୨ବର୍ଗ କି.ମି.
୩. ଜନସଂଖ୍ୟା - ୧୨୪୪୪୬୪(୨୦୧୧)
ପୁରୁଷ - ୬୧୦୪୮୫
ସ୍ତ୍ରୀ - ୬୩୩୯୭୯
୪. ଲିଙ୍ଗ ଅନୁପାତ - ୧୦୩୮ ମହିଳା ୧୦୦୦ ପୁରୁଷରେ
୫. ସାକ୍ଷରତା ହାର - ୮୬.୫୫%
୬. ଜିଲ୍ଲା / ଗ୍ରାମ - ୪ / ୯୨
୭. ବିଧାନସଭା ଆସନ - ୩୦
୮. ଲୋକସଭା ଆସନ - ୦୧
୯. ରାଜ୍ୟସଭା ଆସନ - ୦୧
୧୦. ରାଜଧାନୀ - ପୁଡୁଚେରୀ
୧୨.ମୁଖ୍ୟମନ୍ତ୍ରୀ - ଭି ନାରାୟଣ ସ୍ୱାମୀ
୧୧. ଲେଫ୍ଟନାଣ୍ଟ ଗଭର୍ଣ୍ଣର - କିରଣ ବେଦୀ

## (୪) ନିଯୁକ୍ତି

୧. ଧର୍ମେନ୍ଦ୍ର କୁମାର - ଡିଜି,ରେଲୱେ ପ୍ରୋଟେକସନ୍ ଫୋର୍ସ
୨. ସନ୍ତୋଷ ଶର୍ମା - ସିଏମ୍‌ଡି,ହିନ୍ଦୁସ୍ତାନ କପର ଲିମିଟେଡ୍
୩. ସଞ୍ଜିବ ଗୁପ୍ତା - ଏମଡି, ଜେନେରାଲ ମୋଟରସ୍ ଇଣ୍ଡିଆ
୪.ଅଜୟ ଭିପନ୍ - ଚେୟାରମ୍ୟାନ୍ ,ସିଣ୍ଡିକେଟ୍ ବ୍ୟାଙ୍କ୍
୫. ରାଜୀବ ମହର୍ଷି - କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ

## (୫) ଦେହାନ୍ତ

୧. ବିମୋହନ ନେଗୀ- ୬୫ -ପ୍ରଖ୍ୟାତ୍ ଚିତ୍ରକାର
୨. ପୁନଥିଲ୍ କୁଞ୍ଜାବ୍ ଜୁଲ୍ଲା- ୭୭ -ପ୍ରଖ୍ୟାତ୍ ମାଲାୟମ୍ ଲେଖକ
୩. ଗିରିଜା ଦେବୀ- ୮୮ -ଗାୟିକା ପଦ୍ମଭୂଷଣ ପୁରସ୍କାରପ୍ରାପ୍ତ
୪. ଗୌରକିଶୋର ଗାଙ୍ଗୁଲି- ୯୬ -ସ୍ୱତନ୍ତ୍ରତା ସେନାନୀ ଓ ଅଧିବକ୍ତା
୫. ଦିଗମ୍ବର ସିଂ - -ରାଜନେତା

## (୬) ଜୟନ୍ତୀ ପାଳନ

| ନଭେମ୍ବର | ଡିସେମ୍ବର |
|---|---|
| ୧. ତା ୧୧-କାଳି ଦାସ | ୧. ତା ୩-ରମାଦେବୀ |
| ୨. ତା୧୪- ଜବାହାର ଲାଲ ନେହେରୁ | ୨. ତା ୨୧-ବାଇକୋଳି ଓ ସାମନ୍ତ ଚନ୍ଦ୍ର ଶେଖର |
| ୩. ତା ୧୫-ବିର୍ସା ମୁଣ୍ଡା | ୩. ତା ୨୫-ଯୀଶୁ ଖ୍ରୀଷ୍ଟ, ମଦନ ମୋହନ ମାଳବ୍ୟ |
| ୪. ତା୧୯- ଇନ୍ଦୀରା ଗାନ୍ଧୀ | ୪. ତା ୨୫-ଅଟଳ ବିହାରୀ ବାଜପେୟୀ |
| ୫. ତା୨୨- ଲକ୍ଷ୍ମଣ ନାୟକ | |

## (୭) ପୁରସ୍କାର

୧. ଗୋଲ୍‌ଡ଼ନ୍ ପିକକ୍ ଆୱାର୍ଡ଼ -ଚନ୍ଦ୍ରବାବୁ ନାଇଡୁ
୨. କାଳିଦାସ ସମ୍ମାନ -ରାମଗୋପାଲ ବଜାଜ
୩. ହୃଦୟନାଥ ମଙ୍ଗେସକର ପୁରସ୍କାର -ଜାଭେଦ୍ ଅକ୍‌ତାର
୪. ପ୍ରଭାବର୍ମା -ପଦ୍ମପ୍ରଭା ପୁରସ୍କାର
୫. ମାତୃଭୂମୀ ଲିଟେରାରୀ ପୁରସ୍କାର ୨୦୧୬ ଏମ୍.କେ.ସାହୁ
୬. ଭୀମ୍‌ସେନ୍ ଯୋଶି ପୁରସ୍କାର -ଏସ୍.ଏସ୍. ରାଜାମୋଇଲି

## (୮) ନିଯୁକ୍ତି

୧. ସିବିଆଇ ସ୍ୱତନ୍ତ୍ର ନିର୍ଦ୍ଦେଶକ - ରାକେଶ ଆସ୍ଥାନା
୨. କାଶ୍ମୀର ସମାଧାନ ପାଇଁ ସ୍ୱତନ୍ତ୍ର କେନ୍ଦ୍ରସରକାରଙ୍କ ପ୍ରତିନିଧି -ଦୀନେଶ୍ୱର ଶର୍ମା
୩. ଚିଫ୍‌ଏକ୍‌ଜିକ୍ୟୁଟର୍ ଆସୋସିଏସନ୍ ଅଫ୍ ମ୍ୟୁଚୁଆଲ୍ ଫଣ୍ଡସ୍, ଇଣ୍ଡିଆ -ଏନ୍ ଏସ୍ ଭେଙ୍କଟେସ୍
୪. ସେବୀର କାର୍ଯ୍ୟକାରୀ ନିର୍ଦ୍ଦେଶକ -ସୁଜିତ୍ ପ୍ରସାଦ
୫. ଏଫ୍‌ଟିଆଇଆଇ, ଅଧ୍ୟକ୍ଷ -ଅନୁପମ୍ ଖେର୍

## (୯) ଓଡ଼ିଶା

୧. ଓଡ଼ିଆ ମହାଭାରତର ରଚୟିତା କିଏ ?
(କ) ବ୍ୟାସଦେବ (ଖ) ସାରଳାଦାସ
(ଗ) ଶୁକଦେବ (ଘ) ଭକ୍ତଚରଣ

୨. ଧୃତରାଷ୍ଟ୍ର କାହାକୁ ବିବାହ କରିଥିଲେ ?
(କ) ଗାନ୍ଧାରୀ (ଖ) ଦ୍ରୌପଦୀ
(ଗ) କୁନ୍ତୀ (ଘ) ଜାନକୀ

୩. ପଟ୍ଟଚିତ୍ର ପାଇଁ ପୁରୀର କେଉଁ ସ୍ଥାନଟି ପ୍ରସିଦ୍ଧ ?
(କ) ପିପିଲି (ଖ) ସାକ୍ଷୀଗୋପାଳ
(ଗ) ବ୍ରହ୍ମଗିରି (ଘ) ରଘୁରାଜପୁର

୪. ଖଣ୍ଡୁଆପାଟ କଟକ ଜିଲ୍ଲାର କେଉଁଠାରେ ବୁଣାଯାଏ ?
(କ) ଚଉଦ୍ୱାର (ଖ) ଆଠଗଡ଼
(ଗ) ନୂଆପାଟଣା (ଘ) ନରସିଂହପୁର

୫. ଦଶହରା, କୁମାରପୂର୍ଣ୍ଣିମା କେଉଁ ମାସରେ ପଡ଼ିଥାଏ ?
(କ) ଶ୍ରାବଣ (ଖ) ଭାଦ୍ରବ
(ଗ) ଆଶ୍ୱିନ (ଘ) କାର୍ତ୍ତିକ

୬. ମୁଢ଼ିପାଇଁ କେଉଁ ସ୍ଥାନଟି ଓଡ଼ିଶା ପ୍ରସିଦ୍ଧ ?
(କ) ନୟାଗଡ଼ (ଖ) ନିମାପଡ଼ା
(ଗ) ସାଲେପୁର (ଘ) ବାରିପଦା

୭. ଚାନ୍ଦିପୁର ଗୋଳା ବାରୁଦ ପରୀକ୍ଷଣ କେନ୍ଦ୍ର କେଉଁ ଜିଲ୍ଲାରେ ଅବସ୍ଥିତ ?
(କ) କଟକ (ଖ) ଭଦ୍ରକ
(ଗ) ଯାଜପୁର (ଘ) ବାଲେଶ୍ୱର

୮.ଓ.ଡ଼ି-୩୪ କେଉଁ ଜିଲ୍ଲାର ଆର୍. ଟି. ଓ. ନମ୍ବର ଅଟେ ?
(କ) ସୁବର୍ଣ୍ଣପୁର (ଖ) ଭଞ୍ଜନଗର
(ଗ) ଭୁବନେଶ୍ୱର (ଘ) ଯାଜପୁର

୯. ବୈତରଣୀ ନଦୀ କେଉଁଠାରୁ ବାହାରିଛି ?
(କ) କଳାହାଣ୍ଡି (ଖ) ଶିମିଳିପାଳ
(ଗ) ଗୋନାସିକା (ଘ) ଛୋଟନାଗପୁର

୧୦. ନୟାଗଡ଼ ଜିଲ୍ଲାର କଣ୍ଟିଲୋ ଠାରେ ଥିବା ମନ୍ଦିରର ନାମ କ'ଣ ?
(କ) ଲଡୁବାବା ମନ୍ଦିର (ଖ) ରଘୁନାଥ ଜୀଉ ମନ୍ଦିର
(ଗ) ଦକ୍ଷିଣକାଳୀ ମନ୍ଦିର (ଘ) ନୀଳମାଧବ ମନ୍ଦିର

## (୧୦) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. ପ୍ରଶ୍ନବାଚକ ଚିହ୍ନଟି କ'ଣ ?
ଟ୍ରାଭଲର:ଜର୍ଣ୍ଣି :: ସେଲର: ?
(କ) ୱାଟର (ଖ) ସିପ୍
(ଗ) ଭଏଜ୍ (ଘ) କ୍ରିୟୁ

୨. ଯଦି DEAF କୁ ୩୫୮୭ ଏବଂ FILE କୁ ୭୪୬୫ କୋଡ ନମ୍ବର ଦିଆଯାଏ ତେବେ IDEAL କୁ କିପରି କୋଡ୍ ଦିଆଯିବ ?
(କ) ୪୩୫୬୮ (ଖ) ୪୩୫୮୬
(ଗ) ୬୩୫୪୮ (ଘ) ୪୮୫୩୬

୩. 'GERMINATION'କୁ ଯଦି 'IMGRENNOAIT' ପରି ଦେଖାଯାଏ ତେବେ 'ESTABLISHED' କୁ କିପରି ଲେଖାଯିବ ?
(କ) BEATSLDEIHS (ଖ) BAPTSLEDIHS
(ଗ) BATESLDEIHS (ଘ) BAETSLDEIHS

୪. ଶୂନ୍ୟସ୍ଥାନ ପୂରଣ କର।_bc_ca_aba_c_ca
(କ) abcbb (ଖ) bbbcc (ଗ)bacba (ଘ)abbcc

୫. ଶୂନ୍ୟସ୍ଥାନ ପୂରଣ କର। ୩, ୮, ୧୩, ୨୪, ୪୧,_ ?
(କ) ୭୦(ଖ) ୭୫ (ଗ) ୮୦ (ଘ) ୮୫

୬. ମନୋରଞ୍ଜନଙ୍କ ସ୍ତ୍ରୀଙ୍କ ବାପାଙ୍କ ଝିଅର ସ୍ୱାମୀ ସମ୍ପର୍କରେ କଣ ହେବ ?
(କ) ପିଉସା (ଖ) ମଉସା, (ଗ) ଶଢୁ (ଘ) ଶଳା

୭. ରାଜା 'x'ସ୍ଥାନରୁ ୮୦ ମିଟର ଯାତ୍ରା କରି 'y' ସ୍ଥାନରେ ପହଞ୍ଚିଲା। ତା ପରେ ସେ ୫୦ ମିଟର ଡାହାଣକୁ ବୁଲି ଗଲା। ତାପରେ ପୁଣି ୭୦ ମିଟର ଡାହାଣକୁ ଗଲା। ଶେଷରେ ସେ ଡାହାଣକୁ ବୁଲି ୫୦ ମିଟର ଗଲା। ଯାତ୍ରା ଆରମ୍ଭ କରିଥିବା ସ୍ଥାନରୁ ପହଞ୍ଚିବା ସ୍ଥାନ ମଧ୍ୟରେ ଦୂରତା କେତେ ?
(କ)୧୦ ମିଟର (ଖ)୨୦ମିଟର (ଗ) ୫୦ମିଟର (ଘ)୭୦ ମିଟର

୮. ଶୂନ୍ୟସ୍ଥାନ ପୂରଣ କର।
୨/୪,୪/୭, _ ,୧୧/୨୧,୧୬/୩୧
(କ) ୫/୯ (ଖ) ୬/୧୧ (ଗ) ୭/୧୩ (ଘ) ୯/୧୭

୯. ଅର୍ଥପୂର୍ଣ୍ଣ ଭାବରେ କ୍ରମାନ୍ୱୟରେ ସଜାଇ ଲେଖ।
୧.ଧୂମକେତୁ,୨.ସୂର୍ଯ୍ୟ, ୩.ଚନ୍ଦ୍ର,୪.ପୃଥିବୀ, ୫.ତାରା
(କ) ୧,୪,୩,୨,୫ (ଖ)୨,୩,୪,୫,୧
(ଗ) ୩,୪,୨,୫,୧ (ଘ) ୪,୩,୨,୫,୧

୧୦. ନିମ୍ନ ଲିଖିତ ଗ୍ରୁପରେ କେଉଁଟି ଅଲଗା ?
(କ) Cow-calf (ଖ) Bear-cub
(ଗ) Duck-Duckling (ଘ) Dog-Bite

**ଉତ୍ତର**

୧ .(ଖ) ସାରଳାଦାସ ୨ . (କ) ଗାନ୍ଧାରୀ ୩ . (ଘ) ରଘୁରାଜପୁର ୪ (ଗ) ନୂଆପାଟଣା ୫ .(ଗ)ଆଶ୍ୱିନ ୬.(ଘ) ବାରିପଦା ୭.(ଘ) ବାଲେଶ୍ୱର ୮.(ଘ) ଯାଜପୁର ୯. (ଗ) ଗୋନାସିକା ୧୦. (ଘ) ନୀଳମାଧବ ମନ୍ଦିର

୧ .(ଗ) ଭଏଜ୍ ୨ . (ଖ) ୪୩୫୮୬ , ୩ . (ଘ) BAETSLDEIHS , ୪ .(କ) abcbb , ୫ .(କ) ୭୦, ୬.(ଗ) ଶଢୁ , ୭.(କ)୧୦ ମିଟର , ୮.(ଗ) ୭/୧୩ ୯. (ଗ) ୩,୪,୨,୫,୧ ,୧୦. (ଘ)Dog-Bite4

## (୧୧) ଇତିହାସ

୧. ଜୋହାନସ୍‌ବର୍ଗ ସହରଟି କେଉଁ ଦେଶରେ ଅବସ୍ଥିତ ?
(କ) ଆଫ୍ରିକାରେ (ଖ) ଦକ୍ଷିଣ ଆଫ୍ରିକାରେ
(ଗ) ଇଂଲଣ୍ଡରେ (ଘ) ଆଷ୍ଟ୍ରେଲିଆରେ

୨. ୧୮୬୯ ଖ୍ରୀଷ୍ଟାବ୍ଦରେ ନିମ୍ନୋକ୍ତ କେଉଁ ମହାପୁରୁଷ ଜନ୍ମଗ୍ରହଣ କରିଥିଲେ ?
(କ) ଗାନ୍ଧୀ (ଖ) ଗୋପବନ୍ଧୁ
(ଗ) ନେହେରୁ (ଘ) ପଟେଲ

୩. ନାଟାଲ୍ ଭାରତୀୟ କଂଗ୍ରେସ କେଉଁ ପ୍ରକାର ଅନୁଷ୍ଠାନ ଥିଲା ?
(କ) ଅର୍ଥନୈତିକ (ଖ) ସାମାଜିକ
(ଗ) ରାଜନୈତିକ (ଘ) ଧାର୍ମିକ

୪. ଗାନ୍ଧୀଙ୍କୁ 'ମହାତ୍ମା' ଆଖ୍ୟା କିଏ ପ୍ରଦାନ କରିଥିଲେ ?
(କ) ଗୋପାଳକୃଷ୍ଣ ଗୋଖଲେ (ଖ) ଶ୍ରୀ ଅରବିନ୍ଦ
(ଗ) ରାବୀନ୍ଦ୍ରନାଥ ଠାକୁର (ଘ) ସର୍ଦ୍ଦାର ପଟେଲ

୫. ୧୯୧୯ ଏପ୍ରିଲ ୧୩ରେ ଅମୃତସରରେ କେଉଁ ଉତ୍ସବ ପାଳନ କରାଯାଇଥିଲା ?
(କ) ହୋଲି ଉତ୍ସବ (ଖ) ଦଶହରା ଉତ୍ସବ
(ଗ) କୁମାର ଉତ୍ସବ (ଘ) ବୈଶାଖୀ ଉତ୍ସବ

୬. କେଉଁ ଆନ୍ଦୋଳନଟି ଗାନ୍ଧିଜୀଙ୍କର ଜାତୀୟ ସ୍ତରୀୟ ଆନ୍ଦୋଳନ ନଥିଲା ?
(କ) ରାଓଲାଟ୍ (ଖ) ଅସହଯୋଗ
(ଗ) ଚମ୍ପାରନ୍ (ଘ) ଭାରତଛାଡ଼

୭. 'ସ୍ୱରାଜ୍ୟ ସମାଚାର' ପତ୍ରିକା କେଉଁ ଅନୁଷ୍ଠାନ ପ୍ରକାଶ କରୁଥିଲା ?
(କ) ସ୍ୱରାଜ ଆଶ୍ରମ (ଖ) ଅଳକା ଆଶ୍ରମ
(ଗ) ସ୍ୱରାଜ ମନ୍ଦିର (ଘ) ସ୍ୱରାଜ ସଙ୍ଗୀତ

୮. କେଉଁ ସମ୍ବାଦପତ୍ର ଜାତୀୟ ଚେତନା ସୃଷ୍ଟି କରିବାରେ ସହାୟକ ହୋଇଥିଲା ?
(କ) ସମାଜ (ଖ) ପ୍ରଜାତନ୍ତ୍ର
(ଗ) ଉତ୍କଳ ଦୀପିକା (ଘ) ୟଙ୍ଗ ଇଣ୍ଡିଆ

୯. ଖଲିଫା ବ୍ୟବସ୍ଥାର ଉଚ୍ଛେଦ କେବେ କରାଯାଇଥିଲା ?
(କ) ୧୯୧୯ (ଖ) ୧୯୨୦
(ଗ) ୧୯୨୧ (ଘ) ୧୯୨୨

୧୦. କେଉଁଠାରେ କଂଗ୍ରେସ କାର୍ଯ୍ୟକାରିଣୀ କମିଟି ଅସହଯୋଗ ଆନ୍ଦୋଳନ ସ୍ଥଗିତ ଘୋଷଣା ଅନୁମୋଦନ କରିଥିଲା ?
(କ) ଆଲ୍ଲାହାବାଦ (ଖ) ବର୍ଦ୍ଦୋଲି
(ଗ) ଗୋରଖପୁର (ଘ) ଯାଜପୁର

## (୧୨) ଭୂଗୋଳ

୧. ବିଶ୍ୱ ବନ୍ୟଜୀବ ସଂରକ୍ଷଣ ସଂଘ (**WWF**)ର ମୁଖ୍ୟ କାର୍ଯ୍ୟାଳୟ ସ୍ୱିଜରଲାଣ୍ଡର କେଉଁ ସହରରେ ଅବସ୍ଥିତ ?
(କ) ଜେନିଭା (ଖ) ବର୍ଣ୍ଣ (ଗ) ବାସେଲ୍ (ଘ) ମୋର୍ଜ୍

୨. ବିଶ୍ୱ ବନ୍ୟଜୀବ ସଂରକ୍ଷଣ ସଂଘ(**WWF**) ପକ୍ଷରୁ ବିଲୁପ୍ତପ୍ରାୟ ତଥା ସଂକଟାପନ୍ନ ପ୍ରାଣୀଙ୍କ ବାବଦରେ ପ୍ରକାଶ ପାଉଥିବା ପୁସ୍ତକର ନାମ କ'ଣ ?
(କ) ଗ୍ରୀନ୍ ଡାଟା ବୁକ୍ (ଖ) ରେଡ୍ ଡାଟା ବୁକ୍
(ଗ) ୟେଲୋ ଡାଟା ବୁକ୍ (ଘ) ହ୍ୱାଇଟ୍ ଡାଟା ବୁକ୍

୩. ଭାରତର କେଉଁ ରାଜ୍ୟରେ ସର୍ବାଧିକ ବକ୍‌ସାଇଟ୍ ଉତ୍ତୋଳନ କରାଯାଏ ?
(କ) ଓଡ଼ିଶା (ଖ) ଛତିଶଗଡ଼ (ଗ) ମଧ୍ୟ ପ୍ରଦେଶ (ଘ) ରାଜସ୍ଥାନ

୪. ବକ୍‌ସାଇଟ୍ ଖଣିଜ ପଦାର୍ଥରୁ କେଉଁ ଧାତୁ ମିଳିଥାଏ ?
(କ) ଟଙ୍ଗଷ୍ଟନ୍ (ଖ) ସିସା ଓ ଦସ୍ତା
(ଗ) ଆଲୁମିନିୟମ୍ (ଘ) ବକ୍‌ସାଇଟ୍

୫. କେଉଁଟି ଏକ ଅଣ ପାରମ୍ପରିକ ଶକ୍ତି ସମ୍ବଳ ନୁହେଁ ?
(କ) ସୌର ଶକ୍ତି (ଖ) ବାୟୋ ଗ୍ୟାସ୍
(ଗ) ଭୂ ତାପଜ ଶକ୍ତି (ଘ) ତାପଜ ବିଦ୍ୟୁତ୍

୬. ଉତ୍ତର ପ୍ରଦେଶ, ହରିୟାଣା ଓ ପଞ୍ଜାବରେ ଦେଖାଯାଉଥିବା ଏକପ୍ରକାର ଲୁଣା ଓ କ୍ଷାରୀୟ ମୃତ୍ତିକାକୁ କ'ଣ କୁହାଯାଏ ?
(କ) ପୋଡ଼ଜଲ୍ (ଖ) ରେହ୍ (ଗ) ଉସର୍ (ଘ) ଲୋଏସ୍

୭. କୋପେନ୍‌ହେଗେନ୍ ନଗରୀଟି କେଉଁ ଦେଶର ରାଜଧାନୀ ଅଟେ ?
(କ) ଡେନ୍‌ମାର୍କ (ଖ) ନରୱେ (ଗ) ଆଇସ୍‌ଲାଣ୍ଡ (ଘ) ଫିନ୍‌ଲାଣ୍ଡ

୮. ଏଥିମଧ୍ୟରୁ କେଉଁ କାର୍ଯ୍ୟ ଦ୍ୱାରା କୌଣସି ଦେଶର ବିକାଶର ମୂଳଦୁଆ ସ୍ଥାପନ ହେବା ସହିତ ଆଧାରିକ ସଂରଚନା ମଜଭୁତ ହୋଇପାରିବ ?
(କ) ଶିଳ୍ପର ବିକାଶ (ଖ) ଅର୍ଥନୈତିକ ବିକାଶ
(ଗ) ପରିବହନର ବିକାଶ (ଘ) କୃଷିର ବିକାଶ

୯. ୨୦୧୫ ମସିହାରେ ରୁଷିଆ ସହାୟତାରେ ନିର୍ମିତ ହୋଇଥିବା କୁଡ଼ନ୍‌କୁଲମ୍ ପରମାଣୁ ଶକ୍ତି କେନ୍ଦ୍ର ଭାରତର କେଉଁ ରାଜ୍ୟରେ ଅବସ୍ଥିତ ?
(କ) ତାମିଲନାଡୁ (ଖ) ଆନ୍ଧ୍ର ପ୍ରଦେଶ (ଗ) କର୍ଣ୍ଣାଟକ (ଘ) ରାଜସ୍ଥାନ

୧୦. ଓଡ଼ିଶାର କେଉଁଠାରେ ତୈଳ ବିଶୋଧନାଗାର ପ୍ରତିଷ୍ଠା କରାଯାଇଛି ?
(କ) ଚାନ୍ଦିପୁର (ଖ) ପାରାଦୀପ (ଗ) ଗୋପାଳପୁର (ଘ) ଅନଗୁଳ

**ଉତ୍ତର**

୧.(ଖ) ଦକ୍ଷିଣ ଆଫ୍ରିକାରେ, ୨.(କ) ଗାନ୍ଧୀ, ୩.(ଗ) ରାଜନୈତିକ, ୪.(ଗ) ରାବୀନ୍ଦ୍ରନାଥ ଠାକୁର, ୫.(ଘ) ବୈଶାଖୀ ଉତ୍ସବ, ୬.(ଗ) ଚମ୍ପାରନ୍, ୭.(ଗ) ସ୍ୱରାଜ ମନ୍ଦିର, ୮.(କ) ସମାଜ, ୯.(ଘ) ୧୯୨୨, ୧୦.(ଖ) ବର୍ଦ୍ଦୋଲି

୧.(ଘ) ମୋର୍ଜ୍, ୨.(ଖ) ରେଡ୍ ଡାଟା ବୁକ୍, ୩.(କ) ଓଡ଼ିଶା, ୪.(ଗ) ଆଲୁମିନିୟମ୍, ୫. (ଘ) ତାପଜ ବିଦ୍ୟୁତ୍, ୬. (ଗ) ଉସର୍, ୭.(କ) ଡେନ୍‌ମାର୍କ, ୮. (ଗ) ପରିବହନର ବିକାଶ, ୯.(କ) ତାମିଲନାଡୁ, ୧୦. (ଖ) ପାରାଦୀପ

## (୧୩) ଅର୍ଥନୀତି

୧. ମୁଦ୍ରା ବ୍ୟାଙ୍କର ମୁଖ୍ୟ ଦପ୍ତର କେଉଁଠାରେ ଅବସ୍ଥିତ ?
(କ) ମୁମ୍ବାଇ (ଖ) କୋଲକୋତା (ଗ) ନୂଆ ଦିଲ୍ଲୀ (ଘ) ଚେନ୍ନାଇ

୨. 'ପ୍ରଧାନ ମନ୍ତ୍ରୀ ଜନ ଧନ ଯୋଜନା'ର ସ୍ଲୋଗାନ କ'ଣ ?
(କ) ମେରା ଧନ ମେରା ଯୋଜନା (ଖ)ମେରାଖାତା ଭାଗ୍ୟ ବିଧାତା
(ଗ) ଧନ ମୋର ଯୋଜନା ମୋର (ଘ)କୌଣସିଟି ନୁହେଁ

୩. 'ସୁକନ୍ୟା ସମୃଦ୍ଧି ଆକାଉଣ୍ଟ' ସର୍ବନିମ୍ନ କେତେ ଟଙ୍କାରେ ଖୋଲାଯାଇ ପାରିବ ?
(କ) ୧୦୦୦ (ଖ) ୨୦୦୦ (ଗ) ୪୦୦୦ (ଘ) ୫୦୦୦

୪. ପେନ୍‌ସନ୍ ରେଗୁଲେଟର୍ ନ୍ୟାସନାଲ୍ ପେନ୍‌ସନ୍ ଯୋଜନାରେ ପ୍ରାଇଭେଟ୍ ସେକ୍ଟରରେ ବୟସସୀମା ୬୦ ବର୍ଷରୁ କେତେ ବର୍ଷକୁ ବୃଦ୍ଧି କରିଛନ୍ତି ?
(କ)୬୧ (ଖ) ୬୨(ଗ) ୬୩ (ଘ) ୬୫

୫. ୱାଲର୍ଡ଼ ଇକୋନୋମିକ୍ ଫୋରମ୍, ୨୦୧୭ ରିପୋର୍ଟ ଅନୁସାରେ ଗ୍ଲୋବାଲ୍ ଜେଣ୍ଡର୍ ଗ୍ୟାପ୍ ଇଣ୍ଡେକ୍ସରେ ଭାରତର ସ୍ଥାନ କେତେ ?
(କ) ୧୦୦ତମ (ଖ) ୧୦୮ତମ (ଗ) ୧୪୪ତମ(ଘ) ୧୪୫ତମ

୬. ଇଣ୍ଟର ନ୍ୟାସନାଲ୍ ମନିଟାରୀ ଫଣ୍ଡର ରିପୋର୍ଟ ଅନୁସାରେ ଆର୍ଥିକବର୍ଷ ୨୦୧୮ରେ ଭାରତର ଜିଡ଼ିପି କେତେ ହେବ ?
(କ) ୬.୫% (ଖ) ୭.୧%(ଗ) ୬.୭% (ଘ) ୭.୦%

୭. ଇକୋନୋମିକ୍ ଆଡ୍‌ଭାଇଜରି କାଉନସିଲ୍ ଟୁ ପ୍ରାଇମିନିଷ୍ଟରର ପ୍ରଥମ ଅଧିବେଶନରେ କିଏ ଅଧ୍ୟକ୍ଷତା କରିଥିଲେ ?
(କ) ରତନ୍ ପି ୱାଲଟ୍ (ଖ) ସୁରଜିତ୍ ଭାଲ୍ଲା
(ଗ) ବିବେରାୟ (ଘ) କ୍ରିତି କୁମାର

୮. କେଉଁ ରାଜ୍ୟସରକାର ଏବେ ସିନିଅର୍ ସିଟ଼ିଜନ୍ ହେଲ୍‌ଥ ଇନ୍‌ସୁରାନ୍ସ ସ୍କିମ୍ ଆରମ୍ଭ କରିଛନ୍ତି ?
(କ) ଓଡ଼ିଶା (ଖ) ପଞ୍ଜାବ (ଗ) ହିମାଚଳ ପ୍ରଦେଶ(ଘ) ଗୁଜୁରାଟ

୯. ୱାର୍ଲ୍ଡ ଇକୋନୋମିକ୍ ଆଉଟଲୁକ୍ ରିପୋର୍ଟ ଅନୁସାରେ ଭାରତର ଜିଡ଼ିପି ଆନୁମାନିକ କେତେ ହେବ ?
(କ) ୭.୧% (ଖ) ୬.୭% (ଗ) ୭.୦% (ଘ) ୬.୫%

୧୦.ଲିଗାଲ ଏନଣ୍ଟିଟି ଆଇଡେଣ୍ଟିଫାୟାର ରେ କେତେ ଡିଜିଟର ୟୁନିକ୍ କୋର୍ଡ ରହିଛି ?
(କ)୧୫ (ଖ)୨୦ (ଗ)୨୫(ଘ)୩୦

## (୧୪) କ୍ରୀଡ଼ା

୧. ଭାରତରେ ଅନୁଷ୍ଠିତ ୨୦୧୭ର ଫିଫା ଅଣ୍ଡର୍ ସେଭେଣ୍ଟିନ୍ ବିଶ୍ୱକପରେ କେଉଁ ଦେଶ ଚାମ୍ପିଆନ୍ ଆଖ୍ୟା ଅର୍ଜନ କରିଛି ?
(କ) ଇଂଲାଣ୍ଡ (ଖ) ସ୍ପେନ୍ (ଗ) ମାଲି (ଘ) ବ୍ରାଜିଲ୍

୨. ଫିଫା ଅଣ୍ଡର୍ ସେଭେଣ୍ଟିନ୍ ୱାର୍ଲଡ କପ୍ - ୨୦୧୭ରେ ଭାରତ ପକ୍ଷରୁ ଏକମାତ୍ର ଗୋଲଟି (କଲମ୍ବିଆ ବିପକ୍ଷରେ) କିଏ ସ୍କୋର କରିଥିଲେ ?
(କ) ଜିତେନ୍ଦ୍ର ସିଂହ (ଖ) ଅମରଜିତ ସିଂହ କିୟାମ୍
(ଗ) ଜିକ୍‌ସନ୍ ସିଂହ (ଘ) ଅନିକେତ୍ ଜାଧବ

୩. ଫିଫା ଅନୁର୍ଦ୍ଧ-୧୭ ବିଶ୍ୱକପ-୨୦୧୭ରେ ସର୍ବାଧିକ ଆଠଟି ଗୋଲ୍ ଦେଇ ଗୋଲ୍‌ଡେନ୍ ବୁଟ୍ ପୁରସ୍କାର ପାଇଥିବା ରିୟାନ୍ ବ୍ରିଉଷ୍ଟର୍ କେଉଁ ଦେଶର ଖେଳାଳି ?
(କ) ସ୍ପେନ୍ (ଖ) ଘାନା (ଗ) ବ୍ରାଜିଲ (ଘ) ଇଂଲାଣ୍ଡ

୪. ବର୍ଷ ୨୦୧୭ର ପ୍ରୋ କବାଡ଼ି ଲିଗ୍‌ରେ କେତୋଟି ଦଳ ଅଂଶଗ୍ରହଣ କରିଥିଲେ ?
(କ) ୧୦ଟି (ଖ) ୧୨ଟି (ଗ) ୧୪ଟି (ଘ) ୧୬ଟି

୫. ବର୍ଷ-୨୦୧୭ର ପ୍ରୋ କବାଡ଼ି ଲିଗ୍‌ରେ ଚାମ୍ପିଆନ୍ ହୋଇଥିବା ଦଳର ନାମ କ'ଣ ?
(କ) ପାଟନା ପାଇରେଟସ୍ (ଖ) ତେଲୁଗୁ ଟାଇଟାନ୍‌ସ
(ଗ) ବେଙ୍ଗାଲୁରୁ ବୁଲ୍‌ସ୍ (ଘ) ଗୁଜରାଟ ଫର୍ଚ୍ଚୁନ୍‌ଜିଆଣ୍ଟ୍ସ୍

୬. ନିକଟରେ କାନପୁରଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ହୋଇଥିବା ମ୍ୟାଚରେ ବିରାଟ କୋହଲି ତାଙ୍କର କେତେତମ ଏକଦିବସୀୟ ଆନ୍ତର୍ଜାତିକ ଶତକ ହାସଲ କରିଛନ୍ତି ?
(କ) ୩୦ତମ (ଖ) ୩୧ତମ (ଗ) ୩୨ତମ (ଘ) ୩୩ତମ

୭. ଭାରତର କ୍ରୀଡ଼ା ଓ ଯୁବସେବା ବିଭାଗର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରାଜ୍ୟବର୍ଦ୍ଧନ ସିଂହ ରାଠୋର କେଉଁ ଅଲିମ୍ପିକର ଶୁଟିଂ ପ୍ରତିଯୋଗିତାର ରୌପ୍ୟ ପଦକ ଜିଣିଥିଲେ ?
(କ) ୨୦୦୦-ସିଡ଼ନୀ (ଖ) ୨୦୦୪-ଏଥେନ୍‌ସ୍
(ଗ) ୨୦୦୮-ବେଜିଂ (ଘ) ୨୦୧୨-ଲଣ୍ଡନ୍

୮. ମେଜର୍ ରାଜ୍ୟବର୍ଦ୍ଧନ ସିଂହ ରାଠୋର ଅଲିମ୍ପିକ୍ ଶୁଟିଂ ପ୍ରତିଯୋଗିତାର କେଉଁ ଇଭେଣ୍ଟରେ ରୌପ୍ୟ ପଦକ ଜିଣିଥିଲେ ?
(କ) ୧୦ମିଟର ଏୟାର୍ ରାଇଫଲ୍ (ଖ) ସ୍କିଟ୍ ଶୁଟିଂ
(ଗ) ଟ୍ରାପ୍ ଶୁଟିଂ (ଘ) ଡବଲ୍ ଟ୍ରାପ୍ ଶୁଟିଂ

୯. ନିକଟରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଶୁଟିଂ ବିଶ୍ୱକପ୍ ଫାଇନାଲର କେଉଁ ଇଭେଣ୍ଟରେ ଜିତୁ ରାୟ ଓ ହୀନା ସିଦ୍ଧୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ?
(କ) ଏୟାର୍ ପିସ୍ତଲ୍ ମିକ୍ସଡ୍ ପେୟାର୍ (ଖ) ଟ୍ରାପ୍ ଶୁଟିଂ ମିକ୍ସଡ୍ ପେୟାର୍
(ଗ) ଏୟାର୍ ରାଇଫଲ୍ ମିକ୍ସଡ୍ ପେୟାର୍ (ଘ) ସ୍କିଟ୍ ଶୁଟିଂ ମିକ୍ସଡ୍ ପେୟାର୍

୧୦. ଅକ୍ଟୋବର-୨୦୧୭ରେ ଖେଳାଯାଇଥିବା ଡେନ୍‌ମାର୍କ ଓପନ୍ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ପୁରୁଷ ସିଂଗଲ୍‌ସ ଚାମ୍ପିଆନ୍ କିଏ ହୋଇଛନ୍ତି ?
(କ) ସୋନ୍ ୱାନ୍ ହୋ (ଖ) ଭିକ୍ଟର୍ ଅକ୍ସେଲସନ୍
(ଗ) କିଡ଼ାମ୍ବି ଶ୍ରୀକାନ୍ତ (ଘ) ଲି ଚୋଙ୍ଗ୍ ୱେଇ

**ଉତ୍ତର**

୧. (ଗ) ନୂଆ ଦିଲ୍ଲୀ ,୨.((ଖ)ମେରାଖାତା ଭାଗ୍ୟ ବିଧାତା, ୩.(କ) ୧୦୦୦ ,୪. ((ଘ) ୬୫, ୫.(ଖ) ୧୦୮ତମ , ୬.(ଗ) ୬.୭%, ୭.(ଗ) ବିବେରାୟ, ୮.(ଗ) ହିମାଚଳ ପ୍ରଦେଶ,୯.(ଖ) ୬.୭%,୧୦.(ଖ)୨୦

୧.(କ) ଇଂଲାଣ୍ଡ,୨.(ଗ) ଜିକ୍‌ସନ୍ ସିଂହ, ୩.(ଘ) ଇଂଲାଣ୍ଡ ,୪. (ଖ) ୧୨ଟି, ୫.(କ) ପାଟନା ପାଇରେଟସ୍ , ୬.(ଗ) ୩୨ତମ, ୭.(ଖ) ୨୦୦୪-ଏଥେନ୍‌ସ୍, ୮.(ଘ) ଡବଲ୍ ଟ୍ରାପ୍ ଶୁଟିଂ,୯.(କ) ଏୟାର୍ ପିସ୍ତଲ୍ ମିକ୍ସଡ୍ ପେୟାର୍,୧୦.(ଗ) କିଡ଼ାମ୍ବି ଶ୍ରୀକାନ୍ତ

## (୧୫) ସାହିତ୍ୟ, କଳା ଓ ସଂସ୍କୃତି

୧. ବର୍ଷ-୨୦୧୭ ପାଇଁ ନୋବେଲ୍ ସାହିତ୍ୟ ପୁରସ୍କାର ଜିଣିଥିବା ଲେଖକଙ୍କ ନାମ କ'ଣ ?
(କ) ହାରୁକି ମୁରାକାମି (ଖ) କାଜୁଓ ଇଶିଗୁରୋ
(ଗ) କେଞ୍ଜାବୁରୋ ଓୟେ (ଘ) ପାଟ୍ରିକ୍ ମୋଡିଆନୋ

୨. ବର୍ଷ- ୨୦୧୭ ପାଇଁ ସାହିତ୍ୟ କ୍ଷେତ୍ରରେ ଦିଆଯାଉଥିବା ମ୍ୟାନ୍ ବୁକର୍ ପୁରସ୍କାର ଲାଭ କରିଥିବା ଜର୍ଜ ସାଣ୍ଡର୍ସ କେଉଁ ଦେଶର ନାଗରିକ ଅଟନ୍ତି ?
(କ) ଗ୍ରେଟ୍ ବ୍ରିଟେନ୍ (ଖ) ତ୍ରିନିଦାଦ୍ ଟବେଗୋ
(ଗ) ଅଷ୍ଟ୍ରେଲିଆ (ଘ) ଯୁକ୍ତରାଷ୍ଟ୍ର ଆମେରିକା

୩. ଇଂରାଜୀରେ ଲିଖିତ ପ୍ରସିଦ୍ଧ ଉପନ୍ୟାସ 'ଫାର୍ ଫ୍ରମ୍ ଦ ମ୍ୟାଡିଙ୍ଗ୍ କ୍ରାଉଡ୍'ର ଲେଖକ କିଏ ?
(କ) ଥୋମାସ୍ ହାର୍ଡି (ଖ) ଆର୍ଣ୍ଣେଷ୍ଟ ହେମିଙ୍ଗୱେ
(ଗ) ୱିଲିୟମ୍ ଗୋଲ୍ଡିଙ୍ଗ୍ (ଘ) ଜନ୍ ଷ୍ଟାଇନ୍‌ବେକ୍

୪. ଓଡ଼ିଶାର ବିଶିଷ୍ଟ ଲେଖିକା ବନଜ ଦେବୀ ନିକଟରେ କେଉଁ ପୁରସ୍କାର ଲାଭ କରିଛନ୍ତି ?
(କ) ଜୟଦେବ ପୁରସ୍କାର (ଖ) କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର
(ଗ) ସାରଳା ପୁରସ୍କାର (ଘ) ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର

୫. କେଉଁ ମହାପୁରୁଷଙ୍କ ଜନ୍ମ କାର୍ତ୍ତିକ ପୂର୍ଣ୍ଣିମା ଦିନ ହୋଇଥିଲା ?
(କ) ଆଦି ଶଙ୍କରାଚାର୍ଯ୍ୟ (ଖ) ଗୁରୁ ନାନକ
(ଗ) ଶ୍ରୀ ଚୈତନ୍ୟ (ଘ) ବଲ୍ଲଭାଚାର୍ଯ୍ୟ

୬. ଅମୃତସରର ସ୍ୱର୍ଣ୍ଣ ମନ୍ଦିର କେଉଁ ଧର୍ମର ଉପାସନା ପୀଠ ଭାବେ ପ୍ରସିଦ୍ଧ ?
(କ) ଜୈନ ଧର୍ମ (ଖ) ହିନ୍ଦୁ ଧର୍ମ
(ଗ) ବୌଦ୍ଧ ଧର୍ମ (ଘ) ଶିଖ୍ ଧର୍ମ

୭. ଦିଲ୍ଲୀରେ ଥିବା ଲୋଟସ୍ ଟେମ୍ପଲ୍ ବା ପଦ୍ମ ମନ୍ଦିର କେଉଁ ଧର୍ମର ଉପାସନା ପୀଠ ଭାବେ ନିର୍ମିତ ହୋଇଛି ?
(କ) ଇହୁଦି ଧର୍ମ (ଖ) ବାହାଇ ଧର୍ମ
(ଗ) ଜୈନ ଧର୍ମ (ଘ) ଶିଣ୍ଟୋ ଧର୍ମ

୮. ନିମ୍ନଲିଖିତ ମଧ୍ୟରୁ କେଉଁ ନୃତ୍ୟଟି ଏକ ଶାସ୍ତ୍ରୀୟ ନୃତ୍ୟ ନୁହେଁ ?
(କ) କଥାକଲୀ (ଖ) କଥକ (ଗ) ଛଉ (ଘ) ମଣିପୁରୀ

୯. ଓଡ଼ିଶାର ଶିଳ୍ପୀ ମାନସ ସାହୁ କେଉଁ କଳା ସହିତ ସଂପୃକ୍ତ ଅଟନ୍ତି ?
(କ) ପଟ୍ଟଚିତ୍ର (ଖ) ବାଲୁକା କଳା
(ଗ) ମୂର୍ତ୍ତି କଳା (ଘ) ଚିତ୍ର କଳା

୧୦. ଶ୍ରେଷ୍ଠ ବିଦେଶୀ ଭାଷାର ଚଳଚ୍ଚିତ୍ର ଭାବେ ଓସ୍କାର ପୁରସ୍କାର ନିମନ୍ତେ ସାମିଲ ହୋଇଥିବା ପ୍ରଥମ ଭାରତୀୟ ଚଳଚ୍ଚିତ୍ରଟିର ନାମ କ'ଣ ?
(କ) ମଦର୍ ଇଣ୍ଡିଆ (ଖ) ପଥେର ପାଞ୍ଚାଲୀ
(ଗ) ଅପୁର ସଂସାର (ଘ) ଦୋ ବିଘା ଜମୀନ୍

## (୧୬) ବାଣିଜ୍ୟ

୧. ହସ୍ତତନ୍ତ ଶିଳ୍ପର ପ୍ରମୋସନ୍ ପାଇଁ କେଉଁ ଇ- କମ୍ପାନୀ କେନ୍ଦ୍ରସରକାରଙ୍କ ସହ ସହବନ୍ଧନ ହୋଇଛି ?
(କ) ମାଇନ୍ତ୍ରା (ଖ) ହୋମ୍‌ସପ୍- ୧୮
(ଗ) ଆମାଜନ୍ (ଘ) ଇଣ୍ଡିଆଟାଇମର୍

୨. ଭାରତର କେଉଁ ଅୟେଲ୍ ମାର୍କେଟ୍ କମ୍ପାନୀ ମିଆଁମାରରେ ତାଟର ଲୁବିକାଣ୍ଟ ଆରମ୍ଭ କରିଛି ?
(କ) ONGC( ଖ) HPCZ (ଗ) BPCZ (ଘ) GAIZ

୩. Flexible LNG Market ପ୍ରତିଷ୍ଠା କରିବା ପାଇଁ ଭାରତ କେଉଁ ଦେଶ ସହ ସହ-ବନ୍ଧନ କରିଛି ?
(କ) ସାଉଥ୍ କୋରିଆ (ଖ) ଜାପାନ(ଗ) ମିଆଁମାର(ଘ) ଚୀନ

୪. Digital Academy ପାଇଁ Samsung Company କେଉଁ IIT ସହ ଚୁକ୍ତି ସ୍ୱାକ୍ଷର କରିଛ ?
(କ) ବମ୍ବେ (ଖ) ମାଡ୍ରାସ୍ (ଗ) ଖଡ଼ଗପୁର (ଘ) ଇନ୍ଦୋର

୫. ପ୍ରଥମ ବାଇଓ-ମିଥାଇନ୍ ବସ୍ କେଉଁ କମ୍ପାନୀ ଆରମ୍ଭ କରିଛି ?
(କ) ଅଶୋକ ଲିଲାଣ୍ଡ (ଖ) ଏଇସର
(ଗ) ଟାଟା ମୋଟରସ୍ (ଘ) କୀଣସିଟି ନୁହେଁ

୬. ଭାରତର ଦ୍ୱିତୀୟ ଅନ୍‌ଲାଇନ୍ ଟ୍ରାଭେଲ୍ ଅପରେଟର୍ ନାମ କ'ଣ ?
(କ) ଆଇ.ଆର୍.ସି.ଟି.ସି(ଖ) ଯାତ୍ରା(ଗ) ଗୋୱେ (ଘ) ଟ୍ରାଭେଲ ଏଡ୍

୭. କେଉଁ ବର୍ଷ ସୁଦ୍ଧା ଭାରତୀୟ ଆଭିଏସନ୍ ମାର୍କେଟ ବିଶ୍ୱର ତୃତୀୟ ସ୍ଥାନ ଅଧିକାର କରିବ ?
(କ) ୨୦୩୫ (ଖ) ୨୦୩୬ (ଗ) ୨୦୩୭ (ଘ) ୨୦୩୮

୮. ଗ୍ଲୋବାଲ୍ ପାର୍ସପୋର୍ଟ ର୍‍ୟାଙ୍କ୍ ୨୦୧୭ ଅନୁଯାୟୀ କେଉଁ ଦେଶର ପାସ୍‌ପୋର୍ଟ ଅତ୍ୟନ୍ତ ଶକ୍ତିଶାଳୀ ଅଟେ ?
(କ) ଜର୍ମାନୀ (ଖ) ସ୍ୱିଡ଼େନ୍ (ଗ) ଡ଼େନ୍‌ମାର୍କ (ଘ) ସିଙ୍ଗାପୁର

୯. ପୃଥିବୀର ପରିବାର ମାଲିକାନା ବ୍ୟବସାୟରେ ଭାରତର ସ୍ଥାନ କେତେ ?
(କ) ୧ମ (ଖ) ୨ୟ (ଗ) ୩ୟ (ଘ) ୪ର୍ଥ

୧୦. ୱାର୍ଲ୍ଡ ଫୁଡ୍ ଇଣ୍ଡିଆ କେଉଁ ସହରରେ ନଭେମ୍ବର ୩,୨୦୧୭ଠାରୁ ୩ ଦିନ ପାଇଁ ଅନୁଷ୍ଠିତ ହୋଇଥିଲା ?
(କ) କୋଲକତା (ଖ) ନୂଆଦିଲ୍ଲୀ
(ଗ) ଚେନ୍ନାଇ (ଘ) କୌଣସିଟି ନୁହେଁ

**ଉତ୍ତର**

୧.(ଖ) କାଜୁଓ ଇଶିଗୁରୋ, ୨.(ଘ) ଯୁକ୍ତରାଷ୍ଟ୍ର ଆମେରିକା, ୩.(କ) ଥୋମାସ୍ ହାର୍ଡି, ୪.(ଗ) ସାରଳା ପୁରସ୍କାର, ୫.(ଖ) ଗୁରୁ ନାନକ, ୬.(ଘ) ଶିଖ୍ ଧର୍ମ, ୭.(ଖ) ବାହାଇ ଧର୍ମ, ୮.(ଗ) ଛଉ, ୯.(ଖ) ବାଲୁକା କଳା, ୧୦.(କ) ମଦର୍ ଇଣ୍ଡିଆ

୧.କ) ମାଇନ୍ତ୍ରା, ୨.(ଖ) HPCZ,୩.(ଖ) ଜାପାନ, ୪.(ଗ) ଖଡ଼ଗପୁର, ୫.(ଗ) ଟାଟାମୋଟରସ୍, ୬.(ଖ) ଯାତ୍ରା, ୭.(ଖ) ୨୦୩୬, ୮. (ଘ) ସିଙ୍ଗାପୁର, ୯.(ଗ) ୩ୟ,୧୦.(ଖ) ନୂଆଦିଲ୍ଲୀ

## (୧୭) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. କିଏ କେନ୍ଦ୍ରସ୍ତରୀୟ କାର୍ଯ୍ୟପାଳିକାର ମୁଖ୍ୟ ଅଟନ୍ତି ?
(କ) ପ୍ରଧାନମନ୍ତ୍ରୀ (ଖ) ମନ୍ତ୍ରୀପରିଷଦ
(ଗ) ରାଷ୍ଟ୍ରପତି (ଘ) ଉପରାଷ୍ଟ୍ରପତି

୨. କିଏ ରାଜ୍ୟସଭାର ଅଧିବେଶନରେ କାର୍ଯ୍ୟ ପରିଚାଳନା କରନ୍ତି ?
(କ) ପ୍ରଧାନମନ୍ତ୍ରୀ (ଖ) ରାଷ୍ଟ୍ରପତି
(ଗ) ବାଚସ୍ପତି (ଘ) ଉପରାଷ୍ଟ୍ରପତି

୩. କିଏ ସଂସଦୀୟ ଶାସନର ମେରୁଦଣ୍ଡ ଅଟନ୍ତି ?
(କ) ପ୍ରଧାନମନ୍ତ୍ରୀ (ଖ) ରାଷ୍ଟ୍ରପତି
(ଗ) ଉପରାଷ୍ଟ୍ରପତି (ଘ) ମନ୍ତ୍ରୀପରିଷଦ

୪. କେଉଁ କାରଣ ପାଇଁ ରାଷ୍ଟ୍ରପତିଙ୍କୁ ବହିଷ୍କାର କରାଯାଇପାରିବ ?
(କ) ସର୍ବୋଚ୍ଚ ନ୍ୟାୟାଳୟର ରାୟ
(ଖ) ଦୁର୍ନୀତି ଅଭିଯୋଗ
(ଗ) ସମ୍ବିଧାନ ଭଙ୍ଗ ଅଭିଯୋଗ
(ଘ) ପାର୍ଲିଆମେଣ୍ଟରେ ବହୁମତ ପ୍ରସ୍ତାବ

୫. ଲୋକସଭାର ନିର୍ବାଚିତ ସଦସ୍ୟ ସଂଖ୍ୟା କେତେ ?
(କ) ୫୪୫ (ଖ) ୫୪୬
(ଗ) ୫୪୭ (ଘ) ୫୪୮

୬. କିଏ ଲୋକସଭାର ଅଧକ୍ଷତା କରନ୍ତି ?
(କ) ରାଷ୍ଟ୍ରପତି (ଖ) ପ୍ରଧାନମନ୍ତ୍ରୀ
(ଗ) ଉପରାଷ୍ଟ୍ରପତି (ଘ) ବାଚସ୍ପତି

୭. କିଏ କେନ୍ଦ୍ରମନ୍ତ୍ରୀମଣ୍ଡଳର ବୈଠକରେ ଅଧକ୍ଷତା କରନ୍ତି ?
(କ) ରାଷ୍ଟ୍ରପତି (ଖ) ଉପରାଷ୍ଟ୍ରପତି
(ଗ) ପ୍ରଧାନମନ୍ତ୍ରୀ (ଘ) ବାଚସ୍ପତି

୮. କେତେ ବର୍ଷ ପାଇଁ ରାଜ୍ୟସଭାର ସଭ୍ୟମାନେ ନିର୍ବାଚିତ ହୁଅନ୍ତି ?
(କ) ୪ ବର୍ଷ (ଖ) ୫ ବର୍ଷ
(ଗ) ୬ ବର୍ଷ (ଘ) ୭ ବର୍ଷ

୯. କିଏ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କୁ ନିଯୁକ୍ତି ଦିଅନ୍ତି ?
(କ) ଲୋକସଭା (ଖ) କେନ୍ଦ୍ର ମନ୍ତ୍ରୀମଣ୍ଡଳ
(ଗ) ପ୍ରଧାନମନ୍ତ୍ରୀ (ଘ) ରାଷ୍ଟ୍ରପତି

୧୦. ସମ୍ବିଧାନ ସଂଶୋଧନ ଆଇନ କାହାଦ୍ୱାରା ଗୃହୀତ ହଏ ?
(କ) ରାଷ୍ଟ୍ରପତି (ଖ) ପ୍ରଧାନମନ୍ତ୍ରୀ
(ଗ) ସଂସଦ (ଘ) କେନ୍ଦ୍ର ମନ୍ତ୍ରୀମଣ୍ଡଳ

## (୧୮) କମ୍ପ୍ୟୁଟର୍ ଶିକ୍ଷା

୧. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ଟେମ୍ପୋରାରୀ ପ୍ରାଇମେରୀ ମେମୋରୀ ?
(K)PROM(ଖ)RAM(ଗ)ROM (ଘ)EPROM

୨. ୱେବ ପେଜ୍ କାହା ମାଧ୍ୟମରେ ବ୍ରାଉଜ୍ କରିହେବ ?
(କ)ମେଲ କ୍ଲାୟେଣ୍ଟ (ଖ)ବ୍ରାଉଜର୍ (ଗ)ଏଫ୍‌ଟିପି କ୍ଲାୟେଣ୍ଟ (ଘ)ମେସେନଞ୍ଜର୍

୩. କିପସ୍ ୟୁନିଟ୍ କାହାର ଗତି ମାପିବା ପାଇଁ ବ୍ୟବହାର କରାଯାଏ ?
(କ) ପ୍ରୋସେସର (ଖ) ଡ଼ିକ୍ସ୍‌ଡ୍ରାଇଭ୍ (ଗ) ପ୍ରିଣ୍ଟର୍ (ଘ) ଟେପ୍ ଡ୍ରାଇଭ୍

୪. ଏକ୍ସେଲ୍‌ର ୱାକ୍‌ବୁକ୍‌କୁ ବନ୍ଦ କରିବାକୁ ହେଲେ କେଉଁ କମାଣ୍ଡକୁ ବ୍ୟବହାର କରାଯାଏ ?
(କ) Alt+F4 (ଖ) Ctrl+W (ଗ) Ctrl+R (ଘ) Ctrl+X

୫. କେଉଁ ସଟ୍‌କଟ୍ କି ସେଭ୍ କରିବା ପାଇଁ ବ୍ୟବହାର କରାଯାଏ ?
(କ) F5 (ଖ) F6 (ଗ) F12 (ଘ) Ctrl+S

୬. କୌଣସି ବିଷୟକୁ କାଟିବା ପାଇଁ କେଉଁ ସଟ୍‌କଟ୍ କି ବ୍ୟବହାର କରାଯାଏ ?
(କ) Ctrl+C (ଖ) Ctrl+V (ଗ) Ctrl+X (ଘ) Ctrl+D

୭. ପରବର୍ତ୍ତୀ ୱର୍କସିଟ୍‌କୁ ଯିବାପାଇଁ କେଉଁ ସଟ୍‌କଟ୍ କି ବ୍ୟବହାର କରାଯାଏ ?
(କ) Page down (ଖ) Ctrl+ Page down
(ଗ) Ctrl+ Tab (ଘ) Tab

୮. କେଉଁଟି ପାଇଁ ଚାଟ୍ର ଆବଶ୍ୟକତା ଅଛି ?
(କ) ଟେବୁଲ୍ (ଖ) ଫର୍ମ
(ଗ) ରିପୋର୍ଟ (ଘ) ଉଭୟେ କ ଏବଂ ଖ

୯. ଏକ ସମୟରେ ଦୁଇଟି ଡ଼ାଟାବେସ୍ ଖୋଲାଯାଇ ପାରିବ କି ?
(କ) ସତ୍ୟ (ଖ) ମିଥ୍ୟା (ଗ) ବେଳେବେଳେ (ଘ) ଜଣାନାହିଁ

୧୦.SMTP, FTP ଏବଂ DNS କେଉଁ ଲେୟର୍ ପାଇଁ ଦରକାର ?
(କ) ଡ଼ାଟା ଲିଙ୍କ୍ (ଖ) ନେଟ୍‌ୱର୍କ
(ଗ) ଟ୍ରାନ୍ସପୋର୍ଟ (ଘ) ଆପ୍ଲିକେସନ

**ଉତ୍ତର**

୧.(ଗ) ରାଷ୍ଟ୍ରପତି, ୨.(ଘ) ଉପରାଷ୍ଟ୍ରପତି , ୩.(କ) ପ୍ରଧାନମନ୍ତ୍ରୀ, ୪.(ଘ) ପାର୍ଲିଆମେଣ୍ଟରେ ବହୁମତ ପ୍ରସ୍ତାବ, ୫.(କ) ୫୪୫ , ୬.(ଘ) ବାଚସ୍ପତି, ୭.(ଗ) ପ୍ରଧାନମନ୍ତ୍ରୀ, ୮.(ଗ) ୬ ବର୍ଷ, ୯.(ଘ) ରାଷ୍ଟ୍ରପତି, ୧୦.(ଗ) ସଂସଦ

୧.(ଖ)RAM , ୨.(ଖ)ବ୍ରାଉଜର,୩.(କ)ପ୍ରୋସେସର,୪.(ଖ)Ctrl+W, ୫.୯ଘ)Ctrl+S,୬.(ଗ)Ctrl+X,୭.(କ)Page down, ୮.(ଘ)ଉଭୟେ କ ଏବଂ ଖ ,୯. (ଖ) ମିଥ୍ୟା , ୧୦. (ଘ)ଆପ୍ଲିକେସନ

## (୧୯) ଗାଣିତିକ ପ୍ରଶ୍ନାବଳୀ

୧. -୨୫ ରୁ ୧୨ ମଧ୍ୟରେ ଥିବା ସମସ୍ତ ପୂର୍ଣ୍ଣସଂଖ୍ୟାମାନଙ୍କର ସମଷ୍ଟି କେତେ ?
(କ) -୨୨୨ (ଖ) ୨୨୨
(ଗ) ୩୭୮ (ଘ) -୩୭୮

୨. ୦, ୧, ୨, ୩, ୪, ୫, ୬, ୭, ୮, ୯ ମଧ୍ୟରେ କେତୋଟି ମୌଳିକ ସଂଖ୍ୟା ଅଛି ?
(କ) ୬ (ଖ) ୯
(ଗ) ୧୦ (ଘ) ୪

୩. ୪୦%ର ୨.୫% କେତେ ?
(କ) ୧୦% (ଖ) ୧୦୦୦%
(ଗ) ୧୦୦% (ଘ) ୧%

୪. ୧୦ ଲିଟର ପାଣି ୪୦ ଲିଟର କ୍ଷୀରରେ ମିଶାଇଦିଆଗଲା। ତେବେ ଉକ୍ତ ମିଶ୍ରଣରେ କ୍ଷୀରର ପରିମାଣ ଶତକଡ଼ା କେତେ ?
(କ) ୮୦% (ଖ) ୬୦%
(ଗ) ୭୫% (ଘ) ୪୦%

୫. ଗୋଟିଏ ସମଘନାକାର ସୁନାମୁଣ୍ଡାର ଦୈର୍ଘ୍ୟ ୧୦ ସେ.ମି.। ୧ ଘନ ସେ.ମି. ସୁନାମୁଣ୍ଡାର ଓଜନ ୧୯.୩ ଗ୍ରାମ ଓ ୧ ଗ୍ରାମ୍ ସୁନାର ଦାମ୍ ୨୫ ହଜାର ଟଙ୍କା ହେଲେ ଉକ୍ତ ସୁନାମୁଣ୍ଡାର ଦାମ୍ କେତେ ?
(କ) ୪୮.୨୫ ଲକ୍ଷ (ଖ) ୪୮୨୫ ଲକ୍ଷ
(ଗ) ୪୮୨.୫ ଲକ୍ଷ (ଘ) ୪୮ କୋଟି

୬. ସକାଳ ୯ଟାରୁ ସନ୍ଧ୍ୟା ୪ଟା ମଧ୍ୟରେ ସମୟ କେତେ ?
(କ) ୭ ଘଣ୍ଟା (ଖ) ୮ ଘଣ୍ଟା
(ଗ) ୫ ଘଣ୍ଟା (ଘ) ୨ ଘଣ୍ଟା

୭. ୧ଦିନ କେତେ ସେକେଣ୍ଡ ?
(କ) ୮୬୪୦୦ (ଖ) ୪୩୨୦୦
(ଗ) ୧୭୨୮୦୦ (ଘ) ୨୧୬୦୦

୮. ଗୋଟିଏ କୋଣର ପରିମାଣ ୩୦୦ ହେଲେ ଏହାର ଅନୁପୂରକ ଓ ପରିପୂରକ କୋଣର ସମଷ୍ଟି କେଉଁଟି ?
(କ) ୬୦୦ (ଖ) ୧୫୦୦
(ଗ) ୧୮୦୦ (ଘ) ୨୧୦୦

୯. ୧ ସମତଳରେ ଅବସ୍ଥିତ ୩ଟି ସରଳରେଖାର ଅତିବେଶୀରେ କେତୋଟି ବିନ୍ଦୁରେ ଛେଦକରିବେ ?
(କ) ୧ଟି (ଖ) ୨ଟି
(ଗ) ୩ଟି (ଘ) ୪ଟି

୧୦. ଗୋଟିଏ ସମଦ୍ୱିବାହୁ ତ୍ରିଭୁଜର ସମାନବାହୁ ସଂଲଗ୍ନ କୋଣର ପରିମାଣ ୫୦୦ ହେଲେ ଅନ୍ୟ ଦୁଇଟି କୋଣର ପରିମାଣ ଯଥାକ୍ରମେ କେତେ ?
(କ) ୯୦୦, ୪୦୦ (ଖ) ୬୫୦, ୬୫୦
(ଗ) ୫୦୦, ୫୦୦ (ଘ) ୫୦୦, ୮୦୦

## (୨୦) ସାଧାରଣ ବିଜ୍ଞାନ

୧. ନିମ୍ନଲିଖିତ ଖାଦ୍ୟ ମଧ୍ୟରୁ କେଉଁଟି ପ୍ରାଣୀଜ ଖାଦ୍ୟ ଅଟେ ?
(କ) ଚାଉଳ (ଖ) ଗୁଡ଼ (ଗ) ସାରୁ (ଘ) କ୍ଷୀର

୨. ନିମ୍ନଲିଖିତ ଖାଦ୍ୟ ମଧ୍ୟରୁ କେଉଁଟି ଉଦ୍ଭିଦଜାତ ଖାଦ୍ୟ ଅଟେ ?
(କ) ତୈଳବୀଜ (ଖ) ମାଛ (ଗ) ମାଂସ (ଘ) କଲିଜା

୩. ଆମେ ଖାଉଥିବା ଖାଦ୍ୟ ଦ୍ରବ୍ୟରେ ସାଧାରଣତଃ କେତେ ପ୍ରକାର ଉପାଦାନ ରହିଥାଏ ?
(କ) ୫୦ (ଖ) ୧୦୦ (ଗ) ୧୫୦ (ଘ) ୨୦୦

୪. ପୁଷ୍ଟିସାର ବା ପ୍ରୋଟିନ ଶବ୍ଦଟି 'ପ୍ରୋଟିଅସ' ନାମକ ଗ୍ରୀକ ଶବ୍ଦରୁ ଆସିଛି, ଏହାର ଅର୍ଥ କ'ଣ ?
(କ) ପ୍ରଥମସ୍ଥାନ ଅଧିକାରୀ (ଖ) ଦ୍ୱିତୀୟ ସ୍ଥାନ ଅଧିକାରୀ
(ଗ) କୌଣସି ସ୍ଥାନ ଅଧିକାରୀ ନୁହେଁ (ଘ) ସ୍ୱତନ୍ତ୍ର

୫. ୨୦ଟି ଭିନ୍ନ ଭିନ୍ନ ପ୍ରକାରର କେତୋଟି ପୁଷ୍ଟିସାର ତିଆରିରେ ଅଂଶଗ୍ରହଣ କରନ୍ତି ?
(କ) ଆମିନୋ ଅମ୍ଳ (ଖ) ଯବକ୍ଷାରାମ୍ଳ
(ଗ) ନିଉକ୍ଲିକ୍ ଅମ୍ଳ (ଘ) ଗନ୍ଧକାମ୍ଳ

୬. ୧ଗ୍ରାମ୍ ପୁଷ୍ଟିସାରରୁ ପ୍ରାୟ କେତେ କିଲୋକ୍ୟାଲୋରୀ ଶକ୍ତି ମିଳେ ?
(କ) ୧ (ଖ) ୨ (ଗ) ୩ (ଘ) ୪

୭. ୧ଗ୍ରାମ୍ ସ୍ନେହସାରରୁ ପ୍ରାୟ କେତେ କିଲୋକ୍ୟାଲୋରୀ ଶକ୍ତି ମିଳେ ?
(କ) ୪ (ଖ) ୬ (ଗ) ୯ (ଘ) ୧୨

୮. ୧ଗ୍ରାମ୍ ଶ୍ୱେତସାରରୁ ପ୍ରାୟ କେତେ କିଲୋକ୍ୟାଲୋରୀ ଶକ୍ତି ମିଳେ ?
(କ) ୪ (ଖ) ୯ (ଗ) ୯ (ଘ) ୧୨

୯. କଲିଜା ଓ ମାଂସପେଶିରେ ରହିଥିବା ସଂଚିତ ଶ୍ୱେତସାରକୁ କ'ଣ କୁହାଯାଏ ?
(କ) ଗ୍ଲୁକୋଜ (ଖ) ଗ୍ଲାଇକୋଜେନ
(ଗ) ଫ୍ରୁକ୍ଟୋଜ୍ (ଘ) ଗାଲାକ୍ଟୋଜ୍

୧୦. ଷ୍ଟାର୍ଚ ଓ ସେଲ୍ୟୁଲୋଜ୍ କେଉଁ ଶ୍ରେଣୀର ଶ୍ୱେତସାର ?
(କ) ମନୋସାକାଇଡ୍ସ୍ (ଖ) ପାଲିସାକାରାଇଡ୍ସ୍
(ଗ) ଡ଼ାଇସକାରାଇଡ୍ସ୍ (ଘ) କୌଣସିଟି ନୁହେଁ

**ଉତ୍ତର**

୧.(କ) -୨୨୨, ୨.(ଘ) ୪,୩.(ଘ) ୧%, ୪.(କ) ୮୦%,୫.(ଘ) ୪୮ କୋଟି, ୬.(କ) ୭ ଘଣ୍ଟା , ୭.(କ) ୮୬୪୦୦,୮.(ଘ) ୨୧୦°, ୯.(ଗ) ୩ଟି,୧୦.(ଖ) ୬୫°, ୬୫°

୧.(ଘ) କ୍ଷୀର,୨.(କ) ତୈଳବୀଜ,୩.(କ) ୫୦ ,୪.(କ) ପ୍ରଥମସ୍ଥାନ ଅଧିକାରୀ,୫.(କ) ଆମିନୋ ଅମ୍ଳ ,୬.(ଘ) ୪,୭.(ଗ) ୯,୮.(କ) ୪,୯.(ଖ) ଗ୍ଲାଇକୋଜେନ,୧୦.(ଗ) ଡ଼ାଇସକାରାଇଡ୍ସ୍

# ବିବିଧ ପ୍ରଶ୍ନାବଳୀ

୧. ୨୦୧୭ ନୋବେଲ ଶାନ୍ତି ପୁରସ୍କାର ପାଇଥିବା ଆଇକାନ୍ ସଂସ୍ଥାର ମୁଖ୍ୟ ଦପ୍ତର କେଉଁଠାରେ ଅବସ୍ଥିତ ଅଟେ ? - ଜେନିଭା

୨. ୨୦୧୭ ଭାରତୀୟ ଜଳ ସପ୍ତାହ ପାଳନର ଥିମ୍ କ'ଣ ?

ଉ- (Water and Engery for Inclusive Growth)

୩. ଭାରତର ପ୍ରଥମ ଦିବ୍ୟାଙ୍ଗମାନଙ୍କ ପାଇଁ ଆଇଟିଆଇ କେଉଁଠାରେ ଖୋଲାଯିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ? -ବୋରବୋରୁଆ, ଆସାମ

୪. ନର୍ଥ ଇଷ୍ଟ ରିଜିଅନ୍‌ରେ ୱାଟର୍ ରିସୋର୍ସ ମ୍ୟାନେଜମେଣ୍ଟ ପାଇଁ କେଉଁ କମିଟି ଗଠନ କରାଯାଇଛି ? - ରାଜୀବ୍ କୁମାର୍ କମିଟି

୫. କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ କେଉଁଠାରୁ 'ପର୍ଯ୍ୟଟନ ପର୍ବ' ଅକ୍ଟୋବର ୫, ୨୦୧୭ର ଆରମ୍ଭ କରିଛନ୍ତି ? - ହୁମାୟନ୍ ଟମ୍, ଦିଲ୍ଲୀ

୬. କେଉଁ ରାଜ୍ୟସରକାର ଗର୍ଭବତୀ ମହିଳାମାନଙ୍କ ପାଇଁ 'ମାତୃପୂର୍ଣ୍ଣ' ଯୋଜନା ଆରମ୍ଭ କରିଛନ୍ତି ? - କର୍ଣ୍ଣାଟକ

୭. କେଉଁ ପ୍ରଥମ ଭାରତୀୟ ବିଶ୍ୱସ୍ୱବସ୍ଥ୍ୟ ସଂଗଠନରେ ଡ଼େପୁଟି ଡ଼ାଇରେକ୍ଟର ଜେନେରାଲ ପଦବୀ ହାସଲ କରିଛନ୍ତି ? - ସୌମ୍ୟସ୍ୱାମୀନାଥନ୍

୮. ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓବିସିମାନଙ୍କର ସବ୍ କାଟୋଗୋରୀ ପାଇଁ ଯେଉଁ କମିଟି ଗଠନ କରିଛନ୍ତି ତା'ର ଅଧ୍ୟକ୍ଷ କିଏ ? - ଜି ରୋହିଣୀ

୯. ୱାର୍ଲ୍ଡ ହାବିଟାଟ୍ ଦିବସ ୨୦୧୭ର ଥିମ୍ କ'ଣ ?

ଉ- (Housing Policies Affordable Homes)

୧୦. ମ୍ୟାନ୍ ବୁକ୍ର୍ ପ୍ରାଇଜ୍ ୨୦୧୭ କିଏ ପାଇଛି ? -ଜର୍ଜ ସଣ୍ଡରସ୍

୧୧. ଭାରତର ପ୍ରଥମ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆୟୁରବେଦ୍ (AllA) କେଉଁ ସହରରେ ଆରମ୍ଭ ହୋଇଛି ? - ୧୭ ଅକ୍ଟୋବର, ୨୦୧୭, ଦିଲ୍ଲୀ

୧୨. ଭାରତର କେଉଁ ବିଧାନସଭା ଅନ୍‌ଲାଇନ୍‌ରେ ମୋସନ୍ ଆରମ୍ଭ କରିଛି ?

- ରାଜସ୍ଥାନ ବିଧାନସଭା

୧୯. କେଉଁଠାରେ 6th Annual Liqiuefied Natural Gas (LNG) Producers Consumer Conference 2017 ଅନୁଷ୍ଠିତ ହୋଇଯାଇଛି ?

- (16-18 oct,17 Japan)

୨୦. 2017 International Day of Rural Woman କେଉଁ ତାରିଖରେ ପାଳନ କରାଯାଏ ? - ୫ ଅକ୍ଟୋବର

୨୧. ୨୦୧୭ Global Hunger Index ରେ ଭାରତର ସ୍ଥାନ କେତେ ?

- ୧୦୦ତମ

୨୨. କେଉଁ ରାଜ୍ୟସରକାର ଦୁର୍ଗମ ଅଞ୍ଚଳରେ ସୋଲାର୍ ଇଲେକ୍ଟ୍ରିସିଟି ଯୋଗାଇ ଦେବାପାଇଁ 'ସୋଲାର୍ ବ୍ରିଫ୍‌କେସ୍' ଯୋଜନା ଆରମ୍ଭ କରିଛି ? - ଉତ୍ତରାଖଣ୍ଡ

୨୩. ଉଚ୍ଚଶିକ୍ଷା କ୍ଷେତ୍ରରେ କେଉଁ ରାଜ୍ୟସରକାର ସ୍କିଲ୍ ଡ଼େଭଲପ ମେଣ୍ଟ ପ୍ରୋଗ୍ରାମ୍ ଯୋଗ କରିଛନ୍ତି ? - ରାଜସ୍ଥାନ

୨୪. ଚାଇନା ପାକିସ୍ଥାନକୁ ଏକ ମେଟ୍ରୋ ଟ୍ରେନ୍ ଦାନ କରିଛି ଯାହା ଡ଼ିସେମ୍ବର ୧୭,ରେ ପ୍ରଥମ ମେଟ୍ରୋଟ୍ରେନ୍ ଭାବେ ଚାଲିବ । ସେହି ମେଟ୍ରୋଟ୍ରେନ୍ ସର୍ଭିସ୍‌ର ନାମ କ'ଣ ?

- The Orange Line Metro Train Servive

୨୬. UIDAI ଆଣ୍ଡ୍ରୋଏଡ୍ ଫୋନ୍ ଦ୍ୱାରା କେଉଁ ଆପ୍ ଆରମ୍ଭ କରିଛି ?

ଉ- MAADHAAR

୨୭. ରାସ୍ତାର ରକ୍ଷଣାବେକ୍ଷଣ ପାଇଁ କେନ୍ଦ୍ରସରକାର କେଉଁ ମୋବାଇଲ୍ ଆପ୍ ଆରମ୍ଭ କରିଛନ୍ତି ? - AARAMBH

୨୮. ବିହାର ଉପମୁଖ୍ୟମନ୍ତ୍ରୀଙ୍କର ନାମ କ'ଣ ? - ସୁଶୀଲ କୁମାର ମୋଦୀ

୨୯. ରାମେଶ୍ୱରମ୍‌ଠାରେ ଅବୁଲ୍‌କାଲାମ୍ ମିମୋରିଆ କିଏ ନିକଟରେ ଉଦ୍‌ଘାଟନ କରିଛନ୍ତି ?

- ନରେନ୍ଦ୍ର ମୋଦୀ

୩୦. ବେଙ୍ଗାଲୁରରେ କେଉଁ କମ୍ପାନୀ ଏକ ବୃହତ୍ ଇନୋଭେସନ୍ ହବ୍ କରିବାକୁ ଯାଉଛି ?

- ଆସେନ୍‌ଚର

୩୧. 'ଗୋ ଏୟାର୍' ର ଚିଫ୍ କମରସିଆଲ୍ ଅଫିସର ରୂପେ କିଏ ନିଯୁକ୍ତି ପାଇଛନ୍ତି ?

- ଆନନ୍ଦ ସହାଇ

୩୨. ବିଶ୍ୱର ଇଂଜିନିୟରିଂ ଏବଂ କମ୍ପ୍ୟୁଟର ସାଇନ୍‌ସରେ୨୦୦ଟି ପ୍ରତିଷ୍ଠିତ ଅନୁଷ୍ଠାନ ମଧ୍ୟରେ ଭାରତର କେଉଁ ଦୁଇଟି ପ୍ରତିଷ୍ଠାନ ଅଛି ?

- ଦି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ ୮୯ତମ ଆଇଆଇଟି, ମୁମ୍ବାଇ ୧୨୬

୩୩. ଭାରତର ପ୍ରଥମ କିନ୍ନର ବିଚାରପତିଙ୍କର ନାମ କ'ଣ ? - ଜୋଇତା ମଣ୍ଡଳ

୩୪. ୨୦୧୭ ପୁରୁଷ ହକି ଏସିଆ କପ୍ ଟୁର୍ଣ୍ଣାମେଣ୍ଟର ବିଜେତା କିଏ ? - ଭାରତ

୩୫. କେଉଁ ଭାରତୀୟ ବ୍ୟାଡ଼ମିଣ୍ଟନ୍ ଖେଳାଳୀ୨୦୧୭ ଡ଼େନ୍‌ମାର୍କ ଓପନ୍ ସିରିଜ୍ ବ୍ୟାଡ଼ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଜିତିଛନ୍ତି ? - କିଦାମ୍ବି ଶ୍ରୀନାଥ

୩୬. କେଉଁ ରାଜ୍ୟ ସରକାର କଦଳୀ ଉତ୍ପାଦନ ପାଇଁ ନ୍ୟାସନାଲ୍ ରିସର୍ଚ୍ଚ ସେଣ୍ଟର୍ ଫର୍ ବାନାନା ସହ ଚୁକ୍ତି ସ୍ୱାକ୍ଷର ରିଛନ୍ତି ? - ଆନ୍ଧ୍ରପ୍ରଦେଶ

୩୭. ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର କେଉଁ ସ୍ମାର୍ଟ ସିଟିରେ ଆରମ୍ଭ ହୋଇଛି ?

- ନୂଆଦିଲ୍ଲୀ

୩୮. ଭାରତର ପ୍ରଥମ (Roll- On- Roll- Off) ରୋରୋ ପରି ସେବା ନୌକାସେବା କେଉଁ ରାଜ୍ୟରେ ଖୋଲାଯାଇଛି ? - ଗୁଜୁରାଟ

୩୯. ଜାମ୍ମୁକାଶ୍ମୀର ସମସ୍ୟା ସମାଧାନ ପାଇଁ ଭାରତ ସରକାର କାହାକୁ ନିଯୁକ୍ତି ଦେଇଛନ୍ତୁ ?

- ଦୀନେଶ୍ୱର ଶର୍ମା

୪୦. ସିବିଆଇର ସ୍ୱତନ୍ତ୍ର ଅଧିକାରୀ ଭାବରେ କିଏ ନିଯୁକ୍ତି ପାଇଛନ୍ତି ?

- ରାଜେଶ୍ ଆସ୍ଥାନା

୪୧. ଡ଼ି. ଆର.ଡ଼ି .ଓ ଡ଼ିଜିଙ୍କର ନାମ କ'ଣ ? - ଡ଼ି.ଜି. ସତୀଶ୍ ରେଡ୍ଡୀ

୪୨. ଭାରତମାଳା ପ୍ରକଳ୍ପରେ କେତେ କିଲୋମିଟର ରାସ୍ତା (ସଡ଼କ) ହେବ ?

- ୩୪,୮୦୦ କି.ମି

୪୩. ବିଶ୍ୱକପ୍ ସୁଟିଂରେ ୧୦ମିଟର ଏୟାର ପିସ୍ତଲ ମିକ୍ସଡ଼ ଟିମ୍ ଇଭେଣ୍ଟରେ କିଏ ସ୍ୱର୍ଣ୍ଣପଦକ ପାଇଛନ୍ତି ? - ଜିରାୟ ଓ ହୀନାସିନ୍ଧୁ

୪୪. ୮୮ ବର୍ଷରେ ମୃତ୍ୟୁ ବରଣ କରିଥିବା ଗିରିଜା ଦେବୀ କ'ଣ ଥିଲେ ? - ପ୍ରଖ୍ୟାତ୍ ଠୁମରୀ ଗାୟିକା

୪୫. ଅଷ୍ଟାଦଶ ଶତାବ୍ଦୀର ମହୀଶୂର ଶାସକ ଟିପୁ ସୁଲତାନଙ୍କର ଜୟନ୍ତୀ କେଉଁ ତାରିଖରେ କର୍ଣ୍ଣାଟକ ସରକାର ପାଳନ କରିଛନ୍ତି ? - ୧୦ ନଭେମ୍ବର

୪୬. ଜନ କଲ୍ୟାଣକାରୀ ଯୋଜନାର ଲାଭ ପାଇବା ପାଇଁ ଆଧାର ସଂଯୋଗ ସମୟ ସୀମାକୁ କେତେ ତାରିକ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ? - ୩୧ ମାର୍ଚ୍ଚ ୨୦୧୮


୪୭. ଗୁଜୁରାଟ ବିଧାନସଭା ପାଇଁ କେବେ ନିର୍ବାଚନ ହେବ ? - ଡ଼ିସେମ୍ବର ୯ ଓ ୧୪

୪୮. ଆର୍‌କମ୍ ୨ଜି ସେବା କେବେ ବନ୍ଦ ହେବାର ଅଛି ? - ନଭେମ୍ବର୧୭

୪୯. କେନ୍ଦ୍ରସରକାରୀ ଜିପିଏଫ୍‌ରେ କେତେ ପ୍ରତିଶତ ସୁଧ ପାଇବେ ? - ୭.୮%

୫୦. ୩୮ତମ ଶାରଳା ପୁରସ୍କାର କିଏ ପାଇଛନ୍ତି ? - ଚନ୍ଦ୍ର ଦେବୀ

## ଜଗତସିଂହପୁର ଜିଲ୍ଲା




୧. ଗଠନ - ୧ ଅପ୍ରେଲ, ୧୯୯୩

୨. କ୍ଷେତ୍ରଫଳ - ୧୬୬୮ବର୍ଗ.କି.ମି

୩. ଜନସଂଖ୍ୟା - ୧୧୩୬୬୦୪

(କ) ପୁରୁଷ - ୫୭୭୬୯୯

(ଖ) ସ୍ତ୍ରୀ - ୫୫୮୯୦୫

୪. ଜନସଂଖ୍ୟା ଘନତ୍ୱ / ବର୍ଗ କି.ମି. - ୬୮୧

୫. ୧୦୦୦ପୁରୁଷରେ ମହିଳା ସଂଖ୍ୟା-୯୬୭

୬. ସାକ୍ଷରତା ହାର - ୮୭.୧୩%

୭. ଉପଖଣ୍ଡ - ୦୧

୮. ତହସିଲ - ୦୮

୯. ବ୍ଲକ୍ - ୦୮

୧୦. ମ୍ୟୁନିସିପାଲିଟି - ୦୨

୧୧. ଏନ.ଏ.ସି. - ୦୦

୧୨. ଗ୍ରାମ ପଞ୍ଚାୟତ - ୧୯୪

୧୩. ଗ୍ରାମ - ୧୨୯୨

୧୪. ଥାନା - ୧୩

୧୫. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.-୨୧

୧୬. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୦୪

୧୦୧-ପାରାଦିପ୍, ୧୦୨-ତିର୍ତୋଲ

୧୦୩-ବାଲିକୁଦା,ଏରସମା ୧୦୪-ଜଗତସିଂହପୁର

୧୭. ନିଆଁଲିଭା କେନ୍ଦ୍ର -୦୪

୧୮. ସାଧାରଣ ବୃଷ୍ଟିପାତ - ୧୫୧୪.୬ମି.ମି.

୧୯.ପର୍ଯ୍ୟଟନ ସ୍ଥଳୀ-ଗଡ଼କୁଜଙ୍ଗ,ଝଙ୍କଡ଼,ପାରାଦିପ୍

## ପର୍ବପର୍ବାଣୀ

### ନଭେମ୍ବର,୨୦୧୭

ତା୧ - ଗରୁଡ଼ ଦ୍ୱାଦଶୀ ଓ ତୁଳସୀ ବିବାହ
ତା୨ - ବଡ଼ ଓଷା, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା
ତା୩ - ଚନ୍ଦ୍ରପୂଜା ଓ ଉପବାସ
ତା୪ - ରାସ ପୂର୍ଣ୍ଣିମା, ବାଲିଯାତ୍ରା, କେଦାର ବ୍ରତ, କାର୍ତ୍ତିକେଶ୍ୱର ପୂଜା ଓ କାର୍ତ୍ତିକ ବ୍ରତ ସମାପନ
ତା୫ - ଛାଡ଼ଖାଇ
ତା୮ - ସୀତା ବିବାହ
ତା୯ - ଶ୍ରୀକ୍ଷେତ୍ର ପରିକ୍ରମା
ତା୧୧ - ପ୍ରଥମାଷ୍ଟମୀ ଓ କାଞ୍ଜିଅଁଳା ନବମୀ
ତା୧୪ - ଉତ୍ପନ୍ନା ଏକାଦଶୀ, ଶିଶୁ ଦିବସ ଓ ହଳ ନିଷେଧ
ତା୧୫ - ମାସାନ୍ତ
ତା୧୬ - ବିଛା ସଂକ୍ରାନ୍ତି କାର୍ତ୍ତିକେୟ ପୂଜା, ଗୁରୁବାର ଓଷା ଆରମ୍ଭ ଓ ଶିବ ଚତୁର୍ଦ୍ଦଶୀ ଉପବାସ
ତା୧୭ - ଶ୍ରୀମନ୍ଦିରରେ ଦେବଦୀପାଳବଳୀ ଆରମ୍ଭ, ଚନ୍ଦ୍ରକ୍ଷୟ ଓ ନିଶିପାଳନ
ତା୧୮ - ଅମାବାସ୍ୟା, ମଧଦେବ ଦୀପାବଳୀ ଉତ୍ସବ ଓ ହଳ ନିଷେଧ
ତା୧୯ - ଦେବଦୀପାବଲ୍ୟୁତ୍ସବ ସମାପ୍ତି
ତା୨୦ - ଚନ୍ଦ୍ରଦର୍ଶନ
ତା୨୧ - ରମ୍ଭା ତୃତୀୟା
ତା୨୩ - କରୁଲା ପଞ୍ଚମୀ, ଗୁରୁ ପଞ୍ଚମୀ ବ୍ରତ ଓ ସତ୍ୟସାଇଙ୍କ ଜନ୍ମ, ଶରଣ ଆରମ୍ଭ
ତା୨୪ - ଓଢ଼ଣ ଓ ପ୍ରାବରଣ ଷଷ୍ଠୀ
ତା୨୮ - ଶରଣ ଶେଷ
ତା୩୦ - ମୋକ୍ଷଦା ଏକାଦଶୀ, ଲକ୍ଷ୍ମୀ ନାରାୟଣ ବ୍ରତ ଓ ହଳ ନିଷେଧ

### ଡିସେମ୍ବର,୨୦୧୭

ତା୧ - ବ୍ୟଞ୍ଜନ ଦ୍ୱାଦଶୀ, ଅନଙ୍ଗ ତ୍ରୟୋଦଶୀ ଓ ଗୀତା ଜୟନ୍ତୀ
ତା୨ - ପାଷାଣ ଚତୁର୍ଦ୍ଦଶୀ, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା
ତା୩ - ପଣ୍ଡୁ ପୂର୍ଣ୍ଣିମା, ପଣ୍ଡୁ ଓଷା ଓ ଚନ୍ଦ୍ରପୂଜା
ତା୪ - ଦାଣ୍ଡ ପହଁରା ଓ ବାଟ ଓଷା
ତା୧୩ - ସଫଳା ଏକାଦଶୀ ଓ ହଳ ନିଷେଧ
ତା୧୫ - ମାସାନ୍ତ
ତା୧୬ - ଧନୁ ସଂକ୍ରାନ୍ତି, ପହିଲି ଭୋଗ ଓ ହଳ ନିଷେଧ
ତା୧୭ - ଗୃହିଣଂ ବକୁଳ ଲାଗି, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହଳ ନିଷେଧ
ତା୧୮ - ଅମାବାସ୍ୟା ଓ ଶ୍ରୀମନ୍ଦିରରେ ବକୁଳ ଲାଗି
ତା୧୯ - ଚନ୍ଦ୍ରଦର୍ଶନ ଓ ପୂଜା
ତା୨୦ - ଶରଣ ଆରମ୍ଭ
ତା୨୫ - ଶରଣ ଶେଷ
ତା୨୮ - ଶାମ୍ବ ଦଶମୀ ଓ ସୁଦଶା ବ୍ରତ
ତା୨୯ - ପୁତ୍ରଦା ଏକାଦଶୀ ଓ ହଳ ନିଷେଧ
ତା୩୧ - ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା

## ବିଭିନ୍ନ ଦିବସ ପାଳନ

### ନଭେମ୍ବର,୨୦୧୭

୧. ବିଶ୍ୱ କର୍କଟ ସଚେତନା ଦିବସ
୯. ଲିଗାଲ ସର୍ଭିସ ଦିବସ
୧୦. ପରିବହନ ଦିବସ
୧୧. ଜାତୀୟ ଶିକ୍ଷା ଦିବସ
୧୪. ଶିଶୁ ଦିବସ, ବିଶ୍ୱ ମଧୁମେହ ଦିବସ
ଆନ୍ତର୍ଜାତୀକ ସହନଶୀଳତା ଦିବସ
୧୫. ବିର୍ସାମୁଣ୍ଡା ଜନ୍ମ ଦିବସ
୧୬. ଜାତୀୟ ପ୍ରେସ ଦିବସ
୧୭. ଗୁରୁ ନାନକ ଜନ୍ମ ଦିବସ
ଆନ୍ତର୍ଜାତୀକ ଛାତ୍ର ଦିବସ
୧୯. ବିଶ୍ୱ ଶୌଚାଳୟ ଦିବସ
୨୦. ସାର୍ବଜନୀନ ଶିଶୁ ଦିବସ
୨୧. ବିଶ୍ୱ ଦୂରଦର୍ଶନ ଦିବସ,
ହରେକୃଷ୍ଣ ମହତାବଙ୍କ ଜନ୍ମ ଦିବସ
୨୨. ଶହୀଦ ଲକ୍ଷ୍ମଣ ନାୟକ ଜନ୍ମ ଦିବସ

### ଡିସେମ୍ବର,୨୦୧୭

୧ - ବିଶ୍ୱ ଏଡ଼ସ ଦିବସ
୨- ମହମ୍ମଦଙ୍କ ଜନ୍ମ ଦିବସ
୩ - ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ
୪ - ନୌବାହିନୀ ଦିବସ
୫ - ଆନ୍ତର୍ଜାତୀକ ସ୍ୱେଚ୍ଛାସେବୀ ଦିବସ
୭ - ପଦାତିକ ବାହିନୀ ପତାକ ଦିବସ
୧୦- ସାମନ୍ତ ଚନ୍ଦ୍ରଶେଖରଙ୍କ ଜୟନ୍ତୀ
୧୦- ବିଶ୍ୱ ମାନବାଧିକାର ଦିବସ
୧୧- ୟୁନିସେଫ୍ ଦିବସ
୧୩- ମହାପୁରୁଷ ମହମ୍ମଦଙ୍କ ଜନ୍ମ ଦିବସ
୧୪- ଜାତୀୟ ଶକ୍ତି ସଂରକ୍ଷଣ ଦିବସ
ପଠାଣି ସାମନ୍ତ ଜୟନ୍ତୀ
୧୭- ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଜୟନ୍ତୀ
୧୯- ଗୋଆ ମୁକ୍ତି ଦିବସ
୨୩- କୃଷକ ଦିବସ
୨୫- ବଡ଼ ଦିନ (ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ)
୨୬- ମୁଷ୍ଟି ଯୁଦ୍ଧ ଦିବସ

# ଅକାଦେମି ପ୍ରକାଶିତ କିଛି ଉପାଦେୟ ପୁସ୍ତକ

## ସାହିତ୍ୟର ଇତିହାସ

| | | |
|---|---|---|
| କନ୍ନଡ଼ ସାହିତ୍ୟର ଇତିହାସ | • ଆର୍. ଏସ୍. ମୁଗାଲି<br>ଅନୁବାଦ : ପ୍ରଫୁଲ୍ଲ କୁମାର ମହାନ୍ତି | ୪୦ ଟଙ୍କା |
| ବଂଗଳା ସାହିତ୍ୟର ଇତିହାସ | • ସୁକୁମାର ସେନ୍<br>ଅନୁବାଦ : ଶ୍ରୀନିବାସ ମିଶ୍ର | ୬୦ ଟଙ୍କା |
| ମାଲାୟାଲାମ ସାହିତ୍ୟର ଇତିହାସ | • ପି. କେ. ପରମେଶ୍ୱରନ୍ ନାୟାର<br>ଅନୁବାଦ : ଦୀପକ ମିଶ୍ର | ୪୦ ଟଙ୍କା |
| ତାମିଲ୍ ସାହିତ୍ୟର ଇତିହାସ | • ମୁ. ୱରଦରାଜନ<br>ଅନୁବାଦ : ବିଜୟ ପ୍ରସାଦ ମହାପାତ୍ର ଓ<br>ରଂଗନାୟକୀ ମହାପାତ୍ର | ୧୦୦ ଟଙ୍କା |
| ଗୁଜୁରାଟି ସାହିତ୍ୟର ଇତିହାସ | • ମନସୁଖଲାଲ ଝୱେରୀ<br>ଅନୁବାଦ : ଦୟାଲାଲ ଯୋଷୀ | ୯୦ ଟଙ୍କା |
| ମୈଥିଳୀ ସାହିତ୍ୟର ଇତିହାସ | • ଜୟକାନ୍ତ ମିଶ୍ର<br>ଅନୁବାଦ : ବିଜୟ ପ୍ରସାଦ ମହାପାତ୍ର | ୮୦ ଟଙ୍କା |
| ମରାଠୀ ସାହିତ୍ୟର ଇତିହାସ | • କୁସୁମାବତୀ ଦେଶପାଣ୍ଡେ ଓ ଏମ୍. ଭି. ରାଜାଧ୍ୟକ୍ଷ<br>ଅନୁବାଦ : ଭି. ଏସ୍. ଜୋଗଳେକର | ୮୦ ଟଙ୍କା |
| ଅସମୀୟା ସାହିତ୍ୟର ଇତିହାସ | • ବିରଞ୍ଚି କୁମାର ବରୁଆ<br>ଅନୁବାଦ : ବସନ୍ତ କୁମାର ଶତପଥୀ | ୫୦ ଟଙ୍କା |

ଓଡ଼ିଶାରେ ପ୍ରାପ୍ତିସ୍ଥାନ

*ସାହିତ୍ୟ ଅକାଦେମି, 'ରବୀନ୍ଦ୍ରଭବନ'*
*୩୫, ଫିରୋଜଶାହ ରୋଡ଼*
*ନୂଆଦିଲ୍ଲୀ ୧୧୦ ୦୦୧*

'ପକ୍ଷୀଘର' ପ୍ରକାଶନୀ
୩୨, ମଧୁସୂଦନ ନଗର,
ଭୁବନେଶ୍ୱର ୭୫୧୦୦୧
ମୋ: ୯୮୬୧୦୧୦୮୮୭/୯୪୩୮୫୫୯୭୭୮
e-mail : pakshighara1@gmail.com

*ଆଂଚଳିକ କାର୍ଯ୍ୟାଳୟ,*
*୪, ଦେବେନ୍ଦ୍ର ଲାଲ ଖାନ୍ ରୋଡ଼*
*କୋଲକାତା ୭୦୦ ୦୨୫*
e-mail : saekolkata2@gmail.com

Postal Regd. No. : PURI-33/2016-18

Volume- 8 ★ Issue No-05 ★ Monthly ★ Nov. - 2017 ★ RNI Regn. No. 107608/2010 ★ Pages-52

DUTTA JEWELLERY






"Cheap Jewelry, however, is worse than no Jewelry "
We deal with
BIS 916
GOLD ORNAMENTS
with unique designed
by our professional designer.



New Bus Stand, Khordha, Odisha, India
Pin : 752056, Phone : 06755 - 223 744

ODISHA : 30 DISTRICTS AT A GLANCE




**CONTENTS**
**Odisha** :
All relevant information
**Each District** :
District in Brief, Administration, Police Station, Blood Bank, PIN Codes of all post offices
(For Competitive Examinations)
**Pages** : 336
**Price** : 200/-
**Contact :**
Dr. Pramod Chandra Dash (Editor)
Mob. : 9437281655
Published by : **AMARISATYA**

A HAND BOOK FOR EACH FAMILY

Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - NISWASS-CEDEC Press, Chandrasekharpur, BBSR-23, Published From- "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057

Editor : Dr. Prasanna Kumar Jena　　Founder : Dr. Pramod Chandra Dash

From. To.

AMARISATYA
M-1/5, M.P.H.B. Colony
Post- P.N. College,
Dist-Khurda, Pin-752057